RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-355 ♦BHUBANESWAR ♦MONDAY ♦23 JUNE 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୨ ♦ସଂଖ୍ୟା-୩୫୫ ♦ଭୁବନେଶ୍ୱର ♦ସୋମବାର ♦୨୩ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦




କିଆରାଙ୍କ ପାଇଁ ଯଶ୍‌ଙ୍କ ନିଷ୍ପତ୍ତି
▶ପୃଷ୍ଠା ୧୧ ଦେଖନ୍ତୁ...

# ଯୁଦ୍ଧକୁ ଡେଇଁଲା ଆମେରିକା



## ଇରାନର ତିନିଟି ପରମାଣୁ କେନ୍ଦ୍ର ଉପରେ ବୋମାମାଡ଼

### ରୁଷ, ଚୀନର ନିନ୍ଦା; ମଧ୍ୟପ୍ରାଚ୍ୟ ଅଶାନ୍ତ

### ପ୍ରତିଶୋଧ ପାଇଁ ଇରାନର ଧମକ

### ଉଦ୍‌ବେଗ ଜଣାଇଲା ଭାରତ

■ **ତେହରାନ/ୱାସିଂଟନ, ୨୨।୬ (ଏଜେନ୍ସି):** ଗତ ଏକ ସପ୍ତାହ ଧରି ଇରାନ ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧରେ ସାମିଲ ହୋଇଛି ଆମେରିକା। ଆମେରକାର ଯୁଦ୍ଧ ବିମାନ ଆଜି ଇରାନର ତିନିଟି ପରମାଣୁ କେନ୍ଦ୍ର ଉପରେ ପ୍ରଚଣ୍ଡ ବୋମାମାଡ଼ କରି ଏଗୁଡ଼ିକୁ ଧ୍ୱଂସ କରିଦେଇଛନ୍ତି। ଆମରିକାର ଏଭଳି ଆକ୍ରମଣକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜାତିସଂଘ ସମେତ ରୁଷ, ଚୀନ ଓ ଅନ୍ୟ କେତେକ ଦେଶ ଏହାର ନିନ୍ଦା କରିବା ସହିତ ସତର୍କ କରାଇ ଦେଇଛନ୍ତି ଯେ ଏହାଦ୍ୱାରା ମଧ୍ୟପ୍ରାଚ୍ୟରେ ପରିସ୍ଥିତି ଆହୁରି ବିଗିଡ଼ିଯିବାର ସମ୍ଭାବନା ରହିଛି। ଇରାନ ମଧ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ପ୍ରତିଶୋଧ ନେବାକୁ ଧମକ ଦେଇଛି। ଇରାନର ଧମକ ପରେ ଆମେରିକାର ଅନେକ ସହରରେ ହାଇଆଲର୍ଟ ଜାରି କରାଯାଇଛି।

ଇରାନ ଉପରେ ଆକ୍ରମଣ ପାଇଁ ଦୁଇ ସପ୍ତାହ ସମୟ ନେଇଥିବା ଆମରେିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଜି ସକାଳେ ହିଁ ଇରାନ ଉପରେ ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆମେରିକାର ବୋମାବର୍ଷୀ ବିମାନ ବି-୨ ଇରାନର ତିନିଟି ପରମାଣୁ କେନ୍ଦ୍ର ଉପରେ ଶକ୍ତିଶାଳୀ ଜିବିୟୁ-୫୭ ଏମ୍‌ଓପି ନାମକ ବୋମା ମାଡ଼ କରିଥିଲା। ଫରଦୋ, ନତାଞ୍ଜ ଏବଂ ଏସ୍‌ଫାହନ୍ ପରମାଣୁ ପ୍ରତିଷ୍ଠାନ ଉପରେ ଦୁଇଟି ଲେଖାଏଁ ୬ଟି ଏଭଳି ବୋମା ପକାଇଥିଲା। ଗୋଟିଏ ବୋମାର ଓଜନ ୧୫ ଟନ୍ ଥିବା ବେଳେ ୨୦୦ ଫୁଟ୍ ଗଭୀର ଭୂତଳ ଟାର୍ଗେଟ୍‌କୁ ଏହା ଭେଦ କରିପାରିବ। ଏହି ବୋମାମାଡ଼ରେ ▶ପୃଷ୍ଠା-୭

**ହର୍ମୁଜ ଷ୍ଟ୍ରେଟ ବନ୍ଦ କରିବ ଇରାନ**

## ବଢ଼ିବ ତୈଳ ଦର !

■ **ତେହରାନ, ୨୨।୬ (ଏଜେନ୍ସି):** ଆମେରିକାର ଆକ୍ରମଣ ପରେ ଇରାନ ବଡ଼ ପଦକ୍ଷେପ ନେଇଛି। ଏହା ଦ୍ୱାରା ବିଶ୍ୱରେ ସଙ୍କଟ ସୃଷ୍ଟି ହୋଇପାରେ। ତୈଳ ଦର ଆକାଶ ଛୁଇଁପାରେ। ବିନା କ୍ଷେପଣାସ୍ତ୍ର ମାଡ଼ କରି ଇରାନ ଦୁନିଆକୁ ଦୋହଲାଇ ଦେଇପାରେ। ଆଜି ଇରାନ ସଂସଦରେ 'ଷ୍ଟ୍ରେଟ୍ ଅଫ ହର୍ମୁଜ' ବନ୍ଦ କରିବାକୁ ପ୍ରସ୍ତାବ ପାରିତ ହୋଇଯାଇଛି। ତେବେ ଇରାନ ସର୍ବୋଚ୍ଚ ନେତା ଆୟତୁଲ୍ଲା ଖାମନେଇ ଏହା ଉପରେ ଅନ୍ତିମ ନିଷ୍ପତ୍ତି ନେବେ। ହର୍ମୁଜ ଷ୍ଟ୍ରେଟ ବିଶ୍ୱର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ଚେକ୍ ପଏଣ୍ଟ। ଏହା ଓମାନ ଉପକୂଳ, ଓମାନ, ଇରାନ, ପାକିସ୍ତାନ ଏବଂ ୟୁଏଇ ମଧ୍ୟରେ ରହିଛି। ଏହା ଆରବ ସାଗରକୁ ପାର୍ସିଆନ ଗଲ୍ଫ ସହ ଯୋଡୁଛି। ଏହି କ୍ଷେତ୍ର ଇରାନ-ଇସ୍ରାଏଲ ସଂଘର୍ଷର ମୁଖ୍ୟ କାରଣ ପାଲଟିଛି। କାରଣ ବିଶ୍ୱର ୨୦ ପ୍ରତିଶତ ତୈଳ ଏବଂ ଗ୍ୟାସ ଏହି ଷ୍ଟ୍ରେଟ ଦେଇ ଯାଉଛି। ଏହି ରାସ୍ତାକୁ ବନ୍ଦ କରିବା ପାଇଁ ପୂର୍ବରୁ ଇରାନ ଧମକ ଦେଇସାରିଛି। ଯଦି ଏହା ବନ୍ଦ ▶ପୃଷ୍ଠା-୭

# ଅସ୍ତ୍ରୋପଚାର ସଫଳ; ନବୀନ ସୁସ୍ଥ

■ **ମୁମ୍ବାଇ, ୨୨।୬ (ସମିସ):** ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ସର୍ଭିକାଲ ଆଥ୍ରାଇଟିସ୍ ଅପରେସନ ସଫଳତାର ସହ ଶେଷ ହୋଇଛି। ତାଙ୍କର ବ୍ୟକ୍ତିଗତ ସ୍ୱାସ୍ଥ୍ୟ ପରାମର୍ଶଦାତା ତଥା ପ୍ରଖ୍ୟାତ ଚିକିତ୍ସକ ଡା. ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ମୁମ୍ବାଇର କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍‌ପିଟାଲର ସ୍ନାୟୁ ବିଶେଷଜ୍ଞ ଡାକ୍ତର ରାଜଶେଖର ଅସ୍ତ୍ରୋପଚାର କରିଛନ୍ତି। ଏହି ସମୟରେ ଏସିଆନ ହାର୍ଟ ଇନଷ୍ଟିଚ୍ୟୁଟର ବିଶେଷଜ୍ଞମାନେ ମଧ ଉପସ୍ଥିତ ଥିଲେ। ଅପରେସନ ପରେ ନବୀନ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଓ ଡାକ୍ତରଖାନାରେ ତାଙ୍କୁ ୪୮ ଘଣ୍ଟା ପର୍ଯ୍ୟବେକ୍ଷଣରେ ରଖାଯିବ। ଏହାପରେ ତାଙ୍କୁ କ୍ୟାବିନ୍‌କୁ ସ୍ଥାନାନ୍ତର କରାଯିବ। ୫ରୁ ୭ ଦିନ ମଧ୍ୟରେ ଷ୍ଟିଚ୍ ଖୋଲାଯିବ ଓ ଏହାପରେ ସେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ବୋଲି ଡାକ୍ତର ପଣ୍ଡା ସୂଚନା ଦେଇଛନ୍ତି। ରବିବାର ସକାଳ ପ୍ରାୟ ୬ଟାରେ ନବୀନଙ୍କୁ ଅସ୍ତ୍ରୋପଚାର ପାଇଁ ଓଟିକୁ ନିଆଯାଇଥିଲା। ସକାଳ ୮ଟାରେ ତାଙ୍କର ଅସ୍ତ୍ରୋପଚାର ଆରମ୍ଭ ହୋଇଥିଲା। ୨ ଘଣ୍ଟା ▶ପୃଷ୍ଠା-୭



- ୪୮ ଘଣ୍ଟା ପର୍ଯ୍ୟବେକ୍ଷଣରେ ରହିବେ
- ୫-୭ ଦିନ ମଧ୍ୟରେ ଖୋଲାଯିବ ଷ୍ଟିଚ୍
- ଡା. ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଚିକିତ୍ସା
- ଡାକ୍ତରଖାନାରେ ଭାଇ ପ୍ରେମ୍ ଓ ଭାଉଜ ଉପସ୍ଥିତ

**ଗୋ-ଚାଲାଣ ସନ୍ଦେହରେ କଙ୍ଗାରୁକୋର୍ଟ**

# ୨ ଦଳିତଙ୍କୁ ନର୍ଦ୍ଦମା ପାଣି ପିଆଇଲେ



- ଅଧାଲଣ୍ଡା କରି ଘାସ ଖୁଆଇଲେ
- ଗାଁ ଦାଣ୍ଡରେ ଆଣ୍ଠେଇ ଆଣ୍ଠେଇ ଚଲାଇଲେ
- ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସୀମା ଲଂଘିଲା ନିର୍ଯାତନା
- ପୁଲିସ୍ ଉପରୁ ତୁଟୁଛି ଭରସା

■ **ଧରାକୋଟ, ୨୨।୬ (ସମିସ):** ଟଙ୍କା ନ ଦେବାରୁ ୨ ନିରୀହ ଦଳିତଙ୍କୁ ମିଛରେ ଗୋ-ଚାଲାଣକାରୀ ସଜାଇ ଅଧାଲଣ୍ଡା କରି ଆଣ୍ଠେଇବା, ଘାସ ଖୁଆଇବା ଓ ନର୍ଦ୍ଦମା ପାଣି ପିଆଇବା ଭଳି ଅମାନବୀୟ ଘଟଣା ଗଞ୍ଜାମ ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଧରାକୋଟ ଥାନା ଅନ୍ତର୍ଗତ ଖାରିଗୁମ୍ମା ଗାଁରେ ସ୍ପଷ୍ଟ ଦିବାଲୋକରେ ଘଟିଥିବା ଏହି ଘଟଣା ସରକାର ଓ ପୁଲିସ ପ୍ରଶାସନ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। କଙ୍ଗାରୁ କୋର୍ଟରେ ଅକାରଣରେ ଦଣ୍ଡ ପାଇଥିବା ଦୁଇ ଦଳିତ ହେଲେ, ଧରାକୋଟ ବ୍ଲକ୍‌ର ସିଙ୍ଗିପୁର ଗ୍ରାମର ବୁଲୁ ନାୟକ ଓ ବାବୁଲା ନାୟକ। ମୁଖ୍ୟମନ୍ତ୍ରୀ ସୋମବାର ଆସିକା ଗସ୍ତରେ ଆସିବାର ଥିବା ବେଳେ ତା' ପୂର୍ବରୁ ଏଭଳି ଏକ ଲୋମଟାଙ୍କୁରା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ▶ପୃଷ୍ଠା-୭




## ପହଲ୍‌ଗାମ୍ ଆତଙ୍କୀଙ୍କୁ ଶରଣ ଦେଇ ୨ ଗିରଫ

ନୂଆଦିଲ୍ଲୀ,୨୨।୬(ଏଜେନ୍ସି): କଶ୍ମୀର ପହଲଗାମରେ ହୋଇଥିବା ଆତଙ୍କାବାଦୀ ଆକ୍ରମଣର ଦୁଇମାସ ପରେ ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନ୍‌ଆଇଏ) ଏହି ମାମଲାରେ ଦୁଇଜଣଙ୍କୁ ଗରିଫ କରିଛି। ଆତଙ୍କବାଦୀମାନଙ୍କୁ ଏହି ଦୁଇଜଣ ଶରଣ ଦେଇଥିଲେ ବୋଲି ଏଜେନ୍ସି ତରଫରୁ କୁହାଯାଇଛି। ଗିରଫ୍ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ ବାରକୋଟର ପରଭେଜ ଅହମ୍ମଦ ଜୋଠାର ଓ ହିଲ୍ ପାର୍କର ବସୀର ଅହମ୍ମଦ ଜୋଠାର। ଏହି ୩ ଆତଙ୍କବାଦୀ ପାକିସ୍ତାନୀ ଥିଲେ ଓ ସେମାନେ କିଭଳି ଥିଲେ ସେ ନେଇ ଏହି ଦୁଇଜଣ ଏନ୍‌ଆଇଏକୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥିଲେ। ଆତଙ୍କବାଦୀମାନେ ଲସ୍କର ଇ ତୋଏବା (ଏଲ୍‌ଇଟି) ଆତଙ୍କୀ ସଂଘଠନର ସଦସ୍ୟ ଥିଲେ ବୋଲି ଦୁହେଁ କହିଛନ୍ତି। ଏହି ୩ଜଣ ଆତଙ୍କବାଦୀଙ୍କୁ ପରଭେଜ ଓ ବସିର ଆକ୍ରମଣ ପୂର୍ବରୁ ହିଲ ପାର୍କ ସ୍ଥିତ ଏକ ଅସ୍ଥାୟୀ ବସ୍ତିରେ ଜାଣିଶୁଣି ରହିବା ପାଇଁ ସୁଯୋଗ ଦେଇଥିଲେ। ଆତଙ୍କବାଦୀଙ୍କୁ ସେଠାରେ ରଖିବା ସହ ସେମାନଙ୍କୁ ଅନ୍ୟାନ୍ୟ ସୁବିଧାସୁଯୋଗ ପ୍ରଦାନ କରିଥିଲେ। ତେବେ ଅଭିଯୁକ୍ତମାନେ ଏହି ୩ ଆତଙ୍କବାଦୀଙ୍କ ନାମ ବିଷୟରେ ସୂଚନା ଦେଇଛନ୍ତି କି ନା ସେ ନେଇ ଏନ୍‌ଆଇଏ କିଛି ସ୍ପଷ୍ଟ କରିନାହିଁ।

## ସମ୍ପୂର୍ଣ୍ଣ ୟୁକ୍ରେନ ଆମର: ପୁଟିନ୍

ସେଣ୍ଟ ପିଟର୍ସବର୍ଗ,୨୨।୬(ଏଜେନ୍ସି): ରୁଷି ରାଷ୍ଟ୍ରପତି ଭ୍ଲାଡିମୀର ପୁଟିନ ପୁଣି ଏକ ଅଜବ ମନ୍ତବ୍ୟ ଦେଇ ଚର୍ଚ୍ଚା ସୃଷ୍ଟି କରିଛନ୍ତି। ସମ୍ପୂର୍ଣ୍ଣ ୟୁକେନ୍ ହେଉଛି ଆମର। ୟୁକ୍ରେନ ଓ ରୁଷିଆର ଲୋକ ସମାନ ବୋଲି ସେ କହିଛନ୍ତି। ସେଣ୍ଟ ପିଟର୍ସବର୍ଗରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଇକୋନୋମିକ ଫୋରମ୍‌ରେ ପୁଟିନ ଏହି କଥା କହିଛନ୍ତି। ୟୁକ୍ରେନ୍‌କୁ ଧ୍ୱଂସ କରିବା ରୁଷିଆ ଆଦୌ ଲକ୍ଷ୍ୟ ରଖିନାହିଁ। କିନ୍ତୁ ୟୁକ୍ରେନ୍ ରୁଷିଆର ଭୌଗଳିକ ସ୍ଥିତି ଓ ପ୍ରାଦେଶିକ ତଥା ଆଞ୍ଚଳିକ ପ୍ରାଧାନ୍ୟକୁ ସ୍ୱୀକାର କରିବା ଉଚିତ ବୋଲି ସେ ସ୍ପଷ୍ଟ କରିଛନ୍ତି। ରୁଷିଆ ଓ ୟୁକ୍ରେନ୍‌ର ନାଗରିକ ସବୁ ଦୃଷ୍ଟିକୋଣରୁ ସମାନ ବୋଲି ପୂର୍ବରୁ ଏକାଧିକବାର କହି ସାରିଛି। ତେଣୁ ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ସମ୍ପୂର୍ଣ୍ଣ ୟୁକ୍ରେନ ଆମର। କିନ୍ତୁ ଆମେ କେବେ ୟୁକ୍ରେନର ସାର୍ବଭୌମତ୍ୱକୁ ନେଇ ପ୍ରଶ୍ନ ଉଠାଇନାହୁଁ ବୋଲି ସେ କହିଛନ୍ତି। ୧୯୯୧ରେ ଯେତେବେଳେ ୟୁକ୍ରେନ ସ୍ୱାଧୀନତା ଲାଭ କରିଥିଲା, ସେତେବେଳେ ଏହି ଦେଶ କୌଣସି ଗୋଷ୍ଠୀରେ ସାମିଲ ନହେବାକୁ, ଆଣବିକ ଅସ୍ତ୍ର ପାଖରେ ନ ରଖିବାକୁ ଓ ଏକ ନିରପେକ୍ଷ ଦେଶ ହୋଇ ରହିବାକୁ ସର୍ତ୍ତ ରହିଥିଲା। ତେଣୁ ୟୁକ୍ରେନ ଏହି ସର୍ତ୍ତଗୁଡିକୁ ମାନିବା ଉଚିତ।

## ଗମ୍ଭୀର ରୋଗ ସହ ସଂଘର୍ଷ କରୁଛନ୍ତି ସଲମାନ

ନୂଆଦିଲ୍ଲୀ, ୨୨।୬(ଏଜେନ୍ସି): ବଲିଉଡ୍ ସୁପରଷ୍ଟାର ସଲମାନ ଖାନ୍ ଏକାଧିକ ଗମ୍ଭୀର ରୋଗ ସହ ସଂଘର୍ଷ କରୁଛନ୍ତି। ୫୯ ବର୍ଷୀୟ ସଲମାନଙ୍କ ମସ୍ତିସ୍କରେ ସମସ୍ୟା ରହିଛି। ସେ ବ୍ରେନ୍ ଆନେଉରିଜମ୍ ନାମକ ଏକ ରୋଗରେ ପୀଡିତ ଅଛନ୍ତି। କିଛିଦିନ ତଳେ 'ଦି ଗ୍ରେଟ୍ ଇଣ୍ଡିଆନ କପିଲ ଶର୍ମା' ଶୋ'ରେ ଯୋଗ ଦେଇ ସେ ଏ ନେଇ ଖୁଲାସା କରିଛନ୍ତି। କେବଳ ସେତିକି ନୁହଁ ସେ ଟ୍ରାଇଜେମିନାଲ ନେଉରାଲଜିଆ ଓ ଆର୍ଟେରିଓଭେନସ ମାଲଫର୍ମେସନ ରୋଗରେ ମଧ୍ୟ ପୀଡିତ ଅଛନ୍ତି। ଏହି କାରଣରୁ ତାଙ୍କ ଚେହେରା ଓ ମୁଣ୍ଡରେ ସେ ଯନ୍ତ୍ରଣା ଅନୁଭବ କରୁଛନ୍ତି। ବ୍ରେନ୍ ଆନେଉରିଜମ୍ ପାଇଁ ତାଙ୍କ ଚିକିତ୍ସା ହେଉଛି। ଏହା କାରଣରୁ ଜୀବନ ମଧ୍ୟ ଯାଇପାରେ। ଏତେ ସବୁ ରୋଗରେ ପୀଡିତ ଥିଲେ ମଧ୍ୟ ଯନ୍ତ୍ରଣା ସହ କାମ କରିବାକୁ ପଡୁଛି ବୋଲି ସେ କହିଛନ୍ତି।

## ଡିଜିସିଏର ନୂଆ ମାର୍ଗଦର୍ଶିକା

ନୂଆଦିଲ୍ଲୀ, ୨୨।୬ (ଏଜେନ୍ସି):ବିମାନ ନିୟାମକ ଡିଜିସିଏ ଖରାପ ପାଣିପାଗରେ ଉଡ଼ାଣକୁ ନେଇ ନୂଆ ନିୟମ ଜାରି କରିଛି। ବିମାନ ଉଡ଼ାଣ କାର୍ଯ୍ୟସୂଚୀଠାରୁ ଯାତ୍ରୀ ଏବଂ କ୍ରୁଙ୍କ ସୁରକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଛି। ପାଣିପାଗ ଖରାପ ଥିଲେ କିମ୍ବା ବିପଦ ଥିଲେ ବିମାନର ଗତିପଥ ବଦଳାଇବାକୁ ତୁରନ୍ତ ନିଷ୍ପତ୍ତି ନେବା ପାଇଁ ପାଇଲଟଙ୍କୁ ପରାମର୍ଶ ଦିଆଯାଇଛି। କେଦାରନାଥରେ ହେଲିକପ୍ଟର ଏବଂ ଅହମଦାବାଦ ଦୁର୍ଘଟଣା ପରେ ଡିଜିସିଏ ଏହି ନିଷ୍ପତ୍ତି ନେଇଛି। ଏ ନେଇ ସମସ୍ତ ବିମାନ କମ୍ପାନୀମାନଙ୍କୁ ନୂଆ ସର୍କୁଲାର ଜାରି କରାଯାଇଛି।

## ୩ କୋଟିର ସମ୍ପତ୍ତି ପାଇଁ ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା

ଲକ୍ଷ୍ନୌ, ୨୨।୬ (ଏଜେନ୍ସି): ମଧ୍ୟପ୍ରଦେଶ ପରେ ଉତ୍ତର ପ୍ରଦେଶ ମୋରାଦାବାଦରୁ ଚାଞ୍ଚଲ୍ୟକର ମାମଲା ସାମ୍‌ନାକୁ ଆସିଛି। ୩ କୋଟିର ସମ୍ପତ୍ତି ପାଇଁ ପ୍ରେମିକ ସହ ମିଶି ସ୍ତ୍ରୀ ସ୍ୱାମୀଙ୍କୁ ହତ୍ୟା କରିଛି। ଏହି ଜଘନ୍ୟ କାଣ୍ଡ ଘଟାଇବା ପରେ ମୃତଦେହକୁ ନେଇ ଉତ୍ତରାଖଣ୍ଡର କୋଟଦ୍ୱାର ଜଙ୍ଗଲରେ ପକାଇଛି। ସୂଚନା ଅନୁଯାୟୀ ପୀଡ଼ିତ ରବୀନ୍ଦ୍ର କୁମାର ନିଜର ୩ କୋଟିର ଘର ବିକ୍ରି କରି ଋଣ ପରିଶୋଧ କରିବାକୁ ଚାହୁଁଥିଲେ। ମାତ୍ର ପତ୍ନୀ ରୀନା ସିନ୍ଧୁ ଏହାକୁ ବିରୋଧ କରିଥିଲେ। ଏଥିପାଇଁ ଉଭୟଙ୍କ ମଧ୍ୟରେ ବିବାଦ ହୋଇଥିଲା। ପରେ ସେ ପ୍ରେମିକ ପରିତୋଷ କୁମାର ସହ ମିଶି ସ୍ୱାମୀଙ୍କୁ ମାରି ଦେଇଥିଲେ।

## ଟ୍ରାକ୍ଟର-ଡମ୍ପର ଧକ୍କା; ୫ ମୃତ

କୋଲକାତା, ୨୨।୬ (ଏଜେନ୍ସି): ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲ୍ଲାର କାନ୍ଦି ଥାନା ଅଞ୍ଚଳର ଗୋରକାନ୍ ପାୱାର ହାଉସ୍ ଛକରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରେ ୩ ମହିଳା ଓ ଡ୍ରାଇଭର ସାମିଲ ଅଛନ୍ତି। ୧୦ ଜଣ ଆହତ ହୋଇଛନ୍ତି। ମୁର୍ଶିଦାବାଦ ମେଡିକାଲ୍ କଲେଜ୍ ହସ୍ପିଟାଲରେ ଏମାନଙ୍କର ଚିକିତ୍ସା ଚାଲିଛି। କିଛି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ସୂଚନା ଅନୁଯାୟୀ ୨୦ ଜଣିଆ ତୀର୍ଥଯାତ୍ରୀଙ୍କ ଏକ ଦଳ ବୀରଭୂମର ବାଲୁକା ଅଞ୍ଚଳରୁ ଗାଧୋଇ ଟ୍ରାକ୍ଟରରେ ଫେରୁଥିଲେ। ଏହି ସମୟରେ ଟ୍ରାକ୍ଟରଟି ଏକ ଡମ୍ପର ସହିତ ଧକ୍କା ହୋଇ ଓଲଟି ପଡ଼ିଥିଲା।



# ୩୭ ଘଣ୍ଟା ଉଡ଼ାଣ ପରେ ଇରାନରେ ଆକ୍ରମଣ କରିଥିଲା ବି-୨ ବମ୍ବର୍ସ

## ୧୨ ବଙ୍କର ବଷ୍ଟର, ୩୦ ଟମ୍ ହକ୍ କ୍ଷେପଣାସ୍ତ୍ର ଆକ୍ରମଣ

ୱାଶିଂଟନ, ୨୨।୬ (ଏଜେନ୍ସି):

ଇସ୍ରାଏଲ ଏବଂ ଇରାନ ସଂଘର୍ଷକୁ ଆମେରିକା ଡେଇଁଛି। ଏହି ଦେଶ 'ଅପରେସନ ମିଡ୍‌ନାଇଟ ହାମର' ଆରମ୍ଭ କରି ରବିବାର ସକାଳେ ଇରାନର ତିନୋଟି ପରମାଣୁ ଠିକଣାରେ ବୋମା ବର୍ଷା କରିଛି। ଏହି ଆକ୍ରମଣରେ ନତାଞ୍ଜ, ଫର୍ଦୋ ଏବଂ ଇସାଫାହନ ପରମାଣୁ କେନ୍ଦ୍ର ଧ୍ୱଂସ ହୋଇଯାଇଛି। ଦୁଇ ଦେଶ ମଧ୍ୟରେ ଚାଲିଥିବା ଏହି ଯୁଦ୍ଧରେ ଆମେରିକା ସାମିଲ ହୋଇ ସ୍ଥିତିକୁ ଅଧିକ ଗମ୍ଭୀର କରିଦେଇଛି। ଇରାନ ଜବାବୀ କାର୍ଯ୍ୟାନୁଷ୍ଠାନର ଧମକ ଦେଇଛି। ତେବେ ଇରାନ କୌଣସି କାର୍ଯ୍ୟାନୁଷ୍ଠାନ ନେଲେ ଆମେରିକା ଜୋରଦାର ଆକ୍ରମଣ କରିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଇରାନ ଉପରେ ଆଜି ହୋଇଥିବା ଆକ୍ରମଣରେ ଆମେରିକାର ବି-୨ ଷ୍ଟିଲଥ୍ ବମ୍ବର୍ସ ସହିତ ୧୨୫ ଲଢୁଆ ବିମାନ ସାମିଲ ହୋଇଥିଲା। ପାହାଡ଼ କାଟି ଇରାନ ପରମାଣୁ କେନ୍ଦ୍ର ବନାଇ ଥିଲା। ତେଣୁ ଏହାକୁ ଧ୍ୱଂସ କରିବା ପାଇଁ ବି-୨ ବମ୍ବରର ଆବଶ୍ୟକତା ପଡ଼ିଥିଲା। ୨୫୦ ଫୁଟ୍ ତଳେ ଥିବା ପରମାଣୁ କେନ୍ଦ୍ରକୁ ଧ୍ୱଂସ କରିବା ପାଇଁ ବଙ୍କର ବଷ୍ଟର ବ୍ୟବହାର କରାଯାଇଥିଲା। ପ୍ରଥମ ଥର ପାଇଁ ଆମେରିକା ଏହି ବୋମାକୁ ବ୍ୟବହାର କରିଛି। ତେବେ ଆକ୍ରମଣ ପରେ ପରମାଣୁ କେନ୍ଦ୍ରରୁ କୌଣସି ବିକିରଣ ହୋଇନାହିଁ ବୋଲି ଇରାନ ପକ୍ଷରୁ କୁହାଯାଇଛି। ଏହି ଅଭିଯାନ ପାଇଁ ବି-୨ ବମ୍ବର୍ସ ଅନବରତ ୩୭ ଘଣ୍ଟା ପର୍ଯ୍ୟନ୍ତ ଉଡ଼ାଣ କରିଥିଲା। ସିଧାସଳଖ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ଇରାନର ପରମାଣୁ କେନ୍ଦ୍ର ଉପରେ ବଙ୍କର ବଷ୍ଟର ମାଡ଼ କରିଥିଲା। ଆମେରିକା ରାଷ୍ଟ୍ରପତି ଏହି ସୂଚନା ଦେଇଛନ୍ତି। ଆମେରିକାର ମିସୋରିରୁ ବି-୨ ବିମାନ ଉଡ଼ାଣ ଆରମ୍ଭ କରିଥିଲା। ଏହା ଲକ୍ଷ୍ୟଭେଦ କରିବା ପୂର୍ବରୁ ୩୭ ଘଣ୍ଟାର ଯାତ୍ରା କରିଥିଲା। ଆକାଶ ମାର୍ଗରେ ଇନ୍ଧନ ଭର୍ତ୍ତି କରି ଏହି ଅଭିଯାନକୁ ସଫଳତାର ସହ ଶେଷ କରିଥିଲା। ପ୍ରାୟ ୨ ବିଲିୟନ ଡଲାର (୧, ୭୩, ୧୬, ୬୦, ୨୦, ୪୦୦ ଟଙ୍କା) ମୂଲ୍ୟର ଏହି ଉନ୍ନତ ଲଢୁଆ ବିମାନ ମିସୋରିରୁ ଇରାନ ଏବଂ ପୁଣି ଆମେରିକା ଫେରିବା ପର୍ଯ୍ୟନ୍ତ ୧୧, ୪୦୦ କିମି ପଥ ଅତିକ୍ରମ କରିଥିଲା। ଆକ୍ରମଣ ଦ୍ୱାରା ଫରଦୋରେ ୬ଟି ବଡ଼ ଖାଲ ହୋଇଯାଇଛି। ମାକ୍ସାର ଟେକ୍ନୋଲୋଜି ପାଖରୁ ଏହାର ଫଟୋ ଜାରି କରାଯାଇଛି। ଏହାର ଆଖପାଖରେ ମାଟି ଧସି ଯାଇଥିବା ମଧ୍ୟ ଦେଖିବାକୁ ମିଳୁଛି।

■ 'ଅପରେସନ ମିଡ୍‌ନାଇଟ ହାମର'ରେ ସାମିଲ ଥିଲା ୧୨୫ ଯୁଦ୍ଧ ବିମାନ


■ ଆକ୍ରମଣ ପୂର୍ବରୁ ଇରାନକୁ ଜଣାଇଥିଲା ଆମେରିକା

ଫରଦୋ ଠିକଣାରେ ୬ଟି ବଙ୍କର ବଷ୍ଟର ତଥା ଜିବିୟୁ-୫୭ ମାସିଭ ଅର୍ଡନାନ୍ସ ପେନେଟ୍ରେଟର (ଏମଓପି) ବୋମା ମାଡ଼ କରାଯାଇଥିଲା। ସେହିପରି ୩୦ ଟମ୍‌ହକ୍ କ୍ଷେପଣାସ୍ତ୍ର ମଧ୍ୟ ଆକ୍ରମଣ କରାଯାଇଥିଲା। ଅନ୍ୟ ଏକ ରିପୋର୍ଟରେ ଆମେରିକା ୧୨ଟି ବଙ୍କର ବଷ୍ଟର ବୋମା ମାଡ଼ କରିଥିବା କୁହାଯାଇଛି। ଆମେରିକାର ଜଏଣ୍ଟ ଚିଫ୍ ଅଫ୍ ଷ୍ଟାଫ ଜେନେରାଲ ଡାନ କେନ କହିଛନ୍ତି ଯେ ଆକ୍ରମଣରେ ୭ଟି ବି-୨ ବିମାନ ସାମିଲ ଥିଲା। ଏହି ବିମାନ ଫର୍ଦୋ ଏବଂ ନତାଞ୍ଜରେ ପ୍ରାୟ ୧୪ ହଜାର କେଜିର ବୋମା ପକାଇ ଥିଲା। କିନ୍ତୁ ଇସ୍‌ଫାହନରେ ଟମ୍‌ହକ୍ ମିସାଇଲ ମାଡ଼ କରାଯାଇଥିଲା। ଏହି ଅଭିଯାନ ପାଇଁ ଧୋକାର ରଣନୀତି ଆପଣା ଯାଇଥିଲା। କିଛି ବୋମାବର୍ଷୀ ବିମାନକୁ ପ୍ରଶାନ୍ତ ମହାସାଗର ଅଭିମୁଖେ ପଠା ଯାଇଥିଲା। ଏହା ମାଧ୍ୟମରେ ଇରାନକୁ ଭୁଆଁ ବୁଲା ଯାଇଥିଲା। ସେହିଦିଗରୁ ଆକ୍ରମଣ ହେବ ବୋଲି ଇରାନ ଭାବିଥିଲା। କିନ୍ତୁ ଅନ୍ୟ ଦିଗରୁ



ଆମେରିକା ଆକ୍ରମଣ କରିଥିଲା। ୨୦୦୧ ସେପ୍ଟେମ୍ବର ୧୧ ପରଠାରୁ ଏହା ସବୁଠୁ ବଡ଼ ବି-୨ ମିସନ ଥିଲା। ଏହି ଅଭିଯାନକୁ ଅତ୍ୟନ୍ତ ଗୁପ୍ତ ରଖାଯାଇଥିଲା। କିଛି ନିର୍ଦ୍ଦିଷ୍ଟ ସେନା ଅଧିକାରୀଙ୍କୁ ଏହି ସୂଚନା ଦିଆଯାଇଥିଲା। ଅନ୍ୟପଟେ ଆମେରିକା ଦିନକ ପୂର୍ବରୁ ଆକ୍ରମଣ ବିଷୟରେ ଇରାନକୁ ସୂଚନା ଦେଇଥିଲା ବୋଲି କୁହାଯାଉଛି। ଅମବାଜ ମିଡିଆ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଜଣେ ବରିଷ୍ଠ ଅଧକାରୀ କହିଛନ୍ତି ଯେ ଆକ୍ରମଣ ପୂର୍ବରୁ ଆମେରିକା ଆଡଭାନ୍ସ ନୋଟିସ ପଠାଇ ଥିଲା। ନାମ ପ୍ରକାଶ ନ କରିବା ସର୍ତ୍ତରେ ଜଣେ ଅଧିକାରୀ କହିଛନ୍ତି ଯେ ଗତ ୨୧ ତାରିଖରେ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଆକ୍ରମଣ ପାଇଁ ସୂଚନା ଦିଆଯାଇଥିଲା। ଇରାନ ସହ ଯୁଦ୍ଧ କରିବା ଆମେରିକାର ଉଦ୍ଦେଶ୍ୟ ନୁହେଁ ବୋଲି କୁହାଯାଇଥିଲା। କେବଳ ତିନୋଟି ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ କରାଯିବ ବୋଲି ସୂଚନା ଦିଆଯାଇଥିଲା।

ଆମେରିକା ଆକ୍ରମଣ କରିବ ବୋଲି ପୂର୍ବରୁ ଇରାନ ଜାଣିପାରି ଥିଲା। ଏଥିପାଇଁ ସତର୍କ ହୋଇ ଯାଇଥିଲା। ଆକ୍ରମଣ ପୂର୍ବରୁ ଇରାନ ଫର୍ଦୋ ପରମାଣୁ କେନ୍ଦ୍ରରେ ଥିବା ଅଧିକାଂଶ ୟୁରାନିୟମକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରି ଦେଇଥିଲା। ଇରାନର ମେହର ନ୍ୟୁଜ୍ ଏଜେନ୍ସି ସୂତ୍ରକୁ ଏହି ସୂଚନା ମିଳିଛି। ଇସ୍ରାଏଲ ସହିତ ବଢୁଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ଇରାନ ସରକାର ଏହି ପଦକ୍ଷେପ ନେଇଥିଲେ। ତେବେ ଏହି ୟୁରାନିୟମ କେଉଁଠାକୁ ନିଆଯାଇଛି ତାହାର କୌଣସି ସୂଚନା ଦିଆଯାଇ ନାହିଁ।



## ବଙ୍କର ବଷ୍ଟର କ'ଣ

ଜିବିୟୁ ତଥା ବଙ୍କର ବଷ୍ଟର ତଥା ଏମଓପି ଭାବେ ପରିଚିତ ଏହି କ୍ଷେପଣାସ୍ତ୍ରର ଲମ୍ବ ୨୦.୭ ଫୁଟ। ଏଥିରେ ୪ଟି ଷ୍ଟାବିଲାଇଜର ଫିନ୍ସ, ୪ଟି ୱିଙ୍ଗ, ଲେଜର ସେନ୍‌ସର ଏବଂ ୱାର ହେଡ୍ ରହିଛି। ଏହାର ଓଜନ ପ୍ରାୟ ୧୪ ଟନ୍। ଏହା ୫,୩୪୨ ପାଉଣ୍ଡର ବିସ୍ଫୋରକ ନେଇପାରିବ। ଭୂତଳ ଭଣ୍ଡାର ଏବଂ କଠିନ ଲକ୍ଷ୍ୟକୁ ଭେଦ କରିବା ପାଇଁ ଏହି ବଙ୍କର ବଷ୍ଟରକୁ ଡିଜାଇନ କରାଯାଇଛି। ଏହା ୨୦୦ ଫୁଟ ତଳେ ଥିବା ଠିକଣାକୁ ମଧ୍ୟ ଧ୍ୱଂସ କରିଦେବ। ଏହି ବଙ୍କର ବଷ୍ଟରର ମୂଲ୍ୟ ୩.୫ ନିୟୁତ ଡଲାର ଅର୍ଥାତ୍ ୨୯ କୋଟି ଟଙ୍କା। ଏହା ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଅଣ ପରମାଣୁ ଅସ୍ତ୍ର। ଏହାକୁ ବୋଇଂ ଡିଜାଇନ କରିଥିଲା। ଉଚ୍ଚ କ୍ଷମତା ସମ୍ପନ୍ନ ଷ୍ଟିଲ ଏଲୟରେ ଏହାକୁ ପ୍ରସ୍ତୁତ କରାଯାଇଛି।

## ■ ବି-୨ ଷ୍ଟିଲ୍‌ଥ ବମ୍ବରର କ୍ଷମତା

ଏହି ବିମାନକୁ ଆମେରିକା ବାୟୁସେନାର ମେରୁଦଣ୍ଡ ଧରାଯାଏ। ବିଶ୍ୱର ପ୍ରମୁଖ ଶକ୍ତିଶାଳୀ ବିମାନ ମଧ୍ୟରୁ ଏହା ଅନ୍ୟତମ। ଅତ୍ୟାଧୁନିକ ଜ୍ଞାନକୌଶଳ ସହ ଏହାକୁ ଡିଜାଇନ କରାଯାଇଛି। ଏହାର ପର୍ଯ୍ୟବେକ୍ଷଣ କ୍ଷମତା ଅତ୍ୟନ୍ତ ତୀକ୍ଷଣ। ଯେକୌଣସି ଉଚ୍ଚତାରେ ଏହା ଉଡ଼ାଣ କରିବାକୁ ସକ୍ଷମ। ଏହା ସବୁଠାରୁ ଅତ୍ୟାଧୁନିକ ବାୟୁ ପ୍ରତିରକ୍ଷା ବ୍ୟବସ୍ଥାକୁ ମଧ୍ୟ ଭେଦ କରିଦେବ। ଏହା ଥରକେ ୧୧ ହଜାର କିମି ପର୍ଯ୍ୟନ୍ତ ଉଡ଼ାଣ କରିପାରିବ। ପୁଣି ଇନ୍ଧନ ଭର୍ତ୍ତି କରିବା ପରେ ୧୯ ହଜାର କିମି ପର୍ଯ୍ୟନ୍ତ ଉଡ଼ିପାରିବ। ଏହି ବିମାନ ଏକାଥରକେ ୨ଟି ବଙ୍କର ବଷ୍ଟର ବୋମା ନେଇ ଯାତ୍ରା କରିପାରିବ। କାରଣ ଏହି ବୋମାର ଓଜନ ପ୍ରାୟ ୩୦ ହଜାର ପାଉଣ୍ଡ ତଥା ୧୪ ଟନ୍ ହୋଇଥାଏ। ଅଧିକ ଓଜନର ହୋଇଥିବାରୁ ବି-୨ କେବଳ ୨ଟି ଏମଓପି ସହିତ ଅନ୍ୟ ଅସ୍ତ୍ରଶସ୍ତ୍ର ନେଇପାରିବ। ଏହି ବିମାନର ମୂଲ୍ୟ ୨ ବିଲିୟନ ଡଲାର ଅର୍ଥାତ୍ ପ୍ରାୟ ୧୭ ହଜାର କୋଟି ଟଙ୍କା। ଏହାର ଓଜନ ୭୧ ହଜାର କେଜି। ଏହା ୧.୭୧ ଲକ୍ଷ କେଜି ସହ ଉଡ଼ାଣ କରିବାରେ ସକ୍ଷମ। ଏହି ବିମାନରେ ଏଫ୍‌୧୧୮-ଜିଇ-୧୦୦ ଇଞ୍ଜିନ ଲାଗିଛି। ଏହା ୪୦ ହଜାର ପାଉଣ୍ଡର ପେଲୋଡ ନେଇ ଯେକୌଣସି ଲକ୍ଷ୍ୟକୁ ୨୪ ଘଣ୍ଟା ମଧ୍ୟରେ ନଷ୍ଟ କରିପାରିବ।

## ମୋଦୀଙ୍କ ସହ କଥା ହେଲେ ଇରାନ ରାଷ୍ଟ୍ରପତି

ନୂଆଦିଲ୍ଲୀ,୨୨।୬(ଏଜେନ୍ସି): ଇରାନ ଆଣବିକ କେନ୍ଦ୍ର ଉପରେ ଆମେରିକା ଆକ୍ରମଣ କରିବା ପରେ ସାରା ବିଶ୍ୱରେ ଏ ନେଇ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏ ନେଇ ଇରାନ ରାଷ୍ଟ୍ରପତି ମାସୁଦ୍ ପେଜେସକିଆନ୍‌ଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ଇସ୍ରାଏ୍ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ କରାଣରୁ ସମ୍ପୂର୍ଣ୍ଣ ମଧ୍ୟପ୍ରାଚ୍ୟରେ ଅଶାନ୍ତି ଓ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହି ଅଞ୍ଚଳରେ ଯଥାଶୀଘ୍ର ସଂଘର୍ଷ କମ୍ କରିବା ସହ କଥାବାର୍ତ୍ତା ଓ କୂଟନୈତିକ ପ୍ରୟାସ ଜରିଆରେ ଶାନ୍ତି ପ୍ରତିଷ୍ଠା କରିବାକୁ ମୋଦୀ ମାସୁଦ୍‌ଙ୍କୁ କହିଥିଲେ। ସମ୍ପ୍ରତିକ ସ୍ଥିତି ନେଇ ଦୁଇ ଦେଶର ରାଷ୍ଟ୍ରମୁଖ୍ୟ ବିସ୍ତୃତ ଭାବେ ୪୫ ମିନିଟ୍ ଧରି କଥା ହୋଇଥିଲେ। ଏଥିପାଇଁ ମାସୁଦ୍ ମୋଦୀଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି। ଭାରତ ହେଉଛି ଇରାନ୍‌ର ମିତ୍ର ଏବଂ ଏହି ଅଞ୍ଚଳରେ ଶାନ୍ତି, ସ୍ଥିରତା ଓ ନିରାପତ୍ତା ଫେରାଇ ଆଣିବା ପାଇଁ ଭାରତର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଇରାନ୍ ରାଷ୍ଟ୍ରପତି କହିଥିଲେ।

## ଇରାନକୁ ପରମାଣୁ ଅସ୍ତ୍ର ଯୋଗାଇବ ରୁଷ!

ତେହରାନ , ୨୨।୬(ଏଜେନ୍ସି):

ଇରାନ ପରମାଣୁ କେନ୍ଦ୍ର ଉପରେ ଆମେରିକାର ଆକ୍ରମଣକୁ ରୁଷ ଓ ଚୀନ ବିରୋଧ କରିବା ସହିତ ଏହାର ଦୃଢ଼ ନିନ୍ଦା କରିଛନ୍ତି। ଆମେରିକାର ଏଭଳି ଆକ୍ରମଣ ମଧ୍ୟପ୍ରାଚ୍ୟରେ ପରିସ୍ଥିତିକୁ ବିଗାଡ଼ିଦେବ ବୋଲି ସେମାନେ ସତର୍କ କରାଇଛନ୍ତି। ରୁଷ ଏହି ଘଟଣାରେ ଉଦବେଗ ପ୍ରକାଶ କରିବା ସହିତ କହିଛି ଯେ ଅନେକ ଦେଶ ଇରାନକୁ ପରମାଣୁ ଅସ୍ତ୍ର ଯୋଗାଇବାକୁ ପ୍ରସ୍ତୁତ ଅଛନ୍ତି। ରୁଷ ମଧ୍ୟ ଇରାନକୁ ପରମାଣୁ ଶକ୍ତି ଓ ଜ୍ଞାନକୌଶଳ ଯୋଗାଇବ ବୋଲି ରୁଷର ପୂର୍ବତନ ରାଷ୍ଟ୍ରପତି କହିଛନ୍ତି। ଇରାନକୁ ରୁଷ ପରମାଣୁ ଅସ୍ତ୍ର ଯୋଗାଇପାରେ ବୋଲି ସୂଚନା ମିଳିଛି।

### ଆକ୍ରମଣକୁ ଚୀନ୍, ଜାତିସଂଘର ନିନ୍ଦା

ଚୀନ୍ ମଧ୍ୟ ଇରାନ ଉପ।।ରେ ଆକ୍ରମଣକୁ କଡ଼ା ନିନ୍ଦା କରିଛି। ଆମେରିକା ଅନ୍ତର୍ଜାତୀୟ ନିୟମ ଓ ଜାତିସଂଘ ନିୟମାବଳୀର ଉଲ୍ଲଂଘନ କରିଛି ବୋଲି ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର କହିଛନ୍ତି। ଏଥିସହ ମଧ୍ୟପ୍ରାଚ୍ୟରେ ଶାନ୍ତି ଫେରାଇ ଆଣିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଯେତେଶୀଘ୍ର ସମ୍ଭବ ଇସ୍ରାଏଲ୍ ଅସ୍ତ୍ରବିରତି ଘୋଷଣା କରୁ ଓ ସାଧାରଣ ନାଗରିକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବା ସହ କଥାବାର୍ତ୍ତା ଉପରେ ଗୁରୁତ୍ୱ ଦେଉ ବୋଲି ସେ କହିଛନ୍ତି। ଇରାନ ଉପରେ ଆମେରିକାର ଆକ୍ରମଣକୁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁତରେସ୍ ନିନ୍ଦା କରିଛନ୍ତି। ଏହା ମଧ୍ୟପ୍ରାଚ୍ୟ ସମେତ ସାରା ବିଶ୍ୱରେ ଅନ୍ତର୍ଜାତୀୟ ଶାନ୍ତି ପ୍ରତିଷ୍ଠା ଓ ନିରାପତ୍ତା ବ୍ୟବସ୍ଥା ପାଇଁ ବିପଦ ସୃଷ୍ଟି କରିଛି ବୋଲି ସେ କହିଛନ୍ତି। ବାହୁବଳ ତଥା ସାମରିକ ଶକ୍ତି ଦ୍ୱାରା କୌଣସି ସମସ୍ୟାର ସମାଧାନ ହୋଇନାହିଁ। ସମସ୍ୟା ଓ ମଥପାର୍ଥକ୍ୟ ଦୂର କରିବ ପାଇଁ କୁଟନୈତିକ ପ୍ରୟାସ ଜାରି ରଖିବା ଉଚିତ। ସାରା ବିଶ୍ୱରେ ଶାନ୍ତି ହିଁ ଏକମାତ୍ର ଆଶା ହେବା ଉଚିତ। ସବୁ ଦେଶ ଅନ୍ତର୍ଜାତୀୟ ନିୟମକୁ ଅନୁସରଣ କରିବା ଉଚିତ। ଯୁଦ୍ଧ କେବେ କୌଣସି ସମସ୍ୟାର ସମାଧାନ ନୁହେଁ ବୋଲି ସେ କହିଛନ୍ତି।

ଇରାନର ପରମାଣୁ କେନ୍ଦ୍ର ଉପରେ ଆମେରିକା କରିଥିବା ଆକ୍ରମଣକୁ ପାକିସ୍ତାନ ନିନ୍ଦା କରିଛି। ଏହି ଆକ୍ରମଣ ଅନ୍ତର୍ଜାତୀୟ ଆଇନ ବିରୋଧୀ ବୋଲି କୁହାଯାଇଛି। ଇରାନର ଆତ୍ମରକ୍ଷା କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି। ପାକିସ୍ତାନର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଜାତିସଂଘ ଚାର୍ଟର ଅନୁଯାୟୀ ସାର୍ବଭୌମତ୍ୱ ଏବଂ ଲୋକଙ୍କ ସୁରକ୍ଷା ପାଇଁ ଜବାବ ଦେବାର ଅଧିକାର ଇରାନର ରହିଛି। ପାକିସ୍ତାନ ଚେତାବନୀ ଦେଇଛି ଯେ ଯଦି ଉତ୍ତେଜନା ଆହୁରି ବୃଦ୍ଧି ପାଏ ତେବେ ଏହା କେବଳ ଏହି କ୍ଷେତ୍ର ନୁହେଁ, ବରଂ ସମଗ୍ର ବିଶ୍ୱକୁ ପ୍ରଭାବିତ କରିବ। ସାଉଦୀ ଆରବ ସମେତ ଅନେକ ଆରବ ରାଷ୍ଟ୍ର ସାଂପ୍ରତିକ ପରିସ୍ଥିତି ନେଇ ଚିନ୍ତା ପ୍ରକଟ କରିଛନ୍ତି। ସେମାନେ ପରିସ୍ଥିତି ଉପରେ ନଜର ରଖିଥିବା କହିଛନ୍ତି।

ଇରାନ ପରମାଣୁ ଠିକଣା ଉପରେ ଆକ୍ରମଣକୁ ନେଇ ଅନ୍ତର୍ଜାତୀୟ ଅଟୋମିକ ଏନର୍ଜି ଏଜେନ୍ସି (ଆଇଏଇଏ) ସୋମବାର ଜରୁରୀ ବୈଠକ ଡାକିଛି। ଆଇଏଇଏର ମୁଖ୍ୟ ରାଫେଲ ଗ୍ରୋସି ଏହି ସୂଚନା ଦେଇ କହିଛନ୍ତି ଯେ ଇରାନରେ ଜରୁରୀ ସ୍ଥିତି ଦେଖା ଦେଇଛି। ତେବେ ଇରାନର ଫରଦୋ, ନତାଞ୍ଜ ଏବଂ ଇସଫାହନ କେନ୍ଦ୍ରରୁ କୌଣସି ବିକିରଣ ହେଉ ନ ଥିବା କୁହାଯାଇଛି। ସ୍ଥିତି ଉପରେ ନଜର ରଖାଯାଇଛି।

## ଘରେ ପଶି ସ୍ୱାମୀଙ୍କୁ ଗୁଳି, ସ୍ତ୍ରୀ ଓ ପିଲାଙ୍କୁ ଅପହରଣ

ଭୋପାଳ, ୨୨।୬: ମଧ୍ୟପ୍ରଦେଶରେ ଛତରପୁର ଜିଲ୍ଲାରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍ପଷ୍ଟ ଦିବାଲୋକରେ କେତେକ ଲୋକ ଘରେ ପଶି ଜଣେ ପୁରୁଷଙ୍କୁ ଗୁଳିମାରିବା ସହ ବନ୍ଧୁକ ଦେଖାଇ ତାଙ୍କ ପତ୍ନୀ ଓ ଦୁଇ ଝିଅ (୫ ଓ ୭ ବର୍ଷର)ଙ୍କୁ ଅପହରଣ କରି ନେଇଛନ୍ତି। ଏହି ଘଟଣାର ଭିଡିଓ ଇଣ୍ଟରନେଟ୍ ବେଶ୍ ଭାଇରାଲ ହୋଇଛି। ବିଜେପି ଶାସିତ ମଧ୍ୟପ୍ରଦେଶରେ ଏହି ଘଟଣା ଘଟିଥିବାରୁ ବିରୋଧୀ ଦଳଗୁଡିକ ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ନେଇ ପ୍ରଶ୍ନ ଉଠାଇଛନ୍ତି।

ପାଖାପାଖି ୧୨ ଜଣ ଲୋକ ହାତରେ ପିସ୍ତଲ, ବାଡି, ରଡ୍ ଧରି ହରିରାମ ପାଲଙ୍କ ଘରେ ପଶିଥିଲେ। ଏକ ଏସ୍‌ୟୁଭି କାର ଓ ଏକାଧିକ ମଟର ସାଇକଲ ଚଢ଼ି ଅଭିଯୁକ୍ତମାନେ ହରିରାମଙ୍କ ଘରେ ପଶି ତାଙ୍କୁ ଗୁଳି ମାରିଥିଲେ ଓ ପରିବାର ସଦସ୍ୟଙ୍କୁ ଧକ୍କା ମାରିଥିଲେ। ହରିରାମ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଓ ତାଙ୍କ ସ୍ଥିତି ସଙ୍କଟାପର୍ଣ୍ଣ ବୋଲି କୁହାଯାଇଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ସିଂ ରାଜପୁତ ସେହି ଗ୍ରାମର ବୋଲି ପୁଲିସ କହିଛି। ସଞ୍ଜୟର ନେତୃତ୍ୱର ୧୦ରୁ ୧୫ ଜଣ ଲୋକ ଏହି କାଣ୍ଡ ଘଟାଇଛନ୍ତି। ବ୍ୟକ୍ତିଗତ ଶତ୍ରୁତା କାରଣରୁ ସଞ୍ଜୟ ଏହି କାଣ୍ଡ ଭିଆଇଛି ବୋଲି କୁହାଯାଉଛି।

ଏନେଇ ଅଧିକ ତଦନ୍ତ ହେଲେ ଆହୁରି ତଥ୍ୟ ସାମ୍ନାକୁ ଆସିବ। ଏପର୍ଯ୍ୟନ୍ତ ୫ ଜଣଙ୍କୁ ଗିରଫ କରାଯାଇଛି ବୋଲି ପୁଲିସ କହିଛି। ଏହି ମାମଲାରେ ୯ ଜଣ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଧାରା ୧୧ ଅନୁସାରେ ମାମାଲା ରୁଜୁ କରାଯାଇଛି। ଅପହରଣ ଓ ହତ୍ୟା ଉଦ୍ୟମ ଧାରା ସାମିଲ ରହିଛି। ୮ ଜଣ ଅଭିଯୁକ୍ତଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣାପଡିନାହିଁ।

## ଜମିଜମା ବିବାଦ: ବାପାକୁ କାଠଫାଳିଆରେ ପିଟି ହତ୍ୟା

ନୂଆପଡ଼ା,୨୨।୬(ସମିସ): ନୂଆପଡ଼ା ଜିଲ୍ଲା ବେଲଟୁକୁରି ଥାନା କୁରୁମୁଣ୍ଡା ଗାଁ (ଚିରାପଡ଼ା)ରେ ଶନିବାର ଏକ ଅଭାବନୀୟ ଅଘଟଣ ଘଟିଛି। ଜମିଜମା ବିବାଦକୁ କେନ୍ଦ୍ର କରି କାଠଫାଳିଆରେ ପିଟି ବାପାକୁ ହତ୍ୟା କରିଛି ପୁଅ। ମୃତକ ହେଲେ, ପବନ ବରିହା (୬୦)। ଏହିଘଟଣାରେଆଜିପୁଲିସ୍‌ଅଭିଯୁକ୍ତତୁଳାରାମବରିହା(୩୫)କୁଗିରଫକରିକୋର୍ଟଚାଲାଣ କରିଛି। ବାପା-ପୁଅ ଏକାଠି ମଦ ପିଇ ମାତାଲ ହେବା ପରେ ଏହି ଘଟଣା ଘଟିଥିଲା। ପବନଙ୍କୁ ହତ୍ୟା କରିବା ପରେ ତୁଳାରାମ ତାଙ୍କୁ କ୍ଷେତରେ ଫିଙ୍ଗି ଦେଇଥିଲା। ନୂଆପଡ଼ା ଏସ୍‌ପି ଜିଆର ରାଘବେନ୍ଦ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୁଲିସ୍ ପବନଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।


ଅଭିଯୁକ୍ତ ପୁଅ

ପବନଙ୍କ ୩ପୁଅ ଦିରବଲ, ଡିଲେଶ୍ୱର ଏବଂ ତୁଳାରାମଙ୍କ ମଧ୍ୟରୁ ଦିରବଲ ଏବଂ ଡିଲେଶ୍ୱର ଛତିଶଗଡ଼ରେ ନିଜ ନିଜ ଶଶୂର ଘରେ ରହୁଛନ୍ତି। ପବନ ତାଙ୍କ ସ୍ତ୍ରୀ ଏବଂ ନାତୁଣୀଙ୍କ ସହ ତୁଳାରାମଙ୍କ ସହ ଗାଁରେ ରହୁଥିଲେ। ୨ବର୍ଷ ହେବ, ଜମିବିକ୍ରିକୁ ନେଇ ବାପ-ପୁଅଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ସେବେଠାରୁ ପବନ ନିକଟସ୍ଥ ଆମୋଦି ଗାଁରେ ନିଜର ଜଣେ ସଂପର୍କୀୟ ଘରେ ଲୁଚି ରହୁଥିଲେ। ଗତ ଅକ୍ଟୋବରରେ ସ୍ତ୍ରୀ, ନାତୁଣୀ ସହ ପବନ ଦାଦନ ଖଟିବାକୁ ଉତ୍ତରପ୍ରଦେଶ ଯାଇଥିଲେ। ୩ ଦିନ ତଳେ ସେମାନେ ଘରକୁ ଫେରିଥିଲେ। ଶନିବାର ପବନ କୁରୁମୁଣ୍ଡା ଗାଁକୁ ଆସିଥିବା ବେଳେ ବାପ-ପୁଅ ଭେଟ ହୋଇଥିଲେ। ପରେ ଉଭୟ ଗାଁ ନିକଟ ନିଜ ଜମି ପାଖରେ ଏକାଠି ବସି ମଦ ପିଇଥିଲେ। ପରେ ନିଶାସକ୍ତ ଅବସ୍ଥାରେ ଜମିଜମା ବିକ୍ରିକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ରାଗିଯାଇ ତୁଳାରାମ ତାଙ୍କ ବାପା ପବନଙ୍କୁ ନିଜ କ୍ଷେତକୁ ଟାଣି ନେଇଥିଲେ। ସେଠାରେ ଏକ କାଠ ଫାଳିଆରେ ନିର୍ଘାତ ମାଡ଼ ମାରିଥିଲେ। ଫଳରେ ପବନ ସେହିଠାରେ ହିଁ ଟଳି ପଡ଼ିଥିଲେ। ପରେ ତୁଳାରାମ ଘରକୁ ଯାଇ ବାପାଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିବା ତା' ମା'ଙ୍କୁ କହିଥିଲା। ଏପରିକି, ବାପା ମରି ଯାଇଥିବାରୁ ମା'ଙ୍କୁ ଚୁଡ଼ି ଭାଙ୍ଗିବାକୁ କହିଥିଲା। କିନ୍ତୁ ଏହି ଘଟଣାକୁ ମା' ସହଜରେ ବିଶ୍ୱାସ କରି ନଥିଲେ। ହେଲେ ପରେ ଗାଁରେ କଥା ପ୍ରଘଟ ପରେ ହୋଇଥିଲା। ବିଳମ୍ବିତ ରାତିରେ ପୁଲିସ ଖବର ପାଇଥିଲା। ରବିବାର ସକାଳେ ବେଲଟୁକୁରୀ ଥାନାଧିକାରୀ ସୂର୍ଯ୍ୟକାନ୍ତୀ ଦାସଙ୍କ ନେତୃତ୍ୱରେ ପୁଲିସ ଟିମ୍ ଗାଁରେ ପହଞ୍ଚି ଶବ ଜବତ କରିବା ସହ ଅଭିଯୁକ୍ତ ପୁଅକୁ ଗିରଫ କରିଥିଲା।

## ଗୁଣିଆ ସନ୍ଦେହରେ କକାକୁ ଗଳାକାଟି ହତ୍ୟା

ତୁରେକେଲା, ୨୨।୬ (ସମିସ): ଗୁଣିଆ ସନ୍ଦେହରେ କକାକୁ ଗଳାକାଟି ହତ୍ୟା। ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ଖୁଜେନଗାଁରେ ଏଭଳି ଏକ ଘଟଣା ଘଟିଛି। ମୃତକ ହେଲେ, ସେହି ଗାଁର ତୁଳାରାମ ଜାନି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୁଲିସ୍ ଘଟଣାସ୍ଥଳରେ ତଦନ୍ତ କରିବା ସହ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏହାସହ ନମ୍ବର ୧୬୩/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ପୁତୁରା ଡିଙ୍ଗର ଜାନିକୁ ଗିରଫ କରି କୋର୍ଟଚାଲାଣ କରିଛି। କୋର୍ଟରେ ତା'ର ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାକୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, କିଛି ଦିନ ତଳେ ଡିଙ୍ଗରର ବାପାଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଥିଲା। ତେବେ, ଦୁଇ ପରିବାର ମଧ୍ୟରେ ଜମିବାଡ଼ିକୁ ନେଇ ଲାଗି ରହିଥିବା ବିବାଦରୁ ତୁଳାରାମ ହିଁ ତା' ବାପାଙ୍କୁ ଗୁଣିଗାରେଡ଼ି କରି ମାରିଦେଇଥିବା ଡିଙ୍ଗର ସନ୍ଦେହ କରିଥିଲା। ତେଣୁ ସେ ତୁଳାରାମଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲା। ପ୍ରବଳ ଗରମ ଯୋଗୁଁ ଶନିବାର ରାତିରେ ତୁଳାରାମ ଘର ବାହାରେ ଶୋଇଥିଲେ। ରାତି ପ୍ରାୟ ୧୦ଟା ବେଳେ ଡିଙ୍ଗର ତାଙ୍କ ଗଳା କାଟି ଦେଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତୁଳାରାମ କବାଟ ବାଡ଼େଇ ଘର ଭିତରେ ଶୋଇଥିବା ସ୍ତ୍ରୀ ଏବଂ ଝିଅକୁ ଉଠାଇଥିଲେ। ପରିବାରଲୋକ ତୁରନ୍ତ ତାଙ୍କୁ ତୁରେକେଲା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାର ପକ୍ଷରୁ ତୁରେକେଲା ଥାନାରେ ଅଭିଯୋଗ ହେବା ପରେ ପୁଲିସ୍ ତୁଳାରାମଙ୍କ ୪ପୁତୁରାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ତଦନ୍ତ ବେଳେ ଡିଙ୍ଗର୍ ହିଁ ଏହି ହତ୍ୟାକାଣ୍ଡ ଭିଆଇଥିବା ପୁଲିସ୍ ଜାଣିବାକୁ ପାଇଥିଲା। ସେପଟେ ତୁଳାରାମଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଓ ଝିଅ ବେସାହାରା ହୋଇପଡ଼ିଛନ୍ତି।

## ଟ୍ରକ୍ ଧକ୍କାରେ ସ୍କୁଟି ଚାଳକ ମୃତ

ରାଉରକେଲା, ୨୨।୬ (ସମିସ): ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଲାଇଙ୍ଗ ଛକରେ ରବିବାର ଏକ ଟ୍ରକ୍ ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି। ଏଥିରେ ଆଉ ଜଣେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ, ସୁକାନ୍ତ ଡୁଙ୍ଗଡୁଙ୍ଗ (୩୫)। ସେ ଲାଇଙ୍ଗ ଅନ୍ତର୍ଗତ ବରପାଲି ବସ୍ତିରେ ରହୁଥିଲେ। କାଂଶବାହାଲ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୁଲିସ ଜବତ କରିଛି।




ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ଭୁବନେଶ୍ୱର ଶ୍ରୀ ଲିଙ୍ଗରାଜ ମନ୍ଦିର ଓ ଯାଜପୁର ବିରଜା ମନ୍ଦିରରେ ପୂଜାର୍ଚ୍ଚନା

## ଅସୁରକ୍ଷିତ ଓଡ଼ିଶା: ଅନ୍ତର୍ଜାତୀୟ ଲଜ୍ଜା ରାଜ୍ୟର ବର୍ଷକର ଉପଲବ୍ଧି

■ ଓଡ଼ିଶାର ନାଁ ବିଶ୍ୱଦରବାରରେ ଭୂଲୁଣ୍ଠିତ : ଅରୁଣ
■ ଗାଦି ଛାଡ଼ନ୍ତୁ ଓଡ଼ିଶାର ବିଜେପି ସରକାର: ତାରା

ଭୁବନେଶ୍ୱର,୨୨।୬(ସମିସ): ସାରା ଦେଶ ଓ ବିଶ୍ୱରେ ଶାନ୍ତିପ୍ରିୟ ରାଜ୍ୟ ଭାବେ ଏକଦା ସମ୍ମାନ ଅର୍ଜନ କରିଥିବା ଓଡ଼ିଶା ଏବେ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ । ନିଜ ନାଗରିକମାନଙ୍କୁ ଓଡ଼ିଶା ନ ଯିବା ପାଇଁ ଆମେରିକା ବାରଣ କରିବା ପରେ ରାଜ୍ୟବାସୀଙ୍କ ପାଇଁ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି ହୋଇଛି । ବିହାର, ପଶ୍ଚିମବଙ୍ଗ ପରି ଓଡ଼ିଶାର ଆଇନଶୃଙ୍ଖଳା ପରିସ୍ଥିତି ଏକପ୍ରକାର ଭୁଶୁଡ଼ି ପଡ଼ିଛି ଏବଂ ଦୁଷ୍କର୍ମ ଘଟଣା ଦ୍ରୁତଗତିରେ ବୃଦ୍ଧି ପାଉଥିବା ଦର୍ଶାଇ ଆମେରିକା ବୈଦେଶିକ ମନ୍ତ୍ରଣାଳୟ ଓଡ଼ିଶା ସହ ୬ ଭାରତୀୟ ରାଜ୍ୟ ନ ଯିବାକୁ ନିଜ ନାଗରିକମାନଙ୍କୁ ପରାମର୍ଶ ଦେଇଛି। ଓଡ଼ିଶାକୁ ନେଇ ଆମେରିକାର ଏଭଳି ଟିପ୍ପଣୀ ପରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। ବିଜେପି ସରକାର କ୍ଷମତା ଦଖଲର ମାତ୍ର ବର୍ଷକ ମଧ୍ୟରେ ଓଡ଼ିଶାକୁ ଆନ୍ତର୍ଜାତୀୟସ୍ତରରେ ଲଜ୍ଜିତ କରିଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି ।

ବିଜେଡି ବରିଷ୍ଠ ବିଧାୟକ ଡଃ ଅରୁଣ ସାହୁ କହିଛନ୍ତି ଯେ ରାଜ୍ୟରେ ଆଇନ୍‌ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ମହିଳାମାନେ ଅତ୍ୟାଚାର ଓ ବଳାତ୍କାରର ଶିକାର ହେଉଛନ୍ତି। ରାଜ୍ୟରେ ପ୍ରତିଦିନ ମୁଣ୍ଡ ଗଡୁଛି। ନବୀନ ସରକାରଙ୍କ ସମୟରେ ନକ୍ସଲ ଆକ୍ରମଣକୁ ଦମନ କରାଯାଇଥିବା ବେଳେ ଏବେ ଏହା ମୁଣ୍ଡ ଟେକୁଛି। ସମସ୍ତ କଥାକୁ ନେଇ ଆମେରିକା ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଏଭଳି ଘଟଣା ଦ୍ୱାରା ଓଡ଼ିଶା ବିଶ୍ୱଦରବାରରେ




ଯେଉଁ ନାଁ କରିଥିଲା, ତାହା ଏବେ ଭୂଲୁଣ୍ଠିତ ହୋଇଛି। ଆନ୍ତର୍ଜାତୀୟସ୍ତରରେ ଓଡ଼ିଶା ଲଜ୍ଜିତ ହୋଇଛି। ରାଜ୍ୟ ସରକାରଙ୍କ ସତ୍‌ସାହସ ଥିଲେ ସେମାନେ ଟ୍ରମ୍ପଙ୍କୁ ଜୋରଦାର ବିରୋଧ କରନ୍ତୁ; ମାତ୍ର ଏମାନେ ତାହା କରିପାରିବେ ନାହିଁ ବୋଲି ଡଃ ସାହୁ କହିଛନ୍ତି। ଓଡ଼ିଶା ଏବେ ଅଧୋଗତି ଆଡ଼କୁ ଯାଉଛି। ଆମେ ଯାହା କହିଥିଲୁ, ଏବେ ସେଇଆ ଘଟୁଛି। ସରକାର ଏ ଘଟଣାରେ ତୁରନ୍ତ ପ୍ରତିକାର ନ କଲେ ଆଗକୁ ଭୟାନକ ଆନ୍ଦୋଳନ ହେବ ବୋଲି ଡଃ ସାହୁ କହିଛନ୍ତି। ଗୋପାଳପୁର ଏକ ଆନ୍ତର୍ଜାତିକ ପର୍ଯ୍ୟଟନ କ୍ଷେତ୍ର। ଗୋପାଳପୁର ଗଣଦୁଷ୍କର୍ମ ଏଭଳି ଘଟଣା ପାଇଁ ଖୋରାକ୍ ଯୋଗାଇଛି ବୋଲି ସେ କହିଛନ୍ତି।

ଓଡ଼ିଶା ଆନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ହେବା ପରେ ବରିଷ୍ଠ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହୀନିପତି ସରକାରଙ୍କୁ କଡ଼ା ଭର୍ତ୍ସନା କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶା ପାଇଁ ଏହା ଏକ ଲଜ୍ଜାଜନକ ଘଟଣା। କଂଗ୍ରେସ ପୂର୍ବରୁ ମହିଳା ସୁରକ୍ଷା ନେଇ ବିଧାନସଭାରେ ପ୍ରଶ୍ନ ଉଠାଇଛି। ଏଭଳି କାମ ପାଇଁ ସରକାର ମତେ ଦୁଇ ଥର ନିଲମ୍ବନ କରିଛନ୍ତି। ମହିଳାମାନେ ଓଡ଼ିଶାରେ ସୁରକ୍ଷିତ ନୁହଁନ୍ତି ବୋଲି କଂଗ୍ରେସ କରିଥିବା ଅଭିଯୋଗ ଏବେ ସତ୍ୟ ବୋଲି ପ୍ରମାଣିତ ହୋଇଛି। ଆମେରିକା ଓଡ଼ିଶାକୁ ନେଇ ଏଭଳି ମନ୍ତବ୍ୟ ଦେବା ପରେ ସରକାରରେ ରହିବା ପାଇଁ ତାଙ୍କର ଆଉ କୌଣସି ନୈତିକତା ନାହିଁ। ରାଜ୍ୟର ମନ୍ତ୍ରୀମାନେ ଓ ମୁଖ୍ୟମନ୍ତ୍ରୀଙ୍କର ନିଜସ୍ୱ ବୋଲି ଦାୟିତ୍ୱ ନାହିଁ। ଏମାନେ ସମସ୍ତ ଦାୟିତ୍ୱହୀନ ଲୋକ। ସେମାନେ ଇସ୍ତଫା ଦେଇ ଗାଦି ଛାଡ଼ିବା ଦରକାର ବୋଲି ଶ୍ରୀ ବାହିନିପତି କହିଛନ୍ତି।

ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଅକସ୍ମାତ ଭାବେ ଦୁଷ୍କର୍ମ ବଢ଼ିଛି। ବର୍ତ୍ତମାନ ରାଜ୍ୟରେ ଦୈନିକ ହାରାହାରି ୧୫ ଟି ଦୁଷ୍କର୍ମ ହେଉଛି। ଏହାସହିତ ଆଇନ୍‌ଶୃଙ୍ଖଳା ସ୍ଥିତି ମଧ୍ୟ ଭୁଶୁଡ଼ି ପଡ଼ିଥିବା ପରିଲକ୍ଷିତ ହେଉଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତବେଳେ ଖୋଦ୍ ରାଜଧାନୀ ରାଜରାସ୍ତାରେ ଅପରାଧୀମାନେ ଖଣ୍ଡାରେ ହାଣି ମୁଣ୍ଡ ଗଡ଼ାଇ ଦେଉଛନ୍ତି। ଜଣେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କୁ ପ୍ରଥମେ ରାଜଧାନୀ ରାଜରାସ୍ତାରେ ଅସଦାଚରଣ କରାଯିବା ଓ ପରେ ତାଙ୍କୁ ଥାନାରେ ଅକଥନୀୟ ନିର୍ଯ୍ୟାତନା ଦେବା ଖବର ସାରା ଦେଶରେ ଓଡ଼ିଶାର ଛବିକୁ ମଳିନ କରିଛି। ଏହି ଘଟଣା ମନରୁ ନ ଲିଭୁଣୁ ରାଜ୍ୟ ତଥା ଦେଶର ଏକ ପ୍ରମୁଖ ପର୍ଯ୍ୟଟସ୍ଥଳୀ ଗୋପାଳପୁର ବେଳାଭୂମିରେ ଜଣେ ଯୁବତୀଙ୍କୁ ୧୦ ଜଣ ଗଣବଳାତ୍କାର ଘଟଣା ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ସମୟରେ ନିଜ ନାଗରିକଙ୍କୁ ଓଡ଼ିଶା ନ ଯିବା ଲାଗି ଆମେରିକାର ପରାମର୍ଶ ରାଜ୍ୟ ସରକାରଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି ଓ ରାଜ୍ୟବାସୀଙ୍କୁ ଲଜ୍ଜିତ କରିଛି ।

## ୭ରୁ କଳାବ୍ୟାଜ୍ ପିନ୍ଧିବେ ଅମଲା

୧୪ରୁ ଅନିର୍ଦ୍ଦିଷ୍ଟ କାଳଯାଏଁ କାର୍ଯ୍ୟବନ୍ଦ

ଭୁବନେଶ୍ୱର, ୨୨।୬(ସମିସ): ଓଡ଼ିଶା ରାଜସ୍ୱ ଅମଲା ସଂଘର କାର୍ଯ୍ୟକାରିଣୀ ବୈଠକ ରେଡ୍‌କ୍ରସ୍ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୩୦ଟି ଜିଲ୍ଲାର ନେତୃବୃନ୍ଦ ଓ ରାଜ୍ୟ କାର୍ଯ୍ୟକାରିଣୀର ସମସ୍ତ ସଦସ୍ୟ/ସଦସ୍ୟା ଯୋଗ ଦେଇଥିଲେ। ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ଦାବିଗୁଡ଼ିକ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସମସ୍ତ ସଦସ୍ୟ/ସଦସ୍ୟାମାନେ ରାଜ୍ୟ ସରକାରଙ୍କର ମନୋଭାବକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏଥିପ୍ରତି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ପୁନର୍ବାର କୌଣସି ଆଲୋଚନା ନକରି ସିଧାସଳଖ ଆନ୍ଦୋଳନମ୍‌କ ପନ୍ଥା ଆପଣାଇବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ଆଗାମୀ ୧୫ଦିନ ଭିତରେ ରାଜ୍ୟ ସରକାର ଦାବିଗୁଡ଼ିକ ପୂରଣ ନକଲେ ସଂଘ ଜୁଲାଇ ୭ରୁ ୧୧ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରିବ। ଏହାପରେ ବି ସରକାର ଉପରୋକ୍ତ ଦାବି ଉପରେ ପଦକ୍ଷେପ ନ ନେଲେ, ଜୁଲାଇ ୧୪ରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିବା ସଭାପତି ତ୍ରିପତି ବାଲାଜୀ ସାହୁ, ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର ଜଣାଇଛନ୍ତି। ଦାବିଗୁଡ଼ିକ ହେଲା, ଜିଲ୍ଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ଓଆର୍‌ଏସ୍‌ପି-୨୦୧୭ ନିୟମ ଅନୁଯାୟୀ ଲେବେଲ-୯କୁ ବୃଦ୍ଧି, ନୂତନ ପଦ ସୃଷ୍ଟି ଓ ପଦବୀ ପୁନର୍ଗଠନ, କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଲାଗୁ, ୧୯୯୦ ମସିହାରେ ଲାଗୁ ନିୟମାବଳୀ ଅନୁଯାୟୀ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି, ଓଡ଼ିଶା ରାଜସ୍ୱ ସେବା ପଦ୍ଧତିରେ ରାଜସ୍ୱ ଅମଲାମାନଙ୍କୁ ଶତପ୍ରତିଶତ ପଦୋନ୍ନତି ଇତ୍ୟାଦି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂଘ ଅଧ୍ୟକ୍ଷ ଲୋକେଶ୍ୱର ସାହୁ, କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରସନ୍ନ କୁମାର ନାୟକ, ରାଜ୍ୟ ସଂଘର କର୍ମକର୍ତ୍ତା ଏବଂ ସମସ୍ତ ଜିଲ୍ଲା ଶାଖାର ସଭାପତି ସମ୍ପାଦକ ସହିତ ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଜୁନ୍ ୩୦ରୁ ମାଟ୍ରିକ୍ ସପ୍ଲିମେଣ୍ଟାରୀ

କଟକ, ୨୨।୬ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ପରିଚାଳିତ ଦଶମ ଶ୍ରେଣୀ ସପ୍ଲିମେଣ୍ଟାରୀ ପରୀକ୍ଷା ଆସନ୍ତା ଜୁନ୍ ୩୦ ତାରିଖରୁ ଆରମ୍ଭ ହେବ। ଚଳିତ ବାର୍ଷିକ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବା ଏବଂ ପରୀକ୍ଷା ଦେଇପାରିନଥିବା ୩୨୩୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଫର୍ମପୂରଣ କରିଥିଲେ। ସେମାନଙ୍କ ନିମନ୍ତେ ୯୮ଟି କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ଏହି ପରୀକ୍ଷା ଆସନ୍ତା ୩୦ରୁ ଆରମ୍ଭ ହୋଇ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଅନ୍ୟପକ୍ଷରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରମାଣପତ୍ର ପରୀକ୍ଷା ନିମନ୍ତେ ୧୦୩ ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା ରହିଛି। ପ୍ରାୟ ୧୦ ହଜାର ୮୦୯ ପରୀକ୍ଷାର୍ଥୀ ଉକ୍ତ ପରୀକ୍ଷା ଦେବେ। ଉଭୟ ପରୀକ୍ଷା ପାଇଁ ବୋର୍ଡ ୱେବସାଇଟ୍‌ରେ ପ୍ରବେଶ ପତ୍ର ଉପଲବ୍ଧ ଥିବା ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

**୯୮ କେନ୍ଦ୍ରରେ ପରୀକ୍ଷା ଦେବେ ୩୨୩୨ ପରୀକ୍ଷାର୍ଥୀ**

## ନିଯୁକ୍ତି ଆବେଦନ ପାଇଁ ଲାଗିବ ଫି'

ଭୁବନେଶ୍ୱର,୨୨।୬(ସମିସ): ବିଭିନ୍ନ ନିଯୁକ୍ତି ପାଇଁ ଆବେଦନ କରିବାକୁ ଏଣିକି ନିର୍ଦ୍ଧାରିତ ଫି' ଦେବାକୁ ପଡ଼ିବ। ପରୀକ୍ଷା ଦେଉଥିବା ପରୀକ୍ଷାର୍ଥୀଙ୍କୁ ସେହି ଅର୍ଥ ଫେରସ୍ତ କରାଯିବ। ହେଲେ ପରୀକ୍ଷା ଦେଉ ନ ଥିବା ପରୀକ୍ଷାର୍ଥୀଙ୍କୁ ଆଉ ସେହି ଆବେଦନ ଫି' ଫେରସ୍ତ ମିଳବ ନାହିଁ। ଖାମଖିଆଲି ଭାବେ ଆବେଦନ କରୁଥିବା ଆଶାୟୀଙ୍କୁ ନିରୁତ୍ସାହିତ କରିବା ପାଇଁ ଏପରି ବ୍ୟବସ୍ଥା ଆଣିବାକୁ ନିଷ୍ପତ୍ତି ହୋଇଛି।

ଆବେଦନ ସତ୍ତ୍ୱେ ବହୁସଂଖ୍ୟ ଆଶାୟୀ ପରୀକ୍ଷା ଦେଉ ନାହାନ୍ତି। ଏନେଇ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଗତ ମାର୍ଚ୍ଚ ୪ରେ ଅନୁଷ୍ଠିତ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ଏହାର ନିରାକରଣ ସମ୍ପର୍କରେ ବିଚାରବିମର୍ଶ ପରେ ଫି' ଲାଗୁ କରିବାକୁ ନିଷ୍ପତ୍ତି ହୋଇଛି। ରାଜ୍ୟରେ ନିଯୁକ୍ତି ପରିଚାଳନା କରୁଥିବା ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସ୍‌ସି), ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ଏବଂ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି)କୁ ମତାମତ ଓ ପ୍ରସ୍ତାବ ଦେବାକୁ ସାଧାରଣ ପ୍ରଶାସନ ଓ ସାଧାରଣ ବିଭାଗ ପକ୍ଷରୁ କୁହାଯାଇଛି। କେଉଁ ପରୀକ୍ଷା ପାଇଁ କେତେ ଟଙ୍କା ଫି' ଧାର୍ଯ୍ୟ କରାଯିବ ଏବଂ ଆବେଦନକାରୀଙ୍କୁ କିପରି ତାହା ଫେରସ୍ତ କରାଯିବ ସେନେଇ ଆସନ୍ତା ୨୪ ତାରିଖ ମଧ୍ୟରେ ଅବଗତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ରେଲୱେ ବୋର୍ଡ ଓ ଏସ୍‌ଏସ୍‌ବି ପରି କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ନିଯୁକ୍ତି ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଏପରି ନୀତି ଆପଣାଇଛନ୍ତି। ଫଳରେ ଖାମଖିଆଲି ଆବେଦନକାରୀଙ୍କ ସଂଖ୍ୟା ପ୍ରାୟତଃ ନଥାଏ। କାରଣ ପରୀକ୍ଷା ନଦେଲେ ସେମାନଙ୍କ ଫି' ଫେରସ୍ତ ମିଳିବ ନାହିଁ ବୋଲି ଜାଣିବା ପରେ ସେମାନେ ଆବେଦନ କରୁନାହାନ୍ତି। ନୂଆ ନିଷ୍ପତ୍ତି ଦ୍ୱାରା ଆବେଦନକାରୀଙ୍କ ସଂଖ୍ୟା କମିବ। ଫଳରେ ପରୀକ୍ଷାକେନ୍ଦ୍ର କମିବା ସହ ଗୋଟିଏ ସିଫ୍ଟରେ ମଧ୍ୟ ପରୀକ୍ଷା ପରିଚାଳନା ହୋଇପାରିବ। ସରକାରଙ୍କ ବ୍ୟୟଭାର କମିବା ସହ ତ୍ୱରିତ ବେଗରେ ପରୀକ୍ଷା ହୋଇପାରିବ ବୋଲି ଓପିଏସ୍‌ସି ଆଶାୟୀ ଅମ୍ରିତ୍ ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

## ରଥଯାତ୍ରାକୁ ଜଗିବ ୨୭୫ ଏଆଇ କ୍ୟାମେରା

■ ପାଞ୍ଚଥାକିଆ ସୁରକ୍ଷା ବ୍ୟବସ୍ଥା, ୧୦ ହଜାର ସୁରକ୍ଷା କର୍ମୀ
■ ଜଳ, ସ୍ଥଳ ଓ ଆକାଶରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ପୁରୀ,୨୨।୬(ସମିସ): ଏଥର ରଥଯାତ୍ରାରେ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି। ଏହି ଭିଡ଼ ଭିତରେ କୌଣସି ପ୍ରକାର ଅଘଟଣକୁ ଏଡ଼ାଇବା ସହ ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ୍ ସୁପରିଚାଳନା ପାଇଁ ପୁଲିସ ବ୍ୟାପକ ପ୍ରସ୍ତୁତି କରିଛି। ରବିବାର ଅନୁଷ୍ଠିତ ରଥଯାତ୍ରାର ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ ବିଭାଗର ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ପ୍ରଦାନ କରିଥିଲେ।

ସେ କହିଥିଲେ ଯେ ଭକ୍ତଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ ଏବଂ ଟ୍ରାଫିକ୍ ସୁପରିଚାଳନା ଉପରେ ପୁଲିସର ପ୍ରାଥମିକତା ରହିଛି। ଏଥର ରଥଯାତ୍ରା ଅବସରରେ ପୁରୀ-ଭୁବନେଶ୍ୱର, ପୁରୀ-କୋଣାର୍କ ଏବଂ ପୁରୀ-ବ୍ରହ୍ମଗିରି ରାସ୍ତା ସମେତ ସହରର ପ୍ରମୁଖ ଜାଗାରେ ୨୭୫ଟି ଏଆଇ କ୍ୟାମେରା ଲଗାଯାଉଛି। ତ୍ରୁଟିଶୂନ୍ୟ ରଥଯାତ୍ରା ପାଇଁ ଓଡ଼ିଶା ପୁଲିସ ଜାଗ୍ରତ ରହିଛି। ୩୬ଟି ପାର୍କିଂ ସ୍ଥାନ ଚିହ୍ନଟ କରାଯାଇଛି। କୌଣସି ପ୍ରକାର ଆତଙ୍କବାଦୀ କାର୍ଯ୍ୟକଳାପକୁ ମୁକାବିଲା ପାଇଁ କୁଇକ୍-ରିଆକ୍ସନ୍ ଟିମ୍ ଓ ଆଣ୍ଟି-ଟେରରିଷ୍ଟ ସ୍କ୍ୱାଡ୍ ମୁତୟନ ହେବେ। ଶ୍ରୀମନ୍ଦିର ସମ୍ମୁଖରେ ସଶସ୍ତ୍ର ସୁରକ୍ଷା କର୍ମୀ ରହିବେ। ଜଳ, ସ୍ଥଳ, ଆକାଶ ମାର୍ଗରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ୧୦ ହଜାର ସୁରକ୍ଷା କର୍ମୀ ମୁତୟନ ହେବେ। ସମୁଦାୟ ଟ୍ରାଫିକ୍ ବ୍ୟବସ୍ଥା ୩ ଭାଗରେ ବିଭକ୍ତ କରାଯିବ। ଡ୍ରୋନ୍ ସହାୟତାରେ ଟ୍ରାଫିକ୍ ପରିଚାଳନା କରାଯିବ। ଏଥର ରଥଯାତ୍ରା ପାଇଁ ପାଞ୍ଚଥାକିଆ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୩୯ଟି ଟ୍ରାଫିକ୍ ପୋଷ୍ଟ ରହିବ। ଏଆଇ କ୍ୟାମେରା ଓ ଡ୍ରୋନ୍ ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଛି। ନିଆଁ ଲାଗିବା, ଭିଡ଼ ନିୟନ୍ତ୍ରଣ ଓ ଗୁଜବ ରୋକିବା ପାଇଁ ପ୍ରୟାସ କରାଯିବ। ସମୁଦ୍ରରେ ତଟରକ୍ଷୀ ବାହିନୀ ପାଟ୍ରୋଲିଂ କରିବେ ବୋଲି ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି।

## ବର୍ଷାରେ ଧୋଇଗଲା ଡାଇଭର୍ସନ୍ ରାସ୍ତା

ତେଲକୋଇ,୨୨।୬ (ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ କୁନ୍ତଳା ପୂର୍ତ୍ତ ବିଭାଗ ରାସ୍ତାର ଲୋକନାଥପୁର ନିକଟ ବାଉଁଶଯୋର ପୋଲର ଡାଇଭର୍ସନ୍ ରାସ୍ତା ଧୋଇଯାଇଛି। ଫଳରେ



ତେଲକୋଇ-ଜଗମୋହନପୁର, ତେଲକୋଇ-ଦେବଗଡ଼, ତେଲକୋଇ-ସମ୍ବଲପୁର ଏବଂ ତେଲକୋଇ-ରାଉରକେଲାକୁ ଯାତାୟାତ ବ୍ୟାହତ ହୋଇଛି। ଏପରିକି, ୪୯ ନମ୍ବର ଜାତୀୟ ରାଜପଥକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ସେହିପରି ତେଲକୋଇ ବ୍ଲକ୍‌ର ଛାମୁଣ୍ଡା, ଜଗମୋହନପୁର, ବିଞ୍ଜବାହାଳ ଆଦି ପଞ୍ଚାୟତର ୨୦ରୁ ଅଧିକ ଗ୍ରାମ ବ୍ଲକ୍ ମୁଖ୍ୟାଳୟରୁ ବିଚ୍ଛିନ୍ନ ହୋଇପଡ଼ିଛି। ପୂର୍ତ୍ତ ବିଭାଗର ଦାୟିତ୍ୱହୀନତା ଏବଂ ନିମ୍ନମାନର କାମ ଯୋଗୁଁ ଏଭଳି ସମସ୍ୟା ଉପୁଜିଥିବା ଅଭିଯୋଗ ହୋଇଛି।

ସୂଚନାନୁଯାୟୀ, ରବିବାର ଭୋର୍‌ରେ ପ୍ରବଳ ବର୍ଷା ଯୋଗୁଁ ନାଳରେ ଅତ୍ୟଧିକ ଜଳ ପ୍ରବାହିତ ହୋଇଥିଲା। ଠିକାସଂସ୍ଥା ଡାଇଭର୍ସନ ରାସ୍ତାରେ ଅତି ସଙ୍କୁଚିତ ପୋଲ

**୪୯ ନମ୍ବର ରାଜପଥକୁ ଯୋଗାଯୋଗ ବିଚ୍ଛିନ୍ନ**

ନିର୍ମାଣ କରିଥିବାରୁ ପ୍ରବାହିତ ଜଳରେ ପୋଲ ଧୋଇ ଯାଇଥିଲା। ତେବେ ଶେଷ ଖବର ଲେଖା ହେବା ସୁଦ୍ଧା ଏପର୍ଯ୍ୟନ୍ତ ଏହାକୁ ମରାମତି କରାଯାଇନାହିଁ। ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବସ୍ ଓ ଅନ୍ୟାନ୍ୟ ଗାଡ଼ି ସବୁ ଦୋବଲାପାଳ, ଛାମୁଣ୍ଡା ଦେଇ ଏକ ସଂକୀର୍ଣ୍ଣ ରାସ୍ତାରେ ବିପଦସଙ୍କୁଳ ଭାବେ ଯା'ଆସ କରୁଛନ୍ତି। ଜିଲ୍ଲା ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ମଣ୍ଡିରେ ପଡ଼ିରହିଛି ହଜାର ହଜାର କ୍ୱିଣ୍ଟାଲ ଧାନ

କଳମପୁର,୨୨।୬(ସମିସ): କଳାହାଣ୍ଡି ଜିଲ୍ଲା କଳମପୁର ଅଞ୍ଚଳର ମଣ୍ଡିଗୁଡ଼ିକରେ ଧାନ ଉଠାଣ ହୋଇ ନ ପାରି ହଜାର ହଜାର କ୍ୱିଣ୍ଟାଲ ପଡି ରହିଛି। ବର୍ଷାକୁ ଦୃଷ୍ଟିରେ ରଖି ଚାଷୀ ଧାନ ବିକିବାକୁ ତରତର ହେଉଛି; ହେଲେ ଧାନ ଉଠୁନି। ଏଥି ମଧ୍ୟରେ କେତେକଙ୍କ ଟୋକନ ତାରିଖ ସରିଗଲାଣି। ଆଉ କେତେକଙ୍କ ଟୋକନ ତାରିଖ ସରିବାକୁ ବସିଛି। ଧାନର ଆର୍ଦ୍ରତାକୁ ନେଇ ୫ରୁ ୭ କେଜି କଟିଂ କରି ନେବାକୁ ଚାଷୀ ରାଜି ହୋଇଥିଲେ ମଧ୍ୟ ମିଲର୍ସ ଧାନ ଉଠାଇବାକୁ ରାଜି ହେଉନାହିଁ। ୧୨ କିଲୋ କଟିଂ ନ ହେଲେ ଧାନ କିଣିବେ ନାହିଁ ବୋଲି ମିଲର ଜିଦ୍ ଧରି ବସିଛନ୍ତି। ମଣ୍ଡିଗୁଡ଼ିକରେ ଏମିତି ଧାନ ଜମା ହୋଇଛି ଯେ, ଆଉ ମହଜୁଦ ରଖିବାକୁ ଜାଗା ମିଳୁନାହିଁ। ଏହାଫଳରେ ଚାଷୀ ରାସ୍ତା କଡରେ ଧାନ ଜମା କରି ରଖିବାକୁ ବାଧ୍ୟ ହୋଇଛି। ଚାଷୀ ଧାନ ବିକି ପାରି ନ ଥିବା ବେଳେ ଆଗକୁ ଚାଷ ପାଇଁ ସଜବାଜ ହେବା କଷ୍ଟକର ହୋଇ ପଡ଼ିଛି।

ଗତବର୍ଷ ଏହି ସମୟ ମଧ୍ୟରେ ପ୍ରାୟ ଧାନ ଉଠି ମଣ୍ଡି ବନ୍ଦ ହେବାକୁ ବସିଥିଲା। ଚଳିତ ବର୍ଷ ଅଧାଅଧି ଧାନ ମଧ୍ୟ ଉଠିନି। ଅନ୍ୟପକ୍ଷେ ଏବେ ଟାର୍ଗେଟ ସମସ୍ୟା ମଧ୍ୟ ମୁଣ୍ଡ ଟେକିଛି। କିଛି ଏଜେଣ୍ଟ କହିଛନ୍ତି ଯେ ଟାର୍ଗେଟଠାରୁ ଅଧିକ ଧାନ ଉଠି ସାରିଲାଣି। ତେଣୁ ବର୍ତ୍ତମାନ ପଡିଥିବା ଧାନ କେଉଁଠୁ ଆସିଛି ତାହା ସନ୍ଦେହ ସୃଷ୍ଟି କରିଛି। କେତେକ ଚାଷୀ କହିଛନ୍ତି ଯେ ବଡବଡିଆଙ୍କ ଧାନ ଆରାମରେ ଉଠିଛି। ଏହା ବାଦ ଦଲାଲଙ୍କ ଧାନ ମଧ୍ୟ ଉଠୁଛି; କିନ୍ତୁ ଛୋଟ ଚାଷୀ ଓ ପ୍ରକୃତ ଚାଷୀ ବେଳକୁ ନିୟମ କାନୁନ ଦେଖା ଯାଉଛି।



**୧୨ କିଲୋ କଟନି ପାଇଁ ମିଲରଙ୍କ ଜିଦ୍**

ଚାଷୀଙ୍କ ଅଭିଯୋଗ ହେଲା ଯେ ମିଲର୍ସଙ୍କ ଏଜେଣ୍ଟ ବହୁ ବର୍ଷ ହେଲା ଏହି ବ୍ୟବସାୟରେ ଲିପ୍ତ ହୋଇ ଆସୁଛନ୍ତି। କେତେକ କର୍ମଚାରୀ ମଧ୍ୟ ଅନୁରୂପ ଭାବେ କାର୍ଯ୍ୟ କରି ଆସୁଛନ୍ତି। ଏହା ଫଳରେ ସେହି ପାରମ୍ପରିକ ଅଭ୍ୟାସର ପରିବର୍ତ୍ତନ ହୋଇ ପାରୁନାହିଁ। ଯଦି ବର୍ଷା ହେବ ତେବେ ବିପୁଳ ପରିମାଣରେ କ୍ଷୟକ୍ଷତି ହେବ ବୋଲି ସେମାନେ ଅଭିଯୋଗ କରିଛନ୍ତି। ବିଡ଼ମ୍ବନା ହେଉଛି ଚାଷୀମାନେ ଧାନ ବିକ୍ରିକୁ ନେଇ ଅସହଜ ପରିସ୍ଥିତିର ସମ୍ମୁଖୀନ ହୋଇଥିବାବେଳେ ପ୍ରଶାସନ ହାତବାନ୍ଧି ବସିଛି ଓ ସରକାର ଆଖି ମୁଦି ବସିଛନ୍ତି । ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ କଳମପୁର ଗସ୍ତ ସମୟରେ ଧାନ ବିକ୍ରିରେ ସମସ୍ୟା ହେଲେ ସେ ନିଜେ ହସ୍ତକ୍ଷେପ କରିବେ ବୋଲି କହିଥିଲେ। ମାତ୍ର ଏହାପରେ ବିଧାୟକ ମଧ୍ୟ ତୁଣ୍ଡ ଖୋଲୁ ନାହାନ୍ତି। କଳାହାଣ୍ଡି ଜିଲ୍ଲାରେ ମୌସୁମୀ ବର୍ଷା ଆରମ୍ଭ ହୋଇ ସାରିଲାଣି, ମାତ୍ର ଚାଷୀଙ୍କ ହଜାର ହଜାର କ୍ୱିଣ୍ଟାଲ ଧାନ ଏବେ ବି ରାସ୍ତା ଉପରେ ଗଦା ହୋଇଛି । ଥରେ ବର୍ଷା ପାଣି ଖାଇବା ପରେ ଧାନଗୁଡ଼ିକ ନଷ୍ଟ ହେବା ଆଶଙ୍କା ଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି ।

# ରାସ୍ତା ସଂକୁଚିତ, ଶୋଇଛି ଜମି ଅଧିଗ୍ରହଣ ବିଭାଗ

ସମ୍ବଲପୁର, ୨୨।୬(ସମିସ)



ସମ୍ବଲପୁର ଜିଲ୍ଲା ପ୍ରଶାସନ ଓ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସମ୍ବଲପୁର ସହରାଞ୍ଚଳର ସୌନ୍ଦର୍ଯ୍ୟକରଣ ଏବଂ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ହାତକୁ ନିଆଯାଇଛି। ତେବେ, ବିଭାଗୀୟ ସମନ୍ୱୟ ଅଭାବରୁ ଅନେକ କାର୍ଯ୍ୟ ବିଳମ୍ବିତ ହେଉଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ମ୍ୟୁନିସିପାଲିଟି ଛକରୁ ପୀରବାବା ଛକ। ମ୍ୟୁନିସିପାଲିଟି ଛକରୁ ଆରମ୍ଭ କରି ପୀରବାବା ଛକ ପର୍ଯ୍ୟନ୍ତ ରାସ୍ତାକୁ ଫ୍ଲାଏଓଭର ପିଲର୍‌ଠାରୁ ଉଭୟପାର୍ଶ୍ୱରେ ୨୫ ଫୁଟ୍ ଲେଖାଏଁ ଚଉଡ଼ା କରିବା ପାଇଁ ଯୋଜନା କରାଗଲା। ତଦନୁଯାୟୀ ସର୍ଭିସ ରୋଡ ପାଇଁ ଜମି ଅଧିଗ୍ରହଣ କରାଯାଇ ରାଜକୋଷରୁ କୋଟି କୋଟି ଟଙ୍କା ଦିଆଗଲା। ତେବେ, ପୂର୍ତ୍ତ, ରାଜସ୍ୱ ଓ ଭୂ-ଅର୍ଜନ ବିଭାଗର ସମନ୍ୱୟ ଅଭାବରୁ କୋଠାଗୁଡ଼ିକ ଭଙ୍ଗା ଗଲାନାହିଁ। ଏହାଦ୍ୱାରା ରାସ୍ତା ସଂକୁଚିତ ହୋଇ ପଡ଼ିରହିଛି। ଭୂ-ଅର୍ଜନ ଅଧିକାରୀ କାର୍ଯ୍ୟାଳୟ (ଏଲ୍‌ଏଓ) ପକ୍ଷରୁ ଏହାକୁ ଚିହ୍ନଟ କରାଯାଇ ମହାନଗର ନିଗମ ଏନ୍‌ଫୋର୍ସମେଣ୍ଟ ବିଭାଗକୁ ନିର୍ଦ୍ଦେଶ ଦିଆଗଲେ କୋଠା ଗୁଡ଼ିକ ଭଙ୍ଗାଯାଇପାରିବ। ବିଡ଼ମ୍ବନାର ବିଷୟ, ଏଲ୍‌ଏଓ ବିଭାଗର ଉଦାସୀନତା ଯୋଗୁଁ କିଛି ମାଲିକ ଟଙ୍କା ନେବାପରେ ପୁଣି ରାସ୍ତା ଉପରକୁ ନିର୍ମାଣ କରିଛନ୍ତି। ଏହାଦ୍ୱାରା ଚାରିଚକିଆ ଯାନଠାରୁ ଆରମ୍ଭ କରି 'ଆମ ବସ୍' ଚଳାଚଳରେ ବ୍ୟାପକ ଅସୁବିଧା ହେଉଛି। ଏହି ରାସ୍ତାରେ ନିୟମିତ ଟ୍ରାଫିକ୍ ଜାମ୍ ଯୋଗୁଁ ଲୋକେ ହଇରାଣ ହେଉଛନ୍ତି। ପୁଣି ସଂକୁଚିତ ରାସ୍ତାରେ ନାଳ ମଧ୍ୟ ତିଆରି ନହୋଇ ସାମାନ୍ୟ ବର୍ଷାରେ ପାଣି ଜମୁଛି।

ସମ୍ବଲପୁର ସହରର ଲକ୍ଷ୍ମୀଟକିଜ ଛକଠାରୁ କଚେରୀ ଛକ ପର୍ଯ୍ୟନ୍ତ ରାସ୍ତାରେ ଜବରଦଖଲ ଏବଂ ଭୂମି ଅଧିଗ୍ରହଣ ଅଭାବରୁ ସଂକୁଚିତ ହୋଇପଡ଼ିଛି। ଏହି ରାସ୍ତାରେ ଥିବା ଦୋକାନ ଗୁଡ଼ିକ ରାସ୍ତା ଉପରକୁ ମାଡ଼ି ଆସି ଦୋକାନ ସାମ୍ନା ପାର୍କିଂ ଜାଗା ମାଡ଼ି ବସିଥିବାବେଳେ ରହିଥିବା ମଲ୍ ଗୁଡ଼ିକ ନିଜ ଭୂତଳ ପାର୍କିଂକୁ ଗୋଦାମ ଭାବେ ବ୍ୟବହାର କରୁଛନ୍ତି। ରାସ୍ତାରେ ଥିବା ଦୋକାନ ଗୁଡ଼ିକ ଉଭୟ ରାସ୍ତା ମଝିରେ ଥିବା ସ୍ଥାନକୁ ନିଜ କର୍ମଚାରୀ ଓ ଗ୍ରାହକଙ୍କ ପାର୍କିଂ ସକାଶେ ବ୍ୟବହାର କରୁଛନ୍ତି। ମହାନଗର ନିଗମ ପକ୍ଷରୁ ଲକ୍ଷ୍ମୀଟକିଜ ଛକରୁ ପୀରବାବା ଛକ ପର୍ଯ୍ୟନ୍ତ ରାସ୍ତା ମଝି ସ୍ଥାନକୁ 'ପେଡ୍ ପାର୍କିଂ' କରିଥିବାବେଳେ ସ୍ଥାନୀୟ ଜନପ୍ରତିନିଧି ଚାପ ପକେଇ ଏହି କାର୍ଯ୍ୟ ବନ୍ଦ କରାଇଥିଲେ।

ମହାନଗର ନିଗମ ପକ୍ଷରୁ ଲକ୍ଷ୍ମୀଟକିଜ ଛକରୁ ପୀରବାବା ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ ଆବଶ୍ୟକସ୍ଥଳେ ରୟତି ଜମି ତୁରନ୍ତ ଅଧିଗ୍ରହଣ କରି ନିତିଦିନିଆ ଟ୍ରାଫିକ୍ ଜାମ୍‌ରୁ ସମ୍ବଲପୁରବାସୀଙ୍କୁ ମୁକ୍ତି ଦେବାପାଇଁ ସଚେତନ ମହଲରେ ମତପ୍ରକାଶ ପାଉଛି। ଏହି ରାସ୍ତାକୁ ସମ୍ପ୍ରସାରିତ କରାଗଲେ ଦିନତମାମ ହେଉଥିବା ଟ୍ରାଫିକ୍ ଜାମ୍‌ରେ ଲୋକେ ହନ୍ତସନ୍ତ ହେବେନାହିଁ। ଏହାସହ ରାସ୍ତାରେ ପାଣି ଜମୁଥିବାରୁ ରାସ୍ତାକଡ଼ରେ ଏକ ନାଳ ତିଆରି କରାଯାଇପାରିବ। ସମ୍ବଲପୁର ନାଗରିକ କଲ୍ୟାଣ ସମିତି ସଭାପତି ମହେନ୍ଦ୍ର ମିଶ୍ର କହିଛନ୍ତି, ଶୀତଳଷଷ୍ଠୀ ପୂର୍ବରୁ ମ୍ୟୁନିସିପାଲିଟି ଛକରୁ ପୀରବାବା ଛକ ପର୍ଯ୍ୟନ୍ତ ରାସ୍ତା ଅଧିଗ୍ରହଣ କରାଯାଇ ସମ୍ପ୍ରସାରଣ କରାଯିବା ଯୋଜନା ରହିଥିଲା। କିନ୍ତୁ ବିଭାଗୀୟ ଅବହେଳା ଯୋଗୁଁ ତାହା ହୋଇପାରିନାହିଁ। ତୁରନ୍ତ ଏହି ରାସ୍ତାର ଜବରଦଖଲ ଉଚ୍ଛେଦ ଏବଂ ରୟତି ଜମି ଅଧିଗ୍ରହଣ କରି ରାସ୍ତା ସମ୍ପ୍ରସାରଣ ପାଇଁ ଶ୍ରୀ ମିଶ୍ର ଦାବି କରିଛନ୍ତି।



ପୁରୁଣା ମ୍ୟୁନିସିପାଲିଟି ଛକରେ ଥିବା ହାଇମାକ୍ସ ଲାଇଟ୍ ପୋଷ୍ଟ ଉଚ୍ଛେଦ କରାଯାଉଛି

# ୩୦୦ ବୋତଲ କଫ ସିରପ୍ ଜବତ, ୨ ଗିରଫ

**ସମ୍ବଲପୁର, ୨୨।୬ (ସମିସ):** ଅବକାରୀ ବିଭାଗ ଦ୍ୱାରା ଲକ୍ଷ୍ମୀଟକିଜ ଛକ ଓ ଅଇଁଠାପାଲି ଛକଠାରେ ଚଢ଼ଉ କରି ନିଶା ସାମଗ୍ରୀ ଚାଲାଣକାରୀ ଦୁଇ ଜଣଙ୍କୁ ଗିରଫ କରିବାସହ ୩୦୦ ବୋତଲ କଫସିରପ୍ ଜବତ କରାଯାଇଛି। ଏନେଇ ଦୁଇଟି ପୃଥକ୍ ପୃଥକ୍ ମାମଲା ରୁଜୁ କରାଯାଇଛି। ଅବକାରୀ ବିଭାଗ ସମ୍ବଲପୁର-୧ ଦ୍ୱାରା ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ଲକ୍ଷ୍ମୀଟକିଜ ଛକ ନିକଟରେ ଚଢ଼ଉ କରି ହୀରାକୁଦ ଥାନା ଗଡ଼ମୁଣ୍ଡାର ଜନ୍ମେଜୟ ଓରାମ (୩୧)କୁ ଗିରଫ କରି ତା'ଠାରୁ ୧୮୦ ବୋତଲ ୱିନ୍‌ସେରେକ୍ସ କଫସିରପ୍ ଜବତ କରାଯାଇଛି। ସେହିପରି ଅବକାରୀ ବିଭାଗ ସଦର ରେଞ୍ଜ ଦ୍ୱାରା ଅଇଁଠାପାଲି ଥାନା ଅନ୍ତର୍ଗତ ଅଇଁଠାପାଲି ଛକ ନିକଟରେ ଚଢ଼ଉ କରି ହୀରାକୁଦ ଥାନା ଗଡ଼ମୁଣ୍ଡାର ନକୁଳ ଖଡ଼ିଆ (୩୦)କୁ ଗିରଫ କରି ତା'ଠାରୁ ୧୨୦ ବୋତଲ ୱିନସେରେକ୍ସ କଫସିରପ୍ ଜବତ କରିଛି। ଉଭୟ ଅଭିଯୁକ୍ତଙ୍କୁ ଆଜି କୋର୍ଟଚାଲଲାଣ କରାଯାଇଛି।



# ସମ୍ବଲପୁର ପବ୍ଲିକ୍ ଲାଇବ୍ରେରୀରେ ଯୁବପ୍ରସ୍ତୁତି ପ୍ରଶିକ୍ଷଣ

**ସମ୍ବଲପୁର, ୨୨।୬(ସମିସ):** ସମ୍ବଲପୁର ପବ୍ଲିକ ଲାଇବ୍ରେରୀରେ ରବିବାର ରାଷ୍ଟ୍ର ନିର୍ମାଣରେ ଯୁବପ୍ରସ୍ତୁତି ପ୍ରଶିକ୍ଷଣ ଶିବିରର ଅଷ୍ଟମ ସପ୍ତାହର ଶିକ୍ଷାଦାନ ହୋଇଯାଇଛି। ଅନୌପଚାରିକ ଭାବେ ଛାତ୍ରଛାତ୍ରୀଙ୍କୁ ମୌଳିକ ଇଂରାଜୀ ଶିକ୍ଷାଦାନ ପରେ ପ୍ରଥମ ଅଧିବେଶନ ନୈତିକ ଶିକ୍ଷା ଆଧାରରେ ଦୈନନ୍ଦିନ ଜୀବନରେ ଯୋଗକୁ ନେଇ ଡା. ଜୟଦେବ ମେହେର ଓ ସାଥୀ ବିଭିନ୍ନ ମୁଦ୍ରା ଅଭ୍ୟାସ କରାଇଥିଲେ। ଦ୍ୱିତୀୟ ଅଧିବେଶନରେ ସମ୍ବଲପୁର ଆଇଆଇଏମ୍‌ର ଶିକ୍ଷୟିତ୍ରୀ ଶିବାନୀ ଦାଶ ଛାତ୍ରଛାତ୍ରୀଙ୍କ ସହ ଦଳଗତ ଆଲୋଚନା ମାଧ୍ୟମରେ ପିଲାଙ୍କୁ ବିଭିନ୍ନ ପ୍ରକଳ୍ପ ତିଆରି ଓ ଆବଶ୍ୟତତା ଉପରେ ଆଲୋଚନା କରିଥିଲେ। ପଫେସର ସେବକ ତ୍ରିପାଠୀ ଆଜିର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରଫେସର ଅଦିତ୍ୟ ପ୍ରସାଦ ପାଢ଼ୀ, ସଭ୍ୟ ସଚିବ ରଘୁନାଥ ମିଶ୍ର, ପଥ୍ୱୀରାଜ ମିଶ୍ର, ଅର୍ଜୁନ ରଞ୍ଜନ ପଣ୍ଡା, ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମହାନଗର ନିଗମ ଅନ୍ତର୍ଗତ ୧୮ଟି ବିଦ୍ୟାଳୟରୁ ୫୮ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।



# ଗଛ ପଡ଼ି ରାସ୍ତା ଅବରୋଧ

**ରେଢ଼ାଖୋଲ, ୨୨।୬(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବୌଦ୍ଧ ରାସ୍ତାର କଦଳୀଗଡ଼ ଛକ ନିକଟରେ ଶନିବାର ଦିନ ବିରାଟକାୟ ବର ଗଛ ରାସ୍ତା ଉପରେ ମାଡ଼ି ବସିବାରୁ ରେଢ଼ାଖୋଲ ବୌଦ୍ଧ ରାସ୍ତାରେ ଯାତାୟତ ଠପ୍ ହୋଇ ୪ ଘଣ୍ଟା ରାସ୍ତା ଅବରୋଧ ହୋଇଯାଇଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଛିଡ଼ା ହୋଇ ରହିଥିଲା। ଖବର ପାଇ ରେଢ଼ାଖୋଲ ଅଗ୍ନିଶମ ବିଭାଗ ପହଞ୍ଚି ରାସ୍ତାରୁ ଗଛ କାଟି ସଫା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।



# କେନ୍ଦୁପତ୍ର କ୍ରେତା ପରିସୀମା ଅଭିବୃଦ୍ଧି ଓ ବାଣିଜ୍ୟ ଉନ୍ନତୀକରଣ କର୍ମଶାଳା

**ସମ୍ବଲପୁର, ୨୨।୬ (ସମିସ):** ସାରା ଦେଶରେ ଓଡ଼ିଶାର କେନ୍ଦୁପତ୍ରର ଚାହିଦା ଅଧିକ। ଏହାକୁ 'ସବୁଜ ସୁନା' ବୋଲି ମଧ୍ୟ କୁହାଯାଉଛି। ପ୍ରଥମେ ଏହାର ନିଲାମ ହେଉଥିଲା ଏବଂ ପରେ ତାହାର ଟେଣ୍ଡର କରାଗଲା ପୁଣି ଏଥର ନିଲାମ କରାଯିବ। ସରକାରଙ୍କୁ ଯଦି ରାଜସ୍ୱ ଦରକାର ତା'ହେଲେ ସଠିକ୍ ଭାବେ କେନ୍ଦୁପତ୍ର ବନ୍ଧେଇ ହୋଇପାରିଲେ ଏହା ଅଧିକ ମୂଲ୍ୟରେ ବିକ୍ରୟ ହୋଇପାରିବ ବୋଲି ଓଡ଼ିଶା କେନ୍ଦୁପତ୍ର କ୍ରେତା ସଂଘ ସଭାପତି ବିଜୟ ସିଂହାଲା ମତ ରଖିଛନ୍ତି। ଓଡ଼ିଶାରେ ସେହି କେନ୍ଦୁପତ୍ର ରହିଛି, ବନ୍ଧେଇ କରିବା ଲୋକ ବି ସେଇ ସମାନ ତେବେ ଅନଭିଜ୍ଞ ଅଧିକାରୀଙ୍କ ଯୋଗୁଁ ସମସ୍ୟା ହେଉଛି ବୋଲି କହିଛନ୍ତି। ପଶ୍ଚିମବଙ୍ଗ, ଦକ୍ଷିଣ ଭାରତ ସବୁ ସ୍ଥାନରୁ କ୍ରେତା ଆସିଥିବା ବେଳେ ଆସନ୍ତାକାଲି(ସୋମବାର) ନିଲାମ ହେବ ବୋଲି ଜଣାପଡ଼ିଛି। ଏହି କେନ୍ଦୁପତ୍ର ସାରା ଦେଶ ସମେତ ଶ୍ରୀଲଙ୍କାକୁ ରପ୍ତାନି ହୋଇଥାଏ। ସୂଚନା ଅନୁଯାୟୀ, ୨୦୨୨ରେ ୨.୭୮୪ ଲକ୍ଷ କ୍ୱିଣ୍ଟାଲ କେନ୍ଦୁପତ୍ର ୫୮୯.୭୭ କୋଟି ଟଙ୍କାରେ ବିକ୍ରୟ ହୋଇଥିବା ବେଳେ ୨୦୨୩ରେ ୨.୬୨୮ ଲକ୍ଷ କ୍ୱିଣ୍ଟାଲ (୫୫୩.୩୧ କୋଟି) ଏବଂ ୨୦୨୩ରେ ୨.୨୫୪ ଲକ୍ଷ କ୍ୱିଣ୍ଟାଲ (୫୯୩.୦୯ କୋଟି) କେନ୍ଦୁପତ୍ର ବିକ୍ରୟ ହୋଇଛି। ୨୦୨୫ରେ ୨, ୧୬, ୦୦୦ କ୍ୱିଣ୍ଟାଲ ପ୍ରୋସେସ୍‌ଡ କେନ୍ଦୁପତ୍ର ଏବଂ ୪୮, ୭୦୦ କ୍ୱିଣ୍ଟାଲ ଫଲ୍ କେନ୍ଦୁପତ୍ର ଉତ୍ପାଦିତ ହେବ ବୋଲି ଓଡ଼ିଶା ବନ ନିଗମ ପକ୍ଷରୁ ଆଶାପ୍ରକାଶ କରାଯାଇଛି।




ଓଡ଼ିଶା ବନ ଉନ୍ନୟନ ନିଗମର ନିଷ୍ପତ୍ତି ଅନୁଯାୟୀ ଆଜି ପୂର୍ବାହ୍ଣରେ ଅଇଁଠାପାଲିସ୍ଥିତ ଏକ ହୋଟେଲରେ କେନ୍ଦୁପତ୍ର କ୍ରେତା ପରିସୀମା ଅଭିବୃଦ୍ଧି ତଥା ବାଣିଜ୍ୟ ଉନ୍ନତିକରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁନଃ କେନ୍ଦୁପତ୍ର ନିଲାମ କାର୍ଯ୍ୟକ୍ରମ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଦୀର୍ଘ ୬ ବର୍ଷ ପରେ ଅନ୍‌ଲାଇନ୍ ପରିବର୍ତ୍ତେ ପ୍ରତ୍ୟକ୍ଷ ନିଲାମ ହୋଇଛି। ପ୍ରତ୍ୟକ୍ଷ ନିଲାମରେ ଭାଗ ନେବାକୁ ୫୦ରୁ ଉର୍ଦ୍ଧ୍ୱ କ୍ରେତା ଆସିଥିଲେ। କର୍ମଶାଳାରେ ଓଡ଼ିଶାର ୧୯ଟି ଡିଭିଜନ୍‌ର କେନ୍ଦୁପତ୍ର ନିଗମ କର୍ତ୍ତୃପକ୍ଷ ଯୋଗ ଦେଇଥିଲେ।

ଓଡ଼ିଶା ବନ ଉନ୍ନୟନ ନିଗମ ପରିଚାଳନା ନିର୍ଦ୍ଦେଶକ ପ୍ରେମ କୁମାର ଝା ଆଭାସୀ ମାଧ୍ୟମରେ କର୍ମଶାଳାକୁ ଉଦ୍‌ଘାଟନ କରିଥିବାବେଳେ ସମ୍ବଲପୁର କେନ୍ଦୁପତ୍ର ଜୋନ୍ ସାଧାରଣ ପରିଚାଳକ ଟି. ଅଶୋକ କୁମାର ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟତମ ଅତିଥି ମୁଖ୍ୟ ବନ ସଂରକ୍ଷକ ଉମା ନନ୍ଦୁରୀ ମଧ୍ୟ ଆଭାସୀ ମାଧ୍ୟମରେ କର୍ମଶାଳାରେ ଯୋଗଦେଇ କେନ୍ଦୁପତ୍ର ବାଣିଜ୍ୟ ଉନ୍ନତି କରଣ ଓ ଅଭିବୃଦ୍ଧି ବିଷୟରେ ଆଲୋକପାତ କରିଥିଲେ। ସମ୍ବଲପୁର ସର୍କଲ ମୁଖ୍ୟ ବନ ସଂରକ୍ଷକ ସୁଦର୍ଶନ ବେହେରା ଉତ୍ତମ ଗ୍ରାହକ ସମ୍ପର୍କ ସ୍ଥାପନ ସହିତ କେନ୍ଦୁପତ୍ର ସଂଗ୍ରହ ଓ ବିକ୍ରୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ସମ୍ବଲପୁର ସର୍କଲର ସମ୍ବଲପୁର ସମେତ ଝାରସୁଗୁଡ଼ା, ଦେବଗଡ଼, କୁଚିଣ୍ଡା, ରାଉରକେଲା ଓ ରେଢ଼ାଖୋଲର ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) କେନ୍ଦୁପତ୍ର ଉତ୍ପାଦନ ଓ ବିକ୍ରୟ ସମ୍ପର୍କରେ ତଥ୍ୟ ରଖିଥିଲେ। ବନ ନିଗମ ସମ୍ବଲପୁର ଜୋନ୍‌ର ପାଞ୍ଚଜଣ ଖଣ୍ଡିୟ ପରିଚାଳକ ନିଜ ନିଜ ବନଖଣ୍ଡର କେନ୍ଦୁପତ୍ର ବିକ୍ରୟ ବିଷୟରେ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ କେନ୍ଦୁପତ୍ର କ୍ରେତା ସଂଘ ସଭାପତି ବିଜୟ ସିଂହାଲା ଓ କ୍ରେତାମାନେ ସେମାନଙ୍କ ବିଭିନ୍ନ ସମସ୍ୟା ନେଇ ଓଡ଼ିଶା ବନ ଉନ୍ନୟନ ନିଗମ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶେଷରେ କେନ୍ଦୁପତ୍ର ଖଣ୍ଡିୟ ପରିଚାଳକ, ସମ୍ବଲପୁର ଦିଲ୍ଲୀପ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ବୁର୍ଲା ହାଇସ୍କୁଲର ପୁରାତନ ଛାତ୍ର ସଂସଦ ନୂତନ କର୍ମକର୍ତ୍ତା

**ସମ୍ବଲପୁର, ୨୨।୬(ସମିସ):** ବୁର୍ଲା ପିଏମଶ୍ରୀ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସଂସଦର ପୃଷ୍ଠପୋଷକ ଓ ଆଜୀବନ ସଦସ୍ୟ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ୨୦୨୫-୨୭ ବର୍ଷ ପାଇଁ ନୂତନ କାର୍ଯ୍ୟକାରୀ ସମିତି ପୁନର୍ଗଠନ କରାଯାଇଛି। ନୂତନ ସଭାପତି ଭାବେ ରାଜକିଶୋର ଜାଜୋଡିଆ ନିର୍ବାଚିତ ହୋଇଥିବାବେଳେ ଉପସଭାପତି ରମେଶ ଚନ୍ଦ୍ର ଆଚାର୍ଯ୍ୟ ଓ କାଲୁଚରଣ ସ୍ୱାଇଁ, ସମ୍ପାଦକ ଦେବାଶିଷ ନନ୍ଦ, ଯୁଗ୍ମ ସମ୍ପାଦକ ରଶ୍ମିରଞ୍ଜନ ଶତପଥୀ ଓ ଡଃ ଦେବେନ୍ଦ୍ର ମହାଲିକ, କୋଷାଧ୍ୟକ୍ଷ ନୟନ ନାୟକ, କାର୍ଯ୍ୟାଳୟ ପରିଚାଳକ ଅନୁପ ପଣ୍ଡା, ମୁଖ୍ୟ ଉପଦେଷ୍ଟା ନିରଞ୍ଜନ ପଟ୍ଟନାୟକ, ଉପଦେଷ୍ଟା ଇଂ ସୁରେନ୍ଦ୍ର ସିଂ କାବଲି, ଇଂ ବିଭୁତି ଭୁଷଣ ପଣ୍ଡା, ସୁରେଶ ଚନ୍ଦ୍ର ପଣ୍ଡା, ଦେବେନ୍ଦ୍ର କପାନି, ଆସ୍ତିକ ପ୍ରସାଦ ମୁଣ୍ଡ, ହରିଶ ଚନ୍ଦ୍ର ବାଲି ରହିଛନ୍ତି। କାର୍ଯ୍ୟକାରିଣୀ ସଭ୍ୟ ଭାବେ ପ୍ରଶାନ୍ତ ପଣ୍ଡା, ସୁଶାନ୍ତ ଗୁରୁ, ପ୍ରଦୀପ ମିଶ୍ର, ଲକ୍ଷ୍ମୀଧର ମହାନ୍ତି, ବିଷ୍ଣୁ ପ୍ରସାଦ ରକ୍ଷିତ, ପ୍ରଦ୍ୟୁମ୍ନ ମିଶ୍ର, ଯଦୁନନ୍ଦନ ବଡ଼ପଣ୍ଡା, ସୁବ୍ରତ ଶତପଥୀ, ଦୀପ୍ତି ଠାକୁର, ପ୍ରମୋଦ ଦାସ, ସୁବ୍ରତ ପଟ୍ଟନାୟକ, ହରିଶଙ୍କର ପଣ୍ଡା, ମୁକୁଲ କୁମାର ଦାସ ଓ ବସନ୍ତ ନାଏକ ମନୋନୀତ ହୋଇଛନ୍ତି। ଏହାପରେ ସ୍କୁଲର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବିଶେଷକରି ସ୍କୁଲ କୋଠା ଉପରେ ଟିଣ ଛପର, ଆଲୁମିନି ହାଉସ, ପ୍ରାଥମିକ ଶିକ୍ଷୟିତ୍ରୀଙ୍କ ପାଇଁ ଶୌଚାଳୟ ଆଦି ନିର୍ମାଣ କରିବା ପାଇଁ ନୂତନ କାର୍ଯ୍ୟକାରୀ ସମିତି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା।

# ସିଆର୍‌ପିଏଫ୍ ପରିବାର କଲ୍ୟାଣ ସଂଘର ପ୍ରତିଷ୍ଠା ଦିବସ




**ସମ୍ବଲପୁର, ୨୨।୬(ସମିସ):** ସମ୍ବଲପୁର ଗୋଶାଳାସ୍ଥିତ ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟରରେ ସିଆର୍‌ପିଏଫ୍ ପରିବାର କଲ୍ୟାଣ ସଂଘ (କାୱା)ର ୩୦ତମ ପ୍ରତିଷ୍ଠା ଦିବସ ଆନନ୍ଦ ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ଆଞ୍ଚଳିକ କାୱା ସଭାନେତ୍ରୀ ପୁନମ୍ ସିଂହ ମହିଳାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସଂଗଠନର ଗୌରବମୟ ଇତିହାସ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ କାୱା ୨୨ ଜୁନ୍ ୧୯୯୫ରେ 'ସିଆର୍‌ପିଏଫ୍ ମହିଳା କଲ୍ୟାଣ ସଂଘ' ଭାବେ ପ୍ରତିଷ୍ଠା ହୋଇଥିଲା। ଏହି ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶର ପ୍ରତିରକ୍ଷାରେ ନିୟୋଜିତ ଏବଂ ନିଜ ପରିବାରଠାରୁ ଦୂରରେ ରହୁଥିବା ବିଶେଷକରି ନକ୍ସଲ ଏବଂ ବିଦ୍ରୋହ ପ୍ରଭାବିତ ଅଞ୍ଚଳରେ ସାହସୀ ଜୱାନ୍‌ଙ୍କ ପରିବାରକୁ ସାମାଜିକ, ଭାବପ୍ରବଣ ଏବଂ ଆର୍ଥିକ ସହାୟତା ପ୍ରଦାନ କରିବା। ପ୍ରତିଷ୍ଠା ଦିବସ ଅବସରରେ ସପ୍ତାହବ୍ୟାପୀ ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ତନ୍ମଧ୍ୟରେ ଭିମସାର ବୁର୍ଲାର ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚର୍ମ ସ୍ୱାସ୍ଥ୍ୟ ଶିବିର, ମହିଳା ଏବଂ ଶିଶୁମାନଙ୍କ ପାଇଁ କ୍ରୀଡ଼ା, ଚିତ୍ରକଳା, ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ରହିଥିଲା। ଉଲ୍ଲେଖଯୋଗ୍ୟ ଯେ, 'କାୱା' ସଂସ୍ଥା ଦ୍ୱାରା ଗତ ବହୁବର୍ଷ ଧରି ମହିଳା ସଶକ୍ତିକରଣ ପାଇଁ ଉତ୍ସର୍ଗୀକୃତ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟ କରାଯାଉଛି।

# ପିଏଚ୍‌ଡି ଲାଭ



ଶ୍ରୀ ଶ୍ରୀଧର ରଞ୍ଜନ ଦାସ Biju Patnaik University of Technology (BPUT), Rourkela ରୁ ଫାର୍ମାସି ବିଭାଗରେ କୃତିତ୍ୱ ସହ (Ph.D) ଉପାଧି ଲାଭ କରିଛନ୍ତି। Einstein College of Pharmacy, Khurda ର Prof. (Dr.) Bibhuti Bhusana Panigrahi ଏବଂ I.G.I.P.S, Bhubaneswar ର Prof. (Dr.) Manoj Kumar Paniଙ୍କ ତତ୍ତ୍ୱାବଧାନରେ "Formulation and Evaluation of Novel Bilayer Floating Tablet By Using Selective Drugs as GRDDS" ଉପରେ ଗବେଷଣା କରିଥିବା ସନ୍ଦର୍ଭଟି Examiner, Prof. (Dr.) Satyabrata Bhanja, RITEE college of Pharmacy, Raipur ଏବଂ Dr. Rakesh Gupta, Vaish institute of pharmaceutical education, Rohtak, Haryana ଙ୍କ ଦ୍ୱାରା ମୂଲ୍ୟାୟନ ଏବଂ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ଶ୍ରୀଧର ରଞ୍ଜନ ଦାସ ବର୍ତ୍ତମାନ S.I.P.E.R, Cuttack ଠାରେ Associate Professor ଭାବେ କାର୍ଯ୍ୟରତ ଥିବା ସହ ତାଙ୍କର ଗବେଷଣାତ୍ମକ କାର୍ଯ୍ୟ ପାଇଁ ବିଦେଶର ଅନେକେ ଗବେଷଣା ସଂସ୍ଥା ଦ୍ୱାରା ପ୍ରଶଂସିତ ହେବାରେ ସୌଭାଗ୍ୟ ଲାଭ କରିଛନ୍ତି। ସେ ଅନେକ ବହୁ ପ୍ରତିଷ୍ଠିତ ଗବେଷଣାତ୍ମକ ପତ୍ରିକା ପ୍ରକାଶକ ସଂସ୍ଥା ରେ ସମୀକ୍ଷକ ଭାବେ କାର୍ଯ୍ୟ କରି ଦେଶ ଏବଂ ବିଦେଶ ରେ ପ୍ରତିଷ୍ଠା ଲାଭ କରିଛନ୍ତି। ଡ. ଶ୍ରୀଧର ରଞ୍ଜନ ଦାସ କଟକ ଜିଲ୍ଲାର ଯଶପଡା ନିବାସୀ, ଭାରତୀୟ ଖାଦ୍ୟ ନିଗମର ଅବସରପ୍ରାପ୍ତ କର୍ମଚାରୀ ଶ୍ରୀଯୁକ୍ତ ସୁଦାମ ଚରଣ ଦାସ ଏବଂ ଶ୍ରୀମତୀ ବାସନ୍ତୀ ଦାସଙ୍କ ମଧ୍ୟମ ପୁତ୍ର ଅଟନ୍ତି। ସେ କୁନି ବେହେରାଙ୍କ ଏକମାତ୍ର ଜାମାତା ଅଟନ୍ତି। ସେ ଏହି କାର୍ଯ୍ୟର ସଫଳତାର ଶ୍ରେୟ ପ୍ରଭୁ ଶ୍ରୀ ଜଗନ୍ନାଥ, ଝଙ୍କଡ ବାସିନୀ ମା ଶାରଳା, ପିତାମାତା, ପରିବାର, ବନ୍ଧୁ, ପରିଜନ ତଥା ଗବେଷଣା ପାଇଁ ଉତ୍ସାହିତ କରିଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରିଛନ୍ତି।

# ହିଣ୍ଡାଲ୍‌କୋ ପକ୍ଷରୁ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

**ସମ୍ବଲପୁର/ହୀରାକୁଦ, ୨୨।୬ (ସମିସ) :** ହିଣ୍ଡାଲକୋ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଆଜି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଡ଼ମୁଣ୍ଡାଠାରେ ହୀରାକୁଦ ହିଣ୍ଡାଲକୋର ୟୁନିଟ ହେଡ ଦେବାଶିଷ ମଲ୍ଲିକଙ୍କ ପରାମର୍ଶକ୍ରମେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ହିଣ୍ଡାଲକୋ ୟୁନିଟ ମୁଖ୍ୟ ଦେବାଶିଷ ମଲ୍ଲିକ, ହିଣ୍ଡାଲକୋ କମ୍ପ୍ଲେକ୍ସର ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ, ସ୍ମେଲଟର ପ୍ଲାଣ୍ଟ ହେଡ ପ୍ରତାପ ସାହୁ, ପାୱାର ପ୍ଲାଣ୍ଟ ମୁଖ୍ୟ ଅରୁଣ କୁମାର ସିଂ, ପରିବେଶ ବିଭାଗର ମୁଖ୍ୟ ରଞ୍ଜନ କୁମାର ଜେନା, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଡ଼ମୁଣ୍ଡା ପ୍ରଧାନ ଶିକ୍ଷୟିତ୍ରୀ ରୂପଲେଖା ନନ୍ଦ, ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ମୁଖ୍ୟ ସୁକାନ୍ତ ମହାପାତ୍ର, ଲ୍ୟାଣ୍ଡ ଏବଂ କର୍ପୋରେଟ ବ୍ୟାପାର ମୁଖ୍ୟ ବିଘ୍ନେଶ୍ୱର ପଣ୍ଡା ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ୟୁନିଟ ହେଡ ଦେବାଶିଷ ମଲ୍ଲିକ ହିଣ୍ଡାଲକୋ, ହୀରାକୁଦ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା, ମହିଳା, ଯୁବକଙ୍କ ଉନ୍ନତି ସହ ସଂସ୍କୃତି ରକ୍ଷା ପାଇଁ କାମ କରୁଛି ଏବଂ ଆଗକୁ ମଧ୍ୟ ଏହା ଜାରି ରହିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ପଦମନ ପୃଷେଠ, ଦେବେନ୍ଦ୍ର ପ୍ରଧାନ, ସୁଦର୍ଶନ ଖମାରି, ଗଡ଼ମୁଣ୍ଡା ସ୍କୁଲ ପରିଚାଳନା କମିଟିର ସଭାପତି ମଦନ ମୋହନ ପୃଷେଠ, ବରିଷ୍ଠ ନାଗରିକ ଯୋଗେଶ୍ୱର ପ୍ରଧାନ, ଲୋକନାଥ ମିରିଗ, ଶାନ୍ତିଲତା ସୁନା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୩୪୫ ଜଣ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଆବଶ୍ୟକୀୟ ଔଷଧ ବଣ୍ଟନ କରାଯାଇଥିଲା।



# ନବୀନଙ୍କ ଆଶୁଆରୋଗ୍ୟ କାମନା କରି ସମଲେଶ୍ୱରୀଙ୍କ ଠାରେ ସମୂହ ଦୀପଦାନ






ସମ୍ବଲପୁର, ୨୨।୬(ସମିସ)

ଓଡ଼ିଶାର ସର୍ବପ୍ରିୟ ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସର୍ଭିକାଲ ଆର୍ଥ୍ରାଇଟିସ ଅପେରସନ୍ ମୁମ୍ବାଇର କୋକିଲା ବେନ୍ ଧିରୁଭାଇ ଅମ୍ବାନୀ ହସ୍‌ପିଟାଲ୍‌ରେ କରାଯାଇଛି। ବିଜୁ ଜନତା ଦଳର ପୂର୍ବତନ ସମ୍ବଲପୁର ଜିଲ୍ଲା ସଭାପତି ଇଂ. ସିଦ୍ଧାର୍ଥ ଦାସଙ୍କ ଆହ୍ୱାନକ୍ରମେ ମା' ସମଲେଶ୍ୱରୀ ମନ୍ଦିରରେ ନବୀନ ପଟ୍ଟନାୟକଙ୍କ ଅପରେସନ ଆରମ୍ଭ ହେବା ପୂର୍ବରୁ ସମୂହ ଦୀପ ପ୍ରଜ୍ୱଳନ କରିବା ସହ ଆଶୁଆରୋଗ୍ୟ କାମନା କରି ପୂଜାର୍ଚ୍ଚନା କରାଯାଇଥିଲା। ସମ୍ବଲପୁର ଜିଲ୍ଲା ବିଜେଡି ଉପସଭାପତି ଅଶୋକ ମହାକୁର, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶ, ଜିଲ୍ଲା ସମ୍ପାଦକ ତାପସ ପଲେଇ, ଯାମିନୀ ବହିଦାର, ମହିଳା ବିଜେଡି ରାଜ୍ୟ ସମ୍ପାଦିକା ମିତାଲି ସାହୁ, ପୂର୍ବତନ ଏସ୍‌ଡିସି ଉପସଭାନେତ୍ରୀ ରାଖୀ ମୁଣ୍ଡା, ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ସୁବର୍ଣ୍ଣ ନାୟକ, ବରିଷ୍ଠ ନେତା ନାସିର ଖାଁ, ଭରତ ସୁନା, ଯୁବ ନେତା ଲିଙ୍ଗରାଜ ତ୍ରିପାଠୀ, ଇଂ. ନିଶିଥ ଆକାଶ, ଇଂ. ଦୀନେଶ ସେଠ, ବିନୋଦ ଟପ୍ପୋ, ଦିବ୍ୟଜ୍ୟୋତି ଦାନୀ, ନୀଳମଣି ଖମାରି, ଶୋଭାଗିନୀ ସାହୁ, ସରୋଜିନୀ ମୁଣ୍ଡା, ପୁଷ୍ପାଞ୍ଜଳି ମହାନନ୍ଦ, ସନ୍ତୋଷିନୀ ମୁଣ୍ଡା, ଜୁଲି ସାହା, ସୁଜାତା ଗୁରୁ, ରଙ୍କୁବାଳା ବେହେରା, ପ୍ରିୟଙ୍କା ସିଂ, ରୀନା ବାଗ, ଜ୍ୟୋସ୍ନା ନିଖଣ୍ଡିଆ, ସବିତା ସେଠ, ବବଲି ବାଗ, କୁନ୍ତୀ ସେଠ, ତୁଳସୀ ସେଠ ପ୍ରମୁଖ ମା' ସମଲେଶ୍ୱରୀଙ୍କ ନିକଟରେ ସମୂହ ପ୍ରାର୍ଥନାରେ ଅଂଶଗ୍ରହଣ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୀଘ୍ର ଆରୋଗ୍ୟ କାମନା କରିଥିଲେ।

ସେହିପରି ସମ୍ବଲପୁର ବିଜୁ ଜନତା ଦଳ ପକ୍ଷରୁ ସନ୍ଧ୍ୟାରେ ସମଲେଶ୍ୱରୀ ମନ୍ଦିରରେ ସାମୂହିକ ଦୀପ ପ୍ରଜ୍ୱଳନ କରାଯାଇଛି। ଏଥିରେ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ, ସତ୍ୟେନ୍ଦ୍ର ଦାଶ, ପ୍ରଶାନ୍ତ ଥାପା, ବେଣୁଧର ଦାସ, ସୁବାସ ଜେନା, ତପନ ମେହେର, ପ୍ରହଲ୍ଲାଦ ଗୁରୁ, ଦୁଲାଲ ଚନ୍ଦ୍ର ରାୟ, ଭାବେଶ ଚାନ୍ଦ, ଶେଷଦେବ ଗୁରୁ, ସୁକେଶ ସିଂ, ଦେବାଶିଷ ପରିଡ଼ା, ଧର୍ମରାଜ ମରେଇ, ଅନମୋଲ ଦାଶ, ପ୍ରଶାନ୍ତ ନାଏକ, ସୁରେନ୍ଦ୍ର ବିଶ୍ୱାଳ, ରବୀନ୍ଦ୍ର ସିଂ, ପ୍ରଫୁଲ୍ଲ ଦାଶ, ସୌରୀ ପାଣିଗ୍ରାହୀ, ଭାସ୍କର ଦାସ, ବିଜୟ ପଣ୍ଡା, ଗଣେଶ କରାଳି, ସତ୍ୟମ ସାହୁ, ସୋମ ପ୍ରକାଶ ବେହେରା, ଉଷା ପ୍ରଧାନ, ସଂଯୁକ୍ତା ମେହେର, ସଙ୍ଗୀତା ସ୍ୱାଇଁ, ପରହେଜ ଯାହାନ, ପଦ୍ମା ମହାନନ୍ଦ, ପୂଜା ଦେବୀ, ମାମି ଆଇନ୍ଦ, ସୀମା ମଣ୍ଡଳ, ତ୍ରିବେଣୀ ପଣ୍ଡା, ପିଙ୍କି ମେହେର ପ୍ରମୁଖ ସାମିଲ ହୋଇଥିଲେ। ବିଜେଡି ଜିଲ୍ଲା ସଭାପତି ଇଂ.ରୋହିତ ପୂଜାରୀଙ୍କ ବଡ଼ବାପାଙ୍କ ଦେହାନ୍ତ ହୋଇଥିବାରୁ ସେ ଆସି ପାରିନଥିଲେ ମଧ୍ୟ ତାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ

## ■ ବରିଷ୍ଠ ନାଗରିକ ସଂଘ ଓ ରାଜ ପାଥୋଲ୍ୟାବ




ବରଗଡ଼, ୨୨।୬(ସମିସ): ରାଜ ପାଥୋ କ୍ଲିନିକ ଓ ଡାଇଗ୍ନୋଷ୍ଟିକ ଆନୁକୂଲ୍ୟରେ ବରଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସଭ୍ୟଙ୍କୁ ନେଇ ଆନ୍ତର୍ଜାତିକ ଯୋଗ ଦିବସ ତଥା ମାଁ ପାଇଁ ଗଛଟିଏ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶନିବାର ରାଜ ପାଥୋର ନିର୍ଦ୍ଦେଶକ ରାଜ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ପାଥୋ ଲ୍ୟାବ୍‌ର ଉପଦେଷ୍ଟା ନବ କିଶୋର ପାଣିଗ୍ରାହୀ ଅତିଥି ପରିଚୟ ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିଶୁରୋଗ ବିଶେଷଜ୍ଞ ଡ.ଅର୍ଜୁନ ମେହେର ଯୋଗ ଦେଇ ଯୋଗାଭ୍ୟାସର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ଯୋଗଗୁରୁ ଲଳିତ ମୋହନ ପ୍ରଧାନ ପ୍ରାୟ ୫୦ ଜଣ ବରିଷ୍ଠ ନାଗରିକଙ୍କୁ ନେଇ ଉତ୍ତମ ଭାବେ ଯୋଗାସନ କରାଇଥିଲେ। କେଉଁ ଯୋଗ ଦ୍ୱାରା କେଉଁ ରୋଗ ନିରାକରଣ ସମ୍ଭବ ତାହାକୁ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ସଂଘ ସଂଗଠନ ସମ୍ପାଦକ କେଦାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଯୋଗାସନ ପରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଓ ପରାମର୍ଶ ଶିବିର ଆୟୋଜିତ ହୋଇଥିଲା।

## ■ ପାତଞ୍ଜଳୀ ଯୋଗ ସମିତି

ମେଲଛାମୁଣ୍ଡା: ଘେଁସ ସ୍ଥିତ ପାତଞ୍ଜଳୀ ଯୋଗ ସମିତି ପକ୍ଷରୁ ଆନ୍ତର୍ଜାତିକ ଯୋଗଦିବସ ପାଳନ ହୋଇଛି। ମିଳନ ମଣ୍ଡପରେ ପାତଞ୍ଜଳୀ ଯୋଗ ସମିତିର ଜୟନ୍ତ ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ହଳଧର ନାଗ ଯୋଗ ଦେଇଥିଲେ। ଲୋକଙ୍କୁ ଶରୀର ପାଇଁ ଯୋଗର ଆବଶ୍ୟକତା ଉପରେ ବିସ୍ତୃତ ଭାବେ ବୁଝାଇଥିଲେ। ପରେ ଯୋଗ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଜୟନ୍ତ ବରିହା, କୃଷ୍ଣଚନ୍ଦ୍ର ସାହୁ, ସରୋଜ ସାହା, ନାରାୟଣ ଗିଙ୍ଗିରା ପ୍ରମୁଖଙ୍କ ସମେତ ବହୁ ଜନସାଧାରଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ■ ଅଞ୍ଚଳ ମହାବିଦ୍ୟାଳୟ

ପଦ୍ମପୁର: ପଦ୍ମପୁରର ଅଞ୍ଚଳ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ହୋଇଛି। ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡାଙ୍କ ଦ୍ୱାରା ଉଦ୍‌ଘାଟିତ କାର୍ଯ୍ୟକ୍ରମରେ ନୂଆପାଲି ନବ ପ୍ରଭାତ୍ ଗୁରୁକୂଳ ଆଶ୍ରମର ଆଚାର୍ଯ୍ୟ ଡ. ଶିବଶଙ୍କର ଶାସ୍ତ୍ରୀ ଅତିଥି ଭାବେ ଯୋଗ ଦେଇଥିଲେ। ନବପ୍ରଭାତ ଆଶ୍ରମରୁ ଆସିଥିବା ବ୍ରହ୍ମଚାରୀ ସମସ୍ତଙ୍କୁ ଯୋଗାଭ୍ୟାସ କରାଇଥିଲେ। ଯୁବ ରେଡ୍‌କ୍ରସ୍, ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରାଧ୍ୟାପକ ପ୍ରଭାତ ମହାପାତ୍ର, ଅଧ୍ୟାପକ ପ୍ରମୋଦ ପାଣିଗ୍ରାହୀ, ଲିଫ୍ଟେନ୍ଟ ଜୟ ଭୁଏ, ଭୁବନେଶ୍ୱର ବରିହା, ଅଧ୍ୟାପିକା ବୁନି ସାହୁ ଓ କ୍ରୀଡା ଶିକ୍ଷକ ସଦାନନ୍ଦ ସାହୁ ପ୍ରମୁଖ ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସ୍ୱେଚ୍ଛାସେବୀଙ୍କ ବ୍ୟତୀତ ଅନେକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଖଗେଶ୍ୱର ଦାଶ, ପ୍ରାଧ୍ୟାପିକା ତାପିନି ପଣ୍ଡା ଓ ଝୁନୁ ପରିଡ଼ା ରହିଥିଲେ। ପରିଶେଷରେ ଖଗେଶ୍ୱର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଅଧ୍ୟକ୍ଷ, ଅତିଥି, ଅଧ୍ୟାପକ ଅଧ୍ୟାପିକା ତଥା ଛାତ୍ରଛାତ୍ରୀଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା।

## ■ ପାଇକମାଲ ବ୍ଲକ୍



ପାଇକମାଲ: ପାଇକମାଲ ବ୍ଲକ ନୃସିଂହନାଥ ମନ୍ଦିର ପରିସରରେ ମିଳିତ ଭାବେ ପାଇକମାଲ ବିଡିଓ ପ୍ରଫୁଲ୍ଲ ଉଦୁଙ୍କ ତତ୍ତ୍ୱାବଧାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ମହର୍ଷି ଦୟାନନ୍ଦ ଗୁରୁକୁଳ ଯୋଗାଶ୍ରମ ମହାବିଦ୍ୟାଳୟର ଯୋଗ ଶିକ୍ଷକ ଭୁବନେଶ୍ୱର ଶାସ୍ତ୍ରୀ ଯୋଗ ଶିକ୍ଷା ଦେଇଥିବା ବେଳେ ସୁନୀଲ ଜୀ ସହଯୋଗ କରିଥିଲେ। ଅତିଥି ଭାବେ ସୁନୀଲ ଭୋଇ, ପ୍ରଭାତ ତ୍ରିପାଠୀ, ସୁରେନ୍ଦ୍ର ପ୍ରତାପ ସିଂ ବରିହା, ସରୋଜ ସାମଲ, ଯୋଗ ଶିକ୍ଷକ ବଡ ଶତପଥୀ, ମନ୍ଦିର ଟ୍ରଷ୍ଟି ଦେବାଶିଷ ସେହ୍ନା, ବାସନ୍ତୀ ପୂର୍ତ୍ତି, ସୁନିଶ ଦୋରା ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ କଲେଜ କର୍ମଚାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ସାମ୍ବାଦିକଗଣ, ଯୁବକ ତଥା ମହିଳା ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ସେହିପରି ପାଇକମାଲ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଲୋହିତ ବାରିକଙ୍କ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳିତ ହୋଇଛି। ଯୋଗ ପ୍ରଶିକ୍ଷକ ଦେବେନ୍ଦ୍ର ସାହୁ ଓ ଅଧ୍ୟାପକ ଅଙ୍କିତ ଦାସ ଯୋଗ ଶିକ୍ଷା ଦେଇଥିଲେ। ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ତଥା ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶେଷରେ ଅଧ୍ୟାପକ ପ୍ରଦୀପ ଦେୱାନ ଧନ୍ୟବାଦ ଦେଇଥିଲେ। ସେହିପରି ମାଣ୍ଡୋସିଲରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଯୁକ୍ତଦୁଇ କଲେଜ, ଡୁମ୍ବେରବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଜାମସେଠ ପଞ୍ଚାୟତ ହାଇସ୍କୁଲ, ଛିନ୍ଦେଇକେଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି।

# ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ପଥପ୍ରାନ୍ତ ସଭା




ବରଗଡ଼, ୨୨।୬(ସମିସ): ରାଜ୍ୟର ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ରାଜ୍ୟ ସଭାପତି ବିଶ୍ୱ ରଞ୍ଜନ ଦାସଙ୍କ ନିର୍ଦ୍ଦେଶକ୍ରମେ ବରଗଡ଼ ଜିଲ୍ଲାର ଭଟଲି ବ୍ଲକରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜୁନ୍ ୨୦୦୮ ରୁ ଜୁନ୍ ୨୦୧୮ ମଧ୍ୟରେ କାର୍ଯ୍ୟରତ ଅନୁଦାନ ଓ ଅଣ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ପରିସରଭୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ଅଧ୍ୟାପକ ସଉରି ନାରାୟଣ ସାହୁ, ଶଙ୍କର ପ୍ରଧାନ, ଚୈତନ୍ୟ ପୋଢ଼ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭାଲୁଟାଲ ଗାଁରେ ଡାଇରିଆ ଆତଙ୍କ

## ନିୟନ୍ତ୍ରଣ କଲା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ



ଅମ୍ବାଭୋନା, ୨୨।୬(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଭୈନାତୁରା ପଞ୍ଚାୟତରେ ଥିବା ଭାଲୁଟାଲ ଗାଁରେ ଝାଡ଼ାବାନ୍ତିର ଆତଙ୍କ ଦେଖାଯାଇଛି। ଗତ ୧୬ ତାରିଖରୁ ଝାଡ଼ାବାନ୍ତି ଆରମ୍ଭ ହୋଇଥିଲା। ୧୭ରେ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଖବର ପାଇ ଭାଲୁଟାଲ ଗାଁକୁ ଯାଇ ଚିକିତ୍ସା କରାଯାଇଥିଲା। ୧୮ ରେ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରୁ ଜିଲ୍ଲା ଜଳ ଯୋଗାଣ ବିଭାଗଙ୍କ ସହିତ ଡାକ୍ତରୀ ଟିମ ଗାଁକୁ ପରିଦର୍ଶନ କରି ନଳକୂପ ଗୁଡିକର ପାଣି ପରୀକ୍ଷା ନିମନ୍ତେ ନେଇଛନ୍ତି। ନଳକୂପରୁ ଦୂଷିତ ପାଣି ବାହାରୁଥିବା ଯୋଗୁଁ ସେଥିରୁ ପାଣି ପିଇବା ପାଇଁ ଗ୍ରାମବାସୀଙ୍କୁ ମନା କରାଯାଇଛି। ଜିଲ୍ଲା ଜଳଯୋଗାଣ ବିଭାଗ ଦ୍ୱାରା ପିଇବା ପାଣି ପାଇଁ ଟ୍ୟାଙ୍କରର ବ୍ୟବସ୍ଥା କରାଯାଇଛି। ଗାଁରେ ୨୨ ଜଣ ବର୍ତ୍ତମାନ ସୁଦ୍ଧା ଆକ୍ରାନ୍ତ ହୋଇଛନ୍ତି। ସେଥିରୁ ୧୩ ଜଣ ସୁସ୍ଥ ହୋଇଥିବା ବେଳେ ୯ ଜଣ ଗ୍ରାମରେ ଚିକିତ୍ସିତ ହେଉଛନ୍ତି। ୨ ଜଣଙ୍କୁ ଖେଦାପାଲି ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠା ଯାଇଛି। ଗାଁରେ କ୍ୟାମ୍ପ ଲାଗି ସ୍ୱାସ୍ଥ୍ୟ କର୍ମୀ ରହିଛନ୍ତି। ବର୍ତ୍ତମାନ ଝାଡ଼ାବାନ୍ତିର ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଠିକ୍ ସମୟରେ ସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ନେଇଥିବାରୁ ଝାଡାବାନ୍ତି ଆଉ ବ୍ୟାପି ପାରି ନ ଥିଲା। ତେବେ ବର୍ତ୍ତମାନ ଗାଁର ସ୍ଥିତି ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣରେ ଅଛି। ନଳକୂପ ପାଣି ଯୋଗୁଁ ଝାଡାବାନ୍ତି ବ୍ୟାପିଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କୁବେର ମହନ୍ତ କହିଛନ୍ତି।

# ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ମନ୍ଦିରରେ ପୂଜାର୍ଚ୍ଚନା



ଭେଡେନ, ୨୨।୬(ସମିସ): ଭେଡେନ ବ୍ଲକ ଅଧୀନ ବକଟି ପଞ୍ଚାୟତର ବୁରଦା ଗାଁ ସ୍ଥିତ ସମଲେଶ୍ୱରୀ ମନ୍ଦିରରେ ବ୍ଲକ ବିଜୁ ଜନତା ଦଳର କର୍ମକର୍ତ୍ତାଙ୍କ ଗହଣରେ ପୂଜକ ବିକାଶ ଝାଙ୍କର ପୂଜାର୍ଚ୍ଚନା କରି ମାଁ ସମଲେଶ୍ୱରୀଙ୍କ ଆଳତି କରିଥିଲେ। ଉପସ୍ଥିତ ସମସ୍ତ ସଦସ୍ୟ ଦୀପଜାଳି ମାଁଙ୍କୁ ପ୍ରାର୍ଥନା କରିଥିଲେ। ଚିକିତ୍ସା ପାଇଁ ମୁମ୍ବାଇ ଗସ୍ତରେ ଥିବା ବିଜେଡି ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ମାଁ ସମଲେଶ୍ୱରୀଙ୍କ ଆଶୀର୍ବାଦରେ ଶୀଘ୍ର ସୁସ୍ଥ ହୋଇ ଫେରିବାକୁ ଅଖଣ୍ଡ ଦୀପ ଜଳାଇ ଥିଲେ। କାର୍ଯ୍ୟକ୍ରମରେ ବ୍ଲକ ସଭାପତି ହରିଶଙ୍କର ବେହେରା, ଜିଲ୍ଲାପରିଷଦ ସଭ୍ୟା ପଦ୍ମିନୀ ଗଡ଼ତିଆ ଓ ମମତା ବାଘ, ସଭ୍ୟ ସତ୍ୟଜିତ ପୁରୋହିତ, ସରପଞ୍ଚ ଲୋଚନା ସେଠ ଓ ସୁରେନ୍ଦ୍ର କର୍ମୀ, ପୂର୍ବତନ ସରପଞ୍ଚ ଅରବିନ୍ଦ ହୋତା, ସୁଶାନ୍ତ ସାହୁ, ଭେଡେନ ପଞ୍ଚାୟତ ସଭାପତି ନରସିଂହ ରଥ, ପ୍ରଫୁଲ୍ଲ ପଣ୍ଡା, ଅକ୍ଷୟ ପଣ୍ଡା, ଗଦାଧର ପଣ୍ଡା, ନିର୍ମଳ ପଶାୟତ, ଉତ୍ପଳ ସେଠ, ଡିଲେଶ୍ୱର ମଲ୍ଲିକ, ଗୋବର୍ଦ୍ଧନ ଝାଙ୍କର, ଦେବାଂଶୁ ପଣ୍ଡା, ମହନ ଦୋରା, ସତ୍ୟ ପେରା ପ୍ରମୁଖଙ୍କ ସହ ଶତାଧିକ କର୍ମୀ ମାଁଙ୍କୁ ଦୀପ ଜଳାଇ ପ୍ରାର୍ଥନା କରିଥିଲେ।

# ବରଗଡ଼ରେ ବିଜେଡିର ଦୀପଦାନ ଓ ପୂଜାର୍ଚ୍ଚନା



ବରଗଡ଼,୨୨।୬(ସମିସ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ବରଗଡ଼ ବିଜେଡି ପକ୍ଷରୁ ସ୍ଥାନୀୟ କାଳୀ ମନ୍ଦିରରେ ପୂଜାର୍ଚ୍ଚନା ସହ ସାମୂହିକ ଦୀପ ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବରଗଡ଼ ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ପୌର ଅଧ୍ୟକ୍ଷା କଳ୍ପନା ମାଝୀ ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲଙ୍କ ସମେତ ସମସ୍ତ କାଉନସିଲର ବୃନ୍ଦ ଓ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ। ସମସ୍ତେ ମିଶି ପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ସଫଳ ଅସ୍ତ୍ରୋପଚାର ସହିତ ଆଶୁ ଆରୋଗ୍ୟ କାମନା କରିଥିଲେ।

# ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା ସଭା



ଅମ୍ବାଭୋନା, ୨୨।୬(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଭୁକ୍ତା ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଓ ଓଡ଼ିଆ ବିଭାଗର ଦୁଇ ଜଣ ବରିଷ୍ଠ ଅଧ୍ୟାପକ ଡ.ଜୟନ୍ତ ସାହୁ ଏବଂ ସୁରେଶ ଭୋଇ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଅନ୍ୟ ମହାବିଦ୍ୟାଳୟକୁ ବଦଳି ହୋଇଛନ୍ତି। ତାଙ୍କୁ ସମ୍ବର୍ଦ୍ଧନା ପାଇଁ ଏକ ସଭା ଶନିବାର ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଧ୍ରୁବ ଚରଣ ସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ଅଧ୍ୟାପକ କିଶନ ଅଗ୍ରୱାଲ, ସୁରଜ ପଟେଲ, ଚିନ୍ମୟ ପ୍ରଧାନ, ବିରମନ ପ୍ରଧାନ, ଆରଏନ ଭୋଇ, ଜୟନ୍ତ ବାରିକ, ଦମୟନ୍ତି ହୋତା, ଅନୁପମା ପ୍ରଧାନ ପ୍ରମୁଖ ସେମାନଙ୍କ କର୍ମମୟ ଜୀବନର ପ୍ରଶଂସା କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶେଷରେ ଅନୁଷ୍ଠାନର ଅଧ୍ୟକ୍ଷଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକୁ ଅଧ୍ୟାପକ ଜଗଦିଶ ନାୟକ ପରିଚାଳନା କରିଥିବା ବେଳେ ଅଧ୍ୟାପକ ପ୍ରଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋପବନ୍ଧୁ ସ୍ମାରକୀ ବକ୍ତୃତା ପ୍ରତିଯୋଗିତା



ପଦ୍ମପୁର, ୨୨।୬(ସମିସ): ପଦ୍ମପୁର ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ରବିବାର ଗୋପବନ୍ଧୁ ସ୍ମାରକୀ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ପଦ୍ମପୁରର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବିଚାରକ ଭାବେ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଅମୃତା ବାରିକ, ରବିନା ପଧାନ, ସୁନନ୍ଦା ସାହୁ, ବୃନ୍ଦାବତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବକ୍ତୃତାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସିଦ୍ଧାର୍ଥ ଶେଖର ସାହୁ ପ୍ରଥମ, ଦ୍ୱିତୀୟରେ ସହେଲି ସାହୁ ଓ ତୃତୀୟରେ ପିଏମ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶ୍ରାବଣୀ ମିଶ୍ର ପ୍ରମୁଖ ପୁରସ୍କୃତ ହୋଇଥିଲେ। ଅତିଥି ଭାବେ ସାମାଜିକ କର୍ମୀ ନିରୋଜ ଦୋରା, ପିଏମଶ୍ରୀ ହାଇସ୍କୁଲର ପ୍ରଧାନଶିକ୍ଷକ ଗୋପାଳ ଜୀ ପାଣୀଗ୍ରାହୀ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ନରେନ୍ଦ୍ର ପ୍ରଧାନ, ହରି ସାହୁ, ଉର୍ମିଳା ସାହୁ, ଚିତ୍ରା ଖରସେଲ, ପ୍ରଦୀପ୍ତ ଦାଶ, ଅଶ୍ୱିନୀ ଧରୁଆ ପ୍ରମୁଖ ସହଯୋଗ କରିଥିଲେ। ସମାଜ ପ୍ରତିନିଧି ସୂର୍ଯ୍ୟମଣୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା



ବିଜେପୁର, ୨୨।୬(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ପ୍ରବେଶ ଦ୍ୱାର ଓ ଡାକ୍ତରଖାନା ପରିସରରେ ସାମାନ୍ୟ ବର୍ଷା ହେଲେ ବର୍ଷାପାଣି ଜମିରହୁଛି। ଫଳରେ ରୋଗୀ, ଜନସାଧାରଣ ଓ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚଳପ୍ରଚଳ ବେଳେ ଅନେକ ଅସୁବିଧା ଭୋଗିବାକୁ ପଡୁଛି। କାଦୁଅ ପାଣି ଭିତରେ ଯାଆସ କରିବାକୁ ପଡୁଛି। ରାଜ୍ୟରେ ହଇଜା ହୁ ହୁ ହେଇ ବ୍ୟାପୁଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରରେ ହିଁ କାଦୁଅ ପାଣି ଜମି ଅପରିଷ୍କାର ହୋଇ ରହୁଛି। ଦୂଷିତ ଓ କାଦୁଅ ପାଣି ବିଭିନ୍ନ ରୋଗ ବୃଦ୍ଧି କରିବାର ସମ୍ଭାବନା ରହିଛି। ପ୍ରକାଶ ଥାଉ କି ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପ୍ରାୟ ୨୩ ପଞ୍ଚାୟତର ୧୧୦ଟି ଗାଁର ଲୋକେ ନିର୍ଭର କରିଥାନ୍ତି। ତେଣୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଏହି ଅବ୍ୟବସ୍ଥାକୁ ତୁରନ୍ତ ସୁଧାରିବା ପାଇଁ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ଭେଡେନରେ ଅବକାରୀ, ସ୍ୱାସ୍ଥ୍ୟ ଓ ପୁଲିସର ଚଢ଼ଉ



ଭେଡେନ, ୨୨।୬(ସମିସ): ଭେଡେନ ବ୍ଲକ ଅଞ୍ଚଳରେ ବରଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ପୁଲିସ ବିଭାଗ ଏବଂ ଅବକାରୀ ବିଭାଗ ପକ୍ଷରୁ ମିଳିତ କାର୍ଯ୍ୟକାରୀ ସ୍କ୍ୱାଡ ଶନିବାର ଚଢ଼ଉ କରିଛି। ତମାଖୁ ନିୟନ୍ତ୍ରଣ ନିୟମ ଭଙ୍ଗକରି ସର୍ବସାଧାରଣ ସ୍ଥାନରେ ତମାଖୁ ଉତ୍ପାଦ ବିକ୍ରି କରୁଥିବା ୯ ଜଣ ଖିଲାପକାରୀଙ୍କ ଠାରୁ ସମୁଦାୟ ୧୮୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ସେହିପରି ଅସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରି କରୁଥିବାରୁ ହଜାରେ ଟଙ୍କା ଆଦାୟ ସଂଗ୍ରହ ହୋଇଛି। ଏହାସହ ଡାଇରିଆକୁ ଆଖି ଆଗରେ ରଖି ସବୁ ହୋଟେଲ, ଠେଲା ଦୋକାନୀଙ୍କୁ ସଫା ପାଣି ଦେବା, ସଫା ସୁତୁରା ପରିବେଶ ରଖିବା ତଥା ବାସି ଖାଦ୍ୟ ନ ଦେବା, ଖାଦ୍ୟରେ ରଙ୍ଗ ବ୍ୟବହାର ନ କରିବା, ଖବରକାଗଜରେ ଖାଦ୍ୟ ସାମଗ୍ରୀ ନ ଦେବାକୁ ଦୃଢ଼ ନିର୍ଦ୍ଦେଶ ଦିଆଯାଇଛି। ଭେଷଜ ବ୍ୟବସାୟୀମାନଙ୍କୁ ନାର୍କୋଟିକ ଔଷଧ ଗୁଡିକୁ ବିନା ଡାକ୍ତରୀ ପରାମର୍ଶରେ ବିକ୍ରି କରିପାରିବେ ନାହିଁ ବୋଲି କୁହାଯିବା ସହ ତମାଖୁ ବ୍ୟବହାରର କ୍ଷତି ବିଷୟରେ ସଚେତନ କରାଯାଇଛି। ମିଳିତ କାର୍ଯ୍ୟକାରୀ ସ୍କ୍ୱାଡରେ ସ୍ୱାସ୍ଥ୍ୟ ବିଭାଗରୁ ଜିଲ୍ଲା ଭେଷଜ ନିରୀକ୍ଷକ ସୁନିତା ନାଗ, ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ପରମେଶ୍ୱର ନାଏକ, ଜିଲ୍ଲା ପରାମର୍ଶଦାତା ସ୍ୱାଗତିକା ବେହେରା, ଅବକାରୀ ବିଭାଗରୁ ଏସଆଇ ଅନୁତି ମିଚ୍ଚ ଓ ଟିମ୍ ଏବଂ ପୁଲିସ ବିଭାଗରୁ ଏସଆଇ ଦିପକ ସାହୁ ଓ ଟିମ୍ ଉପସ୍ଥିତ ଥିଲେ।

# ଭିନ୍ନକ୍ଷମ ଡ୍ରପ୍‌ଆଉଟ୍ ଛାତ୍ରୀଙ୍କୁ ସହଯୋଗ କଲେ ସିଆର୍‌ସିସି




ବରଗଡ଼, ୨୨।୬(ସମିସ): ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ବୈତାଳି କ୍ଲଷ୍ଟର ସିଆରସିସି ଦିବସ ସାହୁ ସବୁବେଳେ ଛାତ୍ରଛାତ୍ରୀଙ୍କୁ ସହାୟତା ଯୋଗାଇ ଦେବାକୁ ଆଗଭର ରହିଥାନ୍ତି। ଅଧାରେ ପାଠ ଛାଡ଼ିଥିବା ଛାତ୍ରଛାତ୍ରୀଙ୍କ ଘରକୁ ଘର ଯାଇ ସେମାନଙ୍କ ପାରିବାରିକ ପରିସ୍ଥିତି ପରଖି ଯଥା ସମ୍ଭବ ସରକାରୀ ସହାୟତା ଯୋଗାଇ ଦେବାକୁ ସେ ପ୍ରୟାସ କରିଆସୁଛନ୍ତି। ଯାହାଦ୍ୱାରା ଅନେକ ଛାତ୍ରଛାତ୍ରୀ ଉପକୃତ ହେଉଛନ୍ତି।

ବୈତାଳି କ୍ଲଷ୍ଟର ଅଧୀନ ସଂକ୍ରି ଗାଁର ଲିଲିମା ପାଣ୍ଡେ ଜନ୍ମରୁ ଜଣେ ସୁସ୍ଥ ସବଳ ଶିଶୁ ଥିଲେ। କିନ୍ତୁ ୪ ବର୍ଷ ପରେ କୌଣସି ଅଜଣା ରୋଗରେ ଆକ୍ରାନ୍ତ ହୋଇ ଠିକ ଭାବେ ଚାଲି ପାରୁନାହାନ୍ତି। କଥାବାର୍ତ୍ତା ମଧ୍ୟ ଠିକ୍‌ରେ କରି ପାରୁନାହାନ୍ତି। ଗତ ଗ୍ରୀଷ୍ମ ଅବକାଶ ପୂର୍ବରୁ ହୋଇଥିବା ଡ୍ରପଆଉଟ ସର୍ବେକ୍ଷଣ ବେଳେ ସଂକ୍ରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସବିତ ମହାଲିଙ୍ଗଙ୍କ ଠାରୁ ଜାଣିବା ପରେ ସ୍କୁଲ ଖୋଲିବା ଦିନ ସିଆରସିସି ଶ୍ରୀ ସାହୁ ଏବଂ ସବିତ ମହାଲିଙ୍ଗ ଲିଲିମାଙ୍କ ଘରକୁ ଯାଇଥିଲେ। ସେଠାରେ ତାଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ପ୍ରଥମେ ତାଙ୍କର ଭିନ୍ନକ୍ଷମ ପ୍ରମାଣପତ୍ର ତିଆରି କରିବା ପାଇଁ ଆବେଦନ କରିବାକୁ କହିଥିଲେ। ଯେହେତୁ ୨୧ ତାରିଖରେ ଝାରବନ୍ଧ ବ୍ଲକ ଅଫିସରେ ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହେବ, ଆଜି ହିଁ ଅନଲାଇନ କରିବାକୁ ପଡ଼ିବ ଏବଂ ସୁବିଧାରେ ପ୍ରମାଣପତ୍ର ପାଇପାରିବେ ବୋଲି ବୁଝାଇଥିଲେ। କିନ୍ତୁ ଗାଁରେ ଅନଲାଇନ ସୁବିଧା ହେଇପାରୁ ନଥିବାରୁ ନିଜ କ୍ଲଷ୍ଟର ଅଫିସରେ ଯାଇ ନିଜେ ଅନଲାଇନ ଆବେଦନ କରି ଦେଇଥିଲେ। ଅନେକ ଦିନରୁ ଝିଅର ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଚେଷ୍ଟା କରିଆସୁଥିଲେ ସୁଦ୍ଧା କୌଣସି ସହଯୋଗ ପାଇନଥିବା ଲିଲିମାଙ୍କ ବାପା ଜନକ ଶ୍ରୀ ସାହୁଙ୍କୁ କହିଥିଲେ। ଶ୍ରୀ ସାହୁଙ୍କ ମହତ କାର୍ଯ୍ୟ ପାଇଁ ସଂକ୍ରି ବିଦ୍ୟାଳୟର ଶିକ୍ଷକ ମହଲ ତଥା ଅଭିଭାବକ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ ସଂକ୍ରି ଗାଁର ଅନେକ ଛାତ୍ରଛାତ୍ରୀ ସିଆରସିଙ୍କ ଉଦ୍ୟମକ୍ରମେ ମୁଖ୍ୟ ସ୍ରୋତରେ ସାମିଲ ହୋଇ ପାରିଛନ୍ତି। ତାଙ୍କ ପ୍ରୟାସ କ୍ରମେ ଜଣେ ଛାତ୍ରୀ କର୍କଟରୋଗରୁ ମୁକ୍ତି ପାଇ ଉଚ୍ଚଶିକ୍ଷା ପାଉଥିବା ବେଳେ ଦୁଇ ଜଣ ବାପ ମାଁ ଛେଉଣ୍ଡ ଶିଶୁ ସରକାରୀ ସ୍ତରରେ ମାସିକ ୪ହଜାର ଟଙ୍କାର ଆର୍ଥିକ ସହାୟତା ପାଉଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଉପଯୁକ୍ତ ବୌଦ୍ଧିକ ଓ ଆର୍ଥିକ ସହାୟତା ମିଳିଲେ କୃଷି କ୍ଷେତ୍ର ନିଯୁକ୍ତିଭିତ୍ତିକ ଅର୍ଥନୈତିକ ପ୍ରଗତିରେ ଉଲ୍ଲେଖନୀୟ ଯୋଗଦାନ ଦେଇପାରିବ।
-ଏମ୍ ଏସ୍ ସ୍ୱାମୀନାଥନ୍

## ଶ୍ରମିକ ମାରଣ ନୀତି

ଦେଶରେ ବେରୋଜଗାରୀ ହାର ଗତ ମେ' ମାସରେ ପୂର୍ବ ମାସ ତୁଳନାରେ ୦.୫ ପ୍ରତିଶତ ବୃଦ୍ଧି ପାଇଛି। ୧୪୫ କୋଟି ଜନସଂଖ୍ୟା ବିଶିଷ୍ଟ ଏକ ଦେଶ ପାଇଁ ଏହି ପରିସଂଖ୍ୟାନ କେତେ ଉଦ୍‌ବେଗଜନକ ତାହା ବୁଝାଇ କହିବା ଆବଶ୍ୟକ ନାହିଁ। ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳକୁ ମିଶାଇ ଏହି ପରିସଂଖ୍ୟାନ ପ୍ରକାଶ ପାଇଥିବା ବେଳେ ଅମଳ ପରେ କୃଷି ଶ୍ରମିକମାନଙ୍କ ହାତରେ ଆଉ କାମ ନଥିବାରୁ ତାହାର ପ୍ରଭାବ ସାମଗ୍ରିକ ଭାବେ ଦେଶର ବେରୋଜଗାରୀ ସୂଚକାଙ୍କ ଉପରେ ପଡ଼ିଛି ବୋଲି ସରକାରୀ ଭାବେ କୁହାଯାଇଛି। ଅଥଚ କେନ୍ଦ୍ର ସରକାର ରୋଜଗାରର ନିଶ୍ଚିତ ଓ ନିର୍ଭରଯୋଗ୍ୟ ପନ୍ଥା 'ଏମ୍‌ନରେଗା'ର ପାଣ୍ଠି ପ୍ରଦାନକୁ ସାମୟିକ ସ୍ଥଗିତ କରିଦେଇଛନ୍ତି। ଏହି ଦୁଇ ବିପରୀତଧର୍ମୀ ତଥ୍ୟକୁ ମିଶାଇ ଦେଖିଲେ ଯୋଜନା ପ୍ରଣୟନ ଓ ରୂପାୟନ ମଧ୍ୟରେ ଯେ ତ୍ରୁଟି ରହିଛି ତାହା ଅସ୍ୱୀକାର କରାଯାଇପାରିବ ନାହିଁ।

ଗ୍ରାମୀଣ ଭାରତରେ ଶ୍ରମଜୀବୀଙ୍କ ହାତକୁ ଅଧିକରୁ ଅଧିକ କାମ ଦେଇ ବେରୋଜଗାରୀ ସମସ୍ୟାର ସମାଧାନ ଲକ୍ଷ୍ୟରେ ଯୁଗାନ୍ତକାରୀ 'ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ନିଶ୍ଚିତ ଯୋଜନା(ଏମ୍‌ନରେଗା)' ଆରମ୍ଭ କରାଯାଇଥିଲା। ବିଶେଷକରି ବେଉଷଣ ଓ ଅମଳ ପରବର୍ତ୍ତୀ ସମୟରେ ଶ୍ରମଜୀବୀଙ୍କ ପାଖରେ ଆଉ ବିଶେଷ କାମ ରହୁ ନଥିବାରୁ ସେମାନଙ୍କ ରୋଜଗାରର ପନ୍ଥା ସଂକୁଚିତ ହୋଇଯାଏ। ତେଣୁ ସେହି ସମୟରେ ଭିତ୍ତିଭୂମି ବିକାଶ ଓ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଶ୍ରମଜୀବୀଙ୍କୁ ଅନ୍ତତଃ ପରବର୍ତ୍ତୀ ଚାଷବାସ ପର୍ଯ୍ୟନ୍ତ ଶହେ ଦିନର କାମ ଯୋଗାଇ ଦେବାର ପ୍ରତିଶ୍ରୁତି ଏହି ଯୋଜନାରେ ରହିଛି। ଉପା ସରକାର ଅମଳରେ ଆରମ୍ଭ ହୋଇଥିବା ଏହି ଯୋଜନା ପ୍ରତି ଏନ୍‌ଡିଏ ସରକାର ସମୟୋପଯୋଗୀ ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ହୋଇଆସୁଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି କାର୍ଯ୍ୟଦିବସ ଓ ବଜେଟ୍ ବ୍ୟୟବରାଦ ବୃଦ୍ଧି ପାଇବା ବଦଳରେ ଦୀର୍ଘବର୍ଷ ଧରି ଏହା ଅପରିବର୍ତ୍ତିତ ରହିବା ଦ୍ୱାରା ସ୍ୱାଭାବିକ ଭାବେ କେନ୍ଦ୍ର ସରକାରଙ୍କ ଶ୍ରମିକ ରୋଜଗାର ପ୍ରସଙ୍ଗରେ ଥିବା ଆନ୍ତରିକତା ଓ ଅଙ୍ଗୀକାରବଦ୍ଧତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଆହୁରି ମଧ୍ୟ ଯନ୍ତ୍ରଚାଳିତ କାମ ଉପରେ ଅଧୁନା ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ଶ୍ରମଜୀବୀମାନଙ୍କ ହାତକୁ ଆଉ ସେପରି ଆଖିଦୃଶିଆ କାମ ଆସୁନି। ଏହି ପୃଷ୍ଠଭୂମିରେ କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷର ପ୍ରଥମ ଛଅ ମାସ ପାଇଁ ଏମ୍‌ନରେଗା ବାବଦ ମୋଟ ବ୍ୟୟବରାଦର କେବଳ ୬୦% ଅର୍ଥ ମଞ୍ଜୁର କରିବାକୁ କଟକଣା ଜାରି କରିଛନ୍ତି। ଏମ୍‌ନରେଗାରେ ପ୍ରଥମ ଥର ପାଇଁ ଏଭଳି କଟକଣା ଜାରି ହେବା ପଛରେ ନିର୍ଦ୍ଦିଷ୍ଟ ଯୁକ୍ତିଯୁକ୍ତତା ମଧ୍ୟ ନାହିଁ।

ସମସ୍ତ ଯୋଜନା, ପ୍ରକଳ୍ପର ବ୍ୟୟମଞ୍ଜୁରୀକୁ ମାସିକ ଓ ତ୍ରୈମାସିକ ଭିତ୍ତିକ କରିବା ଲାଗି ୨୦୧୭ ମସିହାରେ କେନ୍ଦ୍ର ସରକାର ଏମ୍‌ଇପି ଓ କ୍ୟୁଏପି ନାମକ ସରକାରୀ ବ୍ୟବସ୍ଥା ଆରମ୍ଭ କରିଥିଲେ। ଏମ୍‌ନରେଗାକୁ ଏହି ବ୍ୟବସ୍ଥାରୁ ବାଦ୍ ଦିଆଯାଇଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ସାମିଲ୍ କରାଯାଇଛି। ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ବିଭିନ୍ନ ଯୋଜନା ଓ ପ୍ରକଳ୍ପର ବ୍ୟୟବରାଦ ଅର୍ଥ ଖର୍ଚ୍ଚ ନ ହୋଇପାରି ପଡ଼ି ରହୁଥିବାରୁ ତାହା ଅତିରିକ୍ତ ବଜେଟ୍ ଓ ପରବର୍ତ୍ତୀ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ପ୍ରସ୍ତୁତ କରିବା ବେଳେ ସମସ୍ୟା ସୃଷ୍ଟି କରୁଛି। ଏଥିରେ ସମାନୁପାତିତା ଆଣିବା ପାଇଁ ଉପରୋକ୍ତ ଏମ୍‌ଇପି ଓ କ୍ୟୁଏପି ବଜେଟ୍ ପରିଚାଳନାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇପାରେ। କିନ୍ତୁ ଏହା ଅଧୀନକୁ ଗ୍ରାମୀଣ ଗରିବ ଲୋକଙ୍କ ପେଟପାଟଣା ସହିତ ଜଡ଼ିତ ଜନକଲ୍ୟାଣ ଯୋଜନାଗୁଡ଼ିକୁ ଆଣିବା ଠିକ୍ ନୁହେଁ ବୋଲି ମତ ପ୍ରକାଶ ପାଇଛି। ଏମ୍‌ନରେଗାରେ କାର୍ଯ୍ୟ ଚାହିଦା ଏପ୍ରିଲ୍‌ରୁ ଜୁନ୍ ମାସରେ ସର୍ବାଧିକ ହୋଇଥିବା ବେଳେ ସେହି ସମୟରେ ହିଁ ବଜେଟ୍ କଟକଣା ଲାଗୁ ହେବାରୁ ବିଭିନ୍ନ ମହଲରୁ ସମାଲୋଚନା ଆରମ୍ଭ ହୋଇଛି।

ଏମ୍‌ନରେଗାରେ କାର୍ଯ୍ୟଦିବସ ବଣ୍ଟନ ସରକାରଙ୍କ ଏକ ବୈଧାନିକ ଦାୟିତ୍ୱ। ଏଥିରୁ ହିତାଧିକାରୀଙ୍କୁ ବଞ୍ଚିତ କରିବା ସମ୍ବିଧାନର ଧାରା ୨୧ର ଉଲ୍ଲଙ୍ଘନ ବୋଲି ଧରାଯିବ। ଅତୀତରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ସରକାର ପାଣ୍ଠି ଅଭାବ କିମ୍ବା ଅନ୍ୟ କୌଣସି ଆର୍ଥିକ ଦୁରବସ୍ଥା ଆଳରେ ଲୋକମାନଙ୍କ ରୋଜଗାର ଉତ୍ସକୁ ବନ୍ଦ କରିପାରିବେ ନାହିଁ। ଏମ୍‌ନରେଗାର ଧାରା ୩ ଅନୁଯାୟୀ ହିତାଧିକାରୀମାନେ କାମ ମାଗିବାର ୧୫ ଦିନ ଭିତରେ ସରକାର ସେମାନଙ୍କୁ କାମ ଦେବାକୁ ବାଧ୍ୟ ଏବଂ କାମ ସରିବାର ୧୫ ଦିନ ମଧ୍ୟରେ ସେମାନେ ନିଜର ପାଉଣା ବା ପାରିଶ୍ରମିକ ପାଇବାକୁ ହକ୍‌ଦାର। ଏବେ କେନ୍ଦ୍ର ସରକାର ଏହା ଉପରେ କଟକଣା ଜାରି କରିଥିବାରୁ ରାଜ୍ୟମାନେ ଅସୁବିଧା ଓ ଆଇନଗତ ଆହ୍ୱାନର ସମ୍ମୁଖୀନ ହୋଇପାରନ୍ତି। ଏମ୍‌ନରେଗାରେ ଦାବି କରିବା ସତ୍ତ୍ୱେ ଧାର୍ଯ୍ୟ ସମୟରେ କାମ ନ ମିଳିଲେ ହିତାଧିକାରୀମାନଙ୍କୁ ରାଜ୍ୟ ସରକାରମାନେ ବେକାରୀ ଭତ୍ତା ଦେବାକୁ ବାଧ୍ୟ ହେବେ ଏବଂ ପାରିଶ୍ରମିକ ବାବଦ ପାଉଣା ଦେବାରେ ବିଳମ୍ବ ହେଲେ ସୁଧ ବୋଝ ମଧ୍ୟ ରାଜ୍ୟ ରାଜକୋଷମାନଙ୍କ ଉପରେ ବଢ଼ି ଚାଲିବ।

କେନ୍ଦ୍ର ସରକାରଙ୍କ ନୀତି ନିର୍ଦ୍ଧାରକ ଓ ନିଷ୍ପତ୍ତି ନେଉଥିବା ଅଧିକାରୀମାନେ ଯେ ଏ ବିଷୟରେ ଅଜ୍ଞ ଥିବେ ତାହା ନୁହେଁ। ତଥାପି ଏମ୍‌ଇପି ଓ କ୍ୟୁଏପି ପ୍ରକ୍ରିୟାରେ ଏମ୍‌ନରେଗାକୁ ଅନ୍ତର୍ଭୁକ୍ତ କରିବା ପଛର କାରଣ ସେମାନେ ହିଁ କହିପାରିବେ। କିନ୍ତୁ ଯାହା ଆଖିକୁ ଦେଖାଯାଉଛି ତାହା ସାଧାରଣ ଭାଷାରେ ଶ୍ରମିକ ମାରଣ ନୀତି ଭାବରେ ଅଭିହିତ କରାଗଲେ ଭୁଲ୍ ହେବ ନାହିଁ। କେନ୍ଦ୍ର ସରକାର କେବଳ ମାଗଣା ରାସନ୍ ଯୋଗାଣର ଦ୍ୱାହି ଦେଇ ଏ କ୍ଷେତ୍ରରେ ନିଜ ଦାୟିତ୍ୱରୁ ଓହରି ଯାଇପାରିବେ ନାହିଁ। କାରଣ ମାଗଣା ରାସନ୍ ଯୋଜନାରେ ଯେତିକି ଚାଉଳ ଓ ଗହମ ମିଳୁଛି ସେଥିରେ ଖାଦ୍ୟ ସୁରକ୍ଷା ସମ୍ପୂର୍ଣ୍ଣ ନିଶ୍ଚିତ କରିହେବ ନାହିଁ, ତାହାକୁ କେବଳ ଏକ ସହାୟକ ରୂପେ ଗ୍ରହଣ କରାଯାଇପାରିବ। ଅଧିକନ୍ତୁ ବର୍ତ୍ତମାନ ବଜାରରେ ଖାଦ୍ୟ ଶସ୍ୟର ଦରଦାମ ଯେଭଳି ବଢ଼ି ଚାଲିଛି ସେଥିରେ କେବଳ ମାଗଣା ରାସନ୍ ଲୋକଙ୍କ ଜୀବନକୁ ଧାରଣଯୋଗ୍ୟ କରିବାରେ ସକ୍ଷମ ହେବ ନାହିଁ।

ଶୀତତାପ ନିୟନ୍ତ୍ରିତ କୋଠରିରେ ବସି ନିଆଯାଉଥିବା ନିଷ୍ପତ୍ତି ଏବଂ ତୃଣମୂଳସ୍ତରର ବାସ୍ତବତା ଭିତରେ ଆକାଶପାତାଳ ଫରକ ଅଛି। ତେଣୁ ସରକାର ବାସ୍ତବତାକୁ ହୃଦୟଙ୍ଗମ କରନ୍ତୁ। ନୀତି ନିର୍ଦ୍ଧାରକମାନେ କ୍ଷେତ୍ର ପରିଦର୍ଶନ କରନ୍ତୁ। ଖୋଦ୍ ସରକାରଙ୍କ ବେରୋଜଗାରୀ ପରିସଂଖ୍ୟାନକୁ ଆଧାର ଭାବେ ଗ୍ରହଣ କରି ନୀତି ନିର୍ଦ୍ଧାରକମାନେ ଏଭଳି ଶ୍ରମିକ ମାରଣ ନିଷ୍ପତ୍ତିର ପୁନର୍ବିଚାର କରନ୍ତୁ।

## ଜିଜ୍ଞାସା ପ୍ରେରିତ ବନାମ ବଜାର ପରିଚାଳିତ ବିଜ୍ଞାନ

ଡକ୍ଟର ଚିତ୍ତରଞ୍ଜନ ମିଶ୍ର

୧୮୭୬ରେ କୋଲକାତାରେ ପ୍ରତିଷ୍ଠିତ 'ଦି ଇଣ୍ଡିଆନ ଆସୋସିଏସନ୍ ଫର ଦି କଲ୍‌ଟିଭେସନ ଅଫ ସାଇନ୍ସ'ରେ ଗବେଷଣା କରି ସାର୍ ଚନ୍ଦ୍ରଶେଖର ଭେଙ୍କଟ ରମଣ ଭାରତବର୍ଷ ଏବଂ ଏସିଆ ମହାଦେଶର ପ୍ରଥମ ନୋବେଲ ପୁରସ୍କାର ବିଜେତା ଭାବେ ଅଦ୍ୱିତୀୟ ଗୌରବର ଅଧିକାରୀ ହୋଇଥିଲେ। ଏଠାରେ ପ୍ରଶ୍ନ ଉଠିପାରେ ରମଣଙ୍କ ମୂଳ ଲକ୍ଷ୍ୟ କ'ଣ ଥିଲା? ସେ କ'ଣ ତାତ୍କାଳିକ ସାମାଜିକ ସମସ୍ୟା ସମାଧାନର ସମ୍ଭାବନା ଦ୍ୱାରା ଅଭିପ୍ରେରିତ ହୋଇଥିଲେ ନା ବିଜ୍ଞାନ ପଛରେ ଅଣନିଃଶ୍ୱାସୀ ହୋଇ ଅନୁଧାବନ କରିବାର ଅଦମ୍ୟ ନିଶା ତାଙ୍କୁ ଘାରିଥିଲା ? ନା ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ଗଭୀର ଅନୁଧ୍ୟାନ ଓ ଅନୁସନ୍ଧାନ ପାଇଁ ସେ ଅମଡ଼ାବାଟର ପଥିକଟିଏ ହେବା ପାଇଁ ଅଧିକ ପସନ୍ଦ ମଣିଥିଲେ?

ରମଣଙ୍କ ଉଦ୍‌ଭାବନ କୌଣସି ବାଣିଜ୍ୟିକ ଲାଭ କିମ୍ବା ତୁରନ୍ତ ବ୍ୟବହାର ଲକ୍ଷ୍ୟରେ ପରିଚାଳିତ ହୋଇନଥିଲା। ଏହା ଜନ୍ମ ନେଇଥିଲା ମାନବୀୟ ଜିଜ୍ଞାସା ଓ କଳ୍ପନାର ଗର୍ଭାଶୟରୁ। କିନ୍ତୁ ଆଜି ବୈଜ୍ଞାନିକ ଅନ୍ୱେଷଣର ଧର୍ମ ଅର୍ଥନୈତିକ ଓ ବଜାର ସମ୍ବନ୍ଧୀୟ ଚିନ୍ତାଧାରା ଦ୍ୱାରା ବହୁଳ ପ୍ରଭାବିତ ହେଉଥିବା ଲକ୍ଷ୍ୟ କରାଯାଉଛି। ଭାରତ ସମେତ ସମଗ୍ର ବିଶ୍ୱରେ ଗବେଷଣା ପ୍ରକଳ୍ପ ପାଇଁ ପାଣ୍ଠି ସହାୟତା ପ୍ରଦାନ କରୁଥିବା ସଂସ୍ଥାମାନେ ବ୍ୟାବସାୟିକ ରୂପରେ ସଂଚାଳିତ ଅନୁସନ୍ଧାନକୁ ପ୍ରାଥମିକତା ଦେଉଛନ୍ତି। ଫଳତଃ ଗବେଷଣାର ଫଳାଫଳ ପେଟେଣ୍ଟ, ଉଦ୍ୟମଶୀଳତା, ବାଣିଜ୍ୟିକ ଉପକ୍ରମ, ଷ୍ଟାର୍ଟଅପ୍ ଏବଂ କନ୍‌ସଲ୍‌ଟ୍ୟାନ୍ସି, ଇଣ୍ଡଷ୍ଟ୍ରି ପାର୍ଟନରସିପ୍ ଆଧାରରେ ଦ୍ରୁତଗତିରେ ମୂଲ୍ୟାଙ୍କନ କରାଯାଉଛି। 'ଆପ୍ଲାଏଡ ରିସର୍ଚ୍ଚ' ବା ବ୍ୟାବହାରିକ ଗବେଷଣା ସଂପ୍ରତି ପ୍ରମୁଖ ପ୍ରତିମାନ ପାଲଟିଯାଇଛି।

ଥରେ ବିଶ୍ୱ ପ୍ରସିଦ୍ଧ ପ୍ରାୟୋଗିକ ବୈଜ୍ଞାନିକ ମାଇକେଲ ଫାରାଡେ ଜଣେ ଉଚ୍ଚ ପଦସ୍ଥ ବ୍ରିଟିଶ ଅଧିକାରୀଙ୍କୁ ଇଲେକ୍‌ଟ୍ରୋ- ମ୍ୟାଗ୍ନେଟିଜିମ୍ ଉପରେ ତାଙ୍କ ଆବିଷ୍କାରକୁ ପ୍ରଦର୍ଶିତ କରାଉଥିଲେ। ଏକ କୁଣ୍ଡଳିତ ସ୍ପ୍ରିଙ୍ଗ୍ ମଧ୍ୟରେ ଏକ ଚୁମ୍ବକକୁ ଘୂରାଇଲେ କିଭଳି ଭାବେ ତାହା ବିଦ୍ୟୁତ ତରଙ୍ଗ ସୃଷ୍ଟି କରୁଛି ତାହା ସେ ପରୀକ୍ଷା କରି ବୁଝାଉଥିଲେ। ବରିଷ୍ଠ ବ୍ରିଟିଶ ଅଧିକାରୀଜଣକ ଏହି ପରୀକ୍ଷା ନିରୀକ୍ଷା ଦ୍ୱାରା ପ୍ରଭାବିତ ନହୋଇ ମାଇକେଲ୍ ଫାରେଡଙ୍କୁ ପଚାରିଲେ- ଇଲେକ୍‌ଟ୍ରିସିଟି ଉତ୍ପାଦନରେ ତୁମର ଏ ପରୀକ୍ଷା ନିରୀକ୍ଷା ରାଷ୍ଟ୍ରକୁ କ'ଣ ବ୍ୟାବହାରିକ ଲାଭ ପହଞ୍ଚାଇବ? ଉତ୍ତରରେ ଫାରାଡ଼େ କହିଥିଲେ - ସାର୍, ମୁଁ ଜାଣିନାହିଁ। ହେଲେ ମୁଁ ଏତିକି ଜାଣିଛି ଯେ ଦିନେ ଆପଣଙ୍କ ସରକାର ଏହା ଉପରେ ଟିକସ ଲଗାଇପାରନ୍ତି।

ଯଦିଓ ବିଜ୍ଞାନର ବ୍ୟାବହାରିକ ଉପଯୋଗ ନିଃସନ୍ଦେହରେ ମହତ୍ତ୍ୱପୂର୍ଣ୍ଣ, କିନ୍ତୁ ଏହି ଉପଯୋଗିତାବାଦୀ ଦୃଷ୍ଟିକୋଣ ବୈଜ୍ଞାନିକ ଅନୁସନ୍ଧାନର ପ୍ରକୃତ ଧର୍ମର ଅବକ୍ଷୟ ହେବାର ଆଶଙ୍କା ସୃଷ୍ଟି କରିଥାଏ। ଅନ୍ୟ ଅର୍ଥରେ କହିଲେ ବୈଜ୍ଞାନିକ ଗବେଷଣା ବଜାର ଶକ୍ତି ଦ୍ୱାରା ନିର୍ଦ୍ଧାରିତ, ପ୍ରଭାବିତ ଓ ପରିଚାଳିତ ହେଲେ ମୁକ୍ତ ଅନ୍ୱେଷଣ ବହୁଳ ବାଧାପ୍ରାପ୍ତ ହେବା ସହ ଉଦ୍‌ଭାବନ ଅଧୋଗତିର ସମ୍ମୁଖୀନ ହେବ। ବୈଜ୍ଞାନିକ ପ୍ରଗତିକୁ କେବଳ ମାତ୍ର ପ୍ରୌଦ୍ୟୋଗିକୀ ନବାଚାର ସହ ସମୀକୃତ କରିବା ଦ୍ୱାରା ବିଜ୍ଞାନର ଗଭୀର ବୌଦ୍ଧିକ ଓ ଅନ୍ୱେଷଣାତ୍ମକ ଅନୁସନ୍ଧାନ ଉପେକ୍ଷିତ ହୋଇଯାଏ। ଗତ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଅଭୂତପୂର୍ବ ସଫଳତା ହାସଲ କରିପାରିଛି ଏବଂ କୃତ୍ରିମ ବୁଦ୍ଧିମତ୍ତା ବିପ୍ଳବ ଅସାଧାରଣ ଗତିରେ ତା'ର ରୂପ ଲାବଣ୍ୟ ଆମ ସମ୍ମୁଖରେ ଉନ୍ମୋଚନ କରିଚାଲିଛି। ସ୍ୱାସ୍ଥ୍ୟ ସେବାଠୁଁ ଆରମ୍ଭ କରି ଅଣପାରମ୍ପରିକ ଶକ୍ତି ଉତ୍ସର ବିକାଶ ପର୍ଯ୍ୟନ୍ତ ଏକାଧିକ ଆହ୍ୱାନର ମୁକାବିଲା କରିବା କ୍ଷେତ୍ରରେ ବିଜ୍ଞାନ ପ୍ରମୁଖ ଭୂମିକା ସୁଚାରୁରୂପେ ସଂପାଦିତ ହୋଇଚାଲିଛି। ଯଦିଓ ଏହି ସବୁ ନବଉନ୍ମେଷର ବାସ୍ତବିକ ମୂଲ୍ୟ ରହିଛି ତଥାପି ଆମ ମନରେ ଏକ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନ ଉନ୍ମୋଚନ ହୋଇଥାଏ ଯେ ବିଜ୍ଞାନକୁ କ'ଣ ବାସ୍ତବିକ ସମସ୍ୟାର ସମାଧାନ ଓ ପୋଷଣୀୟ ବିକାଶ ପାଇଁ ପରିଚାଳିତ କରାଯାଇଥାଏ? ଜିଜ୍ଞାସା, ଗଭୀର ଅନୁଧ୍ୟାନ, ଅନୁସନ୍ଧାନ ଓ ଅନ୍ୱେଷଣ ମାଧ୍ୟମରେ ଜ୍ଞାନର ଦିଗ୍‌ବଳୟକୁ ସଂପ୍ରସାରଣ କରିବା ମଧ୍ୟ ଏକ ମହତ୍ତର କାର୍ଯ୍ୟ, ଯାହାକୁ ବିଜ୍ଞାନ ସମ୍ପାଦିତ କରିଥାଏ।

ସଂଗୀତ, ସାହିତ୍ୟ, କଳା ପରି ବିଜ୍ଞାନ ମଧ୍ୟ ଏକ ରଚନାତ୍ମକ ପ୍ରୟାସ। ଏହା ସଦାସର୍ବଦା ବାସ୍ତବତା ସମ୍ବନ୍ଧୀୟ ମୌଳିକ ପ୍ରଶ୍ନକୁ ନେଇ ଅନ୍ୱେଷଣ କରିବା ପାଇଁ ଇଚ୍ଛା ପ୍ରକଟ କରିଥାଏ। ଆଇନଷ୍ଟାଇନଙ୍କ ଆପେକ୍ଷିତ ତତ୍ତ୍ୱ ହେଉ କିମ୍ବା ରମଣଙ୍କ ଆଲୋକର ବିଚ୍ଛୁରଣକୁ ନେଇ ହେଉ, ବିଜ୍ଞାନ କ୍ଷେତ୍ରରେ ଏକାଧିକ ସର୍ବଶ୍ରେଷ୍ଠ ଆବିଷ୍କାର ତାହା ବ୍ୟାବହାରିକ ସମାଧାନର ଦାବି ଦ୍ୱାରା ନୁହେଁ, ବରଂ ଭୌତିକ ବ୍ରହ୍ମାଣ୍ଡ ବିଷୟରେ ଅନିର୍ବଚନୀୟ ଜିଜ୍ଞାସା ବା ଅତୃପ୍ତ ଜିଜ୍ଞାସା ଦ୍ୱାରା ସଂଚାଳିତ ହୋଇଥାଏ। ଏକାଧିକ କ୍ଷେତ୍ରରେ ଏ ସମସ୍ତ ଆବିଷ୍କାର ବର୍ଷ ବର୍ଷ ପରେ କିମ୍ବା ଦଶନ୍ଧି ଦଶନ୍ଧି ପରେ ତାହାର ବ୍ୟାବହାରିକ ଉପଯୋଗକୁ ଖୋଜି ପାଇଥିଲା। କ୍ୱାଣ୍ଟମ୍ ମେକାନିକ୍ସର କାହାଣୀ,ଯାହାକି ଏବେ ଆଧୁନିକ ଇଲେକ୍‌ଟ୍ରୋନିକ୍ସ ଓ କମ୍ପ୍ୟୁଟିଂ କ୍ଷେତ୍ରକୁ ସମୃଦ୍ଧ କରିଛି କିମ୍ବା ସାଧାରଣ ଆପେକ୍ଷିକ ତତ୍ତ୍ୱର ସିଦ୍ଧାନ୍ତ ଯାହାକି ସଠିକ ଜି.ପି.ଏସ୍ ନାଭିଗେସନ୍ ବା ମାର୍ଗଦର୍ଶନକୁ ସକ୍ଷମ କରିଛି, ତାହା ବିଳମ୍ବରେ ହେଲେ ମଧ୍ୟ ମୌଳିକ ବିଜ୍ଞାନର ଗଭୀର ପ୍ରଭାବ ସଂପର୍କରେ ଅନନ୍ୟ ଉଦାହରଣ ସୃଷ୍ଟି କରିଛି।

ଯେଉଁ ମନଟି ସଦାସର୍ବଦା ଲାଭ କ୍ଷତିର ହିସାବ ନିକାଶ କରୁଥାଏ ତାହା ଆବଶ୍ୟକତାର ସଂକୀର୍ଣ୍ଣ ଗଳିରେ ଛନ୍ଦି ହୋଇ ପଡ଼ିଯାଇଥାଏ। ରଚନାତ୍ମକ ବା ସୃଜନଶୀଳ ମନଟି ହିଁ ସଦାସର୍ବଦା ମାନବତାକୁ ଆଡ଼କୁ ବାଟ କଢ଼େଇ ନେଇଥାଏ। ଯେଉଁ ମୁହୂର୍ତ୍ତରେ ଆମେ ଆମର ଅସ୍ତିତ୍ୱକୁ କ୍ରିୟାଶୀଳ କରିବାର ପ୍ରକ୍ରିୟା ପ୍ରତି ଉଦାସୀନ ହୋଇପଡୁ, ସେତେବେଳେ ଆମେ ନିଜକୁ ଏକ ଯନ୍ତ୍ରରେ ପରିଣତ କରିଦେଇଥାଉ। ବିସ୍ତୀର୍ଣ୍ଣ ଆକାଶର ଛାତି ଉପରେ ଏକ ଇନ୍ଦ୍ରଧନୁ ତା'ର ରୂପ ଲାବଣ୍ୟର ଅମୂଲ୍ୟ ପସରା ମେଲେଇ ଦେଇଥିଲେ ବି ତାହା ବ୍ୟସ୍ତବହୁଳ ଜୀବନ ବିତାଉଥିବା ସହରୀ ମଣିଷ ପାଇଁ କୌଣସି ବ୍ୟାବାହାରିକ ମୂଲ୍ୟ ରଖିନଥାଏ, ପରନ୍ତୁ ଜଣେ କୋମଳମତି ପିଲା ଓ ଜଣେ କବି ସେହି ଇନ୍ଦ୍ରଧନୁର ଅପରୂପ ସୌନ୍ଦର୍ଯ୍ୟରେ ବିମୁଗ୍ଧ ହୋଇ ତା'ର ବିଦଗ୍ଧ ମନକୁ ଶୀତଳ କରିଥାଏ।

ଜ୍ୟୋତିର୍ବିଜ୍ଞାନ ବିନା ଏକ ବିଶ୍ୱର ଚିନ୍ତା କରନ୍ତୁ, ଯେଉଁଠାରେ କି ମଣିଷମାନେ କେବେ ବି ଥରେ ନିଜ ମୁଣ୍ଡ ଟେକି ଉପରକୁ ଚାହିଁ ନଥିବେ। କେବେ କୌଣସି ପ୍ରଶ୍ନ ପଚାରି ନଥିବେ ବା କେବେ କୌଣସି ସ୍ୱପ୍ନ ବି ଦେଖି ନ ଥିବେ। ନକ୍ଷତ୍ରମାନଙ୍କ ଅବସ୍ଥିତି ବାସ୍ତବତା ବା ଉପଯୋଗିତା ଦୃଷ୍ଟିକୋଣରୁ ଯାହା ଖଗୋଳ ବିଜ୍ଞାନୀଙ୍କ ପାଇଁ ତାହା ଜ୍ୟୋତିଷକାରଙ୍କ ପାଇଁ ନୁହେଁ। ଆମେ କିଏ? ଆମେ କେଉଁଠୁ ଆସିଲୁ? ଏହି ବିଶ୍ୱ ବ୍ରହ୍ମାଣ୍ଡରେ ଆମର ସ୍ଥାନ କେଉଁଠି? ଏହା ସେହି ପ୍ରଶ୍ନ ନୁହେଁ, ଯାହାର ଉତ୍ତର ଗୋଟେ ହିସାବ ଖାତା ଦେଇପାରିବ। ଏହା ହେଉଛି ସେହି ପ୍ରଶ୍ନ, ଯାହାକି ଆମେ ଜଣେ ଜଣେ ମଣିଷ ବୋଲି ଆମକୁ ପରିଭାଷିତ କରିଥାଏ, ନିର୍ଦ୍ଧାରିତ କରିଥାଏ, ନିରୂପଣ କରିଥାଏ। ଆମେ ସତ୍ୟ, ଶିବ ଓ ସୁନ୍ଦରର ପୂଜାରୀ, ଅନ୍ୱେଷକ ଓ ଜିଜ୍ଞାସୁ ବୋଲି ଆମକୁ ପରିଚିତ କରାଇଥାଏ। କବିଟିଏ, ଚିତ୍ରକରଟିଏ, ସଂଗୀତଜ୍ଞଟିଏ, ରହସ୍ୟବାଦୀଟିଏ ଯେ କି ଈଶ୍ୱରଙ୍କର ସାକ୍ଷାତ ଦର୍ଶନର ଅଭିଳାଷୀଟିଏ, ଆଧ୍ୟାତ୍ମିକବାଦୀଟିଏ କିମ୍ବା ଜଣେ ବୈଜ୍ଞାନିକଟିଏ ଏମାନେ ସମସ୍ତେ ଅନନ୍ତ, ଅସୀମିତ ଓ ଅପରିମିତର ଜଣେ ଜଣେ ସନ୍ଧାନୀ। ଏହା ସାଂସାରିକତାର ବହୁ ଊର୍ଦ୍ଧ୍ୱରେ ଅନନ୍ତ ଅସୀମର ଉପଲବ୍ଧି ପାଇଁ ସଦା ଉନ୍ମୁକ୍ତ ହୋଇଥିବା ଏକ ଦ୍ୱାରଦେଶ।

(ଯୁଗ୍ମ ମ୍ୟାନେଜିଂ ଟ୍ରଷ୍ଟି, କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ)
ଭୁବନେଶ୍ୱର, ମୋ: ୯୩୩୮୨୦୪୯୯୩

## ଅବିଶ୍ରାନ୍ତ ସବୁଜ ଅଭିଯାନର ନାୟିକା

ମିନାକ୍ଷୀ ଦ୍ୱିବେଦୀ

ପୃଥିବୀର ମଙ୍ଗଳ ପାଇଁ ବୃକ୍ଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱ ତାପମାନ ବୃଦ୍ଧି ନିୟନ୍ତ୍ରଣରେ ଗଛଗୁଡ଼ିକ ପ୍ରକୃତିର ସୈନିକ। ସେମାନେ ପ୍ରାକୃତିକ ବାୟୁ ବିଶୋଧକ ଭାବରେ କାର୍ଯ୍ୟ କରନ୍ତି; ଅଙ୍ଗାରକାମ୍ଳ ଶୋଷଣ କରି ଅମ୍ଳଜାନ ତ୍ୟାଗ କରନ୍ତି। ଏହା ସହିତ ସେମାନେ ମୃତ୍ତିକା ସ୍ୱାସ୍ଥ୍ୟ ଓ ମୃତ୍ତିକା ସଂରକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଏହାବ୍ୟତୀତ, ବୃକ୍ଷଗୁଡ଼ିକ ଅଗଣିତ ପ୍ରଜାତି ପାଇଁ ବାସସ୍ଥାନ ଓ ସମ୍ପଦ ପ୍ରଦାନ କରନ୍ତି, ଜୈବ ବିବିଧତା ଏବଂ ପରିବେଶ ସନ୍ତୁଳନରେ ଅବଦାନ ରଖନ୍ତି।

ପରିବେଶ ସୁରକ୍ଷାରେ ବୃକ୍ଷଲତାଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ମହତ୍ତ୍ୱକୁ ଉପଲବ୍ଧି କରିଥିବା 'ମଦର ଅଫ୍ ଟ୍ରି' ବା 'ଗଛର ମାଆ' ଭାବେ ପରିଚିତ ସାଲୁମାରାଦା ଥିମ୍ମାକା ସମଗ୍ର ବିଶ୍ୱ ପାଇଁ ଏକ ଆଦର୍ଶ। କର୍ଣ୍ଣାଟକର ଗ୍ରାମୀଣ ଜିଲ୍ଲାର ମାଗାଡ଼ି ତାଲୁକ ଅନ୍ତର୍ଗତ ହୁଲିକାଲ ନାମକ ଏକ ଗ୍ରାମରେ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିବା ଏହି ଅସାଧାରଣ ମହିଳା ପରିବେଶ ସୁରକ୍ଷା ନିମନ୍ତେ ଅତ୍ୟନ୍ତ ମୂଲ୍ୟବାନ ଅଂଶଦାନ କରିଛନ୍ତି। ସେ କୌଣସି ଆନୁଷ୍ଠାନିକ ଶିକ୍ଷା ପାଇ ନଥିଲେ। ବାଲ୍ୟକାଳରୁ ଘର ପାଖରେ ଏକ ପଥର ଖଣିରେ ଶ୍ରମିକ ଭାବରେ କାମ କରୁଥିଲେ। ତାଙ୍କର ବିବାହ ହୁଲିକାଲ ଗାଁର ଶ୍ରୀବିକ୍କାଲା ଚିକ୍କାୟାଙ୍କ ସହିତ ହୋଇଥିଲା। ବିବାହର ୨୫ ବର୍ଷ ପରେ ମଧ୍ୟ ସନ୍ତାନସନ୍ତତି ଜନ୍ମ ନ ହେବାରୁ ଦିନ କାଟିବା ପାଇଁ ଦମ୍ପତି ଗଛ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ। ନିଃସନ୍ତାନ ଦମ୍ପତିଙ୍କ ଦୁଃଖ ଓ ନିଃସଙ୍ଗତା ଦୂର ଲକ୍ଷ୍ୟରୁ ଅରମ୍ଭ ହୋଇଥିବା ଏହି ପ୍ରୟାସ ପରବର୍ତ୍ତୀ ସମୟରେ ଏକ ଅସାଧାରଣ ଅଭିଯାନର ରୂପ ନେଇଥିଲା।

ଥିମ୍ମାକ୍କା ଓ ତାଙ୍କ ସ୍ୱାମୀ ରାସ୍ତା ପାର୍ଶ୍ୱରେ ଗଛ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ ଏବଂ ପରବର୍ତ୍ତୀ ସମୟରେ ବୃକ୍ଷଶୂନ୍ୟ ଗ୍ରାମ କୁଦୁରକୁ ବାଛିଥିଲେ। ସେମାନେ ବର ଗଛରୁ ଚାରା କଲମୀ କରିବା ଆରମ୍ଭ କରିଥିଲେ। ପ୍ରଥମ ବର୍ଷ ୧୦ଟି ଚାରା କଲମୀ କରି ରାସ୍ତାରେ ୪ କିଲୋମିଟର ପର୍ଯ୍ୟନ୍ତ ରୋପଣ କରିଥିଲେ। ଦ୍ୱିତୀୟ ବର୍ଷରେ ୧୫ଟି ଏବଂ ତୃତୀୟ ବର୍ଷରେ ୨୦ଟି ଗଛ ଲଗାଇଥିଲେ। ଏହିକ୍ରମରେ ପ୍ରତି ବର୍ଷ ଚାରାରୋପଣ ସଂଖ୍ୟା ବୃଦ୍ଧି କରିଚାଲିଲେ। ସେମାନେ ଚାରା ଲଗାଇବା ସହିତ ସନ୍ତାନସନ୍ତତିଙ୍କ ପରି ସେଗୁଡ଼ିକର ଯତ୍ନ ମଧ୍ୟ ନେଲେ। ଚାରାଗୁଡ଼ିକ ବଡ଼ ଗଛରେ ପରିଣତ ହେବା ପରେ ସେମାନଙ୍କର ଅକ୍ଳାନ୍ତ ପରିଶ୍ରମ ଫଳ ଦେବା ଆରମ୍ଭ କରିଥିଲା। ଏହି ଦମ୍ପତି ପ୍ରାୟତଃ ବର୍ଷା ଋତୁରେ ଚାରା ରୋପଣ କରୁଥିଲେ। ଥିମ୍ମାକ୍କା ତାଙ୍କ ସ୍ୱାମୀଙ୍କ ସହିତ ମିଶି ୮, ୦୦୦ ରୁ ଅଧିକ ଗଛ ଲଗାଇ ଯତ୍ନ ନେବା ଫଳରେ ଏକ ବୃକ୍ଷଶୂନ୍ୟ ଜମି ସବୁଜ ପ୍ରାନ୍ତରେ ପରିଣତ ହୋଇଗଲା।



୧୯୯୧ ମସିହାରେ ସ୍ୱାମୀଙ୍କ ଦେହାନ୍ତ ପରେ ଥିମ୍ମାକ୍କା ଏକାକୀ ନିରନ୍ତର ଭାବରେ ତାଙ୍କର ଅଭିଯାନ ଜାରିଲେ। ସେ ଆଲା ମାରାଦା ଥିମ୍ମାକ୍କା ନାମରେ ମଧ୍ୟ ପରିଚିତ ଥିଲେ। ୩୮୫ ବର ଗଛ ସମେତ ୮୦୦୦ରୁ ଅଧିକ ଗଛ ଲଗାଇ ଯତ୍ନ ନେବାର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ 'ସାଲୁମାର୍ଦା ଥିମ୍ମାକ୍କା' କୁହାଯାଉଥିଲା। କନ୍ନଡ ଭାଷାରେ 'ସାଲୁମାର୍ଦା' ଅର୍ଥ ଗଛର ଧାଡ଼ି। ରାସ୍ତାରେ ସେ ଓ ତାଙ୍କ ସ୍ୱାମୀଙ୍କୁ ସମ୍ମୁଖୀନ ହେବାକୁ ପଡ଼ିଥିବା ଅନେକ କଷ୍ଟ ସତ୍ତ୍ୱେ ଚାରା ରୋପଣ ଏବଂ ପରିବେଶ ସଂରକ୍ଷଣ ପ୍ରତି ତାଙ୍କର ଉତ୍ସର୍ଗକୁ ସମ୍ମାନ ଜଣାଇବା ପାଇଁ ତାଙ୍କୁ ଏହି ନାମ ଦିଆଯାଇଥିଲା।

ସାଲୁମାର୍ଦା ଥିମ୍ମାକ୍କା କେବଳ ଗଛ ଲଗାଇ ନଥିଲେ। ସେ ତାଙ୍କ ଗ୍ରାମର ବାର୍ଷିକ ମେଳା ପାଇଁ ବର୍ଷା ଜଳ ସଂରକ୍ଷଣ କରିବା ପାଇଁ ଏକ ଟାଙ୍କି ନିର୍ମାଣ ଭଳି ବିଭିନ୍ନ ସାମାଜିକ କାର୍ଯ୍ୟକଳାପରେ ସାମିଲ ହୋଇଥିଲେ। ତାଙ୍କର ଜୀବନର ସରଳ ଦର୍ଶନ ହେଉଛି ଯେ ଏହି ପୃଥିବୀର ପ୍ରତ୍ୟେକ ବ୍ୟକ୍ତି ମାନବତା ପାଇଁ କିଛି ସମ୍ପତ୍ତି ଛାଡ଼ିଯିବା ଉଚିତ। ତାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା। ବିଭିନ୍ନ ପୁରସ୍କାର ଓ ଅତ୍ୟଳ୍ପ ମାସିକ ପେନସନରୁ କୌଣସି ପ୍ରକାରେ ଜୀବିକା ନିର୍ବାହ କରୁଥିଲେ। କିନ୍ତୁ ଆର୍ଥିକ ଦୁରବସ୍ଥା କେବେବି ମାନବଜାତି ପାଇଁ ଭଲ କାମ କରିବାରେ ତାଙ୍କ ଆଗ୍ରହକୁ ଭାଙ୍ଗି ପାରି ନାହିଁ। ସାଲୁମାର୍ଦା ଥିମ୍ମାକ୍କା ଆଜି ପ୍ରତ୍ୟେକ ପରିବେଶବିତଙ୍କ ଆଦର୍ଶ। ସେ ବିଶ୍ୱକୁ ଦେଖାଇଛନ୍ତି ଯେ ଜଣେ ନିରକ୍ଷର ମହିଳା ତାଙ୍କ କଠିନ ପରିଶ୍ରମ ଏବଂ ଧୈର୍ଯ୍ୟ ବଳରେ ସମାଜରେ ଏକ ବିରାଟ ପରିବର୍ତ୍ତନ ଆଣିପାରନ୍ତି।

ଯଦିଓ ଥିମ୍ମାକ୍କା କୌଣସି ଆନୁଷ୍ଠାନିକ ଶିକ୍ଷା ପାଇ ନଥିଲେ, ତାଙ୍କ କାର୍ଯ୍ୟକୁ ଭାରତର ଜାତୀୟ ନାଗରିକ ପୁରସ୍କାରରେ ସମ୍ମାନିତ କରାଯାଇଛି। ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତି ଦିଆଯାଇଛି ଏବଂ ତାଙ୍କୁ ୨୦୧୯ରେ 'ପଦ୍ମଶ୍ରୀ'ରେ ସମ୍ମାନିତ କରାଯାଇଛି। ଆମେରିକାରେ ତାଙ୍କ ନାମରେ 'ଥିମ୍ମାକ୍କାର ରିସୋର୍ସ ଫର୍ ଏନଭାର୍ନାମେଣ୍ଟାଲ୍ ଏଜୁକେସନ୍' ନାମରେ ଏକ ପରିବେଶ ସଂଗଠନ ମଧ୍ୟ ଅଛି। ସେ ମଧ୍ୟ ବନମିତ୍ର, ନିସର୍ଗରତ୍ନ, ବୃକ୍ଷପ୍ରେମୀ ଓ ବୃକ୍ଷଶ୍ରୀ ଭଳି ଉପାଧିରେ ସମ୍ମାନିତ ହୋଇଛନ୍ତି। ପରିବେଶ ରକ୍ଷା ଦିଗରେ ତାଙ୍କର ଅବିଶ୍ରାନ୍ତ ପ୍ରୟାସ ପାଇଁ ତାଙ୍କୁ ଅନେକ ପୁରସ୍କାର ଏବଂ ପ୍ରଶଂସାପତ୍ରରେ ସମ୍ମାନିତ କରାଯାଇଛି।

୧୧୩ ବର୍ଷ ବୟସରେ ଆଜି ମଧ୍ୟ ସେ ଅଧିକ ଗଛ ଲଗାଇବାର ସ୍ୱପ୍ନକୁ ଦେଖି ତାହାକୁ ବାସ୍ତବତାରେ ରୂପାୟନ କରୁଛନ୍ତି। ଯୁଗରେ ଦ୍ରୁତଜଙ୍ଗଲ କ୍ଷୟ ଏବଂ ଜଳବାୟୁ ପରିବର୍ତ୍ତନ ପାଇଁ ଥିମ୍ମାକାଙ୍କ ବାର୍ତ୍ତା ଆଜି ବହୁ ଅଧିକ ପ୍ରାସଙ୍ଗିକ। ତାଙ୍କ କାହାଣୀ ଆମକୁ ଶିଖାଏ 'ଗୋଟିଏ ମଣିଷ ମଧ୍ୟ ପରିବର୍ତ୍ତନ ଆଣିପାରେ। ଆଜି ଗଛ ଲଗାଇଲେ, ଆସନ୍ତା କାଲି ଉଜ୍ଜ୍ୱଳ ହେବ। ସମୁଦାୟ ଉଦ୍‌ଯୋଗ ଭୂଦୃଶ୍ୟର ପରିବର୍ତ୍ତନ କରିପାରେ।'

ଆମେ ଯଦି ସମସ୍ତେ ତାଙ୍କ ଉଦାହରଣକୁ ଅନୁସରଣ କରିବା ଆମ ଜଗତ ସତରେ କେତେ ସବୁଜ, ସୁନ୍ଦର, ଶ୍ୟାମଳ ହୋଇ ଗଢ଼ି ଉଠିବ। ପ୍ରକୃତି ସଂରକ୍ଷଣ ହେଉଛି ଆମର କର୍ତ୍ତବ୍ୟ। ଗଛ ଲଗାନ୍ତୁ, ପରିବେଶ ସୁରକ୍ଷିତ ରଖନ୍ତୁ। ଏକ ସବୁଜ ଓ ସୁସ୍ଥ ଭବିଷ୍ୟତ ପାଇଁ ଆଜିଠାରୁ ପଦକ୍ଷେପ ନିଅନ୍ତୁ। ସବୁଜ ଥିଲେ ସ୍ୱାସ୍ଥ୍ୟ ମିଳିବ, ପରିବେଶ ସୁନ୍ଦର ରହିବ। ଏକ ଗଛ ଏକ ପ୍ରାଣ, ଗଛ ବଞ୍ଚାଏ ଜୀବନ। ପ୍ରତି ଘରେ ଗଛ ହେଉ, ପୃଥିବୀ ସବୁଜ ହେଉ।

ଗୁରୁଗ୍ରାମ, ମୋ: ୭୯୭୮୦୮୨୮୩୪

## ଆମ ବୃକ୍ଷଲତା ଆମ ଜୀବନ

### ଅଗ୍ନିଶିଖା

### ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ଅଗ୍ନିଶିଖାକୁ ଓଡ଼ିଶାରେ ସାଧାରଣତଃ ଲଙ୍ଗଲଙ୍ଗଳିଆ, ଟାଙ୍ଗି ଫୁଲ, ଦଶହରା ଫୁଲ, ଶିବଲିଙ୍ଗି, ପାଞ୍ଚ ଆଙ୍ଗୁଳିଆ, ଗର୍ଭ ଘଟନ, ଖଣ୍ଡାଫୁଲ, ଡାଙ୍ଗଗହଣା ଭାବରେ ଜଣାଯାଏ। ଭାରତୀୟ ଉପମହାଦେଶ ଓ ଦକ୍ଷିଣପୂର୍ବ ଏସିଆର ମୂଳଜାତ ଏହି ସୁନ୍ଦର ତୃଣଜାତୀୟ ଆରୋହୀ ଉଦ୍ଭିଦ ଦକ୍ଷିଣ-କେନ୍ଦ୍ରୀୟ ଚୀନ୍ ଓ ଆଫ୍ରିକାର ଅଧିକାଂଶ ସ୍ଥାନ, ପୂର୍ବ ଅଷ୍ଟ୍ରେଲିଆ, ଆମେରିକାର ଆଲାବାମା, ସୁରିନାମ, କାରିବିଆନର କିଛି ଅଂଶ ଏବଂ ବିଭିନ୍ନ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜରେ ଦେଖିବାକୁ ମିଳେ। ଏହା ତାମିଲନାଡୁର 'ରାଜ୍ୟ ଫୁଲ'। ଏହା ଜିମ୍ବାୱେର ମଧ୍ୟ ଜାତୀୟ ଫୁଲ। ୧୯୪୭ ମସିହାରେ ରାଣୀ ଏଲିଜାବେଥ(ଦ୍ୱିତୀୟ) ରୋଡେସିଆରେ (ବର୍ତ୍ତମାନ ଜିମ୍ବାୱେ) ଯାତ୍ରା କରିବା ସମୟରେ ତାଙ୍କର ଏକବିଂଶତମ ଜନ୍ମଦିନ ପାଳନ ପାଇଁ ଏହି ଫୁଲ ଆକୃତିର ଏକ ହୀରା ବ୍ରୁଚ୍ ତାଙ୍କୁ ଉପହାର ଦିଆଯାଇଥିଲା।

ପ୍ରାୟ ୬ ମିଟର ପର୍ଯ୍ୟନ୍ତ ବଢ଼ିପାରୁଥିବା ଏହି ବୃକ୍ଷର ପତ୍ରଗୁଡ଼ିକ ଡେମ୍ଫ ବିହୀନ, ପ୍ରତ୍ୟେକ ଗଣ୍ଠିରୁ ଗୋଟିଏ ଲେଖାଏଁ ପତ୍ର ବିପରୀତ ଭାବରେ ସଜାଯାଇଥାଏ, ପତ୍ର ଅଗ୍ରରୁ ସରୁ ତାର ଭଳି ଉଙ୍କ ସୃଷ୍ଟି ହୋଇଥାଏ, ଯାହା ସାହାଯ୍ୟରେ ଏହା ଅନ୍ୟାନ୍ୟ ଗଛଲତା ଉପରେ ଆରୋହଣ କରେ। ୫ ରୁ ୭ ସେମି ପର୍ଯ୍ୟନ୍ତ ଲମ୍ବା ଛଅଟି ପାଖୁଡ଼ା ବିଶିଷ୍ଟ ଫୁଲଗୁଡ଼ିକ ପ୍ରଥମେ ସବୁଜ, ପରେ ହଳଦିଆ ଏବଂ ଶେଷରେ ଲାଲ ରଙ୍ଗର ହୋଇଥାଏ। ୬ ରୁ ୧୨ ସେମି ପର୍ଯ୍ୟନ୍ତ ଲମ୍ବ ଫଳଟି ଏକ ମାଂସଳ କ୍ୟାପସୁଲ୍, ଯେଉଁଥିରେ ଅନେକ ଲାଲ ରଙ୍ଗର ବିହନ ଥାଏ। ଗଛରେ ସେପ୍ଟେମ୍ବର - ଅକ୍ଟୋବର ମାସରେ ଫୁଲ ଫୁଟେ।

ଆୟୁର୍ବେଦରେ ଅଗ୍ନିଶିଖା ବହୁଳ ବ୍ୟବହୃତ ଔଷଧି, ଯାହା ମାଂସପେଶୀ ଯନ୍ତ୍ରଣା, ଗଣ୍ଠିବାତ, ସନ୍ଧି ପ୍ରଦାହ, କାନ ଓ ଚର୍ମ ରୋଗ, କୋଲିକ୍, ଦୀର୍ଘକାଳୀନ ଅଲସର, ପାଇଲ୍ସ, ଗନୋରିଆ, ଶ୍ୱାସରୋଗ, ଉକୁଣୀ, କୁଷ୍ଠ, ଆଘାତ, ଅର୍ଶ, କୃମି, କର୍କଟ, ନପୁଂସକତା, ଯୌନ ସଂକ୍ରମିତ ରୋଗ ଉପଶମ ପାଇଁ ବ୍ୟବହାର କରାଯାଏ। ଏହାର ରାଇଜୋମଗୁଡ଼ିକୁ ଏକ ଟନିକ୍, ସାମୟିକ-ପ୍ରତିରୋଧୀ, କୃମି-ପ୍ରତିରୋଧୀ ଏବଂ ସାପ କାମୁଡ଼ା ଏବଂ ବିଛା ଦଂଶନ ଚିକିତ୍ସା, ପ୍ରସବ ଯନ୍ତ୍ରଣାକୁ ପ୍ରୋତ୍ସାହିତ କରିବା ସହିତ ଗର୍ଭପାତ ପାଇଁ ବ୍ୟବହାର କରାଯାଏ। ଉଦ୍ଭିଦର ଔଷଧୀୟ ଗୁଣ ମୁଖ୍ୟତଃ କୋଲଚିସିନ୍ ଓ ଗ୍ଲୋରିଓସିନ୍ ଆଲକାଲଏଡ୍ ଉପସ୍ଥିତି ଯୋଗୁଁ ହୋଇଥାଏ।

ବିହନରେ କୋଲଚିସିନ୍ ବ୍ୟତୀତ ଆଇସୋପରଲୋଲିରିନ୍ ଓ ସମ୍ପର୍କିତ ଟ୍ରୋପୋଲେନ୍ ଆଲକାଲଏଡ୍, ଶୁଖିଲା ରାଇଜୋମ୍ରେ- ସିଟୋଷ୍ଟେରୋଲ୍, ଗ୍ଲୁକୋସାଇଡ୍, ୨-ହାଇଡ୍ରୋକ୍ସି, ୬-ମେଥୋକ୍ସି ବେଞ୍ଜୋଇକ୍ ଏସିଡ୍ ଥାଏ। ଉଦ୍ଭିଦର ପ୍ରତ୍ୟେକ ଅଂଶ ବିଷାକ୍ତ। କନ୍ଦକୁ ମିଠା ଆଳୁ କିମ୍ବା କନ୍ଦମୂଳ ଭାବି ଭୁଲ୍‌ବଶତଃ ଖାଇଲେ କିମ୍ବା ଏହା ପ୍ରତ୍ୟକ୍ଷ ପେଟକୁ ଗଲେ ମଣିଷ ଓ ପଶୁଙ୍କ ପ୍ରାଣହାନି ଘଟିପାରେ। ପାର୍ଶ୍ୱ ପ୍ରଭାବରେ ବାନ୍ତି, ପାଟି ଚାରିପାଖରେ ଝିମ୍ଝିମ୍, ଗଳାରେ ଜଳାପୋଡ଼ା, ପେଟ ଯନ୍ତ୍ରଣା ଏବଂ ରକ୍ତାକ୍ତ ଡାଇରିଆ, ଚର୍ମ ଛଡ଼ାଇ ଦେବା ଏବଂ ମହିଳାମାନଙ୍କ ଦୀର୍ଘକାଳୀନ ଯୋନି ରକ୍ତସ୍ରାବ ହୋଇପାରେ। ତେଣୁ ନାଇଜେରିଆରେ ତୀରରେ ବିଷ ଏବଂ ଭାରତରେ ସାପ ପାଇଁ ବିଷ ଦେବାରେ ଏହା ବ୍ୟବହାର କରାଯାଏ। ତେଣୁ ଆୟୁର୍ବେଦ ଶାସ୍ତ୍ର ଅନୁଯାୟୀ ଏହାର ଅନୁପାନ ବାଞ୍ଛନୀୟ।

ସାଧାରଣତଃ, ଏହି ଗଛ ଜଙ୍ଗଲରେ ପ୍ରାକୃତିକ ଭାବରେ ବଢ଼ିଥାଏ। ଔଷଧୀୟ ବ୍ୟବହାର ପାଇଁ ଏହାର ବହୁତ ଚାହିଦା ଅଛି। ତେଣୁ ଏହାକୁ ଭାରତରେ ଫାର୍ମଗୁଡ଼ିକରେ ଚାଷ କରାଯାଏ। କିନ୍ତୁ ଔଷଧ ବାଣିଜ୍ୟରେ ବିକ୍ରି ହେଉଥିବା ଅଧିକାଂଶ ଉଦ୍ଭିଦ ସାମଗ୍ରୀ ଜଙ୍ଗଲୀ ପରିସଂସ୍ଥାରୁ ଆସିଥାଏ। ଫୁଲଗୁଡ଼ିକ ଧାର୍ମିକ ରୀତିନୀତିର ଏକ ଅଂଶ। ଓଡ଼ିଶାରେ ଏହା ବିଲୁପ୍ତ ହେବାକୁ ଯାଉଛି ଏବଂ ଶ୍ରୀଲଙ୍କାରେ ଏହା ବିରଳ ହୋଇଯାଇଛି। ଅନ୍ୟପକ୍ଷରେ ଏହା ଅଷ୍ଟ୍ରେଲିଆ, ସିଙ୍ଗାପୁର ଏବଂ ଅନ୍ୟ କିଛି ଦେଶରେ ଏକ ଆକ୍ରମଣାତ୍ମକ ଜାତୀୟ ଲତା ବୋଲି କୁହାଯାଉଛି। ପ୍ରାକୃତିକ ସଂରକ୍ଷଣ ପାଇଁ ଆନ୍ତର୍ଜାତିକ ସଂଘ ଏହି ଲତାକୁ ଲାଲ୍ କିତାବରେ ସଙ୍କଟାପନ୍ନ ଉଦ୍ଭିଦ ବର୍ଗରେ ସ୍ଥାନିତ କରିଥିବା ଜଣାଯାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## +୩ ଦ୍ୱିତୀୟ ରାଉଣ୍ଡ ମେଧା ତାଲିକା

# ନାମଲେଖା ପାଇଁ ୪୫,୫୦୨ ଚୟନ

**ଭୁବନେଶ୍ୱର,୨୨।୬(ସମିସ):** ପ୍ରଥମ ପର୍ଯ୍ୟାୟ +୩ ନାମଲେଖା ପାଇଁ ଦ୍ୱିତୀୟ ରାଉଣ୍ଡ ମେଧା ତାଲିକା ରବିବାର ପ୍ରକାଶ ପାଇଛି। ସମୁଦାୟ ୪୫,୫୦୨ ପିଲା ନାମଲେଖା ପାଇଁ ଚୟନ ହୋଇଛନ୍ତି। ତନ୍ମଧ୍ୟରେ ୨୦,୦୩୧ ଛାତ୍ର ଥିବା

- ■ ପ୍ରଥମ ରାଉଣ୍ଡରେ ଦୂରେଇ ରହିଲେ ୪୩,୮୪୪
- ■ ଖାଲି ପଡ଼ିବ ୫୪ ହଜାର ସିଟ୍

ବେଳେ ୨୫,୪୬୮ ଛାତ୍ରୀ ଓ ୩ଜଣ ତୃତୀୟ ଲିଙ୍ଗୀ ରହିଛନ୍ତି। ବଡ଼ କଥା ହେଲା, ୪୩,୮୪୪ଜଣ ଚୟନ ହୋଇଥିଲେ ମଧ୍ୟ ନାମଲେଖା ପ୍ରକ୍ରିୟାରେ ଆଦୌ ସାମିଲ ହୋଇନାହାନ୍ତି। ଫଳରେ ଅବଶିଷ୍ଟ ପ୍ରକ୍ରିୟାରୁ ସେମାନେ ବାଦ୍ ପଡ଼ିଛନ୍ତି। ପ୍ରଥମ ରାଉଣ୍ଡରେ ୭୯,୭୫୨ଜଣ ନାମ ଲେଖାଇଥିବା ବେଳେ ୫୨,୧୨୬ ଜଣ ସ୍ଲାଇଡ୍ ଅପସନ୍ ଦେଇଛନ୍ତି। ସମୁଦାୟ ୧,୭୫,୭୨୨ ଜଣଙ୍କୁ ନାମଲେଖା ପାଇଁ ଚୟନ କରାଯାଇଥିବାରୁ ପ୍ରାୟ ୪୪ ହଜାର ସିଟ୍ ଖାଲି ପଡ଼ିବା ସୁନିଶ୍ଚିତ ହୋଇଛି। ପ୍ରାୟ ୧୦ ହଜାର ପିଲା କମ୍ ଆବେଦନ କରିଥିବାରୁ ୫୪ ହଜାର ସିଟ୍ ଖାଲି ପଡ଼ିବ।

ଏହି ରାଉଣ୍ଡରେ ଚୟନ ହୋଇଥିବା ପିଲାମାନେ ୨୫ତାରିଖ ମଧ୍ୟରେ ନାମଲେଖାଇ ପାରିବେ। ଜୁଲାଇ ୧ରେ ତୃତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇବ ଓ ୪ ତାରିଖ ମଧ୍ୟରେ ନାମଲେଖା ହେବ। ଏହାପରେ ୱେଟିଂଲିଷ୍ଟ ରାଉଣ୍ଡ ପାଇଁ ଜୁଲାଇ ୭ରୁ ୧୦ତାରିଖ ମଧ୍ୟରେ ଆବେଦନ ହେବ। ୧୨ତାରିଖରେ ଇ-ସ୍ପେସ୍‌ରେ ଓ ୧୩ ତାରିଖରେ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନର ନୋଟିସ୍ ବୋର୍ଡରେ ମେଧା ତାଲିକା ପ୍ରକାଶ ପାଇବ। ୧୫ ତାରିଖରେ ନାମଲେଖା ହେବ। +୨ ଇନ୍‌ଷ୍ଟାଣ୍ଟ ଓ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ବାହାରିବା ପରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ପ୍ରକ୍ରିୟା ଆରମ୍ଭ ହେବ।

ଅପରପକ୍ଷେ, ପୂର୍ବରୁ ଦିନ ୧୧ଟାରେ ମେଧା ତାଲିକା ପ୍ରକାଶ କରିବାକୁ ବିଜ୍ଞପ୍ତିରେ ଦର୍ଶାଯାଇଥିଲେ ମଧ୍ୟ ବିଭାଗ ବିଫଳ ହୋଇଛି। ସନ୍ଧ୍ୟା ୭ଟାରେ ମେଧା ତାଲିକା ପ୍ରକାଶ ପାଇଥିବାରୁ ନାମଲେଖା ପାଇଁ ପ୍ରକ୍ରିୟା ସାମାନ୍ୟ ବିଳମ୍ବ ହୋଇଛି। ବିଳମ୍ବର କାରଣ ସମ୍ପର୍କରେ ବୈଷୟିକ କାର୍ଯ୍ୟ କରୁଥିବା ଫାର୍ମର ଜଣେ କର୍ମଚାରୀ କହିଛନ୍ତି ଯେ ପୂର୍ବ ସୂଚୀରେ ପରିବର୍ତ୍ତନ କରି ନାମଲେଖା ପାଇଁ ଦୁଇଦିନ ଅତିରିକ୍ତ ସମୟ ଦିଆଯାଇଥିଲା। ଶନିବାର ଅପରାହ୍ଣ ୩ଟାରେ ନାମଲେଖା ଅବଧି ସରିବା ପରେ ରାତିଦିନ କାମ କରିଛନ୍ତି। ଆଗକୁ ପ୍ରକ୍ରିୟା ମଝିରେ ପରିବର୍ତ୍ତନ କରାଗଲେ ବିଳମ୍ବ ହୋଇପାରେ ଏବଂ ସମ୍ପୂର୍ଣ୍ଣ ପ୍ରକ୍ରିୟା ନିର୍ଭୁଲ୍ ହେବା ନେଇ ମଧ୍ୟ ସେ ଆଶଙ୍କା ପ୍ରକାଶ କରିଛନ୍ତି।

## ବାହାରୁନି ଉଚ୍ଚଶିକ୍ଷା ବିଭାଗ ଏଚ୍‌ପିସି ପ୍ରୋସିଡିଂ

# ନୂତନ ଶିକ୍ଷାନୁଷ୍ଠାନ ଖୋଲିବାକୁ ଡିଲ୍!

**ଭୁବନେଶ୍ୱର,୨୨।୬(ସମିସ):** ଉଚ୍ଚଶିକ୍ଷା ବିଭାଗର ଉଚ୍ଚକ୍ଷମତା ସଂପନ୍ନ କମିଟି (ଏଚ୍‌ପିସି) ବୈଠକ ଗତ ୧୧ତାରିଖରେ ଅନୁଷ୍ଠିତ ହୋଇଛି। ନୂତନ ଉଚ୍ଚଶିକ୍ଷାନୁଷ୍ଠାନ ଖୋଲିବା ପାଇଁ ହୋଇଥିବା ସମସ୍ତ ଆବେଦନ ଉପରେ ଆଲୋଚନା ହୋଇଛି। ସାଧାରଣ ପାଠ୍ୟକ୍ରମ ସହ ଏମ୍‌ବିଏ, ଏମ୍‌ସିଏ ପାଠ୍ୟକ୍ରମ ପାଇଁ ଅନୁମତି ଦେବା ସମ୍ପର୍କରେ ବିଚାରବିମର୍ଷ ହୋଇଛି। ହେଲେ ବୈଠକକୁ ୧୨ଦିନ ଅତିକ୍ରମ କରିଥିଲେ ମଧ୍ୟ ଏହାର ଚୂଡ଼ାନ୍ତ ନିଷ୍ପତ୍ତି (ପ୍ରୋସିଡିଂସ୍) ବାହାରିନାହିଁ। ଚୂଡ଼ାନ୍ତ ନିଷ୍ପତ୍ତି ନ ବାହାରିବା ପଛରେ ଯେଉଁ କାରଣଟି କୁହାଯାଉଛି, ତାହା ଅତ୍ୟନ୍ତ ସାଂଘାତିକ। ଏବେ କିଛି ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନ ନୂତନ ପାଠ୍ୟକ୍ରମ ଖୋଲିବା ପାଇଁ ଆଗ୍ରହୀ ଥିବାରୁ ଶିକ୍ଷା ବିଭାଗ ସହ ସେମାନଙ୍କର ଡିଲ୍ ଚୂଡ଼ାନ୍ତ ହୋଇ ପାରୁନାହିଁ। ଯାହା ଫଳରେ ସମସ୍ୟା ସୃଷ୍ଟି ହୋଇଛି ବୋଲି କୁହାଯାଉଛି।

ପୂର୍ବରୁ ଏଚ୍‌ପିସି ବୈଠକ ସରିବାର ଅଳ୍ପ ଦିନ ମଧ୍ୟରେ ନିଷ୍ପତ୍ତି ସମ୍ପର୍କରେ ପ୍ରୋସିଡିଂସ୍ ପ୍ରକାଶ ପାଇଥାଏ। ନୂତନ ଶିକ୍ଷାନୁଷ୍ଠାନ ପାଇଁ ହୋଇଥିବା ସମସ୍ତ ଆବେଦନକାରୀଙ୍କ ତଥ୍ୟ ସଦସ୍ୟମାନଙ୍କ ପାଖରେ ଥାଏ। ବିଭିନ୍ନ ଦିଗକୁ ଯାଞ୍ଚ କରିବା ପରେ ଅନୁମୋଦନ କିମ୍ବା ନାକଚ ସମ୍ପର୍କରେ ନିଷ୍ପତ୍ତି ହୋଇଥାଏ। ବୈଠକରେ ଅଧ୍ୟକ୍ଷତା କରୁଥିବା ଅଧିକାରୀଙ୍କ ଅନୁମୋଦନ ପରେ ବିଜ୍ଞପ୍ତି ପ୍ରକାଶ ପାଏ। କେବେ ପ୍ରୋସିଡିଂ ପ୍ରକାଶ କରାଯିବ ସେନେଇ ନିର୍ଦ୍ଦିଷ୍ଟ ନିୟମ ନ ଥିବାବେଳେ ଅତିବେଶୀରେ ସପ୍ତାହେ ମଧ୍ୟରେ ବାହାରିବା କଥା। ହେଲେ ଚଳିତଥର ୧୦ଦିନ ବିତିଥିଲେ ମଧ୍ୟ ପ୍ରୋସିଡିଂ ପ୍ରକାଶ ପାଇନଥିବାରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅପରପକ୍ଷରେ ନୂତନ ଶିକ୍ଷାନୁଷ୍ଠାନ ପାଇଁ ଆବେଦନ କରିଥିବା ଜଣେ ଆବେଦନକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ ସେମାନେ ନୂତନ ଶିକ୍ଷାନୁଷ୍ଠାନ ପାଇଁ ସମସ୍ତ ପ୍ରକାର ମାନଦଣ୍ଡ ପୂରଣ କରୁଛନ୍ତି। ହେଲେ ଅନୁମତି ସୁନିଶ୍ଚିତ କରିବା ପାଇଁ ୟୁନିଟ୍-୬ ଅଞ୍ଚଳରେ ରହୁଥିବା ଜଣେ ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ସାକ୍ଷାତ କରିବାକୁ କୁହାଯାଉଛି। ଉଚ୍ଚଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀଜଣକ ଆବେଦନରେ ବିଭିନ୍ନ ତ୍ରୁଟି ରହିଥିବା ଦର୍ଶାଇବା ସହ ଅନୁମତି ପାଇଁ ପରୋକ୍ଷ ଭାବେ ଅର୍ଥ ଦାବି କରୁଛନ୍ତି। ଏପରିକି ସେ ଅଗ୍ରୀମ ମଧ୍ୟ ଦେଇସାରିଛନ୍ତି। ଏଚ୍‌ପିସି ନିଷ୍ପତ୍ତିକୁ ବିଳମ୍ବ କରି ଅର୍ଥ ଆଦାୟ କରିବାକୁ ଏହା ଏକ ନୂଆ ବ୍ୟବସ୍ଥା ବୋଲି ମଧ୍ୟ ସେ ଅଭିହିତ କରିଛନ୍ତି। ଅପରପକ୍ଷରେ ଆବେଦନକାରୀଙ୍କ ଡିପିଆର୍ ସମେତ ଭିତ୍ତିଭୂମି ଯାଞ୍ଚ କରିବାକୁ ଏକ ସବ୍-କମିଟି ଗଠନ କରାଯାଇଛି। ତାଙ୍କ ରିପୋର୍ଟ ଆଧାରରେ ନିଷ୍ପତ୍ତି ନିଆଯିବ। ଏଣୁ ପ୍ରୋସିଡିଂ ପ୍ରକାଶରେ ବିଳମ୍ବ ହେଉଥିବା ଜଣେ ବିଭାଗୀୟ ଅଧିକାରୀ କହିଛନ୍ତି।

# ବ୍ୟବସାୟୀଙ୍କୁ ଗୁଳିମାଡ଼ ଘଟଣା: ଡିଆଇଜିଙ୍କ ତନାଘନା

**ଭଦ୍ରକ, ୨୨।୬(ସମିସ):** ଭଦ୍ରକ ସହରର ଚରମ୍ପାଠାରେ ହୋଇଥିବା ଗୁଳିକାଣ୍ଡ ଘଟଣା ପରେ ପୁଲିସର ତନାଘନା ଆରମ୍ଭ ହୋଇଛି। ପୂର୍ବାଞ୍ଚଳ ଡିଆଇଜି ଓ ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ପ୍ରକ୍ରିୟା ଯାଞ୍ଚ କରିଛନ୍ତି। ଶନିବାର ଚରମ୍ପା ଛକ ନିକଟରୁ କିଛି ଦୂରରେ ବ୍ୟବସାୟୀ ବିଦ୍ୟାଧର ପାତ୍ରଙ୍କୁ କେତେକ ଦୁର୍ବୃତ୍ତ ଦୁଇରାଉଣ୍ଡ ଗୁଳି ଚଳାଇଥିଲେ। ପରେ ସ୍ଥାନୀୟ ଲୋକେ ବିଦ୍ୟାଧରଙ୍କୁ ଗୁରୁତର ଭାବେ ପ୍ରଥମେ ଭଦ୍ରକ ମେଡିକାଲ ଓ ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ବିଦ୍ୟାଧରଙ୍କ ଦେହରୁ ଅପରେସନ ପରେ ଗୁଳି ବାହାର କରାଯାଇଛି ବୋଲି ସୂଚନା ମିଳିଛି। ତେବେ ଘଟଣା ପରେ ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକ, ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତଙ୍କ ସହ ଅନ୍ୟ ଅଧିକାରୀମାନେ ଗୁଳିକାଣ୍ଡ ହୋଇଥିବା



ସ୍ଥାନକୁ ଯାଇ ତଦନ୍ତ କରିଛନ୍ତି। ବିଦ୍ୟାଧରଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିଛନ୍ତି ଡିଆଇଜି। ଏପର୍ଯ୍ୟନ୍ତ ଗୁଳିକାଣ୍ଡର କାରଣ ଅସ୍ପଷ୍ଟ ହୋଇଥିବା ବେଳେ ସିସିଟିଭି ଯାଞ୍ଚ ସହ ବିଭିନ୍ନ ସ୍ଥାନରେ ବ୍ଲକିଂ ଓ ଚଢ଼ଉ ଚାଲିଥିବା କହିଛନ୍ତି ଡିଆଇଜି। ଘଟଣା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଖୁବ୍‌ଶୀଘ୍ର ଅପରାଧୀଙ୍କୁ ପୁଲିସ ଧରିବ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଭଦ୍ରକ ସହରର ଚରମ୍ପା ଛକ ନିକଟରେ ବ୍ୟବସାୟୀଙ୍କୁ ଗୁଳିମାଡ ହୋଇଥିଲା। ଗୁଳିମାଡର ଶିକାର ହୋଇଥିଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ବେଲାମଳା ଗ୍ରାମର ବିଦ୍ୟାଧର ପାତ୍ର। ଚରମ୍ପା ସ୍ଥିତ ନିଜ ଦୋକାନ ବନ୍ଦ କରି ଘରକୁ ଯାଉଥିବା ସମୟରେ କେତେକ ଦୁର୍ବୃତ୍ତ ଆସି ଗୁଳି ଫୁଟାଇଥିଲେ। ଲୁଟ୍ ଉଦ୍ଦେଶ୍ୟରେ ବିଦ୍ୟାଧରଙ୍କୁ ଗୁଳି ମାଡ଼ କରାଯାଇଥିବା ସନ୍ଦେହ କରାଯାଉଥିଲା। ପରେ ଗୁଳି ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଦୌଡ଼ି ଆସିଥିଲେ। ଦୁର୍ବୃତ୍ତ ମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପ୍ରତ୍ୟେକ୍ଷଦର୍ଶୀଙ୍କ ଅନୁଯାୟୀ ଦୁଇ ରାଉଣ୍ଡ ଗୁଳି ଫୁଟିଥିଲା। ବାଇକରେ ଯାଉଥିବା ବିଦ୍ୟାଧର ରାସ୍ତାରେ ଟଳି ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ଗୁରୁତର ଭାବେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

# ଅନ୍‌ଲାଇନ୍ ଟ୍ରେଡିଂ ଆଳରେ ୧୯ ଲକ୍ଷର ଚୂନ

**ବାରିପଦା, ୨୨।୬ (ସମିସ):** ବାରିପଦା ମଧୁବନ ଅଞ୍ଚଳର ଜଣେ ଯୁବକଙ୍କୁ ସାଇବର୍ ଠକ ୧୯ ଲକ୍ଷ ଟଙ୍କାର ଚୂନ ମାରିଛନ୍ତି। ଠକେଇର ଶିକାର ହୋଇଥିବା ଯୁବକଜଣଙ୍କ ହେଲେ, ଶିବେନ୍ଦୁ ସୁରଜିତ ଜେନା। ଏ ସଂପର୍କରେ ସେ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ତାଙ୍କୁ ଏକ ଅଜଣା ନମ୍ବରରୁ ଫୋନ୍ ଆସିଥିଲା। ଘରେ ବସି ଅନ୍‌ଲାଇନ ଜରିଆରେ କାମ କରିବାକୁ ତାଙ୍କୁ ଠକମାନେ ପ୍ରବର୍ତ୍ତାଇଥିଲେ। ଏଥିପାଇଁ ମୋଟା ଅଙ୍କର ଟଙ୍କା ମିଳିବ ବୋଲି ପ୍ରଲୋଭନ ମଧ୍ୟ ଦେଖାଇଥିଲେ। ଅଧିକ ଅର୍ଥ ଉପାର୍ଜନ ଆଶାରେ ସୁରଜିତ୍ ସେମାନଙ୍କ କଥାରେ ରାଜି ହୋଇ କାମ ଆରମ୍ଭ କରିଥିଲେ। ତାଙ୍କ ବିଶ୍ୱାସ ଜିତିବା ପାଇଁ ଠକ ପ୍ରଥମେ ପ୍ରଥମେ ତାଙ୍କୁ ଟଙ୍କା ପ୍ରଦାନ କରିଥିଲେ। ପରେ ତାଙ୍କ ରୋଜଗାର ଟଙ୍କାକୁ ଅନ୍‌ଲାଇନ୍ ଟ୍ରେଡିଂରେ ବିନିଯୋଗ କରିବାକୁ ଠକ ପ୍ରବର୍ତ୍ତାଇଥିଲେ। ଠକଙ୍କ କହିବା ମୁତାବକ ସେ ଅନ୍‌ଲାଇନ୍ ଟ୍ରେଡିଂରେ ଟଙ୍କା ବିନିଯୋଗ କରିବା ଆରମ୍ଭ କରିଥିଲେ। ବିଭିନ୍ନ ପର୍ଯ୍ୟାୟରେ ସୁରଜିତ୍ ସମୁଦାୟ ୧୯,୯୭,୦୭୩ ଟଙ୍କା ବିନିଯୋଗ କରିବା ପରେ ଠକମାନେ ଆଉ ଧରାଛୁଆଁ ଦେଇନଥିଲେ। ସୁରଜିତ୍ ବାରମ୍ବାର ଯୋଗାଯୋଗ କରିଥିଲେ ହେଁ ସଫଳ ହୋଇନଥିଲେ। ତେଣୁ ଠକେଇର ଶିକାର ହୋଇଥିବା ଜାଣିବା ପରେ ଏନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଯୁବତୀଙ୍କ ଭିଡିଓ ଭାଇରାଲ

**ବାରିପଦା,୨୨।୬(ସମିସ):** ଜଣେ ଯୁବତୀଙ୍କ ଆପତ୍ତିଜନକ ଭିଡିଓ ଭାଇରାଲ କରିବାକୁ ନେଇ ଭଞ୍ଜପୁର ଥାନାରେ ଅଭିଯୋଗ ହୋଇଛି। ପରିବାରଲୋକଙ୍କ ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନହେବାରୁ ପୁନଃ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଜଣେ ଯୁବକ ତାଙ୍କ ଝିଅର ଭିଡିଓ ମୋବାଇଲରେ ଉତ୍ତୋଳନ କରି ସୋସିଆଲ ମିଡିଆରେ ଭାଇରାଲ କରିଛି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ସୁଦ୍ଧା ଅଭିଯୁକ୍ତ ଗିରଫ ହୋଇନାହିଁ। ଫଳରେ ଯୁବତୀ ଓ ତାଙ୍କ ପରିବାରକୁ ନାନାଦି ଅପବାଦ ଶୁଣିବାକୁ ପଡୁଛି ବୋଲି ଅଭିଯୋଗ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଯୁଦ୍ଧକୁ ଡେଇଁଲା...

ତିନିଟି ପରମାଣୁ କେନ୍ଦ୍ର ଧ୍ୱଂସ ହୋଇଥିବା ଆମେରିକା ଦାବି କରିଛି। ୧୯୭୯ରେ ଇରାନ ବିପ୍ଳବ ପରେ ପ୍ରଥମ ଥର ଲାଗି ଇରାନ ଭିତରେ ଆକ୍ରମଣ କରିଛି ଆମେରିକା। ରାଷ୍ଟ୍ରପତି ଟ୍ରମ୍ପ ଏହି ଆକ୍ରମଣ ସଫଳ ହୋଇଛି ଏବଂ ଇରାନର ପରମାଣୁ କ୍ଷମତା ଶୂନ ହୋଇଯାଇଛି ବୋଲି କହିଛନ୍ତି। ଏବେ ମଧ୍ୟପ୍ରାଚ୍ୟ ଓ ଇସ୍ରାଏଲ ବିପଦମୁକ୍ତ ବୋଲି ସେ କହିଛନ୍ତି। ଇରାନ ତୁରନ୍ତ କଥାବାର୍ତ୍ତା କରୁ, ନହେଲେ ଆହୁରି ଭୟଙ୍କର ଆକ୍ରମଣ କରାଯିବ ବୋଲି ସେ ଧମକ ଦେଇଛନ୍ତି। ଆମେରିକାର ପ୍ରତିରକ୍ଷା ସଚିବ କହିଛନ୍ତି ଯେ 'ମିଡନାଇଟ୍ ହାମର' ନାମରେ ହୋଇଥିବା ଆକ୍ରମଣରେ ୧୨୫ଟି ଲଢୁଆ ବିମାନ ମଧ୍ୟ ସାମିଲ ହୋଇଥିଲେ। ଏହାସହିତ ଆମେରିକା ନୌସେନାର ସବମେରିନରୁ ୨୪ଟି ଟୋମହକ୍ କ୍ଷେପଣାସ୍ତ୍ର ମଧ୍ୟ ମାଡ଼ କରାଯାଇଛି।

ଏହି ଆକ୍ରମଣ ନେଇ ଇରାନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ କହିଛନ୍ତି ଯେ ଇରାନ ଉପରେ ଆକ୍ରମଣ କରି ଆମେରିକା ସବୁ ସୀମା ଅତିକ୍ରମ କରିଛି। ଇରାନ ଏହାର ଦୃଢ଼ ଜବାବ ଦେବ। ଇରାନ ମଧ୍ୟ ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରିବ ବୋଲି ସେ କହିଛନ୍ତି। ଏସଂପର୍କରେ ଅଧିକ ବିଚାରବିମର୍ଶ ଲାଗି ଆଜି ସେ ମସ୍କୋ ଯାଉଛନ୍ତି। ସେଠାରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହିତ ଆଲୋଚନା କରିବେ। ଇରାନ ଉପରେ ଆମେରିକାର ଆକ୍ରମଣକୁ ଜାତିସଂଘ ମହାସଚିବ ନିନ୍ଦା କରିବା ସହିତ ତୁରନ୍ତ ଯୁଦ୍ଧ ବନ୍ଦ କରିବାକୁ ପରାମର୍ଶ ଦେଇଛନ୍ତି। ରୁଷ ଏବଂ ଚୀନ ମଧ୍ୟ ଏହାର ନିନ୍ଦା କରି କହିଛନ୍ତି ଯେ ଏହାଦ୍ୱାରା ମଧ୍ୟପ୍ରାଚ୍ୟ ସ୍ଥିତି ଆହୁରି ବିଗିଡ଼ିଯିବ। ରୁଷ ରାଷ୍ଟ୍ରପତି ପୁଟିନଙ୍କ ବରିଷ୍ଠ ପରାମର୍ଶଦାତା ତଥା ପୂର୍ବତନ ରାଷ୍ଟ୍ରପତି ଡ୍ମିଟ୍ରି ମେଦଭେଦେଭ କହିଛନ୍ତି ଯେ ଆମେରିକାର ଆକ୍ରମଣ ସଫଳ ହୋଇନାହିଁ। ଏହା ଆମେରିକା ପାଇଁ ମହଙ୍ଗା ପଡ଼ିବ। ରୁଷ ସମେତ ଅନେକ ଦେଶ ଇରାନକୁ ପରମାଣୁ ଅସ୍ତ୍ର ଯୋଗାଇବାକୁ ପ୍ରସ୍ତୁତ ଅଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବ୍ରିଟେନ ଓ ଇସ୍ରାଏଲ ଏହି ଆକ୍ରମଣକୁ ସମର୍ଥନ କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଏସଂପର୍କରେ ଇରାନ ରାଷ୍ଟ୍ରପତିଙ୍କ ସହିତ ଫୋନରେ କଥା ହୋଇଛନ୍ତି। ମଧ୍ୟପ୍ରାଚ୍ୟ ସ୍ଥିତି ନେଇ ଉଦବେଗ ପ୍ରକାଶ କରିବା ସହିତ ତୁରନ୍ତ ଉତ୍ତେଜନା ଦୂର କରିବା ସପକ୍ଷରେ ମତ ରଖିଛନ୍ତି। ଦୁଇ ନେତାଙ୍କ ମଧ୍ୟରେ ୪୫ ମିନିଟ୍ ଧରି କଥାବାର୍ତ୍ତା ହୋଇଥିଲା।

ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦେବାପାଇଁ ଅଭିଯାନ ଚଳାଇଥିବା ପାକିସ୍ତାନର ଆଜିର ଆମେରିକୀୟ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଇରାନ ଉପରେ ଆମେରିକା ଆକ୍ରମଣକୁ ନିନ୍ଦା କରି କହିଛନ୍ତି ଯେ ଏହା ମଧ୍ୟପ୍ରାଚ୍ୟରେ ଉଦବେଗଜନକ ପରିସ୍ଥିତି ସୃଷ୍ଟି କରିଛି।

ଆମେରିକା ଆକ୍ରମଣ ପରେ ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଆହୁରି ଭୟଙ୍କର ରୂପ ଧାରଣ କରିଛି। ଆମେରିକା ଆକ୍ରମଣର କିଛି ସମୟ ମଧ୍ୟରେ ଇସ୍ରାଏଲ ଉପରେ ପ୍ରଚଣ୍ଡ କ୍ଷେପଣାସ୍ତ୍ର ମାଡ଼ କରିଛି। ଇସ୍ରାଏଲର ୪ଟି ସହରକୁ ଟାର୍ଗେଟ କରି ଇରାନ ଏହାର ସବୁଠାରୁ ଶକ୍ତିଶାଳୀ କ୍ଷେପଣାସ୍ତ୍ର ମାଡ଼ କରିଛି। ଇସ୍ରାଏଲ ମଧ୍ୟ ଏହା ଯୁଦ୍ଧବିମାନ ଜରିଆରେ ଇରାନର ଅନେକ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିଥିବା କହିଛି।

### ବଢ଼ିବ ତୈଳ...

ହୋଇଯାଏ ତେବେ ତାହାର ପ୍ରଭାବ ବିଶ୍ୱ ଅର୍ଥ ବ୍ୟବସ୍ଥା ଉପରେ ପଡ଼ିବ। ମଧ୍ୟ ପ୍ରାଚ୍ୟକୁ ସାମଗ୍ରୀ ଯୋଗାଣ ପାଇଁ ଏହି ମାର୍ଗ ଗୁରୁତ୍ୱପୂର୍ଣ୍ଣ। ଏହାର ପ୍ରଭାବରେ ଭାରତରେ ମଧ୍ୟ ତୈଳ ଦର ବୃଦ୍ଧି ପାଇପାରେ। ଭାରତର ପ୍ରାୟ ୫୦ ପ୍ରତିଶତ ତୈଳ ଏବଂ ଗ୍ୟାସ ହର୍ମୁଜ ଦେଇ ଆସୁଛି।

### ଅସ୍ତ୍ରୋପଚାର ସଫଳ...

ମଧ୍ୟରେ ଅସ୍ତ୍ରୋପଚାର ଶେଷ ହୋଇଛି। ଡାକ୍ତର ରମାକାନ୍ତ ପଣ୍ଡା କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ନବୀନ ପଟ୍ଟନାୟକଙ୍କ ସଫଳତା ସହ ଅପରେସନ ହୋଇଛି। ବୟସ ବଢିଲେ ସର୍ଭିକାଲ୍ ଆର୍ଥ୍ରାଇଟିସ୍ ହୁଏ। ଏଥିପାଇଁ ସେ (ନବୀନ) ଟିକିଏ କଷ୍ଟ ଅନୁଭବ କରୁଥିଲେ। ଏବେ ଚିକିତ୍ସା ପରେ ଆଉ ତାଙ୍କୁ କଷ୍ଟ ହେବ ନାହିଁ। ଦୁଇ ଘଣ୍ଟା ଅପରେସନ ହୋଇଛି ଓ ଗୋଟେ ଛୋଟ ଷ୍ଟିଚ ପଡିଛି। ୫ ରୁ ୭ ଦିନ ପରେ ଷ୍ଟିଚ ଖୋଲାଯିବ ବୋଲି ସେ କହିଛନ୍ତି। ଅପରେସନ ସମୟରେ ଏହି ସମୟରେ ନବୀନଙ୍କ ଭାଇ ପ୍ରେମ୍ ପଟ୍ଟନାୟକ ଓ ଭାଉଜ, ନବୀନଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର ମଧ୍ୟ ଉପସ୍ଥିତ ରହିଥିଲେ। ଶ୍ରୀ ମିଶ୍ର କହିଛନ୍ତି ଯେ ନବୀନ ବାବୁ ଅବଜରଭେସନରେ କେତେ ସମୟ ରହିବେ, ଡାକ୍ତରଙ୍କ ମତାମତ ଉପରେ ନିର୍ଭର କରେ। ସେ ଏବେ ଆଇସିୟୁରେ ଅଛନ୍ତି। ଅନେକ ପ୍ରତିଷ୍ଠିତ ଲୋକ ନବୀନ ପଟ୍ଟନାୟକଙ୍କୁ ଦେଖା କରିବାକୁ ଚାହୁଁଛନ୍ତି। ଅପରେସନ ପରେ ସଂକ୍ରମଣର ଭୟ ରହିଥାଏ। ତେଣୁ ଆଇସିୟୁରୁ କ୍ୟାବିନ୍‌କୁ ସ୍ଥାନାନ୍ତର ହେବା ପର୍ଯ୍ୟନ୍ତ ସମସ୍ତଙ୍କୁ ଅପେକ୍ଷା କରିବାକୁ ଆମେ ବିନମ୍ର ଭାବରେ ଅନୁରୋଧ କରିଛୁ ବୋଲି ଶ୍ରୀ ମିଶ୍ର କହିଛନ୍ତି।

ଦୀର୍ଘ ବର୍ଷ ଧରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ନବୀନ ପଟ୍ଟନାୟକ ନିରଳସ ଓ ନିସ୍ୱାର୍ଥପର ଭାବରେ ରାଜ୍ୟବାସୀଙ୍କ ପାଇଁ କାର୍ଯ୍ୟ କରିଛନ୍ତି। ବିରୋଧୀଦଳ ନେତା ଭାବରେ ମଧ୍ୟ ସମର୍ପିତ ଭାବରେ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରି ଚାଲିଛନ୍ତି। ନବୀନଙ୍କ ସ୍ୱାସ୍ଥ୍ୟ ଖବର ଶୁଣି ସାରା ରାଜ୍ୟବାସୀ ତାଙ୍କର ସୁସ୍ୱାସ୍ଥ୍ୟ କାମନା କରିଛନ୍ତି। ଉପବାସ, ପୂଜାର୍ଚ୍ଚନା ସହ ଦୀପଦାନ କରି ନବୀନଙ୍କ ଶୀଘ୍ର ଆରୋଗ୍ୟ ଲାଭ ପାଇଁ ପ୍ରାର୍ଥନା କରିଛନ୍ତି। ଆଜି ତାଙ୍କର ଅସ୍ତ୍ରୋପଚାର ସଫଳ ହେବା ସୂଚନା ମିଳିବା ପରେ ରାଜ୍ୟବାସୀ ଆଶ୍ୱସ୍ତ ହୋଇଛନ୍ତି।

### ୨ ଦଳିତଙ୍କୁ...

ସୂଚନା ଅନୁଯାୟୀ, ଝିଅକୁ ଯୌତୁକ ଦେବାକୁ ଦୁହେଁ ହରିପୁରରୁ ତିନୋଟି ଗାଈ ଧରି ସିଙ୍ଗିପୁର ଯାଉଥିଲେ। ଖାରିଗୁମ୍ମାଠାରେ ତାଙ୍କୁ କିଛି ଲୋକ ଅଟକାଇବା ସହ ଗୋ-ଚାଲାଣ କରୁଥିବା କହି ଟଙ୍କା ମାଗିଥିଲେ। କିନ୍ତୁ ଦୁହେଁ ଟଙ୍କା ଦେବାକୁ ରାଜି ନ ହେବାରୁ ସେମାନେ ତାଙ୍କୁ ମାଡ଼ ମାରିବା ସହ ସେଲୁନ୍‌ରେ ଅଧାଲଣ୍ଡା କରାଇଥିଲେ। ପରେ ସେମାନଙ୍କୁ ଖାରିଗୁମ୍ମାଠାରୁ ଜାହାଡ଼ା ପର୍ଯ୍ୟନ୍ତ ପାଖାପାଖି ଦୁଇ କିଲୋମିଟର ପାଦରେ ଚଲାଇ ଚଲାଇ ନେଇଥିଲେ। ପରେ ଜାହାଡା ଗାଁ ଦାଣ୍ଡରେ ଦୁହିଁଙ୍କୁ ଆଣ୍ଠେଇ ଆଣ୍ଠେଇ ଚଲାଇଥିଲେ। ନିର୍ଯାତନା ସେତିକିରେ ସରିନଥିଲା; ପରେ ଅଭିଯୁକ୍ତମାନେ ସେମାନଙ୍କୁ ଘାସ ଖାଇବାକୁ ଦେବା ସହ ନର୍ଦ୍ଦମା ପାଣି ପିଆଇଥିଲେ। ତେବେ, ସୁଯୋଗ ପାଇ ଦୁଇଜଣ ଯାକ ସେଠାରୁ ଖସି ଆସି ଧରାକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତଙ୍କ ମୁଣ୍ଡ ଆଉ ପିଠିରେ ଆଘାତ ଲାଗିଥିବା ବେଳେ ଧରାକୋଟ ପୁଲିସ୍ ତାଙ୍କୁ ମେଡିକାଲରେ ଭର୍ତ୍ତି କରି ଘଟଣାରେ ତଦନ୍ତ କରୁଛି। ଏହି ଘଟଣାରେ ୭ରୁ ୮ ଜଣଙ୍କ ସଂପୃକ୍ତି ଥିବା ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଗଞ୍ଜାମ ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଲାଣି। ପୁଲିସ୍‌କୁ ଅପରାଧୀଙ୍କ ଭୟ ରହୁନଥିବାରୁ ପ୍ରତିଦିନ ଏଭଳି ହୃଦୟବିଦାରକ ଘଟଣା ଘଟୁଛି। ଫଳରେ ସରକାର ଓ ପୁଲିସ ପ୍ରତି ଲୋକଙ୍କ ବିଶ୍ୱାସ ତୁଟିବାରେ ଲାଗିଛି ଓ ଜିଲ୍ଲାବାସୀ ନିଜକୁ ନିରାପଦ ମଣୁନାହାନ୍ତି।

## ଓଡ଼ିଶା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର ନିର୍ବାଚନ

# ପ୍ରଫେସର୍ ଧର୍ମବ୍ରତ ସଭାପତି ନିର୍ବାଚିତ




**ଭୁବନେଶ୍ୱର,୨୨।୬(ସମିସ):** ଓଡ଼ିଶା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚନ ରେଭେନ୍ସା ବିଶ୍ୱବିଦ୍ୟାଳୟ ସେଭେନ୍ ପିଲାର୍ସ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର୍ ଧର୍ମବ୍ରତ ମହାପାତ୍ର ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ପ୍ରଫେସର୍ ମଧୁସ୍ମିତା ପତି, ବିଶ୍ୱଜିତ ପ୍ରସାଦ ଛାଟୋଇ, ଏକାମ୍ରର କରେଇଲା, ପ୍ରସନ୍ନ କୁମାର ପାତ୍ର ଓ ଈଶ୍ୱର ଚନ୍ଦ୍ର ନାୟକ ଉପ-ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ସମ୍ପାଦକ ଭାବେ ମନୋରଞ୍ଜନ ମିଶ୍ର, ଯୁଗ୍ମ ସମ୍ପାଦକ ଭାବେ ସଂଯୁକ୍ତା ପାଢ଼ୀ ଓ ପ୍ରିୟଙ୍କା ଚକ୍ରବର୍ତ୍ତୀ ଏବଂ କୋଷାଧ୍ୟକ୍ଷ ଭାବେ ପରେଶ କୁମାର ଲେଙ୍କା ନିର୍ବାଚିତ ହୋଇଛନ୍ତି।

ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ପ୍ରାୟ ଦୁଇଶହରୁ ଅଧିକ ଅଧ୍ୟାପକ/ଅଧ୍ୟାପିକା ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ସହ ଉଚ୍ଚଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଏହାସହ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧିତ ଅଧିନିୟମ-୨୦୨୪ କାର୍ଯ୍ୟକାରୀ କରିବା, ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ୱାୟତ୍ତତା ଉପରେ ଆଲୋଚନା ହୋଇଥିଲା। ବିଶ୍ୱବିଦ୍ୟାଳୟରେ ଆରମ୍ଭ କରାଯାଇଥିବା ଶିକ୍ଷକ ପଦ ସଂଗଠୀକରଣ (ସ୍କୁଲ୍ ଗଠନ)କୁ ବିରୋଧ କରିବା ସହ ତୁରନ୍ତ ବନ୍ଦ କରିବାକୁ ସଦସ୍ୟମାନେ ଦାବି କରିଛନ୍ତି।

# କମୁଛି ବନ୍ୟା; ବଢୁଛି ଦୁର୍ଦ୍ଦଶା

## ତିନି ଦିନ ପରେ ମିଳିଲା ମୁଠେ ଶୁଖିଲା ଖାଦ୍ୟ

■ **ବାଲେଶ୍ୱର(ଉତ୍ତର)/ ଭୋଗରାଇ/ବାଲିଆପାଳ/ କାଳୀପଦା, ୨୨।୬ (ସମିସ):** ସୁବର୍ଣ୍ଣରେଖା ନଦୀରେ ବନ୍ୟାକୁ ତିନି ଦିନ ବିତିଛି। ବିପଦ ସଂକେତ ତଳେ ଏବେ ବନ୍ୟାଜଳ ପ୍ରବାହିତ ହେଉଥିଲେ ହେଁ ଭୋଗରାଇ ଓ ବାଲିଆପାଳରେ ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି।

ଭୋଗରାଇ ବ୍ଲକ୍‌ର ୮ଟି ପଞ୍ଚାୟତର ପ୍ରାୟ ୪୦ରୁ ଅଧିକ ଗାଁର ଲୋକେ ଏବେବି ପାଣିଘେରରେ ଅଛନ୍ତି। ତିନି ଦିନ ପରେ ଆଜି ବ୍ଲକ ପ୍ରଶାସନ ପକ୍ଷରୁ ଅଳ୍ପ କେତେକ ଗାଁରେ ଶୁଖିଲା ଖାଦ୍ୟ ଓ ପାଣି ବୋତଲ ବଣ୍ଟନ କରାଯାଇଛି। ମାତ୍ର ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳର ଆବଶ୍ୟକତା ଥିବା ବେଳେ ପ୍ରଶାସନ ଯୋଗାଇବାରେ ଫେଲ୍ ମାରିଥିବା ଅଭିଯୋଗ ହୋଇଛି। ଏବେ ବି ବ୍ଲକ୍‌ର ଖରିଦପିପଳ, ଆରୁହାବୃତ୍ତି-୧, ନାଚିନ୍ଦା, କୁସୁଡ଼ା, ଗବ ଗାଁ, ପୁଟିଣା, କୁମ୍ଭୀରଗଡ଼ି ଓ ଜୟରାମପୁର ପଞ୍ଚାୟତର



ଅନେକ ଗାଁ ବନ୍ୟା ବନ୍ୟାଜଳ ଘେରରେ ରହିଛି। ମାତ୍ର ପ୍ରଶାସନ ପକ୍ଷରୁ ସେମାନଙ୍କୁ ଏ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇନାହିଁ। ପ୍ରଶାସନ ପକ୍ଷରୁ ଭୋଗରାଇ ବ୍ଲକ୍‌ର ମାତ୍ର ୮ଟି ଗ୍ରାମରେ ଚୁଡା ଗୁଡ଼, ପାଣି ବୋତଲ ବଣ୍ଟନ କରାଯାଇଛି। ଅପରପକ୍ଷେ, ବନ୍ୟା ପାଣି ସ୍ରୋତରେ ଗତକାଲି ଭାସି ଯାଇଥିବା କୁମ୍ଭୀରଗଡ଼ି ପଞ୍ଚାୟତର କୁହ୍ଲା ଗ୍ରାମର ନବକୃଷ୍ଣ ପିଳାଙ୍କ ପୁଅ ମହେଶ୍ୱର ପିଳାଙ୍କ ମୃତଦେହ ଆଜି ଉଦ୍ଧାର ହୋଇଛି। ସକାଳେ ସ୍ଥାନୀୟ ଲୋକେ ନଦୀରେ ଏକ ଶବ ଭାସୁଥିବା ଦେଖି ପ୍ରଶାସନକୁ ଖବର ଦେବା ପରେ ଓଡ୍ରାଫ ଟିମ ପହଁଚି ଶବକୁ ଉଦ୍ଧାର କରିଥିଲା। ଉକ୍ତ ଶବକୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

ଶନିବାର ଅପରାହ୍ଣରେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ବୋଟ୍ ଯୋଗେ ବନ୍ୟା ପ୍ରପୀଡ଼ିତ ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ଲୋକଙ୍କ ସହ ଆଲୋଚନା କରିଥିଲେ। ଏଥିସହିତ କୁମ୍ଭୀରଗଡ଼ି ପଞ୍ଚାୟତ କୁହ୍ଲା ଗ୍ରାମର ବନ୍ୟା ପାଣିରେ ବୁଡ଼ି ପ୍ରାଣ ହରାଇଥିବା ଯୁବକଙ୍କ ଘରକୁ ଯାଇ କିଛି ଆର୍ଥିକ ସାହାଯ୍ୟ କରିଥିଲେ। ତା ଛଡ଼ା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ କିଛି ଆର୍ଥିକ ଆଣିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତୁରନ୍ତ ଭୋଗରାଇ ପ୍ରଶାସନକୁ ବନ୍ୟା ଅଞ୍ଚଳର ଲୋକମାନଙ୍କୁ ଶୁଖିଲା ଖାଦ୍ୟ ବାଣ୍ଟିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ସାଂସଦ ଶ୍ରୀ ଷଡ଼ଙ୍ଗୀଙ୍କ ସହିତ ବିଜେପି ନେତା ଆଶିଷ ପାତ୍ର, ମଣ୍ଡଳ ସଭାପତି ପରମାନନ୍ଦ ପରିଡ଼ା ତଥା ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।

ସେହିପରି ବନ୍ୟାରେ ବାଲିଆପାଳ ବ୍ଲକର ୧୦ ପଞ୍ଚାୟତର ୫୦ରୁ ଅଧିକ ଗ୍ରାମ ବିଶେଷ ମାତ୍ରାରେ ପ୍ରଭାବିତ ହୋଇଛନ୍ତି। ଏବେବି ଏହି ସବୁ ଗ୍ରାମରେ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି। କୁଦମାନସିଂ, ଆଠବାଟିଆ, ରାଉତୁରାପୁର, ତଳ ବାଲିଆପାଳ, ଶୁଙ୍ଘମୁହଁ, ପାଳଚମ୍ପେ, ବିଷ୍ଣୁପୁର, ଇକଡପାଳ, ଚୌଧୁରିକୁଦ, କୁହ୍ଲାଚଡ, ବଡତାଳପଦା, ନଖପାଳ ପ୍ରଭୃତି ଗ୍ରାମ ସଂପୂର୍ଣ୍ଣ ରୂପେ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ବନ୍ୟା ଯୋଗୁଁ ୨ଦିନ ହେଲା ଗ୍ରାମର ଅନେକ ଲୋକଙ୍କ ଘରେ ଚୁଲି ଜଳି ନଥିବା ବେଳେ ସେମାନେ ଭୋକ ଉପବାସରେ ଦିନ ବିତାଉଛନ୍ତି। ପିଇବା ପାଣି ପାଇଁ ଲୋକେ ସବୁଠାରୁ ଅଧିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ନଳକୂପଗୁଡ଼ିକ ପାଣିରେ ବୁଡ଼ି ରହିଥିବାରୁ ଲୋକେ ଦୂଷିତ ପାଣି ପିଇବାକୁ ବାଧ ହେଉଛନ୍ତି। ପ୍ରଶାସନ ପକ୍ଷରୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଲୋକମାନେ ଟ୍ୟାଙ୍କର ପାଖକୁ ପାଣି ନେବା ପାଇଁ ଅଣ୍ଟେ ପେଟେ ପାଣିରେ ପଶି ରାସ୍ତା ଉପରକୁ ଆସିବାକୁ ପଡୁଛି। ଏହା ପର୍ଯ୍ୟାପ୍ତ ନୁହଁ ବୋଲି ବହୁ ବିପନ୍ନ ଅଭିଯୋଗ କରିଛନ୍ତି। ସେହିପରି ବନ୍ୟା ଯୋଗୁଁ ଗୃହପାଳିତ ପଶୁ ଘରୁ ପଦାକୁ ବାହାରି ନପାରି ଭୋକିଲା ଅଛନ୍ତି। ବନ୍ୟା ପାଣି ସମ୍ପୂର୍ଣ୍ଣ ଛାଡ଼ିବାକୁ ଆହୁରି ଦିନେ ଦୁଇଦିନ ଲାଗିବ। ତେବେ ପ୍ରଶାସନ ପକ୍ଷରୁ ଲୋକମାନଙ୍କ ପାଖରେ ରିଲିଫ ପହଂଚାଇ ନପାରିବା ପ୍ରଶାସନର ଅପାରଗତାକୁ ପଦାରେ ପକାଇଛି।

ବନ୍ୟା ପରେ ଗ୍ରାମବାସୀମାନେ ଝାଡାବାନ୍ତି ରେ ଆକ୍ରାନ୍ତ ହେବାର ସମ୍ଭାବନା ଅଧିକ ଥିବାରୁ ପ୍ରସାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ନଳକୂପ ଏବଂ ଗ୍ରାମ ଗୁଡିକ ବିଶୋଧନ ପାଇଁ ଦାବି ହୋଇଛି। ସେହିପରି ଶହଶହ ଏକର ଜମିରେ ହୋଇଥିବା ପରିବା ଚାଷ ପାଣିରେ ବୁଡି ରହି ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଛି। ବାଲେଶ୍ୱର ଉପଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟ, ତହସିଲଦାର ଜ୍ୟୋତ୍ସ୍ନାରାଣି ନାୟକ ବିଭିନ୍ନ ବନ୍ୟାଅଂଚଳ ବୁଲି ସ୍ଥିତି ଉପରେ ନଜର ରଖିଛନ୍ତି। ପ୍ରଶାସନ ପକ୍ଷରୁ ୬ଟି ପଞ୍ଚାୟତର ୧୮ ହଜାର ଲୋକଙ୍କ ପାଇଁ ୯୫ କୁଇଣ୍ଟାଲ ଚୁଡା ୧୦ କୁଇଣ୍ଟାଲ ଗୁଡ ଏବଂ ପାଣି ବୋତଲ ଯୋଗାଇ ଦିଆଯାଇଥିବା ବାଲିଆପାଳ ବ୍ଲକ ବନ୍ୟା ଦାୟିତ୍ୱରେ ଥିବା ବାଲେଶ୍ୱର ଉପଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟ କହିଛନ୍ତି। ସେହିପରି ବିଭିନ୍ନ ସ୍ଥାନରେ ୬ଟି ପାଓାର ବୋଟ ନିୟୋଜିତ ହୋଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୬ଟି ଟିମ କରାଯାଇ ବିଭିନ୍ନ ଅଂଚଳରେ ସ୍ୱାସ୍ଥ୍ୟସେବା ତଦାରଖ କରାଯାଉଥିବା ଉପଜିଲ୍ଲାପାଳ ଡ. ସାମନ୍ତରାୟ କହିଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷତିଗ୍ରସ୍ତ ଗ୍ରାମ ଗୁଡିକର ସ୍ଥିତି ଅନୁଧ୍ୟାନ କରି ଲୋକଙ୍କୁ ସହାୟତା ଯୋଗଇ ଦେବାକୁ ଦାବି ହେଉଛି।


**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
GADHWAL GROUP
Mob.: 9437015112

**AFFIDAVIT**

By virtue of an Affidavit No. 596 Dt: 12.06.2025 sworn before the Executive Magistrate, Lephripara, I Manash Ranjan Sahoo, S/o- Nityananda Sahoo R/o At/P.O./P.S.- Lephripara, Dist-Sundargarh - 770012 declare that my minor daughter SRUSTI KUMARI SAHOO changed her name to SONAKSHI SAHOO. Henceforth, she will be known as SONAKSHI SAHOO for all purposes.

**NOTICE**
(above 18 years of age)

By virtue of an affidavit sworn before Notary Public, Udala, Mayurbhanj, dated 21st June, 2025 I, Narayan Tudu, Address At- Badaolia, PO- Bholagadia, PS- Khunta, Dist- Mayurbhanj, PIN- 757104 declare that I have changed my name from Narayan Majhi to Narayan Tudu. Henceforth, I shall be known as Narayan Tudu for all purposes.

Narayan Tudu

**NOTICE**

ମୁଁ ଶ୍ରୀ ଜଳଡା ଟୁଡୁ ବୟସ ବର୍ଷ ୪୮ ବର୍ଷ, ପିତା- ସ୍ୱର୍ଗତ ସବନ ଟୁଡୁ, ସା- ଉଦଳା ୱାର୍ଡ ନଂ.-୧୨, ଜ୍ୟୋତି ନଗର, ପୋ.ଅ./ଥା- ଉଦଳା, ଜି- ମୟୂରଭଞ୍ଜ। ଏତଦ୍ୱାରା ଘୋଷଣା କରୁଅଛି କି, ମୋର ଝିଅ କୁମାରୀ ଟି. କୌଶଲ୍ୟା କୁମାରୀଙ୍କ ପ୍ରକୃତ ଜନ୍ମ ତାରିଖ ୦୨.୦୮.୨୦୦୮ ଅଟେ। ଯାହାକି ତା'ର ବୋର୍ଡ ସାର୍ଟିଫିକେଟ୍ (BSE) ରେଜିଷ୍ଟ୍ରେସନ ନଂ. B123/17249/0031 ଲେଖାଅଛି। ମାତ୍ର ତା'ର ଆଧାର ନ.- 680347351865 ରେ ଭୁଲ କ୍ରମେ ତା. ୦୮.୦୨.୨୦୦୮ ଲେଖା ଅଛି। ଏଥିପାଇଁ ଆମେ ଶ୍ରୀଯୁକ୍ତ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ କପ୍ତିପଦା, ଉଦଳାଙ୍କ ଠାରେ ନଂ. 3833/21.6.25 ମୂଳେ ସତ୍ୟପାଠ କରିଅଛୁ।

ଜଳଡା ଟୁଡୁ

**TO-LET**

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.

CONTACT : 6371093914

ସକାଳ THE SAKALA



www.sakalaepaper.com

# ମରଣଯନ୍ତା ଅମ୍ବାଭୋନା-ପ୍ରକାଶପୁର ମୁଖ୍ୟରାସ୍ତା

**ଅମ୍ବାଭୋନା, ୨୨।୬(ସମିସ):**



ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକର ଅମ୍ବାଭୋନା ଠାରୁ ପ୍ରକାଶପୁର ପର୍ଯ୍ୟନ୍ତ ବିଭିନ୍ନ ଜାଗାରେ ଖାଲ, ଗାତ ଓ ଫାଟ ସୃଷ୍ଟି ହୋଇଛି। ଅମ୍ବାଭୋନା କେଦାରନାଥ ମନ୍ଦିର ନିକଟ ପାର୍କ ସମ୍ମୁଖରେ ଏହାର ନିଛକ ରୂପ ଦେଖିବାକୁ ମିଳିଛି। ଏହି ରାସ୍ତାରେ ବରଗଡ଼ରୁ ଛତିଶଗଡ଼କୁ ଅନେକ ଭାରିଯାନ ସହିତ ଶହ ଶହ ଗାଡି ଯିବା ଆସିବା କରିଥାଏ। ରାସ୍ତାର ଶୋଚନୀୟ ଅବସ୍ଥା ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ବର୍ତ୍ତମାନ ବିଦ୍ୟାଳୟ ଗୁଡିକ ଖୋଲି ଥିବାରୁ ଛାତ୍ରଛାତ୍ରୀଙ୍କ ଯିବା ଆସିବା ହେତୁ ରାସ୍ତାଟି ବିପଦସଙ୍କୁଳ ହୋଇପଡ଼ିଥିବା ଅଭିଭାବକ ମହଲରେ ଆଲୋଚନା ହେଉଛି। କେଦାରନାଥ ମନ୍ଦିର ପାଖ ପାର୍କ ଆଗ ରାସ୍ତାରେ ବଡ଼ ଗାତ ସୃଷ୍ଟି ହୋଇଛି। ଅମ୍ବାଭୋନା ଠାରୁ ଲୁଦୁପାଲି ପର୍ଯ୍ୟନ୍ତ ରାସ୍ତାରେ ବଡ଼ ବଡ଼ ଫାଟ ଦେଖିବାକୁ ମିଳୁଛି। ଏପର୍ଯ୍ୟନ୍ତ ଅନେକ ଦୁର୍ଘଟଣା ଘଟି ସାରିଲାଣି। ଭୁକ୍ତା ଯୁକ୍ତ ଦୁଇ କଲେଜ ସମ୍ମୁଖରେ ମଧ ଅନେକ ଦୁର୍ଘଟଣା ହୋଇଛି। ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ମୁଖ୍ୟରାସ୍ତା ଅତି ଶୋଚନୀୟ ଅବସ୍ଥାରେ ରହିଛି। ଅସରାଏ ବର୍ଷାରେ ସେଠାରେ ପୋଖରୀ ସଦୃଶ ଅବସ୍ଥା ହେଉଛି। ଦୁଗ୍ଧ ସମବାୟ ସମିତି ସମ୍ମୁଖରେ ମଧ ସମାନ ଅବସ୍ଥା ରହିଛି। ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ପ୍ରକାଶପୁର ପର୍ଯ୍ୟନ୍ତ ଗମନା ଗମନ ପାଇଁ ଲୋକଙ୍କୁ ବହୁତ ହଇରାଣ ହେବାକୁ ପଡୁଛି। ରାସ୍ତା ଉପରେ ହୋଇଥିବା ଫାଟ ଓ ଖାଲଖମା ଗୁଡିକ ଏପରି ବିସ୍ତାର କଲାଣି ଯେ ବାଇକ ଆରୋହୀ ମେରୁଦଣ୍ଡ ଜନିତ ସମସ୍ୟାରେ ସମ୍ମୁଖୀନ ହେଉଥିବାର ସୂଚନା ମିଳିଛି। ପ୍ରାଶାସନିକ ଅଧିକାରୀ ଏହି ରାସ୍ତାରେ ଯିବା ଆସିବା କରୁଥିଲେ ମଧ ଅଣଦେଖା କରି ଚାଲି ଯାଉଛନ୍ତି। କେତେବେଳେ କାହାରି ଜୀବନ ଦୁର୍ଘଟଣାରେ ଚାଲିଯିବ କହି ହେବନାହିଁ। ବିଭାଗୀୟ ଅଧିକାରୀଙ୍କୁ ରାସ୍ତା ମରାମତି ନିମନ୍ତେ ଜନସାଧାରଣରେ ମତ ପ୍ରକାଶ ପାଇଛି।

# ଅଧପନ୍ତରିଆ ଏସ୍‌ସି, ଏସ୍‌ଟି ହଷ୍ଟେଲ କାମ



**ବରଗଡ଼, ୨୨।୬(ସମିସ):** ସରକାର ଏସ୍‌ସି, ଏସ୍‌ଟି ଛାତ୍ରଛାତ୍ରୀ ହଷ୍ଟେଲରେ ରହି ପାଠପଢ଼ି ଉଚ୍ଚଶିକ୍ଷା ପରେ ସୁନାଗରିକ ହେବାକୁ ଯୋଜନା କରିଛନ୍ତି। ଏଥିପାଇଁ ହଷ୍ଟେଲ ନିର୍ମାଣ ହେଉଛି। ହେଲେ କେତେକ ଉପାନ୍ତ ଅଞ୍ଚଳରେ ପ୍ରାଶାସନିକ ଉଦାସୀନତା ଏବଂ ଠିକାଦାରଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଅଧପନ୍ତରିଆ ଭାବେ ନିର୍ମାଣ କାମ ପଡ଼ିରହୁଛି। ଝାରବନ୍ଧ ବ୍ଲକ ବିଳାସପୁର ପଞ୍ଚାୟତ ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏସ୍‌ସି ଏସ୍‌ଟି ବାଳିକା ଆବାସିକ ହଷ୍ଟେଲ ନିର୍ମାଣ ପାଇଁ ୨୦୧୨ ମସିହାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ବର୍ତ୍ତମାନ ଯାଏଁ ମଧ ଦୁଇ ତାଲା ବିଶିଷ୍ଟ କୋଠାଟି ନିର୍ମାଣାଧୀନ ଅବସ୍ଥାରେ ପଡ଼ିରହିଛି। ଏମିତିକି ଛାତ ଉପରେ ଗଛଲତା ବଢ଼ି ହେଲାଣି। ନିର୍ମାଣ କାର୍ଯ୍ୟ ସମାପନ କରି ଛାତ୍ରୀଙ୍କ ରହିବା ପାଇଁ ହଷ୍ଟେଲକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ହାରାହାରି ତିନି ଚାରି ଥର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ମଧ ହୋଇଛି। ତତ୍କାଳୀନ ବରଗଡ଼ ଜିଲ୍ଲାପାଳ ମୋନୀଷା ବାନାର୍ଜୀଙ୍କ ପାଖରେ ଅଭିଯୋଗ ପହଞ୍ଚିବା କାର୍ଯ୍ୟ ସମାପନ ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ସେ ତାଗିତ କରିଥିଲେ। ହେଲେ ତାଙ୍କର ବଦଳି ହୋଇଗଲା। ପରେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ପୁଣି ଚୁପ ରହିଛନ୍ତି ବୋଲି ଜନସାଧାରଣରେ ଅଭିଯୋଗ ହେଉଛି। ଝାରବନ୍ଧ ବ୍ଲକର ଏହି ସମୟର ହଷ୍ଟେଲ ଗୁଡିକର ନିର୍ମାଣ ସରି ଅନେକ ଦିନରୁ ଛାତ୍ରୀମାନେ ରହି ପାଠ ପଢୁଛନ୍ତି। ହେଲେ ବିଳାସପୁର ଗାଁରେ ନିର୍ମାଣ ହେବାକୁ ଥିବା ହଷ୍ଟେଲ ସାତ ସପନ ପାଲଟିଛି। ଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋଏଲ ସ୍ୱତନ୍ତ୍ର ଦୃଷ୍ଟି ଦେଇ ହଷ୍ଟେଲକୁ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରାକାଶ ପାଇଛି।

# ଉମ୍ମିଦେଁର ଶିଶୁ କ୍ୟାନ୍ସର 'ସମାନୁଭୂତି' କାର୍ଯ୍ୟକ୍ରମ



**ବରଗଡ଼, ୨୨।୬(ସମିସ):** ଶିଶୁ କ୍ୟାନ୍ସର ପାଇଁ କାର୍ଯ୍ୟ କରୁଥିବା ଓଡ଼ିଶାର ଅଗ୍ରଣୀ ସଂଗଠନ 'ଉମ୍ମିଦେଁ' ପକ୍ଷରୁ ବରଗଡ଼ରେ ସମୁଦାୟ ଆଧାରିତ ସଚେତନତା ଅଭିଯାନ 'ସମାନୁଭୂତି' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଜିଲ୍ଲାର ଶିଶୁ କ୍ୟାନ୍ସରରେ ପିଡ଼ୀତ ପରିବାର ଗୁଡ଼ିକୁ ଆନ୍ତରିକତା, ସମବେଦନା ଓ ସମୁଦାୟ ସହଯୋଗର ମଞ୍ଚ ଦେଇଛି। କାର୍ଯ୍ୟକ୍ରମରେ ଚିକିତ୍ସା ବିଶେଷଜ୍ଞ, ଶିକ୍ଷା ବିଶେଷଜ୍ଞ, କ୍ୟାରିଅର ମାର୍ଗଦର୍ଶକ, ସାମାଜିକ କ୍ଷେତ୍ରରେ କ୍ୟାନ୍ସର ପାଇଁ କାର୍ଯ୍ୟ କରୁଥିବା ସଂଗଠନର କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ପିଡ଼ୀତ ଶିଶୁ ଓ ପରିବାରବର୍ଗଙ୍କ ସହିତ ବାର୍ତ୍ତା ବିନିମୟ କରିଥିଲେ। ଏହି ଅବସରରେ କୃଷ୍ଣ ବିକାଶ ମଲ୍ଟି ସ୍ପେସିଆଲିଷ୍ଟ ହସ୍ପିଟାଲ୍‌ର ବରିଷ୍ଠ ଶିଶୁ ବିଶେଷଜ୍ଞ ଡ.ଆଶିଷ ଶତପଥୀ କହିଲେ କ୍ୟାନ୍ସରରୁ ସୁସ୍ଥ ହେବା ପରେ ମଧ ଶିଶୁମାନଙ୍କ ନିୟମିତ ଯାଞ୍ଚ ସହ ଶିଶୁଙ୍କ ଶରୀରରେ ଆବଶ୍ୟକ ପ୍ରୋଟିନ ଓ ଭିଟାମିନର ଉତ୍ତମ ମିଶ୍ରଣ ଯୋଗାଇବା ଦରକାର ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଇମ୍ପେରିଆଲ୍ କଲେଜ୍ ବରଗଡ଼ର ନିର୍ଦ୍ଦେଶକ ଦୀପକ ଗୋୟଲ, ଲକ୍ଷ୍ମୀ ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ଅଧ୍ୟକ୍ଷ ନାଗେଶ୍ୱର ରାଓ, ଫାଇଟର୍ସ ଗ୍ରୁପ୍‌ର ଉପାଧ୍ୟକ୍ଷା ମିନତି ପତି, ଏଇଏମ୍ ଇଂରାଜୀ ମିଡିୟମ ସ୍କୁଲର ଚେୟାରମ୍ୟାନ ଜଶବୀର ସିଂହ ପ୍ରମୁଖ ଯୋଗ ଦେଇଥିଲେ। କ୍ୟାନ୍ସର ପିଡ଼ୀତ ଶିଶୁ ଓ ପରିବାରକୁ ଶାରୀରିକ ଓ ମାନସିକ ସମର୍ଥନ, ସମବେଦନାର ଆବଶ୍ୟକତା ରହିଥାଏ। ସେମାନଙ୍କ ଭିତରେ ସାହାସ ଓ ମନୋବଳ ଜାଗୃତ କରିବା ଆବଶ୍ୟକ। ଏଥିପାଇଁ ସମାଜ ମଧ ଆଗେଇ ଆସିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ଗତ ୫୦ ବର୍ଷରେ ଶିଶୁ କ୍ୟାନ୍ସର ରୋଗୀଙ୍କ ମଧ୍ୟରୁ ୮୦-୯୦ ପ୍ରତିଶତ ପିଡ଼ୀତ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ସାଧାରଣ ଜୀବନ ବଞ୍ଚି ପାରୁଛନ୍ତି ବୋଲି ମିନତ ପତି ତଥ୍ୟ ପ୍ରଦାନ କରି କହିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ପିଡ଼ୀତ ଶିଶୁଙ୍କ ଦ୍ୱାରା ଆକର୍ଷଣୀୟ ତଥା ପ୍ରେରଣା ଦାୟୀ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇ ଥିଲା। ଫାଇଟର୍ସ ଗ୍ରୁପ ସହଯୋଗରେ ଉମ୍ମିଦେଁର ଏହି ସମାନୁଭୂତି କାର୍ଯ୍ୟକ୍ରମରେ ବିକାଶ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପ୍ରତିଷ୍ଠାତା ନିତାଇ ଗୌର ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ପରିଶେଷରେ ଫାଇଟର୍ସ ଗ୍ରୁପ ଟ୍ରଷ୍ଟ ଅଧ୍ୟକ୍ଷ ଅଶ୍ୱିନୀ ଦର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁରୀ ସାହିତ୍ୟ ପରିଷଦର 'କଥାନି ଆସର'



ବରଗଡ଼, ୨୨।୬(ସମିସ): ନାରୀ ଯୁଗେ ଯୁଗେ କରୁଣାମୟୀ, ମମତାମୟୀ ଓ ତ୍ୟାଗଶୀଳା। ସମାଜ ଗଠନରେ ନାରୀର ଭୂମିକା, ବଳିଦାନ ଓ ଅକୁହା ବେଦନାକୁ ଜଣେ ନାରୀ ହିଁ ଉପଲବ୍ଧି କରିପାରେ ବୋଲି ସାହିତ୍ୟ ଆସର ଅବସରରେ ସମାଲୋଚକ ଗଣ ମତବ୍ୟକ୍ତ କରିଛନ୍ତି। ରବିବାର ସମ୍ବଲପୁରୀ ସାହିତ୍ୟ ପରିଷଦର ମାସିକ ସାହିତ୍ୟ ଆସର 'କଥାନି ଆସର' ବରଗଡ଼ ଧୂବାଗଳି ଠାରେ ଥିବା ଶ୍ରୀନିକେତନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର କେଶରଞ୍ଜନ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆବାହକ ଉତ୍ପନ୍ନ ଭୋଇ ପ୍ରାରମ୍ଭିକ ସୂଚନା ପ୍ରଦାନ ପରେ କଥାକାର ଧନପତି ମାହାପାତ୍ର ସ୍ୱାଗତ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗାଳ୍ପିକା ସାବିତ୍ରୀ ପୁରୋହିତ, ଅଳକା ଦାଶ ଓ ରଞ୍ଜିତା ରାଣୀ ହୋତା ସ୍ୱରଚିତ ସମ୍ବଲପୁରୀ ଗଳ୍ପ ପାଠ କରିଥିଲେ। ତାହାକୁ ଡ.ଉମେଶ ମହାପାତ୍ର, ଡ.ସଂଘମିତ୍ରା ମିଶ୍ର ଓ ପ୍ରଫେସର ମାନଭଞ୍ଜନ ପାଣିଗ୍ରାହୀ ଆଲୋଚନା କରିଥିଲେ। ଶ୍ରୋତାଙ୍କ ମଧ୍ୟରୁ ଡ.ଗୋବର୍ଦ୍ଧନ ସାହୁ, କଥାକାର ନରେନ୍ଦ୍ର ମହାନ୍ତି, ଅଧ୍ୟାପକ ସନ୍ତୋଷ ତ୍ରିପାଠୀ, ଅଧ୍ୟାପକ ରାମଚନ୍ଦ୍ର ସାହୁ, ଅଧ୍ୟାପକ ସୁବାଷ ଚନ୍ଦ୍ର ଭୁଏ, ଶରତ ଚନ୍ଦ୍ର ପାଢ଼ୀ, ଗଣେଶ ପଧାନ, ଯଶୋବନ୍ତୀ ନାୟକ, ସୁଦାମ ଠେଁଠୁଆର, ମାନସ ରଞ୍ଜନ ଦାଶ ପ୍ରମୁଖ ନିଜ ନିଜର ମତ ରଖିଥିଲେ। ଶେଷରେ କବି ଉମେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

- ବୈଶାଖ ମେଳା ଓ ନୃସିଂହନାଥର ଉନ୍ନତି ପାଇଁ ଅନୁଦାନ

# ମୁଖ୍ୟମନ୍ତ୍ରୀ ଓ ସଂସ୍କୃତି ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ନୃସିଂହନାଥ ମନ୍ଦିର କର୍ତ୍ତୃପକ୍ଷ




**ବରଗଡ଼, ୨୨।୬(ସମିସ):** ବରଗଡ଼ ଜିଲ୍ଲାର ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିରକୁ ସରକାରୀ ସହାୟତା ପାଇଁ ରାଜ୍ୟ ସରକାରଙ୍କୁ ମନ୍ଦିର କର୍ତ୍ତୃପକ୍ଷ କୃତଜ୍ଞତା ଜ୍ଞାପନ କରିଛନ୍ତି। ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତଙ୍କ ତତ୍ତ୍ୱାବଧାନରେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ମେଳା କମିଟି ସଦସ୍ୟ ସଞ୍ଜୀବ ମାଝୀ, ସତ୍ୟ ବେହେରା, ଲୋଚନ ପଧାନ ପ୍ରମୁଖ ଭୁବନେଶ୍ୱର ଯାଇ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କୁ ଉପଢୌକନ ସହିତ ମନ୍ଦିରର ଫୋଟୋ ପ୍ରଦାନ କରାଯାଇଥିଲା। ପୀଠର ବିକାଶ ପାଇଁ ଆଗକୁ ଆହୁରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ମୁଖ୍ୟମ୍ୟନ୍ତ୍ରୀ କହିଥିଲେ। ସଂସ୍କୃତି ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କୁ ମଧ ଉପଢୌକନ ସହିତ ମନ୍ଦିରର ଫୋଟୋ ପ୍ରଦାନ କରାଯାଇଥିଲା। ଏଥିରେ ସଂସ୍କୃତି ମନ୍ତ୍ରୀ ଆନନ୍ଦ ପ୍ରକାଶ କରିବା ସହ ମନ୍ଦିର ପାଇଁ ସମର୍ପିତ ହୋଇ କାମ କରିବେ ବୋଲି କହିଥିଲେ। ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମଧ ନିମନ୍ତ୍ରଣ ରକ୍ଷାକରି ବୈଶାଖ ମେଳାରେ ଯୋଗ ଦେଇଥିବାରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ବୈଶାଖ ମେଳା ସମୟରେ ମୁଖ୍ୟମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀଙ୍କ ସମେତ ରାଜ୍ୟ ମନ୍ତ୍ରୀ ମଣ୍ଡଳର ବିଭିନ୍ନ ମନ୍ତ୍ରୀ, ସରକାରୀ ଅଧିକାରୀ ପ୍ରମୁଖଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସରକାର ପ୍ରତିଶ୍ରୁତି କ୍ରମେ ପ୍ରଥମ ଥର ପାଇଁ ଆର୍ଥିକ ଅନୁଦାନ ଭାବେ ମେଳାକୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଏହା ସହିତ ନୃସିଂହନାଥ ପୀଠର ଉନ୍ନତି ପାଇଁ ୧.୫ କୋଟି ଅନୁଦାନ ରାଶି ସରକାର ପ୍ରଦାନ କରିଛନ୍ତି।

# ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନ କର୍ମୀଙ୍କ ସ୍ମୃତିରେ ଚାରାରୋପଣ

**ପାଇକମାଳ, ୨୨।୬(ସମିସ):** ଐତିହାସିକ 'ଗନ୍ଧମାର୍ଦ୍ଦନ ବଞ୍ଚାଓ ବାଲକୋ ହଟାଓ' ଆନ୍ଦୋଳନର ବରିଷ୍ଠ କର୍ମୀ କମ୍ବୁପାଣି ପ୍ରଧାନଙ୍କ ପରଲୋକ ଫଳରେ ଅଞ୍ଚଳର ଅପୂରଣୀୟ କ୍ଷତି ହୋଇଛି ବୋଲି ରବିବାର ଶ୍ରଦ୍ଧାଞ୍ଜଳି ସଭାରେ ଆନ୍ଦୋଳନ କର୍ମୀମାନେ ମତ ପ୍ରକାଶ କରିଛନ୍ତି। ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଆବାହକ ଦୁର୍ଯ୍ୟୋଧନ ପୁଟାଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ସଂଗ୍ରାମୀ ରାହାସ ବିହାରି ସାହୁ, ପୂର୍ବତନ ଆବାହକ ତଥା ପ୍ରକୃତି ବନ୍ଧୁ ସାମ୍ବାଦିକ ଧିରେନ୍ ମହାନ୍ତି, ଯୁବ ସରପଞ୍ଚ ଦିଲ୍ଲୀପ ବେହେରା, ଝସକେତନ୍ ସାହୁ, ସାମ୍ବାଦିକ କୁଞ୍ଜବିହାରୀ ସାହୁ, ମୁକେଶ ସାହୁ, ମୈତ୍ରୀ ପ୍ରଧାନ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ସ୍ମୃତିରେ ଅଶୋକ ବୃକ୍ଷ ଚାରାରୋପଣ ପାଇଁ ପରିଷଦ ପକ୍ଷରୁ ପରିବାର ଲୋକଙ୍କୁ ପ୍ରଦାନ କରା ଯାଇଥିଲା। ଆଜି ଗ୍ରାମବାସୀ ସମେତ ଶହ ଶହ ସଂଖ୍ୟାରେ ଜନତା ଗାଁରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଷ୍ଟେଟ ବ୍ୟାଙ୍କ ତରଫରୁ ରକ୍ତଦାନ ଶିବିର




ପଦ୍ମପୁର, ୨୨।୬(ସମିସ): ଭାରତୀୟ ଷ୍ଟେଟ ବ୍ୟାଙ୍କର ୭୦ ତମ ପ୍ରତିଷ୍ଠା ଦିବସ ଅବସରରେ ପଦ୍ମପୁର ମୁଖ୍ୟ ଶାଖା ତରଫରୁ ରକ୍ତଦାନ ଶିବିର ବ୍ୟାଙ୍କ ପରିସର ମଧ୍ୟରେ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ନିରୋଜ ଦୋରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପଦ୍ମପୁର ଶାଖାର ମୁଖ୍ୟ ପରିଚାଳକ ବିଦ୍ୟାଧର ବରିହା, ଋଣ ଅଧିକାରୀ ଲକ୍ଷ୍ମୀଧର ମହାରଣା ପ୍ରମୁଖ ଶିବିରକୁ ଉଦ୍‌ଘାଟନ କରିଥିଲେ। ବ୍ୟାଙ୍କର କର୍ମଚାରୀ ହେମନ୍ତ ସାହୁ, ସୁଶୀଳ ଦଣ୍ଡସେନା, ବିକରାନ୍ତ କିଶୋର ନାୟକ ଓ ଦୀପକ ଦାଶ ତଥା ଅନ୍ୟାନ୍ୟ କର୍ମଚାରୀ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହିତ, ସହରର ଜନସାଧାରଣ ତଥା ଆଖପାଖ ଷ୍ଟେଟ ବ୍ୟାଙ୍କର କର୍ମକର୍ତ୍ତାମା ରକ୍ତଦାନ କରିଥିଲେ। ମୋଟ ୬୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବ୍ଲଡ ବ୍ୟାଙ୍କ କର୍ମଚାରୀ ସଂଗ୍ରାମ ମହନ୍ତ, ସୁମିତ ସିନ୍‌ହା, ଜିତେନ୍ଦ୍ର ଗୁରୁଲା, କିଶୋର ପ୍ରଧାନ, ଗଣେଶ ପ୍ରଧାନ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଶେଷରେ ମୁଖ୍ୟ ପରିଚାଳକ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦୁପତ୍ର ତୋଳାଳିଙ୍କୁ ମିଳିବ ହକ



ପଦ୍ମପୁର, ୨୨।୬(ସମିସ): ତିନି ବର୍ଷ ପରେ କେନ୍ଦୁପତ୍ର ତୋଳାଳିଙ୍କୁ ସେମାନଙ୍କ ହକ ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଧନ୍ୟବାଦ ଜଣାଇଛନ୍ତି। ନିକଟରେ କେନ୍ଦୁପତ୍ର ତୋଳାଳିଙ୍କ ଦାବି ମୁତାବକ ବୋନସ ସହ ସେମାନଙ୍କ ଜୀବନ ଜୀବିକାକୁ ସ୍ୱଚ୍ଛଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ୧୧୦ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଯାହାଦ୍ୱାରା ରାଜ୍ୟର ୧୦ ଲକ୍ଷ କେନ୍ଦୁପତ୍ର ତୋଳାଳି ଉପକୃତ ହେବେ। ବିଶେଷ କରି ସେମାନଙ୍କ ପାଇଁ ଚପଲ, କରି ବନ୍ଧା ଚପଲ, ଟୋପି, ମଶାରୀ ଓ କମ୍ବଳ ବାବଦକୁ ଅର୍ଥରାଶି ମଞ୍ଜୁର କରାଯାଇଛି। ନୂତନ ସରକାରଙ୍କ ଏକ ବର୍ଷ ପୂର୍ତ୍ତିରେ କେନ୍ଦୁପତ୍ର ତୋଳାଳିଙ୍କ ଦାବି ପୂରଣ ହୋଇଛି। ୨୨ଟି ଜିଲ୍ଲାର ପ୍ରତିନିଧି ସାଂସଦ ପ୍ରଦୀପ ପୁରୋହିତଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ।

# କୋଶଳ ସଂଗ୍ରାମ ପଦଯାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ମେଲଛାମୁଣ୍ଡା, ୨୨।୬(ସମିସ): ସମ୍ବଲପୁରୀ କୋଶଳି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରି ଭାଷା ମାନ୍ୟତା ଦାବି କରି ପଦଯାତ୍ରା ହୋଇଛି। ଏଥିପାଇଁ ପବିତ୍ର ନୃସିଂହନାଥ ପୀଠରୁ ସମ୍ବଲପୁର ପର୍ଯ୍ୟନ୍ତ ପଦଯାତ୍ରାରେ ଯାଉଥିବା କୋଶଳ ସଂଗ୍ରାମୀଙ୍କୁ ବରଗଡ଼ ଜିଲ୍ଲା ଘେଁସ ଶହୀଦ ପୀଠରେ ଘେଁସ କୋଶଳ ସେନା ଓ ଗ୍ରାମବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି। କୋଶଳ ସଂଗ୍ରାମୀ ସୁଶାନ୍ତ ମିଶ୍ର, ନାଗାର୍ଜୁନ କମ୍ପ, ଶ୍ରୀକାନ୍ତ ସାହୁ, ବଶିଷ୍ଠ ଗୁରୁ, ଭରତ ଭୁଏ, ଶୋଭାକର ମେହେର ପ୍ରମୁଖ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥ ପୀଠରୁ ପଦଯାତ୍ରାରେ ବାହାରି ଶନିବାର ବିଳମ୍ବିତ ସନ୍ଧ୍ୟାରେ ସହିଦ ପୀଠରେ ପହଞ୍ଚି ଥିଲେ। ଘେଁସ କୋଶଳ ସେନା ଓ ଗ୍ରାମବାସୀଙ୍କ ପକ୍ଷରୁ କୋଶଳ ପଦଯାତ୍ରୀମାନଙ୍କୁ ସ୍ୱାଗତ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଫେରାର ଅଭିଯୁକ୍ତକୁ କୋର୍ଟ ଚାଲାଣ

ଭେଡେନ, ୨୨।୬(ସମିସ): ଭେଡେନ ଥାନା ରକ୍ଷୁଡା ଫାଣ୍ଡି ଅଧୀନ ଗର୍ଭନା ଗାଁର ଜଣେ ଚୋରି ଅଭିଯୁକ୍ତକୁ ରବିବାର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଚୋରି କରିଥିବା ଅଭିଯୁକ୍ତ ଜଣକ ଗର୍ଭନା ଗାଁର ପ୍ରଫୁଲ୍ଲ ନାଉରି (୫୦) ବୋଲି ଜଣାପଡ଼ିଛି। ପୁଲିସ ଅନୁସାରେ କମ୍ପରଡିହି ଗାଁର ବିରଞ୍ଚି କମ୍ପ ପ୍ରତ୍ୟକ ଦିନ ଗର୍ଭନା ଛକକୁ ଆସି ପନିପରିବା ସହିତ ଆଳୁ ପିଆଜ ବିକ୍ରି କରନ୍ତି। ଗତ ମାର୍ଚ୍ଚ ୧୬ ତାରିଖ ବ୍ୟବସାୟ ସାରି ମାଲିକଙ୍କୁ ସୁଝିବା ପାଇଁ ପ୍ରାୟ ୩୦ ହଜାର ଟଙ୍କା ନିଜ ବ୍ୟାଗରେ ରଖିଥିଲେ। ନିଜ ବସିବା ସ୍ଥାନକୁ ସଫା ସୁତୁରା କରିବା ବେଳକୁ ତାଙ୍କ ଟଙ୍କା ଥିବା ବ୍ୟାଗଟି ଚୋରି ହୋଇ ଯାଇଥିଲା। ସେ ଏନେଇ ରକ୍ଷୁଡା ଫାଣ୍ଡିରେ ଅଭିଯୋଗ କଲାପରେ ଭେଡେନ ଥାନା ଅଧିକାରୀ ଓ ଫାଣ୍ଡି ଅଧିକାରୀ ଉଭୟ ଘଟଣା ସ୍ଥଳରେ ତଦନ୍ତ କରିଥିଲେ। ପାଖରେ ଥିବା ସିସିଟିଭି ଦେଖିଲା ପରେ ଅଭିଯୁକ୍ତ ପ୍ରଫୁଲ୍ଲ ଚୋରି କରିଥିବା ଜଣା ପଡ଼ିଥିଲା। ସେହି ଦିନଠାରୁ ସେ ଫେରାର ଥିଲା। ଆଜି ସେ ଘରକୁ ଆସିଥିବାର ଜାଣି ପୁଲିସ ତାକୁ ଘରୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ହଳଧର ନାଗ ଜାତୀୟ ସେମିନାର ପାଇଁ ପ୍ରସ୍ତୁତି

- ଯୋଗଦେବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ରାଜ୍ୟ ସଂସ୍କୃତି ମନ୍ତ୍ରୀ
- ସର୍ବଭାରତୀୟ ସ୍ତରରୁ ୨୫ ଜଣ ଆଲୋଚକ

**ବରଗଡ଼, ୨୨।୬(ସମିସ):**




ସମ୍ବଲପୁରୀ-କୋଶଲି ଭାଷାର ଲୋକକବି ପଦ୍ମଶ୍ରୀ ଡ.ହଳଧର ନାଗ ଓ ତାଙ୍କ ସାହିତ୍ୟ ସଂକ୍ରାନ୍ତରେ ଦୁଇ ଦିବସୀୟ ଜାତୀୟ ସେମିନାର ଅନୁଷ୍ଠିତ ହେବ। ଏ ନେଇ ଆୟୋଜକ ଅନୁଷ୍ଠାନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ରବିବାର ଦିନ ଅନୁଷ୍ଠିତ ହୋଇଛି। ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଅଭିମନ୍ୟୁ ସାହିତ୍ୟ ସଂସଦ ଘେଁସ ଓ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ ବରଗଡ଼ର ମିଳିତ ଆୟୋଜନରେ ଆଗାମୀ ୨୮ ଓ ୨୯ ତାରିଖ ଦୁଇ ଦିନ ଧରି ଏହି କାର୍ଯ୍ୟକ୍ରମ ହେବ। 'ହଳଧର-ସୃଜନ ଆର୍ ଦର୍ଶନ' ଶୀର୍ଷକରେ ବହୁଭାଷୀ ଜାତୀୟ ସେମିନାର ବିକାଶ ଶିକ୍ଷାନୁଷ୍ଠାନର ଅଡିଟୋରିଅମରେ ଏହା ଅନୁଷ୍ଠିତ ହେବ। ବିକାଶ ଫାଷ୍ଟ ଷ୍ଟେପ ବିଦ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେମିନାର ଆୟୋଜକ କମିଟିର ଅଧ୍ୟକ୍ଷ ତଥା କ୍ରିଷ୍ଣା ବିକାଶର ଚେୟାରମ୍ୟାନ ଡି.ମୁରଲୀ କ୍ରିଷ୍ଣା, ଅଭିମନ୍ୟୁ ସାହିତ୍ୟ ସଂସଦର ସଭାପତି ତଥା ସେମିନାର କମିଟିର ସଂଯୋଜକ ସୁଶାନ୍ତ ମିଶ୍ର, ଅଭିମନ୍ୟୁ ସାହିତ୍ୟ ସଂସଦର ବରିଷ୍ଠ ସଦସ୍ୟ ତଥା ସେମିନାର କମିଟି ଆବାହକ ସାହିତ୍ୟିକ ଅଶୋକ ପୂଜାହାରୀ, କମିଟି ସଦସ୍ୟ ଡ.ସମରେନ୍ଦ୍ର ପଣ୍ଡା, ଉପଦେଷ୍ଟା ଡ. ସୁବାସ ମେହେର, ନାଟ୍ୟକାର କେଶରଞ୍ଜନ ପଧାନ, ଗବେଷକ ଉତ୍ପନ୍ନ ଭୋଇ, ବିକାଶ ଶିକ୍ଷାନୁଷ୍ଠାନର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦରାଓଲ, ମାଧ୍ୟମିକ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ମାନବ ସମ୍ବଳ ଅଧିକାରୀ ଅଶ୍ୱିନୀ ନାୟକ, ଫାର୍ଷ୍ଟ ଷ୍ଟେପ ଅଧ୍ୟକ୍ଷ ପୁଷ୍ପଲତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟକାର ଅଶୋକ ବହିଦାର, ଦିଲ୍ଲୀପ ଦେବତା, ମାନଭଞ୍ଜନ ପାଣିଗ୍ରାହୀ, ତେଜରୁ ବାରିକ, ତୁଳସୀ ବାରିକ, ସୁବାସ ଭୁଏ, ହରିଲାଲ ସାହୁ, ଉମେଶ ପଧାନ, ରାଜକିଶୋର ବେହେରାଙ୍କ ସମେତ ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ।

ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଯୋଗ ଦେବେ। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ତଥା ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ ଗଡ଼ତିଆ, ଅତାବିରା ବିଧାୟକ ନିହାର ମହାନନ୍ଦ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିବା ଚୂଡାନ୍ତ ହୋଇଛି। ହଳଧର ସାହିତ୍ୟ ଉପରେ କାମ କରୁଥିବା ଓଡ଼ିଶା ଓ ଓଡ଼ିଶା ବାହାରୁ ୨୫ଜଣ ଗବେଷକ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟ, ଜାମିଆମିଲ୍ଲା ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଫେସର, ଗବେଷକ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। କାର୍ଯ୍ୟକ୍ରମରେ କବି, ସାହିତ୍ୟିକ, ସାହିତ୍ୟ ପ୍ରେମୀ, ବୁଦ୍ଧିଜୀବୀ ତଥା ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେବାକୁ କମିଟିର କର୍ମକର୍ତ୍ତା ନିବେଦନ କରିଛନ୍ତି। ହଳଧର ସାହିତ୍ୟ ଆଜି ଗାଁରୁ ଗ୍ଲୋବକୁ ପହଞ୍ଚି ସାରିଲାଣି। ବହୁ ସଂଖ୍ୟାରେ କବି, ସାହିତ୍ୟିକ, ପ୍ରଫେସର, ଗବେଷକ ଏ ଦିଗରେ କାମ କରୁଛନ୍ତି। ତେଣୁ ସମସ୍ତଙ୍କୁ ଏକତ୍ରିତ କରି ଆୟୋଜନ ହେଉଥିବା ଏହି ଆଲୋଚନା ଭାଷା ସାହିତ୍ୟ ଅଭିବୃଦ୍ଧି ଦିଗରେ ଆଉ ଏକ ପାହାଚ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ମତ ପ୍ରକାଶ ପାଇଛି।

## ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ଦୀପଦାନ



**ରେଢ଼ାଖୋଲ, ୨୨।୬(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରସ୍ଥ ବଡ଼ ରଘୁନାଥ ମନ୍ଦିରରେ ରବିବାର ଦିନ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ରେଢ଼ାଖୋଲ ବିଜୁ ଜନତା ଦଳ ପକ୍ଷରୁ ଶ୍ରୀରାମ ମନ୍ଦିରରେ ପୂଜାର୍ଚ୍ଚନା ସହିତ ୧୦୮ ଦୀପ ପ୍ରଜ୍ୱଳନ କରାଯାଇଥିଲା। ନବୀନ ପଟ୍ଟନାୟକଙ୍କ ସମ୍ପୂର୍ଣ୍ଣ ଆରୋଗ୍ୟ କାମନା କରି ମନ୍ଦିରରେ ଶତାଧିକ ସଂଖ୍ୟାରେ ରେଢ଼ାଖୋଲ ବିଜେଡ଼ି କର୍ମୀମାନେ ପୂଜାର୍ଚ୍ଚନା କରିବା ସହିତ ଦୀପ ପ୍ରଜ୍ୱଳନ କରି ନବୀନଙ୍କ ପାଇଁ ଶୁଭ ମନାସିଛନ୍ତି। ଏଥିରେ ରେଢ଼ାଖୋଲ ବରିଷ୍ଠ ବିଜେଡ଼ି କର୍ମୀ, ପଦାଧିକାରୀ, ଯୁବ କର୍ମୀ ସମେତ ଶତାଧିକ ସଂଖ୍ୟାରେ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ।

■ କୁଚିଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟ

## ନାମ ଲେଖା ପାଇଁ ସ୍ଥାନୀୟ ଛାତ୍ରଙ୍କୁ ଅଣଦେଖା

**କୁଚିଣ୍ଡା, ୨୨।୬(ସମିସ):** କୁଚିଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟରେ ନାମ ଲେଖା ପାଇଁ ସ୍ଥାନୀୟ ଲୋକଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ଚଳିତ ବର୍ଷ କୁଚିଣ୍ଡା ମହାବିଦ୍ୟାଳୟରେ ଅସ୍ଥାୟୀ ଭାବେ କେନ୍ଦ୍ରୀୟ ବିଦ୍ୟାଳୟରେ ଶିଶୁ ବଟିକା ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବାକୁ ଇଚ୍ଛା ପ୍ରକାଶ କରୁଥିବା ସ୍ଥାନୀୟ ଅଞ୍ଚଳ ଓ ୫କିମି ପରିଧି ଭିତରେ ଆସୁଥିବେ ସେମାନଙ୍କ ଦରଖାସ୍ତକୁ ପ୍ରଥମେ ବିଚାରକୁ ନେଇ ନାମଲେଖା ପାଇଁ ଅନୁମତି ପ୍ରଦାନ କରାଯିବ। ସେହିପରି ଭାରତ ସରକାରଙ୍କ ବିଭିନ୍ନ ବିଭାଗରେ ଚାକିରି କରୁଥିବା ବ୍ୟକ୍ତିଙ୍କ ସନ୍ତାନଙ୍କୁ ପ୍ରଥମେ ପ୍ରାଧାନ୍ୟ ଦେବାର ବ୍ୟବସ୍ଥା ରହିଛି। କିନ୍ତୁ ଏଠିକାର ବାସିନ୍ଦା ଦର୍ଶାଇ ଅସ୍ଥାୟୀବାସିନ୍ଦା ସାର୍ଟିଫିକେଟ ନିର୍ବାଚିତ ପ୍ରତିନିଧିଙ୍କ ଠାରୁ ଲେଖା ନେଇ ତହସିଲରୁ ବାସିନ୍ଦା ସାର୍ଟିଫିକେଟ ବଣାଇ, ରାଉରକେଲା, ଦେବଗଡ଼, ତିଳେଇବଣି, ଅନୁଗୁଳ, ବରଗଡ଼, ଝାରସୁଗୁଡା ସହ କୁଚିଣ୍ଡା ଉପଖଣ୍ଡର ୨୦ରୁ୨୫ କିମି ପରିଧିର ଲୋକେ ମଧ୍ୟ ଜାଲ ବାସିନ୍ଦା ସାର୍ଟିଫିକେଟ ହାତେଇ ନିଜର ପିଲାର ନାମ ଲେଖାଇବା ପାଇଁ ଆବେଦନ କରିଛନ୍ତି। ୧୮ ତାରିଖରେ ନାମଲେଖା ତାଲିକା ପ୍ରକାଶ ପାଇବା ପରେ ସ୍ଥାନୀୟଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟକୁ ବିରୋଧ କରି କୁଚିଣ୍ଡା ଏନ୍ଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉପଜିଲ୍ଲାପାଳ ଗୌରବମାୟା ପ୍ରଧାନଙ୍କୁ ସାକ୍ଷାତ କରି କେନ୍ଦ୍ରୀୟ ବିଦ୍ୟାଳୟର ନାମ ଲେଖାର ସ୍ୱଚ୍ଛତା ଆଣିବା ସହ ପ୍ରକୃତରେ ସ୍ଥାନୀୟ ଲୋକଙ୍କୁ ବିଚାରକୁ ନେବାକୁ ଜଣାଇଛନ୍ତି। ଉପଜିଲ୍ଲାପାଳ କାର୍ଯ୍ୟ ରେ ସ୍ୱଚ୍ଛତା ଆଣିବା ସହ ଅଞ୍ଚଳର ଉପଯୁକ୍ତ ଶିକ୍ଷାର୍ଥୀ ଯେମିତି ବାଦ ନ ପଡ଼ିନ୍ତି ସେଥି ପ୍ରତିଧ୍ୟାନ ଦେବେ ବୋଲି କହିଛନ୍ତି।

## ଅହଲ୍ୟା ବାଇ ସୁଶାସନ ସହ ଆଣିଥିଲେ ସାଂସ୍କୃତିକ ଜାଗରଣ




**ସମ୍ବଲପୁର, ୨୨।୬(ସମିସ):** ଭାରତୀୟ ଇତିହାସ ଅନେକ ବିଦୂଷୀ ନାରୀ ଓ ମହାନ ଶାସିକାଙ୍କ ଅବଦାନ ଦ୍ୱାରା ସମୃଦ୍ଧ। ଓଡ଼ିଶାରେ ଭୌମକର ଶାସନକାଳରେ କ୍ରମାନ୍ୱୟରେ ରାଣୀମାନେ ଶାସନ କରିଥିଲେ। ରାଣୀ ଅହଲ୍ୟା ବାଇ ଉତ୍ତରରୁ ଦକ୍ଷିଣ ଓ ପଶ୍ଚିମରୁ ପୂର୍ବ ପର୍ଯ୍ୟନ୍ତ ସମଗ୍ର ଭାରତବର୍ଷରେ ଶତାଧିକ ମନ୍ଦିର ନିର୍ମାଣ ଓ ଧ୍ୱସ୍ତ କରାଯାଇଥିବା ମନ୍ଦିରର ପୁନଃନିର୍ମାଣ କରାଇ ଏକ ଜାଗରଣ ଆଣିଛନ୍ତି। ତୀର୍ଥଯାତ୍ରୀଙ୍କ ପାଇଁ ପାନ୍ଥଶାଳା, କୂଅ, ପୋଖରୀ ଆଦି ନିର୍ମାଣ କରିଥିଲେ। ତାଙ୍କର ବ୍ୟକ୍ତିଗତ ଆୟକୁ ରାଷ୍ଟ୍ରବ୍ୟାପୀ ପୁନଃଉତ୍ଥାନ ଦିଗରେ ଖର୍ଚ୍ଚ କରିଥିଲେ। ସଫଳ ଶାସିକା ଭାବରେ ରାଜ୍ୟର ଅର୍ଥନୈତିକ ବିକାଶ ସହିତ ସୁଶାସନ ପ୍ରତିଷ୍ଠା କରିଥିଲେ ବୋଲି ମୁଖ୍ୟବକ୍ତା ଐତିହାସିକ ଡ.ଦଧିବାମନ ମିଶ୍ର କହିଛନ୍ତି। ଅନ୍ୟତମ ବକ୍ତା ଡଃ ପରଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟାପିକା ଡ.ବିଶ୍ୱେଶ୍ୱରୀ ସାହୁଙ୍କ ଅନୁଯାୟୀ ଅହଲ୍ୟା ବାଇ ସାଧାରଣରୁ ଅସାଧାରଣ ହୋଇଥିବା ଜଣେ ମହିଳା ଅଟନ୍ତି। ପରିବାରର ସମସ୍ତ ଆତ୍ମୀୟଙ୍କୁ ହରାଇ ସୁଦ୍ଧା ସେ ଭାଙ୍ଗି ନପଡ଼ି ରାଜ୍ୟ ଶାସନର ଭାର ମୁଣ୍ଡାଇ ଅଭୂତପୂର୍ବ ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ତାଙ୍କ ଜୀବନ ଥିଲା ସାଦାସିଧା କିନ୍ତୁ ବିଚାର ଉଚ୍ଚ। ତାଙ୍କ ସୁଶାସନ ଫଳରେ ରାଜ୍ୟବାସୀ ଉପକୃତ ହେବା ସହ ସେ ଦେଶବ୍ୟାପୀ ଯେଉଁ ସାଂସ୍କୃତିକ ଜାଗରଣ ଆଣିଥିଲେ ତାହାଦ୍ୱାରା ସମାଜ ମଧ୍ୟ ବହୁଳ ଭାବେ ଉପକୃତ ହୋଇଛି। ରାଣୀ ଅହଲ୍ୟା ବାଇ ହୋଲକରଙ୍କ ୩୦୦ତମ ଜନ୍ମବାର୍ଷିକୀ ଅବସରରେ ଭାରତ ବିକାଶ ପରିଷଦ, ସମ୍ବଲପୁର ଶାଖା ପକ୍ଷରୁ ଗଙ୍ଗାଧର ମେହେର ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଶନିବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେରେ ମୁଖ୍ୟ ଅତିଥି ଭାବେ ମହାନଦୀ କୋଲଫିଲ୍ଡସ ଲିମିଟେଡ୍ (ଏମ୍ସିଏଲ୍)ର ସିଏମଡି ଉଦୟ ଏ କୋଆଲେ କହିଲେ ଯେ, ଭାରତ ଉଚ୍ଚ ପରମ୍ପରା, ଅନୁଶାସନ ତଥା ଅନେକ ମହାମନିଷୀ ଏବଂ ମହାପୁରୁଷଙ୍କ ମହାନ ଅବଦାନ, ମହିୟସୀ ମହିଳାଙ୍କ କୃତିତ୍ୱ ଦ୍ୱାରା ସମୃଦ୍ଧ। ସେହି ଉଚ୍ଚ ପରମ୍ପରାକୁ ବଜାୟ ରଖିବା ପାଇଁ ସଭ୍ୟତା ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିବାର ଆବଶ୍ୟକତା ରହିଛି। ଭାରତ ବିକାଶ ପରିଷଦ ସଭାପତି ମକରଧ୍ୱଜ ଯୋଷୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସମ୍ପାଦକ ଡଃ ନରେନ୍ଦ୍ର ବେହେରା ପରିଚାଳନା କରିଥିଲେ। କ୍ଷେତ୍ରୀୟ ଗତିବିଧି ସମ୍ପର୍କ ସଂଯୋଜକ ଶ୍ୟାମସୁନ୍ଦର ଶର୍ମା ଅତିଥି ପରିଚୟ ପ୍ରଦାନ ଏବଂ ମହିଳା ସଚିବ ଭାରତୀ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।

**ପଞ୍ଜିକୃତ ଚାଷୀଙ୍କ ଧାନ ତୁରନ୍ତ କିଣାଯାଉ**

# ରବି ଧାନ କିଣାରେ ଅବ୍ୟବସ୍ଥା

ଝାରସୁଗୁଡ଼ା, ୨୨।୬(ସମିସ)



ରାଜ୍ୟ ସରକାର ଏକ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରୁଥିବା ବେଳେ ଝାରସୁଗୁଡ଼ା ଜିଲ୍ଲାର ଚାଷୀ ବିଭିନ୍ନ ସମସ୍ୟାର ଜର୍ଜରିତ ହେଉଛନ୍ତି। ଚାଷୀଙ୍କ ଦୁଃଖ ଶୁଣୁନାହାଁନ୍ତି ସରକାର। ୩୧ ଶହ ଟଙ୍କା ଧାନ ମୂଲ୍ୟକୁ ଆଧାର କରି ରାଜ୍ୟରେ ସରକାର ଗଢ଼ିଥିବା ମୋହନ ସରକାର ଏବେ ଚାଷୀଙ୍କୁ ଦୁଃଖରେ ଠେଲି ଦେଇଥିବା ଅଭିଯୋଗ ହୋଇଛି। ଝାରସୁଗୁଡା ଜିଲ୍ଲାର ଚାଷୀଙ୍କ ସମସ୍ୟାକୁ ନେଇ ଝାରସୁଗୁଡା ଜିଲ୍ଲା ସମବାୟ ସମିତି ପରିଚାଳନା ପରିଷଦ ଲଖନପୁର ବ୍ଲକ ପକ୍ଷରୁ ରବିବାର ଝାରସୁଗୁଡାର ଏକ ହୋଟେଲରେ ସାମ୍ବାଦିକ ସମ୍ମିଳନୀରେ ରବିଧାନ କିଣା ଅବ୍ୟବସ୍ଥାକୁ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଝାରସୁଗୁଡ଼ା ଜିଲ୍ଲାରେ ରବିଧାନ କରିଥିବା ଚାଷୀଙ୍କର ବର୍ତ୍ତମାନ ସୁଦ୍ଧା ୫୨ ପ୍ରତିଶତ ଧାନ କିଣିଥିବା ବେଳେ ବାକି ଧାନ ଏବେ ବର୍ଷାରେ ଭିଜୁଛି। ଚଳିତ ବର୍ଷ ରବି ଧାନକିଣା ପ୍ରକ୍ରିୟା ଜାରୀ ରହିଥିବା ବେଳେ ସରିବାକୁ ମାତ୍ର ୮ ଦିନ ରହିଛି। ଜିଲ୍ଲାରେ ଧାନକିଣା ସ୍ଥିତିକୁ ଦେଖିଲେ ସବୁ ଚାଷୀ ଧାନ ବିକି ପାରିବେ କି ନାହିଁ ସନ୍ଦେହ ସୃଷ୍ଟି ହୋଇଛି। କାରଣ ଝାରସୁଗୁଡାରେ ଚାଷୀଙ୍କୁ କେବଳ ଟୋକନ ଦେଇ ଧାନ କିଣୁ ନାହାନ୍ତି ସରକାର। ଚାଷୀଙ୍କ କୁଇଣ୍ଟାଲ କୁଇଣ୍ଟାଲ ଧାନ ବର୍ଷାରେ ଭିଜି ନଷ୍ଟ ହେଉଥିବା ବେଳେ କ୍ଷତିପୂରଣ ପ୍ରଦାନ କରିବା ତ ଦୂରର କଥା ଏପର୍ଯ୍ୟନ୍ତ ସର୍ଭେ ମଧ୍ୟ ହୋଇନାହିଁ। ଚାଷୀ ନିଜର କଷ୍ଟ ଉପାର୍ଜିତ ଅମଳକ୍ଷମ ଧାନ ବିକିବାକୁ ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରି ନୟାନ୍ତ ହୋଇଗଲେଣି। ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକର ହୀରାକୁଦ ବୁଡ଼ି ଅଞ୍ଚଳ ଚାଷୀଙ୍କ ଧାନ କିଣୁ ନଥିବା ଅଭିଯୋଗ କରି ଜିଲ୍ଲା ପ୍ରଶାସନ ବିରୋଧରେ ଝାରସୁଗୁଡା ଜିଲ୍ଲାର ଚାଷୀ ସଂଗଠନ ର ନେତାଙ୍କ ପକ୍ଷରୁ ସମ୍ବାଦିକ ସମ୍ମିଳନୀ କରାଯାଇ କ୍ଷୋଭ ପ୍ରକାଶ କରାଯାଇଛି। ଚଳିତ ରବି ସିଜନରେ ଜିଲ୍ଲାର ୨୨୬୨ ଚାଷୀ ପଞ୍ଜୀକୃତ କରିଥିବା ବେଳେ ମାତ୍ର ୧୨୩୩ ଚାଷୀଙ୍କ ଧାନ ଯୋଗାଣ ବିଭାଗ ପକ୍ଷରୁ କିଣା ଯାଇଛି। ରାଜ୍ୟ ଖାଦ୍ୟ ଓ ଯୋଗାଣ ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୯୩୮୮ ତାରିଖ ୨.୬.୨୦୨୫ ଅନୁସାରେ ହୀରାକୁଦ ବୁଡ଼ି ଅଞ୍ଚଳ ଚାଷୀଙ୍କ ଠାରୁ ଚଳିତ ରବି ସିଜନରେ ଧାନ କିଣିବା ପାଇଁ ଅନୁମତି ପ୍ରଦାନ କରିଛନ୍ତି। ୭୯୬ ଜଣ ଚାଷୀ ହୀରାକୁଦ ବୁଡି ଅଞ୍ଚଳର ୧୫୯୦ ଏକର ଜମିରେ ରବି ଧାନ ଚାଷ କରିଥିବା ନେଇ ସରକାରୀ ଭାବେ ପଞ୍ଜୀକରଣ କରାଯାଇଛି। ସମସ୍ତ ପଞ୍ଜିକୃତ ଚାଷୀମାନେ ରବି ଧାନ ବିକ୍ରି କରିବାକୁ ଟୋକନ୍ ମଧ୍ୟ ପାଇଛନ୍ତି କିନ୍ତୁ ରବି ଧାନ ସଂଗ୍ରହ ପ୍ରକ୍ରିୟା ଶେଷ ହେବାକୁ ଆଉ ମାତ୍ର ୮ ଦିନ ବାକି ଥିବା ବେଳେ ପାକ୍ସରେ ଟାର୍ଗେଟ୍ ନଥିବାରୁ ଚାଷୀଙ୍କ ଧାନ କିଣା ଯାଇପାରୁନଥିବା କୁହାଯାଉଛି। ହୀରାକୁଦ ବୁଡ଼ି ଅଞ୍ଚଳର ପଞ୍ଜିକୃତ ଚାଷୀଙ୍କ ଧାନ ତୁରନ୍ତ କିଣାଯାଉ ବୋଲି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ପୂର୍ବରୁ କେବଳ ରୟତି ଜମିର ଧାନ କିଣା ଯାଉଥିବା କିନ୍ତୁ ଏଥର ଇତିହାସରେ ପ୍ରଥମ ଥର ପାଇଁ ହୀରାକୁଦ ବୁଡି ଅଞ୍ଚଳର ଧାନ କିଣାଯାଉଥିବା ରାଜସ୍ୱ ମନ୍ତ୍ରୀ ତଥା ବ୍ରଜରାଜନଗର ବିଧାୟକ ସୁରେଶ ପୂଜାରୀ କହୁଥିବା ବେଳେ ମନ୍ତ୍ରୀଙ୍କ ପାଖରେ ତଥ୍ୟ ନଥିବା ନେଇ ସମ୍ବାଦିକ ସମ୍ମିଳନୀରେ ଅଭିଯୋଗ ହୋଇଛି। ୨୦୧୯ ମସିହାରୁ ରବି ସିଜନର ଧାନ କିଣା ଆରମ୍ଭ ହୋଇଥିବା ବେଳେ ୯୨ ହଜାର କୁଇଣ୍ଟାଲ ଧାନ କିଣାଯାଇଥିଲା ବୋଲି କହିବା ସହିତ ରାଜସ୍ୱ ମନ୍ତ୍ରୀ ତଥା ଏହି ଅଞ୍ଚଳ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ବିଧାୟକ ଏହା କିପରି ଇତିହାସ ସୃଷ୍ଟି କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ଚାରପାଳି ସେବା ସମବାୟ ସମିତିର ସଭାପତି ପ୍ରଦୀପ ବିଶ୍ୱାଳ। ସମ୍ବାଦିକ ସମ୍ମିଳନୀରେ ବିଭିନ୍ନ ବିଭିନ୍ନ ସେବା ସମବାୟ ସମିତିର ସଭାପତି ଓ ଚାଷୀ ସଙ୍ଗଠନର ସଦସ୍ୟଙ୍କ ସମେତ ପ୍ରଦୀପ ବିଶ୍ୱାଳ, ଗୌତମ ପ୍ରଧାନ, ବିରଞ୍ଚି ସାହୁ, ଗୋପୀନାଥ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

**ଟୋକନ ଦେଇ କିଣୁ ନାହାନ୍ତି ଧାନ, ବର୍ଷାରେ ଭିଜି ନଷ୍ଟ ହେଉଛି**

## ଜାତୀୟ ପକ୍ଷୀ ସଂରକ୍ଷଣ ଓ ପର୍ଯ୍ୟଟନ ବିକାଶ ନେଇ ଆଲୋଚନା



**ଝାରସୁଗୁଡ଼ା, ୨୨।୬(ସମିସ):** ଝାରସୁଗୁଡ଼ା ବନଖଣ୍ଡ ଅଧିନସ୍ତ ବେଲପାହାଡ଼ ରେଞ୍ଜରେ ଥିବା ଟାଙ୍ଗରପାଲି(ସୁନାରି) ବିଟ୍‌ରେ ଥିବା ପଣ୍ଡରି- ସୁନାରୀ ପାହାଡରେ ବହୁ ପ୍ରଜାତିର ବନ୍ୟଜନ୍ତୁ ଓ ବନ୍ୟପ୍ରାଣୀ ଅଛନ୍ତି। ଏହି ଅଞ୍ଚଳ ପ୍ରାୟ ୨୪୧ ଏକରରୁ ଅଧିକ ପରିବ୍ୟାପ୍ତ। ବିଶେଷକରି ଏଠାରେ ଜାତୀୟ ପକ୍ଷୀ ମୟୂର, ହେଟା ବାଘ, ଠେକୁଆ, ବାରହା, ସମ୍ବର, ଚିଥଲ, ବଣକୁକୁଡ଼ା, ହରିଣ ତଥା ବହୁ ପ୍ରଜାତିର ପକ୍ଷୀ ଦେଖାଯାଆନ୍ତି। ଏହାର ସଂରକ୍ଷଣ ପାଇଁ ବୈଠକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ସୁନାରି ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚନାରେ ପରିବେଶବିତ୍ ବିରାଟ ରାଜା ପଧାନ ମୟୂର ସଂରକ୍ଷଣର ଆବଶ୍ୟକତା ତଥା ଏହାର ସଂରକ୍ଷଣ ସହ ବିଭିନ୍ନ ରୂପରେଖ ଉପରେ ଆଲୋକପାତ କରିଥିଲେ। ଏହା ବ୍ୟତୀତ ଆଗାମୀ ଦିନରେ ଯେପରି ଆମେ ଏହାର ବଂଶ ବୃଦ୍ଧି ଓ ଏହାର ଗୋଷ୍ଠୀ ସଂରକ୍ଷଣର ଆବଶ୍ୟକତା ଉପରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ସେହିପରି ସଂରକ୍ଷଣ ଅଞ୍ଚଳର ଚିହ୍ନଟ ଓ ସଂରକ୍ଷଣ ଦ୍ୱାରା ଜୀବନ ଜୀବିକା ତଥା ଅନ୍ୟାନ୍ୟ ଦିଗ ଉପରେ ବେଲପାହାଡ଼ ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ନାଏକ ମତାମତ ରଖିଥିଲେ। ବୈଠକରେ ଚଳିତ ମାସ ଶେଷ ସୁଦ୍ଧା ସଂରକ୍ଷଣ ଅଞ୍ଚଳ ତହସିଲଦାରଙ୍କ ଦ୍ୱାରା ଚିହ୍ନଟ ତଥା ଅନ୍ୟାନ୍ୟ କାର୍ଯ୍ୟକୁ ସମାପନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ରମ୍ଭାଲୁଗା ପର୍ଯ୍ୟଟନ ସ୍ଥଳୀ, ବଲଣ୍ଡା ବଣଭୋଜିସ୍ଥଳର ଉନ୍ନତି, ପଣ୍ଡରି ଟୁଙ୍ଗି, ଗୋସାଇଁ ଖୋଲ ମଠ, ଦୁଇ ସିଦ୍ଧ ପୁରୁଷଙ୍କ ସ୍ଥାନ, ବେଂକମୁରା, କୁତ୍ରିପାଲି, ବୀରନବନ୍ଧ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଦୃଶ୍ୟ ଦେଖିବାର ସ୍ଥାନ ଚିହ୍ନଟ ଓ ଏହାର ଉନ୍ନତି ଦିଗରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ଅଲେଖରାମ ସାହୁ, ପଣ୍ଡରୀ ସରପଞ୍ଚ ସୁବାସିନି ସାହୁ, କୁଷ୍ଣଚନ୍ଦ୍ର ପ୍ରଧାନ, ଗୌରାଙ୍ଗ ସାହୁ, ପୁରୁଷୋତ୍ତମ ଠାକୁରଙ୍କ ସମେତ ବହୁ ବ୍ୟକ୍ତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବିଧାୟକଙ୍କ ଅଭିଯୋଗ ଶୁଣାଣି



**ଦେବଗଡ଼, ୨୨।୬(ସମିସ):** ତିଳେଇବଣି ବ୍ଲକ କଲ୍ୟାଣ ମଣ୍ଡପରେ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଜନସାଧାରଣ ଆଣିଥିବା ୧୭ଟି ଅଭିଯୋଗ ଶୁଣିବା ସହ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ବିଭିନ୍ନ ଅଭିଯୋଗ ପାଇବା ପରେ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କ ସହ ଫୋନ ଯୋଗେ ଆଲୋଚନା କରି ସମାଧାନ କରିଥିଲେ। ଅଭିଯୋଗ ମଧ୍ୟରେ ରାସ୍ତା, ପାନୀୟଜଳ, ଶିକ୍ଷା, ଆବାସ, ସ୍ୱାସ୍ଥ୍ୟ ଓ ବିଦ୍ୟୁତ ସମସ୍ୟା ଉପରେ ଜନସାଧାରଣ ଅଭିଯୋଗ କରିଥିବା ଜଣାପଡ଼ିଛି।

## ଅନ୍ତର୍ଜାତୀୟ ଯୋଗ ଦିବସ

**ରେଢ଼ାଖୋଲ, ୨୨।୬(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କଲେଜର ଯୁବ ରେଡ୍‌କ୍ରସ୍ ଏବଂ ଜାତୀୟ ସେବା ଯୋଜନା ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ଅକ୍ଷୟ କୁମାର କର କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପଦାର୍ଥ ବିଜ୍ଞାନ ମୁଖ୍ୟ ପ୍ରାଧ୍ୟାପକ ଅରୁଣ କୁମାର ଶାସନୀ ଯୋଗାସନ ଏବଂ ପ୍ରାଣାୟମ ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବ ରେଡ୍‌କ୍ରସ୍ ଉପଦେଷ୍ଟା ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର ଏବଂ ଜାତୀୟ ସେବା ଯୋଜନା ଅଧିକାରୀ ଡ଼ ବିରଞ୍ଚି ଖଡିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ବିଜୁପଟ୍ଟନାୟକ କଲ୍ୟାଣ ମଣ୍ଡପରେ ବିଶ୍ୱ ଯୋଗ ଦିବସରେ ପତଞ୍ଜଳି ଯୋଗ ସମିତିର ଯୋଗ ଶିକ୍ଷକ ରାକେଶ ଦେହୁରୀ ସମସ୍ତଙ୍କୁ ଯୋଗ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ରେଢ଼ାଖୋଲ ଏନଏସି ନିର୍ବାହୀ ଅଧିକାରୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ, ରେଢ଼ାଖୋଲ ବିଡିଓ ରାଜେନ୍ଦ୍ର ନାରାୟଣ ସେନାପତି, ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟ ସଚେତନତା ବଢ଼ାଇବା ଏବଂ ମାନସିକ ଓ ଶାରୀରିକ ସୁସ୍ଥତା ପ୍ରତି ଲୋକଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟରେ କାର୍ଯ୍ୟକ୍ରମ ବୈଶିଷ୍ଟ୍ୟମୟ ହୋଇଥିଲା।

## ରକ୍ତଦାନ ଶିବିର; ୫୯ ୟୁନିଟ୍ ସଂଗ୍ରହ



**ଝାରସୁଗୁଡ଼ା, ୨୨।୬ (ସମିସ):** ବ୍ରଜରାଜନଗର ପୌର କଲ୍ୟାଣ ମଣ୍ଡପରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ଜନ୍ମ ଦିନ ଉପଲକ୍ଷେ ପୂର୍ବ ଦିନରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଯାଇଛି। କାର୍ଯ୍ୟକ୍ରମ ଓଡ଼ିଶା ୟୁଥ ଏଗେନଷ୍ଟ କରପସନ୍ ପକ୍ଷରୁ ରବି ସୋନିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ରକ୍ତଦାନ ଶିବିରରେ ୫୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟଅତିଥି ଭାବେ ରାଧାରାଣୀ ପଣ୍ଡା, ସମ୍ମାନିତ ଅତିଥି ଭାବେ ମୋତିଲାଲ ତନ୍ତୀ, ସୁଶ୍ରୀ ଶୁଭଶ୍ରୀ ମିଶ୍ର, ଅନିଲ କୁମାର ନାଏକ, କଂହେୟା ଝା, ବ୍ରିଜେଶ ଶର୍ମା ମଞ୍ଚ ରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମନୋଜ କୁମାର ପୋଦାର, ବିରଞ୍ଚି ସାହୁ, ଗୋପୀନାଥ ମାଝୀ, ପୱନ୍ ଶର୍ମା, କିରଣ ଦାସ, ରିଶୁ ରୁଙ୍ଗଟା, ମାନସୀ ପଣ୍ଡା, ସଂଯୁଲତା ନାଏକ, ରାଜେଶ୍ ପାଢ଼ୀ, ଉପନ୍ ଚରଣ ସାହୁ, ଅନିଲ ଅଗ୍ରୱାଲ, ସୁନିତା ଇନାନି, ଭାନୁ ପ୍ରତାପ ସିଂହ, ତପନ ସ୍ୱାଇଁ, ଅକ୍ଷୟ କୁମ୍ଭାରଙ୍କୁ ଓଡ଼ିଶା ୟୁଥ ଏଗେନଷ୍ଟ କରପସନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଓଡ଼ିଶା ୟୁଥ ଏଗେନଷ୍ଟ କରପସନ ନୂତନ ସଭ୍ୟମାନଙ୍କ ନାମ ଘୋଷଣା କରାଯାଇଥିଲା। ଜିଲ୍ଲା ସଭାପତି ରାମଜୀ ଚୌହାନ, ସାଧାରଣ ସମ୍ପାଦକ୍ ମୁକେଶ ଠାକୁର, ଝାରସୁଗୁଡ଼ା ଟାଉନ ସଭାପତି ଚୂଡ଼ାମଣି ମେହେର, ବ୍ରଜରାଜନଗର ଟାଉନ ସଭାପତି, ନିରାକାର ରାଉତ, ଜିଲ୍ଲା ସଂଯୋଜକ ଆକାଶ ସାହା, ପଚିମ ଓଡ଼ିଶା ରାଜ୍ୟ ଉପସଭାପତି ସାହେବ୍ ପାଶୱାନ ରାଜ୍ୟ ସଂଯୋଜକ ଘୋଷଣା କରିଛନ୍ତି। କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତଥା ବିଭିନ୍ନ ସଙ୍ଗଠନ ଉପସ୍ଥିତ ଥିଲେ।

## ଏମ୍‌ସିଏଲ୍‌ରେ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ

**ସମ୍ବଲପୁର, ୨୨।୬ (ସମିସ) :** ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ (ଏମସିଏଲ୍) ପକ୍ଷରୁ ସମସ୍ତ କ୍ଷେତ୍ରୀୟ କାର୍ଯ୍ୟାଳୟରେ ଉତ୍ସାହ ଉଦ୍ଦୀପନାର ସହ ୧୧ତମ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ କାର୍ଯ୍ୟକ୍ରମ ଏମସିଏଲ ମୁଖ୍ୟାଳୟ ଆନନ୍ଦ ବିହାର ମୈଦାନରେ ଅନୁଷ୍ଠିତ ହୋଇଥିବାବେଳେ ସେଥିରେ ସାତ ଶହ ଜଣ ପ୍ରତିଭାଗୀ ଯୋଗ ଦେଇଥିଲେ। ଅଧ୍ୟକ୍ଷ ତଥା ପ୍ରବନ୍ଧ ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ (ବିପଣନ ଓ ବ୍ୟାପାର ବିକାଶ) ମୁକେଶ ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନିର୍ଦ୍ଦେଶକ (ମାନବ ସଂଶାଧନ) କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ ପି.କେ ପଟେଲଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଶାଖାପାଟଣାଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭାଷଣର ସିଧା ପ୍ରସାରଣ କରାଯାଇଥିଲା।

ମୁଖ୍ୟାଳୟ ସମେତ ତାଳଚେର ଏବଂ ଇବ୍ ଭେଲି କୋଇଲାଞ୍ଚଳ (ଅନୁଗୋଳ, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲା) ର ସମସ୍ତ କ୍ଷେତ୍ରରେ ଯୋଗ ଦିବସ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ଅବସରରେ ଏମ୍‌ସିଏଲ୍‌ର ୭୭ଟି ସ୍ଥାନରେ ୭୮୦୦ରୁ ଅଧିକ ଲୋକ ସାମୁହିକ ଯୋଗାଭ୍ୟାସ କରିଥିଲେ। ଏହି ଅବସରରେ ପରିବେଶ ପ୍ରତିବଦ୍ଧତାକୁ ସୂଚାଇ 'ଏକ୍ ପେଡ୍ ମାଁ କେ ନାମ୍' ଅଭିଯାନରେ ୧୪୩୦ଟି ଚାରାରୋପଣ କରାଯାଇଥିଲା।



**ସାମ୍ବାଦିକ ସମ୍ମିଳନୀରେ ବିଧାୟକଙ୍କ ଅଭିଯୋଗ**

# ବିକ୍ରି ହେଉଛି ଉନ୍ନୟନ କାର୍ଯ୍ୟର ଠିକା

ଦେବଗଡ଼, ୨୨।୬(ସମିସ)

**ଶାସକ ଦଳର କର୍ମୀ ସାଜିଛନ୍ତି ଦଲାଲ**




ରାଜ୍ୟରେ ଚାଲିଛି ଡିଲା ସରକାର। ଜିଲ୍ଲାରେ ଶାସକ ଦଳର କିଛି କର୍ମୀ ଚଳାଇଛନ୍ତି ଲୁଟ ତରାଜ। ନିର୍ଦ୍ଦିଷ୍ଟ ଦଳର ନେତାଙ୍କ ପ୍ରତିନିଧି ବୋଲାଉଥିବା ହାତ ଗଣତି କେତେକ କର୍ମୀ ଜିଲ୍ଲାର ଗ୍ରାମାଞ୍ଚଳର ବିକାଶରେ ସାଜିଛନ୍ତି ବାଧକ। ରବିବାର ସନ୍ଧ୍ୟାରେ ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଏଭଳି ଗୁରୁତର ଅଭିଯୋଗ କରିଛନ୍ତି। ଶ୍ରୀ ବିଶ୍ୱାଳ ଉଦ୍‌ବେଗ ପ୍ରକାଶ କରିବା ସହ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଦଲାଲଙ୍କ ଠାରୁ ଜିଲ୍ଲାର ଯୁବ ଗୋଷ୍ଠୀ ଦୁରେଇ ରହିବାକୁ ଆହ୍ୱାନ ଦେଇଛନ୍ତି। ଦେବଗଡ଼ ଜିଲ୍ଲାରେ ଯୁବ ଗୋଷ୍ଠୀଙ୍କୁ ନିଯୁକ୍ତି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିବାବେଳେ ଘରୋଇ ନିଯୁକ୍ତି ଦାତାଙ୍କ ଦ୍ୱାରା ବିଭିନ୍ନ ସରକାରୀ ବିଭାଗରେ ନିଯୁକ୍ତି କ୍ଷେତ୍ରରେ ଦଳୀୟ ନେତାଙ୍କ ପ୍ରଭାବର ପ୍ରଲୋଭନ ଦେଖାଇ ନିରୀହ ଯୁବଗୋଷ୍ଠୀ ଠାରୁ ଅର୍ଥ ସଂଗ୍ରହ ଭଳି ଅଭିଯୋଗ ତାଙ୍କ ଠାରେ ଆସୁଥିବା ବେଳେ ଜିଲ୍ଲାରେ ଉନ୍ନୟନ କାର୍ଯ୍ୟ ଗୁଡିକୁ ଠିକା ନାମରେ ବିକ୍ରି କରାଯାଉଥିବା ଅଭିଯୋଗ କରିଛନ୍ତି ବିଧାୟକ ଶ୍ରୀ ବିଶ୍ୱାଳ। ଠିକା ବିକ୍ରି କାରଣରୁ ଗ୍ରାମାଞ୍ଚଳରେ ଉନ୍ନୟନକାର୍ଯ୍ୟ ନିମ୍ନମାନର ହେଉଥିବା ଏବଂ ନିର୍ଦ୍ଦିଷ୍ଟ କେତେକ ନେତା ଜିଲ୍ଲାରେ ଉନ୍ନୟନ କାର୍ଯ୍ୟର ସରକାରୀ ମଞ୍ଜୁରୀ ପରେ ଠିକା କାର୍ଯ୍ୟ ବିକ୍ରିକୁ ରୋଜଗାରର ମାଧ୍ୟମ କରିଛନ୍ତି। ଆଗକୁ ଏଭଳି କାର୍ଯ୍ୟର ସ୍ୱତନ୍ତ୍ର ତଦନ୍ତ କରାଯିବା ସହ ଏହାର ପ୍ରତିବାଦରେ ବିଜୁ ଜନତା ଦଳ ଆନ୍ଦୋଳନ ପାଇଁ ସଜବାଜ ହେଉଛି। ସେହିପରି ଜିଲ୍ଲାରେ ଲଘୁ ଖଣିଜ ସମ୍ପଦ ଭାବେ ୬ଟି ବାଲି ସୈରାତ ରହିଥିବା ବେଳେ ସରକାରଙ୍କ ଭୁଲ ନିୟମ ପାଇଁ ଜିଲ୍ଲାରେ ବାଲି ଚୋରି ହେଉଛଇ। ଶ୍ରୀ ବିଶ୍ୱାଳ ଏ ସମ୍ପର୍କରେ ଖଣି ନିର୍ଦ୍ଦେଶକଙ୍କ ଠାରୁ ମୁଖ୍ୟଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ନ ଦେବା ବାଲି ଚୋରାକୁ ଏକ ପ୍ରକାର ପ୍ରୋତ୍ସାହନ ଦେଉଥିବା ଅଭିଯୋଗ କରିଛନ୍ତି। ତେବେ ଆଗାମୀ ଦିନରେ ରାଜ୍ୟ ସରକାର ଜିଲ୍ଲାର ପ୍ରଗତି କ୍ଷେତ୍ରରେ ଦୃଷ୍ଟି ନ ଦେଲେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି।

■ ଫେବର୍ ବ୍ଲକ କାମରେ ଅନିୟମିତତା

## ଠିକାଦାର ସଂଘର ବିରୋଧ

**ରେଢ଼ାଖୋଲ, ୨୨।୬(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏନ୍ଏସି ଅନ୍ତର୍ଗତ ଚାଟୁଣୀ ଗ୍ରାମ ନିକଟରେ ଫେବର୍ ବ୍ଲକ ରାସ୍ତା କାର୍ଯ୍ୟରେ ଅନିୟମିତତା ନେଇ ରେଢ଼ାଖୋଲ ଠିକାଦାର ସଂଘ ଅଭିଯୋଗ କରିଛନ୍ତି। କାମ ପାଇଁ ରେଢ଼ାଖୋଲ ଏନ୍ଏସି ପକ୍ଷରୁ କାର୍ଯ୍ୟାଦେଶ ଦିଆଯାଇଥିବା ଜଣାପଡ଼ିଛି। ମାରୁତି କନଷ୍ଟ୍ରକସନ୍ ପକ୍ଷରୁ ଫେବର୍ ବ୍ଲକ ରାସ୍ତା କାମ ଚାଲିଛି। ରାସ୍ତା କାମ ବିନା ସୂଚନା ଫଳକରେ ଚାଲିଥିବା ବେଳେ କାର୍ଯ୍ୟ ପାଇଁ ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ମଞ୍ଜୁର ହେଇଥିବା ସୂଚନା ମିଳିଛି। ରବିବାର ଦିନ ଚାଟୁଣୀ ଗ୍ରାମବାସୀ ପକ୍ଷରୁ ରାସ୍ତା କାମ ଅତିନିମ୍ନମାନର ହେଉଥିବା ଖବର ପାଇ ରେଢ଼ାଖୋଲ ଠିକାଦାର ସଂଘ ପକ୍ଷରୁ ସମସ୍ତ ସଦସ୍ୟ ଏକତ୍ରିତ ହୋଇ ଫେବର ବ୍ଲକ କାର୍ଯ୍ୟ ହେଉଥିବା ସ୍ଥାନରେ ବିରୋଧ ପ୍ରଦର୍ଶନ କରିଥିଲେ। ରାସ୍ତା କାମ ମେଟାଲିଂ କରିବା ବଦଳରେ ଡ଼ଷ୍ଟ ଗୁଣ୍ଡରେ ଚାଲିଥିବା ଅଭିଯୋଗ କରାଯାଇଛି। ଏଥିରେ ଅଧା ବସ୍ତା ସିମେଣ୍ଟ, ୬ ଟି ବାଲି, ୭ ଟା ଗେଟି, ୨ ଟି ଡ଼ଷ୍ଟଗୁଣ୍ଡ ମିଶ୍ରଣ କରାଯାଉଥିବା କାର୍ଯ୍ୟ କରୁଥିବା ଶ୍ରମିକମାନେ କହିଛନ୍ତି। ସରକାରୀ ନିୟମ ଅନୁଯାୟୀ ଗୋଟିଏ ବସ୍ତା ସିମେଣ୍ଟ, ୩ ଟି ବାଲି ୬ଟି ଚିପ୍ସସ୍ ବ୍ୟବହୃତ କରିବା ହେବା କଥା। କାର୍ଯ୍ୟ ସ୍ଥଳରେ କୌଣସି ଜେଇ କିମ୍ବା କୌଣସି କର୍ମଚାରୀ ଉପସ୍ଥିତ ରହିନାହାନ୍ତି। ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟକୁ ବିରୋଧ କରି ଠିକାଦାର ସଂଘ ପକ୍ଷରୁ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ ଏବଂ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୭୫ ● ପାଉଣ୍ଡ ୧୧୬.୦୮
- ୟୁରୋ ୯୯.୩୭ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୩୫୦ (ନୂଆଦିଲ୍ଲୀ)
- ରୁପା : ୧,୨୦,୧୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୪୦୮.୦୦
- ନିଫ୍ଟି ୨୫,୧୧୨.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଇରାନ୍ ଉପରେ ଆମେରିକାର ପ୍ରହାର

# ଅଶୋଧିତ ତୈଳ ୧୦୦ ଡଲାର ଟପିବ

ନୂଆଦିଲ୍ଲୀ,୨୨।୬(ଏଜେନ୍ସି)

ଇରାନ-ଇସ୍ରାଏଲ ଯୁଦ୍ଧରେ ଆମେରିକା ପ୍ରବଶେ କରିଛି। ଇରାନର ପରମାଣୁ କେନ୍ଦ୍ର ଉପରେ

- ହର୍ମୁଜ୍ ପ୍ରଣାଳୀ ବନ୍ଦ ହେଲେ ୧୩୦ ଡଲାର ଛୁଇଁବ
- ଜୁନ୍‌ରେ ୨୪ ପ୍ରତିଶତ ବଢ଼ିଛି ତେଲ ଦର

ଆମେରିକା ବିମାନ ଆକ୍ରମଣ କରିଛି। ଏହି ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ପୁଣି ଥରେ ଭୂ-ରାଜନୈତିକ ଉତ୍ତେଜନା ବୃଦ୍ଧି ପାଇଛି। ଏହାର ପ୍ରଭାବରେ ସୋମବାର ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲର ମୂଲ୍ୟ ବୃଦ୍ଧି ପାଇପାରେ। ଏମିତିକି ସୋମବାର ବିଶ୍ୱର ସେୟାର ବଜାରରେ ବଡ଼ ହ୍ରାସ ହୋଇପାରେ। ବିଶେଷଜ୍ଞମାନେ ଆକଳନ କରିଛନ୍ତି ଯେ ସୋମବାର ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୮୦ ଡଲାରରୁ ଆରମ୍ଭ ହୋଇ ୯୦ ଡଲାର ବ୍ୟାରେଲ ପର୍ଯ୍ୟନ୍ତ ପହଞ୍ଚିପାରେ। ଯଦି ହର୍ମୁଜ୍ ପ୍ରଣାଳୀ ବନ୍ଦ ହୁଏ, ତେବେ ଅଶୋଧିତ ତେଲର ମୂଲ୍ୟ ମଧ୍ୟ ୧୩୦ ଡଲାର ପ୍ରତି ବ୍ୟାରେଲ ପର୍ଯ୍ୟନ୍ତ ପହଞ୍ଚିପାରେ। ଏହାର ଅର୍ଥ ହେଉଛି ବିଶ୍ୱର ଅଶୋଧିତ ତେଲ ଆମଦାନୀ କରୁଥିବା ଦେଶଗୁଡିକ ଏଥିଯୋଗୁ ବଡ଼ କ୍ଷତି ସହିବେ। ଏଥିରେ ଭାରତ ଅନ୍ୟତମ ଦେଶ। ଭାରତ ଏହାର ଅଶୋଧିତ ତେଲ ଆବଶ୍ୟକତାର ୮୫ ରୁ ୯୦ ପ୍ରତିଶତ ଆମଦାନୀ କରେ।





ବିଶେଷଜ୍ଞମାନେ ଆକଳନ କରିଛନ୍ତି ଯେକ, ସୋମବାର ବଜାର କାରବାର ଆରମ୍ଭରୁ ଅଶୋଧିତ ତେଲ ଦର ପ୍ରତି ବ୍ୟାରେଲ ପ୍ରାୟ ୮୦ ଡଲାରରେ ଖୋଲି ଏହା ୧୦୦ ଡଲାର ଉପରେ ଯାଇପାରେ। ସବୁଠାରୁ ଖରାପ ପରିସ୍ଥିତିରେ ଯଦି ହରମୁଜ୍ ପ୍ରଣାଳୀ ବନ୍ଦ ହୁଏ ତେବେ ମୂଲ୍ୟ ୧୩୦ ଡଲାର ଉପରେ ପହଞ୍ଚିବ ବୋଲି ଆଶଙ୍କା କରାଯାଉଛି। ଜୁନ୍ ମାସରେ ଏ ପର୍ଯ୍ୟନ୍ତ ଅଶୋଧିତ ତେଲର ମୂଲ୍ୟ ୨୪ ପ୍ରତିଶତ ବୃଦ୍ଧି ପାଇ ପ୍ରତି ବ୍ୟାରେଲ ୭୭ ଡଲାର ହୋଇଛି। ଯେତେବେଳେ କି ମେ' ମାସରେ, ଅ ଶୋଧିତ ତେଲର ମୂଲ୍ୟ ୪ ପ୍ରତିଶତ ବୃଦ୍ଧି ପାଇଛି। ହରମୁଜ୍ ପ୍ରଣାଳୀ ଏକ ରଣନୈତିକ ଚକପଏଣ୍ଟ ଯାହା ବିଶ୍ୱ ତୈଳ ଯୋଗାଣର ପ୍ରାୟ ୨୦ପ୍ରତିଶତ ପରିଚାଳନା କରିଥାଏ। ଏହାକୁ ନେଇ ଏବେ ଚିନ୍ତା ବଢ଼ିଛି। ଅନ୍ୟପକ୍ଷରେ, କେଡିଆ ଆଡଭାଇଜରିର ନିର୍ଦ୍ଦେଶକ ଅଜୟ କେଡିଆ କହିଛନ୍ତି ଯେ ଉତ୍ତେଜନା ବହୁତ ବୃଦ୍ଧି ପାଇଛି ଏବଂ ଆମେରିକା ଯୁଦ୍ଧରେ ଡେଇଁବା ପରେ, ଇରାନ ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇପାରେ। ଏଥିଯୋଗୁଁ ତୈଳ ଦର ପ୍ରତି ବ୍ୟାରେଲ ୯୫ ରୁ ୧୦୦ ଡଲାର ମଧ୍ୟରେ ପହଞ୍ଚିପାରେ। ଏହାସହିତ, ସୋମବାର ଅଶୋଧିତ ତୈଳ ମୂଲ୍ୟରେ ୧୦ ରୁ ୧୫ ପ୍ରତିଶତ ବୃଦ୍ଧି ଦେଖାଯାଇପାରେ। ଅନ୍ୟପକ୍ଷରେ, ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଆମେରିକା ମଧ୍ୟ ତୈଳ ଯୋଗାଣ ବୃଦ୍ଧି କରିବାକୁ ଯାଉଛି।

ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ଭାରତକୁ ମଧ୍ୟ ପ୍ରଭାବିତ କରିବ। ଭାରତ ଏହାର ଆବଶ୍ୟକତାର ୮୫ରୁ ୯୦ ପ୍ରତିଶତ ତୈଳ ଆମଦାନି କରେ। ଯଦି ମୂଲ୍ୟ ବୃଦ୍ଧି ପାଏ, ତେବେ ଦେଶ ଅନେକ ଆର୍ଥିକ ଆହ୍ୱାନର ସମ୍ମୁଖୀନ ହୋଇପାରେ। ଅଶୋଧିତ ତୈଳରେ ପ୍ରତି ବ୍ୟାରେଲରେ ୧୦ ଡଲାର ବୃଦ୍ଧି ଭାରତର ଚଳନ୍ତି ଖାତା ନିଅଣ୍ଟକୁ ଜିଡିପିର ୦.୩ ପ୍ରତିଶତ ବୃଦ୍ଧି କରିପାରେ ଏବଂ ମୁଦ୍ରାସ୍ଫୀତି ଚାପ ମଧ୍ୟ ବଢ଼ାଇପାରେ। ଜଣେ ମୁଦ୍ରା ବଜାର ବିଶେଷଜ୍ଞଙ୍କ ଅନୁଯାୟୀ, ସୋମବାର ଭାରତୀୟ ଟଙ୍କା ଡଲାର ତୁଳନାରେ ୫୦ ରୁ ୭୫ପଇସା ମଧ୍ୟରେ ହ୍ରାସ ପାଇପାରେ। ଯାହାର ପ୍ରଭାବ ଜିଡିପି ଉପରେ ମଧ୍ୟ ଦେଖାଯାଇପାରେ। ଏହା ବ୍ୟତୀତ, ସୋମବାର ଭାରତର ଷ୍ଟକ ବଜାରରେ ଭାରି ଚାପ ଦେଖିବାକୁ ମିଳିପାରେ। ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ଯଦି ଇରାନ ହର୍ମୁଜ ପ୍ରଣାଳୀରେ ଯାତାୟାତ ବାଧା ସୃଷ୍ଟି କରିବାକୁ ଚେଷ୍ଟା କରେ, ତେବେ ଅଶୋଧିତ ତୈଳର ମୂଲ୍ୟ ପ୍ରତି ବ୍ୟାରେଲ ୧୨୦-୧୩୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ, ଯାହା ବିଶ୍ୱ ଷ୍ଟକ ବଜାର ଉପରେ ଗଭୀର ପ୍ରଭାବ ପକାଇବ। ବର୍ତ୍ତମାନ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୭୭ ଡଲାରରେ ରହିଛି। ଏଥିରେ ବିଶେଷ କଥା ହେଉଛି ଯେ ଗତ ଗୋଟିଏ ମାସରେ ଅଶୋଧିତ ତୈଳ ମୂଲ୍ୟ ପ୍ରାୟ ୨୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ, ଶୁକ୍ରବାର ଆମେରିକୀୟ ଅଶୋଧିତ ତୈଳର ମୂଲ୍ୟ ସାମାନ୍ୟ ବୃଦ୍ଧି ସହିତ ବ୍ୟାରେଲ ପିଛଶ ୭୫ ଡଲାରକୁ ଖସିଆସିଛି। ତଥାପି, ଗୋଟିଏ ମାସରେ ଆମେରିକୀୟ ଅଶୋଧିତ ତୈଳର ମୂଲ୍ୟ ପ୍ରାୟ୨୨ ପ୍ରତିଶତ ବୃଦ୍ଧି ପାଇଛି।

## ଯୁଦ୍ଧ ବଢିଲେ ଭାରତ ସହିବ ବଡ଼ କ୍ଷତି | ମହଙ୍ଗା ହେବ ବଜାର

ନୂଆଦିଲ୍ଲୀ,୨୨।୬(ଏଜେନ୍ସି): ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଉତ୍ତେଜନା ଏବେ ଏକ ବିପଜ୍ଜନକ ସ୍ଥିତିରେ ପହଞ୍ଚିଛି। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯଦି ଏହି ଯୁଦ୍ଧ ଆହୁରି ବଢ଼େ ତେବେ ଏହାର ସବୁଠାରୁ ବଡ଼ ପ୍ରଭାବ ପଶ୍ଚିମ ଏସିଆର ଦେଶଗୁଡ଼ିକ ସହିତ ଭାରତର ବାଣିଜ୍ୟ ଉପରେ ପଡ଼ିବ। ଏଥିରେ ଇରାନ, ଇରାକ, ଜୋର୍ଡାନ, ଲେବାନନ, ସିରିଆ ଏବଂ ୟେମେନ ଭଳି ଦେଶ ଅନ୍ତର୍ଭୁକ୍ତ, ଯେଉଁଠିକି ଭାରତର ମୋଟ ରପ୍ତାନି ୮.୬ ବିଲିୟନ ଡଲାର ଏବଂ ଆମଦାନି ୩୩.୧ ବିଲିୟନ ଡଲାର ରହିଛି।



ମୁମ୍ବାଇର ରପ୍ତାନିକାରୀ ଏବଂ ଟେକ୍ନୋକ୍ରାଫ୍ଟ ଇଣ୍ଡଷ୍ଟ୍ରିଜ୍ ଇଣ୍ଡିଆର ପ୍ରତିଷ୍ଠାତା ଶରଦ କୁମାର ସରାଫ ଚେତାବନୀ ଦେଇଛନ୍ତି ଯେ ଏହି ଯୁଦ୍ଧ ଭାରତର ବାଣିଜ୍ୟ ଉପରେ ଏକ ବଡ଼ ପ୍ରଭାବ ପକାଇବ। ଭାରତ ଆର୍ଥିକ ବର୍ଷ ୨୦୨୪-୨୫ରେ ଇରାନକୁ ମୋଟ ୧.୨୪ ବିଲିୟନ ଡଲାରର ରପ୍ତାନି କରିଥିଲା, ଯେଉଁଥିରେ ବାସମତୀ ଚାଉଳ ୭୫୩.୨ ନିୟୁତ ଡଲାର), କଦଳୀ, ସୋୟାବିନ୍ ମିଲ୍, ଚଣା ଏବଂ ଚା' ଭଳି କୃଷି ଉତ୍ପାଦ ପ୍ରମୁଖ ଥିଲା। ଏହି ସମୟ ମଧ୍ୟରେ ଭାରତ ଇରାନରୁ ୪୪୧.୮ ନିୟୁତ ଡଲାରର ଆମଦାନୀ ମଧ୍ୟ କରିଥିଲା। ଇସ୍ରାଏଲ ସହିତ ଭାରତର ବାଣିଜ୍ୟ ୨.୧ ବିଲିୟନ ଡଲାର (ରପ୍ତାନି) ଏବଂ ୧.୬ ବିଲିୟନ ଡଲାର (ଆମଦାନୀ) ଥିଲା। ଜିଟିଆର୍‌ଆଇ ଅନୁଯାୟୀ, ଆମେରିକାର ପ୍ରତିବନ୍ଧକ ଯୋଗୁଁ ଏହି ଉଭୟ ଦେଶ ପୂର୍ବରୁ ଆର୍ଥିକ ଚାପରେ ଅଛନ୍ତି। ବର୍ତ୍ତମାନ ଯୁଦ୍ଧ ଯୋଗୁଁ, ବର୍ଦ୍ଧିତ ପେମେଣ୍ଟ ବ୍ୟବସ୍ଥା ଏବଂ ପରିବହନ ବିପଦ ଯୋଗୁଁ ଭାରତର ବାଣିଜ୍ୟ ଆହୁରି ପ୍ରଭାବିତ ହୋଇପାରେ। ଏଥିରେ ସବୁଠାରୁ ବଡ଼ ଚିନ୍ତା ହେଉଛି ହର୍ମୁଜ୍ ପ୍ରଣାଳୀ, ଯେଉଁଠାରୁ ଭାରତର ୬୦-୬୫% ଅଶୋଧିତ ତୈଳ ଯୋଗାଣ ହୁଏ। ଇରାନ ଏହି ଜଳପଥକୁ ବନ୍ଦ କରିବାକୁ ଧମକ ଦେଇଛି। ଏହି ମାର୍ଗ ଏତେ ଗୁରୁତ୍ୱପୂର୍ଣ୍ଣ ଯେ ଏହା କେବଳ ବିଶ୍ୱ ତୈଳ ବାଣିଜ୍ୟର ପ୍ରାୟ ୨୦ ପ୍ରତିଶତ ପରିଚାଳନା କରେ। ଏହି ପ୍ରଣାଳୀ ଇରାନ ଏବଂ ଓମାନ / ସଂଯୁକ୍ତ ଆରବ ଏମିରେଟ୍ସ ମଧ୍ୟରେ ଅବସ୍ଥିତ। ଏହା ମାଧ୍ୟମରେ ସାଉଦି ଆରବ, ଇରାନ, ଇରାକ, କୁଏତ ଏବଂ କତାରରୁ ତେଲ ଏବଂ ଏଲଏନଜି ରପ୍ତାନି କରାଯାଏ। ଯଦି ଏଠାରେ ଯୋଗାଣ ବାଧାପ୍ରାପ୍ତ ହୁଏ, ତେବେ ଭାରତରେ ଇନ୍ଧନ ମହଙ୍ଗା ହୋଇଯିବ, ମୁଦ୍ରାସ୍ଫୀତି ବୃଦ୍ଧି ପାଇବ, ଟଙ୍କା ଉପରେ ଚାପ ପଡ଼ିବ ଏବଂ ଆର୍ଥିକ ସନ୍ତୁଳନ ଖରାପ ହୋଇପାରେ।

ହୁଥି ବିଦ୍ରୋହୀଙ୍କ ଆକ୍ରମଣ ଯୋଗୁଁ ଲାଲ ସାଗର ମାର୍ଗ ପୂର୍ବରୁ ପ୍ରଭାବିତ ହୋଇଛି, ଯାହା ଭାରତ-ୟୁରୋପ ଏବଂ ଭାରତ-ଆମେରିକା ମଧ୍ୟରେ ବାଣିଜ୍ୟକୁ ପ୍ରଭାବିତ କରିଛି। ଭାରତର ୮୦% ୟୁରୋପୀୟ ବାଣିଜ୍ୟ ଏବଂ ମୋଟ ରପ୍ତାନିର ୩୪% ଏହି ସମୁଦ୍ର ପଥ ଦେଇ ହୋଇଥାଏ। ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ) ମଧ୍ୟ ଚେତାବନୀ ଦେଇଛି ଯେ ଯଦି ପରିସ୍ଥିତି ସମାନ ରହେ, ତେବେ ୨୦୨୫ରେ ବିଶ୍ୱ ବାଣିଜ୍ୟ ୦.୨% ହ୍ରାସ ପାଇପାରେ, ଯେତେବେଳେ କି ପୂର୍ବରୁ କାରବାରରେ ୨.୭% ଅଭିବୃଦ୍ଧି ଆକଳନ କରାଯାଇଥିଲା। ଭାରତ ଇରାନ ସହିତ ଐତିହାସିକ ଏବଂ ରଣନୈତିକ ସମ୍ପର୍କ ରହିଛି। ଛାବାହାର ବନ୍ଦର, ଯାହା ଭାରତକୁ ଆଫଗାନିସ୍ତାନ ଏବଂ ମଧ୍ୟ ଏସିଆକୁ ସିଧାସଳଖ ପ୍ରବେଶ ପ୍ରଦାନ କରେ।


## ଲାଲ୍‌ଚନ୍ଦ୍‌ର ମନ୍‌ସୁନ୍ ସେଲ୍





ଭୁବନେଶ୍ୱର,୨୨।୬(ସମିସ): ଲାଲ୍‌ଚନ୍ଦ ଜୁଏଲର୍ସ ଏହାର ଗ୍ରାହକମାନଙ୍କ ଲାଗି 'ମନ୍‌ସୁନ୍ ସେଲ୍' ଅଫର ଆଣିଛି। ଏଥିରେ ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ମେସିନ୍-ନିର୍ମିତ ସୁନା ଚେନ୍‌ରେ ଗଢ଼ା ମଜୁରୀ ଫ୍ଲାଟ୍ ୭୯୯ ଟଙ୍କା/ଗ୍ରାମ୍ ରହିଛି। ସେହିପରି ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ଡିଜାଇନର୍ ସୁନା ଅଳଙ୍କାରରେ ଗଢ଼ା ମଜୁରୀ ଫ୍ଲାଟ୍ ୧୧୯୯ ଟଙ୍କା/ଗ୍ରାମ୍,ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ଆଣ୍ଟିକ୍ ଏବଂ ଇଟାଲିଆନ୍ ଡିଜାଇନ୍‌ର ସୁନା ଅଳଙ୍କାରରେ ଗଢ଼ା ମଜୁରୀ ଫ୍ଲାଟ୍ ୧୩୯୯ ଟଙ୍କା/ଗ୍ରାମ୍ ଏବଂ ରୁପା ଗହଣାର ଗଢ଼ା ମଜୁରୀରେ ଫ୍ଲାଟ୍ ୫୦% ରିଆତି ରହିଛି। ଏହାଛଡା ଲାଲ୍‌ଚନ୍ଦ୍‌ର ମନ୍‌ସୂନ୍ ସେଲ୍‌ରେ ଗ୍ରାହକ ହୀରା ଅଳଙ୍କାର ଉପରେ ଫ୍ଲାଟ୍ ୨୦,୦୦୦ ଟଙ୍କା/କ୍ୟାରେଟ୍ ରିହାତି, ନିର୍ଦ୍ଦିଷ୍ଟ ହାତଘଣ୍ଟାର ଏମ୍‌ଆରପି ଉପରେ ଫ୍ଲାଟ୍ ୨୦% ରିଆତି,ବ୍ରାଣ୍ଡେଡ୍ ସାମଗ୍ରୀ ଉପରେ ଫ୍ଲାଟ୍ ୧୫% ରିଆତି ରହିଛି। ଏତଦ୍‌ବ୍ୟତୀତ ପୁରୁଣା ଏଚ୍‌ୟୁଆଇଡି ସୁନା ଏକ୍ସଚେଞ୍ଜରେ ଗ୍ରାହକ ୧୦୦% ସୁନା ମୂଲ୍ୟ ପାଇପାରିବେ। ଆଗାମୀ ଲକ୍ଷପତି ଲକି ଡ୍ର' ଜୁଲାଇ ମାସରେ ଅନୁଷ୍ଠିତ ହେବ ବୋଲି ଲାଲ୍‌ଚନ୍ଦ ଜୁଏଲର୍ସପକ୍ଷରୁ କୁହାଯାଇଛି।


## ଲ୍ୟାରି ଏଲିସନ୍ ବିଶ୍ୱର ଦ୍ୱିତୀୟ ଧନୀ

ନୂଆଦିଲ୍ଲୀ,୨୨।୬(ଏଜେନ୍ସି)

୮୦ ବର୍ଷ ବୟସରେ ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତି ହେଲେ ଟେକ୍ନୋଲୋଜି କମ୍ପାନୀ ଓରାକଲ ପ୍ରତିଷ୍ଠାତା ଲ୍ୟାରି ଏଲିସନ୍। ସେ ଆମଜାନର ଜେଫ୍ ବେଜୋସ୍ ଏବଂ ମେଟାର ମାର୍କ ଜୁକରବର୍ଗଙ୍କୁ ପଛରେ ପକାଇ ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତି ହୋଇଛନ୍ତି।

- ଜେଫ୍ ବେଜୋସ, ମାର୍କ ଜୁକରବର୍ଗଙ୍କୁ ପଛରେ ପକାଇଲେ
- ସମ୍ପତ୍ତି ୨୫୦.୯ ବିଲିୟନ୍ ଡଲାର

ଫର୍ଚ୍ୟୁନ ରିପୋର୍ଟ ଅନୁସାରେ ତାଙ୍କର ବିଜନେସ୍ ଷ୍ଟକ୍‌ରେ ୪୦ ମିଲିଅନ ଡଲାର ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ତାଙ୍କ ସମ୍ପତ୍ତି ମୂଲ୍ୟ ୨୫୦.୯ ବିଲିୟନ ଡଲାର ହୋଇଯାଇଛି। ଧନୀ ତାଲିକାରେ ଏଲିସନ୍ ବର୍ତ୍ତମାନ କେବଳ ଟେସଲା ସିଇଓ ଏଲନ ମସ୍କଙ୍କ ପଛରେ ରହିଛନ୍ତି। ମସ୍କ ୪୦୫.୮ ବିଲିୟନ ଡଲାର ସମ୍ପତ୍ତି ସହ ବିଶ୍ୱର ଏକ ନମ୍ବର ଧନୀ ବ୍ୟକ୍ତି ହୋଇଛନ୍ତି। ଏଲିସନଙ୍କ ପାଖରେ କମ୍ପାନୀର ପ୍ରାୟ ୪୧ ପ୍ରତିଶତ ସେୟାର ଅଛି ଏବଂ ଓରାକେଲର ସେୟାର ବୃଦ୍ଧି ପାଇବା ପରେ, ତାଙ୍କ ସମ୍ପତ୍ତି ଗୋଟିଏ ଦିନରେ ୨୫ ବିଲିୟନ ଡଲାର ବୃଦ୍ଧି ପାଇଥିଲା। ତା'ପରେ ପୁଣିଥରେ ଆଉ ୧୬ ବିଲିୟନ ଡଲାର ବୃଦ୍ଧି ପାଇଥିଲା। ଗତ ମଙ୍ଗଳବାର କମ୍ପାନୀ ଏହାର ଆୟ ରିପୋର୍ଟ ପ୍ରକାଶ କରିବାର ଗୋଟିଏ ଦିନ ପୂର୍ବରୁ, ଏଲିସନଙ୍କ ନେଟ୍ ସମ୍ପତ୍ତି ୨୧୩ ବିଲିୟନ ଡଲାର ଥିଲା। ଓରାକେଲର ଅଧ୍ୟକ୍ଷ ଏବଂ ଚିଫ୍ ଟେକ୍ନୋଲୋଜି ଅଫିସର ଲ୍ୟାରି ଏଲିସନ୍ ଅନ୍ୟମାନଙ୍କ ସହ ୧୯୭୭ ମସିହାରେ ଏକ ଡାଟାବେସ୍ ସଫ୍ଟୱେର୍ କମ୍ପାନୀ ଭାବରେ ଓରାକେଲ୍ ପ୍ରତିଷ୍ଠା କରିଥିଲେ। ସମୟ ଅନୁସାରେ



ଏହି କମ୍ପାନୀ ବିଶ୍ୱସ୍ତରୀୟ କ୍ଲାଉଡ୍ କମ୍ପ୍ୟୁଟିଂର ପାୱାର ହାଉସରେ ପରିଣତ ହୋଇଥିଲା। ଯାହା ଏଲିସନ୍‌ଙ୍କୁ ବିଶ୍ୱର ୧୦ ଧନୀ ବ୍ୟକ୍ତି ତାଲିକାରେ ସାମିଲ୍ କରାଇଥିଲା। ହେଲେ ଏବେ ୮୦ ବର୍ଷ ବୟସରେ ସେ ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତି ହୋଇଛନ୍ତି। ଏଲିସନ ନିଜର ରୋକ୍‌ଠୋକ୍ ବ୍ୟକ୍ତିତ୍ୱ ଓ ଅସାଧାରଣ ଜୀବନଶୈଳୀ ପାଇଁ ଜଣାଶୁଣା। ଜୀବନକୁ ବିଳାସପୂର୍ଣ୍ଣ କରିବାରେ ତାଙ୍କର ଅଧିକ ଖର୍ଚ୍ଚ ହୋଇଥାଏ। ଏଲିସନ ୨୦୧୨ରେ ହାୱାଇର ଷଷ୍ଠ ବୃହତମ ଦ୍ୱୀପ ଲାନାଇର ୯୮% ଏରିଆକୁ ପ୍ରାୟ ୩୦୦ ନିୟୁତ ଡଲାରରେ କିଣିଥିଲେ।

କେବଳ ସେତିକି ନୁହେଁ, ତାଙ୍କ ପାଖରେ ନିଜର ସ୍ୱତନ୍ତ୍ର ବିମାନ ରହିଥିବା ବେଳେ ପାଇଲଟ ଭାବରେ ଲାଇସେନ୍ସ ବି ଅଛି। ଏଲନ ମସଙ୍କର ସେ ଜଣେ ଭଲ ବନ୍ଧୁ ହୋଇଥିବା ବେଳେ ଟେସ୍‌ଲାରେ ସେ ବଡ଼ ନିବେଶ କରିଛନ୍ତି। ଏକଥା ସେ ନିଜେ କହିଥିଲେ। ତେବେ ସବୁଠାରୁ ବଡ଼ କଥା ହେଲା ଆଇଏମ୍‌ଏଫ୍ ଆକଳନ ଅନୁଯାୟୀ, ଏଲିସନଙ୍କ ମୋଟ ସମ୍ପତ୍ତି କେବଳ ଆରବପତିଙ୍କ ସମ୍ପତ୍ତିଙ୍କୁ ଟପି ନାହିଁ ବରଂ ଏହା କେତେକ ଦେଶର ମୋଟ ଜିଡିପିକୁ ମଧ୍ୟ ଅତିକ୍ରମ କରିଯାଇଛି।

## ଡିଜିସିଏର ସତର୍କବାଣୀ; ବଢୁଛି ଏୟାର୍ ଇଣ୍ଡିଆର ସମସ୍ୟା

ନୂଆଦିଲ୍ଲୀ, ୨୨।୬(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ପରେ ଏୟାର ଇଣ୍ଡିଆର ସମସ୍ୟା ଥମିବାର ନାଁ ନେଉନି। ଗୋଟିଏ ପଟେ ଏୟାର ଇଣ୍ଡିଆର ଉଡାଣ ବାତିଲ୍ ହେଉଛି ତ ଅନ୍ୟପଟେ ବୈଷୟିକ ତ୍ରୁଟି ଯୋଗୁ ଉଡାଣ ପୁନଃ କାର୍ଯ୍ୟସୂଚୀ ପ୍ରସ୍ତୁତ ହେଉଛି। ଏଣୁ ଏୟାର ଇଣ୍ଡିଆ ଏବେ ପରିଚାଳନାଗତ ସମସ୍ୟା ମଧ୍ୟରେ ଛନ୍ଦି ହୋଇଯାଇଛି। ଏଥିରେ ଏବେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏୟାର ଇଣ୍ଡିଆକୁ ସବୁଠୁ ବଡ଼ ଚେତାବନୀ ଜାରି କରିଛନ୍ତି। ଡିଜିସିଏ ଏୟାର ଇଣ୍ଡିଆକୁ ଚେତାବନୀ ଜାରି କରି କହିଛନ୍ତି ଯେ ଯଦି ବିମାନ ପରିଚାଳନାରେ ଏପରି ସମସ୍ୟା ଜାରି ରୁହେ ବେ ଆଗକୁ ଏୟାର ଲାଇନ୍ସର



ଲାଇସେନ୍ସ ବାତିଲ୍ କରାଯାଇ ପରେ। ନିୟାମକଙ୍କଠୁ ମିଳିଥିବା ଏହି ଚେତାବନୀ ଏୟାରଲାଇନ୍ସର ଭବିଷ୍ୟତକୁ ନେଇ ପ୍ରଶ୍ନ ଚିହ୍ନ ଲଗାଇଛି। ନିକଟରେ ଏୟାର ଇଣ୍ଡିଆ ୩ ବରିଷ୍ଠ ଅଧିକାରୀଙ୍କୁ ସେମାନଙ୍କ ପଦରୁ ହଟାଇଛି। ଏଥିରେ ଏୟାର ଇଣ୍ଡିଆର ଡିଭିଜନାଲ ଭାଇସ୍ ପ୍ରେସିଡେଣ୍ଟ କୁ ସିଡ୍ୟୁଲିଂ ମ୍ୟାନେଜର ଓ କୁ ସିଡ୍ୟୁଲିଂ ପ୍ଲାନିଂ ଅଫିସରଙ୍କୁ ସେମାନଙ୍କ ପଦରୁ ହଟାଇଯାଇଛି। ରିପୋର୍ଟ ଅନୁସାରେ ଏୟାର ଇଣ୍ଡିଆ ପାଇଲଟ ଡ୍ୟୁଟି ସିଡ୍ୟୁଲିଂ, ପରିଚଳନା ଏବଂ ଗମ୍ଭୀର ଉଲ୍ଲଂଘନ ଜଣାପଡିବା ପରେ ଡିଜିସିଏ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିମାନ ନିୟାମକ ସ୍ପଷ୍ଟ କରିଛନ୍ତି ଯେ ଫ୍ଲାଇଟ୍ ସିଡ୍ୟୁଲିଂ ଅଥବା ଉଡ଼ାଣ ସମୟ ସମ୍ପର୍କିତ କୌଣସି ନିୟମ ଉଲ୍ଲଂଘନ ମାମଲାରେ ଏବେ ଏୟାର ଇଣ୍ଡିଆ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ । ଏହି କାର୍ଯ୍ୟାନୁଷ୍ଠାନରେ ଅପରେଟର ପରମିସନ ବାତିଲ୍ ବି ହୋଇପାରେ। କେବଳ ଏତିକି ନୁହେଁ ଡିଜିସିଏ ଏୟାର ଇଣ୍ଡିଆକୁ ୨୦୨୪ ବର୍ଷରେ କରାଯାଇଥିବା ସବୁ ଇନସ୍ପେକ୍ସନ ଓ ଅଡିଟ ବିବରଣୀ ତୁରନ୍ତ ପ୍ରଦାନ କରିବାକୁ କହିଛନ୍ତି। ସେହିପରି ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ପରେ ଡିଜିସିଏ ଦେଶର ପୁରା ବିମାନ ଚଳାଚଳ ପ୍ରଣାଳୀର ୩୬୦ ଡିଗ୍ରି ସ୍କାନିଂ ଆଦେଶ ଦେଇଛନ୍ତି। ଏଥିରେ ବିମାନ ଉଡ଼ାଣ ସଞ୍ଚାଳନ, ରକ୍ଷଣାବେକ୍ଷଣ, ଲାଇସେନ୍ସିଂ, ସୁରକ୍ଷା ପ୍ରବନ୍ଧନ, ପ୍ରଶିକ୍ଷଣ ସଂସ୍ଥାନ, ଏମଆରଓରୁ ଆରମ୍ଭ କରି ଏଟିସି ପର୍ଯ୍ୟନ୍ତ ପୁରା ଯାଞ୍ଚ ହେବ।

## ଡକ୍ଟର ଶିବ ପ୍ରସାଦ ମହାନ୍ତି ଭାରତୀୟ ସାର ସଂଘର ସହାଧ୍ୟକ୍ଷ ନିର୍ବାଚିତ

ନୂଆଦିଲ୍ଲୀ, ୨୨।୬(ଏଜେନ୍ସି): ହିନ୍ଦୁସ୍ତାନ ଉର୍ବାରକ ଏବଂ ରସାୟନ ଲିମିଟେଡ୍ (ଏଚ୍‌ୟୁଆର୍‌ଏଲ୍)ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ସିବା ପ୍ରସାଦ ମହାନ୍ତି ଭାରତୀୟ ସାର ସଂଘ(ଏଫ୍‌ଏଆଇ)ର ସହାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ଏ ନେଇ ଏଚ୍‌ୟୁଆର୍‌ଏଲ୍ ପକ୍ଷରୁ ଘୋଷଣା କରାଯାଇଛି। ଏହି ସମ୍ମାନଜନକ ନିଯୁକ୍ତି ସାର କ୍ଷେତ୍ରରେ ସ୍ଥାୟୀ କୃଷି ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବାରେ ଡକ୍ଟର ମହାନ୍ତିଙ୍କ ନିରନ୍ତର ନେତୃତ୍ୱକୁ ପ୍ରତିଫଳିତ କରୁଛି। ଏହି ପ୍ରମୁଖ ଭୂମିକାରେ ତାଙ୍କର ନିର୍ବାଚିତ ହେବା ଶିଳ୍ପ ମଧ୍ୟରେ ଗଭୀର ସହଯୋଗ ଏବଂ ରଣନୈତିକ



ଅଭିବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସହାଧ୍ୟକ୍ଷ ଭାବରେ ଡକ୍ଟର ମହାନ୍ତି ରାଷ୍ଟ୍ର ପାଇଁ ସନ୍ତୁଳିତ ସାର ବ୍ୟବହାର, ନୀତିଗତ ସମର୍ଥନ ଏବଂ ଖାଦ୍ୟ ସୁରକ୍ଷାର ମିଶନକୁ ଆଗକୁ ବଢ଼ାଇବା ପାଇଁ ଏଫ୍‌ଏଆଇ ସଦସ୍ୟ କମ୍ପାନୀଗୁଡ଼ିକ ସହିତ କାମ କରିବେ।

## ୨୦୨୪-୨୫ରେ ୨.୨୩ ଲକ୍ଷ କୋଟିର ଜିଏସ୍‌ଟି ଚୋରି

ନୂଆଦିଲ୍ଲୀ,୨୨।୬(ଏଜେନ୍ସି)

କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି) ୨୦୨୪-୨୫ରେ୨.୨୩

### ତଦନ୍ତ ନିର୍ଦ୍ଦେଶ ଦେଲେ ଅର୍ଥମନ୍ତ୍ରୀ

ଲକ୍ଷ କୋଟି ଟଙ୍କାର ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ଠକେଇ ଚିହ୍ନଟ କରିଛି। ଗୁରୁବାର ଏଠାରେ ଅନୁଷ୍ଠିତ ସିବିଆଇସି ସମ୍ମିଳନୀରେ ଦିଆଯାଇଥିବା ସରକାରୀ ତଥ୍ୟରେ ଏହା ପ୍ରକାଶ ପାଇଛି। ଏହାପରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ସମ୍ମିଳନୀରେ ଅଧ୍ୟକ୍ଷତା କରି ଅର୍ଥମନ୍ତ୍ରୀ ସୀମା ଶୁଳ୍କ ଏବଂ ସିଜିଏସ୍‌ଟି ମାମଲାର ତଦନ୍ତ ଶୀଘ୍ର ସମାପ୍ତ କରିବାକୁ, ଟିକସ ଠକେଇ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ଜିଏସ୍‌ଟି ପଞ୍ଜିକରଣ ଏବଂ ଅଭିଯୋଗ ସମାଧାନରେ ସମୟୋଚିତ ଉନ୍ନତି ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୩ ଆର୍ଥିକବର୍ଷରେ ପ୍ରାୟ ୬୨.୨୧ ପ୍ରତିଶତ ଜିଏସ୍‌ଟି ଦାତାଙ୍କ ଅଡିଟ୍ କରାଯାଇଥିଲା ଏବଂ ୨୦୨୫ ଆର୍ଥିକ ବର୍ଷରେ ଏହି ସଂଖ୍ୟା ୮୮.୭୪ ପ୍ରତିଶତକୁ ବୃଦ୍ଧି ପାଇଛି। ଅଧିକାରୀମାନେ କହିଛନ୍ତି ଯେ ତିନି ବର୍ଷରେ କୌଣସି କରଦାତାଙ୍କର ଏକାଧିକ ଥର ଅଡିଟ୍ କରାଯାଇନାହିଁ। ରିଫଣ୍ଡରେ ଉନ୍ନତି





ବିଷୟରେ ସୂଚନା ଦେଇ କୁହାଯାଇଥିଲା ଯେ ୬୦ ଦିନର ନିର୍ଦ୍ଧାରିତ ଅବଧି ମଧ୍ୟରେ ୮୫ ପ୍ରତିଶତ ଦାବି ସମାଧାନ କରାଯାଇଛି। ୨୦୨୪-୨୫ ମଧ୍ୟରେ ଜିଏସ୍‌ଟିଆର୍-୩ବି ରିଟର୍ଣ୍ଣ ଦାଖଲ କରିବାର ଜାତୀୟ ହାର ୯୪.୩ ପ୍ରତିଶତ ଥିଲା। ଏହି ସମୟରେ, ଅଭିଯୋଗ ସମାଧାନରେ ମଧ୍ୟ ଉନ୍ନତି ଦେଖାଯାଇଛି ଏବଂ ହାରାହାରି ସମାଧାନ ସମୟ ନିର୍ଦ୍ଧାରିତ ୨୧ ଦିନରୁ ହ୍ରାସ ପାଇ ୯ ଦିନ ହୋଇଛି। ବିଜ୍ଞପ୍ତିରେ କୁହାଯାଇଛି, କେନ୍ଦ୍ରୀୟ ସାର୍ବଜନୀନ ଅଭିଯୋଗ ସମାଧାନ ଏବଂ ମନିଟରିଂ ସିଷ୍ଟମ ଉପରେ ୯୫ ରୁ ୯୭ ପ୍ରତିଶତ ଆବେଦନ ୩୦ ଦିନ ମଧ୍ୟରେ ସମାଧାନ କରାଯାଉଛି, ଯାହା ଏକ ଉତ୍କୃଷ୍ଟ ପ୍ରଦର୍ଶନ। ଏହି ପ୍ରଦର୍ଶନ ଗତ ବର୍ଷ ଫେବୃଆରୀଠାରୁ ଏହି ସିଷ୍ଟମରେ ରାଙ୍କିଙ୍ଗରେ ୯୦ ଟି କେନ୍ଦ୍ରୀୟ ମନ୍ତ୍ରଣାଳୟ ମଧ୍ୟରେ ସିବିଆଇସିକୁ ଶୀର୍ଷ ପାଞ୍ଚଟି ସ୍ଥାନରେ ପହଞ୍ଚାଇଛି। ସୀତାରମଣ ବିଭାଗକୁ କରଦାତା ଏବଂ ବାଣିଜ୍ୟ ସଂଗଠନ ମଧ୍ୟରେ ସଚେତନତା ଅଭିଯାନ ବୃଦ୍ଧି କରିବାକୁ କହିଛନ୍ତି। ବିଶେଷକରି ଜିଏସ୍‌ଟି ପଞ୍ଜିକରଣ ପାଇଁ ଆବଶ୍ୟକୀୟ ଡକ୍ୟୁମେଣ୍ଟ ଉପରେ ଅର୍ଥମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି । ଦୃଢ଼ ସଂକଳ୍ପ ସହ ଲକ୍ଷ୍ୟ ହାସଲ କରିବାକୁ ଯୋଜନା କରିବେ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । କ୍ଷମତା ଉପରେ ଭରସା ରଖନ୍ତୁ । ବୈବାହିକ ଜୀବନ ସୁଖମୟ ହେବ ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ । ନିଜକୁ କମଜୋର ଭାବନ୍ତୁ ନାହିଁ । ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ । ଦୀର୍ଘ ଦିନର ଆଶା ପୂରଣ ହେବ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିବେ । ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ । ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ । ପାରିବାରିକ ସୁଖ ଶାନ୍ତି ମିଳିବ । ଯାନବାହନ କ୍ରୟ କରିପାରନ୍ତି ।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ । ମନୋରଞ୍ଜନ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ଜୀବନସାଥିଙ୍କ ସହଯୋଗ ଲୋଡ଼ିବେ । ବିଦ୍ୟାର୍ଥୀମାନଙ୍କ ପାଇଁ ଭଲ ସମୟ । ରାଜନେତାଙ୍କ ପାଇଁ ଭଲ ସମୟ ।

**ସିଂହ:** କୌଣସି କାର୍ଯ୍ୟ କରିବା ପୂର୍ବରୁ ହଜାର ଥର ଚିନ୍ତା କରନ୍ତୁ । ଧନପ୍ରାପ୍ତି ଯୋଗ ରହିଛି । ପିଲାମାନଙ୍କ ଉନ୍ନତିରେ ଖୁସି ଅନୁଭବ କରିବେ । କିଣାବିକାରେ ସମୟ ବିତିବ । ବୈବାହିକ ଜୀବନ ସୁଖମୟ ହେବ ।

**କନ୍ୟା:** ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିପାରେ । ଅକସ୍ମାତ ଖୁସି ଖବର ପାଇବେ । ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । ବ୍ୟବସାୟରୁ ଲାଭ ପାଇବେ । କର୍ମକ୍ଷେତ୍ରରେ ନୂତନ ସହଯୋଗୀଙ୍କ ସାହାଯ୍ୟ ମିଳିବ ।

**ବିଛା:** କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ । ସାମାଜିକ କାର୍ଯ୍ୟରେ ସାମିଲ ହେବେ ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି । ଅଧିକ ଚିନ୍ତା କରନ୍ତୁନି । ନୂତନ ବ୍ୟବସାୟ ଆରମ୍ଭ କରିପାରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ମହିଳାମାନେ ଧର୍ମପରାୟଣା ହେବେ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ । ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ । ପରିବାର ସହିତ କିଛି ସମୟ ବିତାନ୍ତୁ । କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି । ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି । ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ । ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ । ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ । ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି ।

## ଆଜିର ଇତିହାସ

- ୧୭୬୧- ମହାନ ମରାଠା ପେଶୱା ବାଲାଜୀ ବାଜିରାଓଙ୍କ ବିୟୋଗ ।
- ୧୯୫୩- ଭାରତୀୟ ଜନସଂଘର ସଂସ୍ଥାପକ ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଦେହାନ୍ତ ।
- ୧୯୮୦- ଇନ୍ଦିରା ଗାନ୍ଧୀଙ୍କ ପୁତ୍ର ସଞ୍ଜୟ ଗାନ୍ଧୀଙ୍କ ବିମାନ ଦୁର୍ଘଟଣାରେ ମୃତ୍ୟୁ ।
- ୧୯୯୪-ଉତ୍ତର କୋରିଆ ପରମାଣୁ କାର୍ଯ୍ୟକ୍ରମ ସ୍ଥଗିତ ରଖିବା ପାଇଁ ଘୋଷଣା କଲା ।
- ୨୦୧୬- ବ୍ରିଟେନବାସୀ ୟୁରୋପୀୟ ସଂଘରୁ ଅଲଗା ହେବା ସପକ୍ଷରେ ଭୋଟ୍ ଦେଲେ ।

## ପାଞ୍ଚ ମିନିଟ୍‌ରେ ଖାଇଲେ ୩୨ଟି ଆମ୍ବ



ସାମାଜିକ ଗଣମାଧ୍ୟମରେ ଅନେକ ସମୟରେ ଫୁଡ୍ ଚ୍ୟାଲେଞ୍ଜର ଭିଡିଓଗୁଡ଼ିକ ଭାଇରାଲ ହୋଇଥାଏ । ଏହି କ୍ରମରେ ବିହାରର ଈଶାନ କୁମାର ମାତ୍ର ପାଞ୍ଚ ମିନିଟ୍‌ରେ ୩୨ଟି ଆମ୍ବ ଖାଇ ଏବେ ଚର୍ଚ୍ଚାରେ ରହିଛନ୍ତି । ବିହାର, ମଧୁବନି ଜିଲ୍ଲାର ସରସୋପାହି ଗାଁ ସ୍ଥିତ ସାର୍ ଗଙ୍ଗାନାଥ ଝା ପାଠାଗାରରେ ପ୍ରତିବର୍ଷ 'ମିଥିଳା ଆମ୍ବ ଉତ୍ସବ' ଆୟୋଜିତ ହୋଇଥାଏ । ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଏହି ଉତ୍ସବକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମନରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା । 'ଆମ୍ବ ଖାଅ ପ୍ରତିଯୋଗିତା'ରେ ଛୋଟ ପିଲାଠୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଅଂଶଗ୍ରହଣ କରିଥିଲେ । ଚଳିତବର୍ଷ ଏହି ଆୟୋଜନରେ ଭାଗ ନେଇଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ଈଶାନ କୁମାର ମାତ୍ର ୫ମିନିଟ୍ ମଧ୍ୟରେ ୩୨ ଟି ଆମ୍ବ ଖାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେହିଭଳି ରାଜେଶ ମଣ୍ଡଳ ପାଞ୍ଚ ମିନିଟ୍‌ରେ ୨୬ଟି ଆମ୍ବ ଖାଇ ଦ୍ୱିତୀୟ ସ୍ଥାନରେ ଏବଂ ହର୍ଷ ନାଥ ଝା ୫ ମିନିଟ୍ ୨୨ଟି ଆମ୍ବ ଖାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଜେତାମାନଙ୍କୁ ପୁରସ୍କାର ଦିଆଯାଇ ସମ୍ମାନିତ କରାଯାଇଥିଲା । ତେବେ ମିଥିଳାରେ ଆୟୋଜିତ ହେଉଥିବା ଏହି ଉତ୍ସବ ପାଇଁ ବିଭିନ୍ନ ସ୍ଥାନରୁ ଆମ୍ବର ଭିନ୍ନ ଭିନ୍ନ କିସମ ଅଣାଯାଇଥାଏ । ଏହାବାଦ୍ ସ୍ଥାନୀୟ ଚାଷୀଙ୍କଠାରୁ ଆମ୍ବ କିଣାଯାଇ ଏହାକୁ ଉତ୍ସବରେ ପ୍ରଦର୍ଶନ କରାଯାଇଥାଏ । ଡିଜିଟାଲ ଦୁନିଆରୁ ଲୋକଙ୍କୁ କିଛି ସମୟ ବାହାର କରି ଆଣିବା ତଥା ପରମ୍ପରାଗତ ଖାଦ୍ୟକୁ ପ୍ରୋତ୍ସାହନ ଦେବା ନିମନ୍ତେ ଏହି ଉତ୍ସବର ଆୟୋଜନ କରାଯାଉଥିବା ଏହାର ଆୟୋଜକମାନେ କହିଛନ୍ତି ।

## କିଆରାଙ୍କ ପାଇଁ ୟଶ୍ ନେଲେ ଏହି ନିଷ୍ପତ୍ତି





ବଲିଉଡ୍ ଅଭିନେତ୍ରୀ କିଆରା ଆଡ଼ଭାନୀ ଏବେ ଗର୍ଭବତୀ ଥିବାରୁ କିଛି ଫିଲ୍ମରୁ ସେ ବାଦ୍ ପଡ଼ି ଯାଇଛନ୍ତି । 'ଡନ୍-୩'ରୁ ସେ ବାଦ୍ ପଡ଼ିବା ପରେ ଏବେ ତାଙ୍କ ବଦଳରେ ଏଥିରେ କ୍ରିତି ସାନନ୍ ନଜର ଆସିବେ । ଏହାବାଦ୍ କିଆରା ସାଉଥ୍ ସୁପରଷ୍ଟାର୍ ୟଶ୍‌ଙ୍କ ସହ 'ଟକ୍ସିକ୍' ଫିଲ୍ମରେ ନଜର ଆସିବେ । ଏହି ଫିଲ୍ମର କିଛି ଅଂଶ ସୁଟ୍ କରାଯାଇଥିଲେ ବି ଅଧାରୁ ଅଧିକ ସୁଟିଂ ବାକି ଅଛି । ତେବେ ୟଶ୍, କିଆରା ଗର୍ଭବତୀ ଥିବା କଥା ଜାଣି ଫିଲ୍ମକୁ ନେଇ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଫିଲ୍ମର ସୁଟିଂ ବେଙ୍ଗାଲୁରୁରେ ହେଉଥିଲା । ୟଶ୍ କିଆରାଙ୍କ ପାଇଁ ଏବେ ଏହାର ସେଟ୍ ମୁମ୍ବାଇରେ କରିବାକୁ ନିର୍ଦ୍ଦେଶକ ଗୀତୁ ମୋହନଦାସ ଓ ପ୍ରଯୋଜକ ଭେଙ୍କଟ କେ. ନାରାୟଣଙ୍କୁ ଅନୁରୋଧ କରିଛନ୍ତି । କିଆରାଙ୍କୁ ଯେମିତି ଯାତ୍ରା କରିବା ଯୋଗୁଁ କୌଣସି ଅସୁବିଧା ନ ହେବ ୟଶ୍ ଏପରି କରିଥିବା ଜଣାପଡ଼ିଛି । ଏହା ୧୯ ମାର୍ଚ୍ଚ, ୨୦୨୬ରେ ରିଲିଜ୍ ହେବ । ଏହି ଆକ୍ସନ-ଆଡଭେଞ୍ଚର ଫିଲ୍ମରେ ହୁମା କ୍ୟୁରେସି, ତାରା ସୁତାରିଆ, ଅକ୍ଷୟ ଓବରୟ ମଧ୍ୟ ନଜର ଆସିବେ । ଏହି ଫିଲ୍ମ ହିନ୍ଦୀ ବ୍ୟତୀତ କନ୍ନଡ଼, ଇଂରାଜୀ ସହ ଅନ୍ୟ ଛଅଟି ଭାଷାରେ ରିଲିଜ୍ ହେବ । ଫିଲ୍ମର ପୋଷ୍ଟର୍‌ରେ ୟଶ୍‌ଙ୍କ ଲୁକ୍ ଦେଖି ଦର୍ଶକେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ।

## ମରିବା ପୂର୍ବରୁ ମାଛ ଯନ୍ତ୍ରଣାରେ ଛଟପଟ ହୁଏ



ପ୍ରତିଦିନ ମଣିଷଙ୍କ ଖାଇବା ପାଇଁ ଲକ୍ଷ ଲକ୍ଷ ସଂଖ୍ୟକ ମାଛ ମରାଯାଏ । ମାଛ ମରିବା ପୂର୍ବରୁ ଭୀଷଣ ଯନ୍ତ୍ରଣାରେ ଛଟପଟ ହୋଇଥାଏ ବୋଲି ନିକଟରେ ଏକ ଗବେଷଣାରୁ ପ୍ରକାଶ ପାଇଛି । କେତେକ ମାଛ ମରିବା ପୂର୍ବରୁ ୨-୨୦ ମିନିଟ୍ ପର୍ଯ୍ୟନ୍ତ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହୋଇଥାନ୍ତି ବୋଲି ଏହି ଗବେଷଣାରେ କୁହାଯାଇଛି । ତେବେ ଏହି ଗବେଷଣା ରେନ୍‌ବୋ ଟ୍ରାଉଟ୍ ନାମକ ମାଛ ଉପରେ କରାଯାଇଥିଲା । ଏହି ମାଛକୁ ମାରିବା ପାଇଁ ଏୟାର ଆସ୍‌ଫିକ୍ସିଏସନ (ଶ୍ୱାସରୁଦ୍ଧ କରି ମାରିବା) ପଦ୍ଧତିର ସାହାଯ୍ୟ ନିଆଯାଇଥିଲା । ଉକ୍ତ ପ୍ରକ୍ରିୟାରେ ପ୍ରଥମେ ମାଛକୁ ପାଣିରୁ ବାହାର କରାଯାଏ । ଏହାପରେ ମାଛଗୁଡ଼ିକୁ ପବନରେ ଛାଡ଼ି ଦିଆଯାଏ । ଏହି ପ୍ରକ୍ରିୟାରେ ଧୀରେ ଧୀରେ ଅମ୍ଳଜାନ ଅଭାବରୁ ମାଛଟି ଶ୍ୱାସରୁଦ୍ଧ ହୋଇ ମରିଯାଏ । ସେହିପରି ପବନରେ ମାଛଟି କେବଳ ଗୋଟିଏ ମିନିଟ୍ ରହିବା ପରେ ହିଁ ତା'ର ଶରୀରରେ ପ୍ରତିକ୍ରିୟା ଆରମ୍ଭ ହୋଇଯାଏ । ଏହାଦ୍ୱାରା ମାଛର ଯନ୍ତ୍ରଣା ବୃଦ୍ଧି ପାଏ ଏବଂ ଏହା ୨-୨୦ ମିନିଟ୍ ପର୍ଯ୍ୟନ୍ତ ଚାଲେ । ଏହି କାରଣ ଯୋଗୁଁ ମାଛକୁ ଅସହନୀୟ ଯନ୍ତ୍ରଣା ସହିବାକୁ ପଡ଼ିଥାଏ । ସେହିପରି କିଛି ସ୍ଥାନରେ ମାଛକୁ ମାରିବା ପୂର୍ବରୁ ବରଫରେ ରଖାଯାଏ । ହେଲେ ଏହି ଉପାୟ ଅତ୍ୟନ୍ତ ଯନ୍ତ୍ରଣାଦାୟକ । ବରଫରେ ମାଛର ମେଟାବଲିଜିମ୍ ଧୀମା ହୋଇଯାଏ । ଏହାଦ୍ୱାରା ସେମାନେ ଚେତାଶୂନ୍ୟ ହେବା ଲାଗି ଅଧିକ ସମୟ ଲାଗେ । ଫଳରେ ସେମାନଙ୍କର ଯନ୍ତ୍ରଣା ସହିବା ସମୟ ଅଧିକ ହୋଇଯାଏ । ସେହିପରି ଏହି ଗବେଷଣାରେ ଏହାର ସମାଧାନ ସମ୍ପର୍କରେ ବି କୁହାଯାଇଛି । ଇଲେକଟ୍ରିକ୍ ଷ୍ଟନିଂ (ବିଦ୍ୟୁତ୍ ଅଚେତନ ବିଧି) କୁ ଆପଣାଇବା ଦ୍ୱାରା ମାଛର ଯନ୍ତ୍ରଣା କମ୍ ହୋଇଥାଏ ବୋଲି ଏଥିରେ କୁହାଯାଇଛି । ତେବେ ଏହି ଗବେଷଣା ସମୟରେ ଗବେଷକମାନେ ୱେଲଫେୟାର୍ ଫୁଟ୍‌ପ୍ରିଣ୍ଟ ଫ୍ରେମ୍‌ୱାର୍କ ନାମକ ଏକ ବୈଜ୍ଞାନିକ ପଦ୍ଧତିର ସାହାଯ୍ୟ ନେଇଥିଲେ । ଏହାଦ୍ୱାରା ପ୍ରତି ମିନିଟ୍‌ର ଯନ୍ତ୍ରଣାକୁ ଆକଳନ କରାଯାଏ । ତେବେ ଏହି ଗବେଷଣା ମାଛମାନଙ୍କ ପ୍ରତି ମାନବୀୟ ବ୍ୟବହାର ପ୍ରଦର୍ଶନ ପାଇଁ ଆହ୍ୱାନ ସୃଷ୍ଟି କରିଛି ।



## ଘୋଷ ଯାତ୍ରା

**ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ପାଳିତ ହୁଏ ରଥଯାତ୍ରା । ଏହାକୁ 'ଘୋଷ ଯାତ୍ରା', 'ଶ୍ରୀଗୁଣ୍ଡିଚା ଯାତ୍ରା', 'ପତିତପାବନ ଯାତ୍ରା', 'ଆଡ଼ପମଣ୍ଡପ ଯାତ୍ରା', 'ଦଶାବତାର ଯାତ୍ରା' ବୋଲି ମଧ୍ୟ କୁହାଯାଏ । ଓଡ଼ିଶାର ମୁଖ୍ୟ ଯାତ୍ରା ଭାବେ ପୁରୀ ରଥଯାତ୍ରା ବିଶ୍ୱ ପ୍ରସିଦ୍ଧ । ସେହିପରି ଏହା ଜଗନ୍ନାଥ ମନ୍ଦିରରେ ପାଳିତ ଦ୍ୱାଦଶ ଯାତ୍ରା ମଧ୍ୟରେ ପ୍ରଧାନ । ଏହା ପୁରୀ ବ୍ୟତୀତ ବିଭିନ୍ନ ସ୍ଥାନରେ ପାଳିତ ହେଉଛି ।**

ମହାପ୍ରଭୁ ଶ୍ରୀଜଗନ୍ନାଥ ବର୍ଷକୁ ଥରେ ରତ୍ନସିଂହାସନ ଛାଡ଼ି ଭକ୍ତଗହଣକୁ ରଥଯାତ୍ରା ଦିନ ଆସନ୍ତି । ରତ୍ନବେଦୀ ଛାଡି ଜନ୍ମବେଦୀକୁ ନବଦିନାତ୍ମକ ଯାତ୍ରାରେ ଯାଇଥାନ୍ତି ଚତୁର୍ଦ୍ଧାମୂର୍ତ୍ତି । ଘଣ୍ଟଘଣ୍ଟା, ଭଜନ କୀର୍ତ୍ତନ କାହାଳିରେ ଝୁଲି ଝୁଲି ଆସି ରଥାରୁଢ଼ ହୋଇଥାନ୍ତି ଶ୍ରୀଜୀଉ । ଏହି ଦିନ ଘଣ୍ଟ, ଶଙ୍ଖ ବାଦରେ ବଡ଼ଦାଣ୍ଡ ପ୍ରକମ୍ପିତ ହୁଏ । ଶ୍ରୀମନ୍ଦିରରୁ ପହଣ୍ଡି ହୋଇ ତିନି ରଥରେ ଶ୍ରୀବିଗ୍ରହ ବିଜେ କରନ୍ତି । ସେହିପରି ରଥ ଉପରେ ମହାପ୍ରଭୁଙ୍କ ଦର୍ଶନ ସହ ରଥ ଟାଣିବାକୁ ଉତ୍କଣ୍ଠାର ସହ ଭକ୍ତମାନେ ଚାହିଁଥାନ୍ତି ।

## ମେହେନ୍ଦି ଲଗାଇବାର ମହତ୍ତ୍ୱ

**ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଆଷାଢ଼ ମାସରେ ମେହେନ୍ଦି ଲଗାଇବାର ବିଶେଷ ମହତ୍ତ୍ୱ ଅଛି । ମୁଖ୍ୟତଃ ଏହି ମାସରେ ପାଣିପାଗରେ ପରିବର୍ତ୍ତନ ଦେଖାଦିଏ । ଏଣୁ ଏହି ସମୟରେ ମେହେନ୍ଦି ଲଗାଇଲେ ଏହା ଶରୀରକୁ ଶୀତଳତା ପ୍ରଦାନ କରିବା ସହ ମନକୁ ଶାନ୍ତ ରଖେ ।**

ଆଷାଢ଼ ମାସରେ ମେହେନ୍ଦି ରଙ୍ଗ ଯେତେ ଗାଢ଼ ହେବ, ଏହା ସେତିକି ଶୁଭ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏହି ରଙ୍ଗ କେବଳ ହାତକୁ ସୁନ୍ଦର କରି ନ ଥାଏ, ଏହାର ସମ୍ବନ୍ଧ ଗ୍ରହ ସହ ବି ଜଡ଼ିତ ଥାଏ । ଜାତକରେ ମଙ୍ଗଳ ଓ ଶୁକ୍ର ଗ୍ରହକୁ ଶାନ୍ତ କରିବା ଲାଗି ମେହେନ୍ଦି ଲଗାଇବା ଶୁଭ । କାରଣ ମଙ୍ଗଳ ଗ୍ରହ ଶକ୍ତି ଓ କ୍ରୋଧ ସହ ସମ୍ବନ୍ଧିତ ଥିବା ବେଳେ ଶୁକ୍ର ଗ୍ରହ ପ୍ରେମ ଏବଂ ସମ୍ପର୍କ ସହ ଜଡ଼ିତ । ତେଣୁ ମେହେନ୍ଦି ଲଗାଇବା ଦ୍ୱାରା ଏହି ଦୁଇ ଗ୍ରହ ସନ୍ତୁଳନରେ ରହେ ।

କୁହାଯାଏ, ବିବାହିତା ମହିଳା ଆଷାଢ଼ରେ ମେହେନ୍ଦି ଲଗାଇଲେ ବୈବାହିକ ଜୀବନ ସୁଖମୟ ହୋଇଥାଏ । ଘରେ ଶାନ୍ତି ବଜାୟ ରହେ । ସେହିପରି ମାନ୍ୟତା ଅଛି, ସନ୍ତାନ ପ୍ରାପ୍ତି ଲାଗି ମେହେନ୍ଦି ଲଗାଇବା ଶୁଭ । ଆଷାଢ଼ ମାସରେ ଭଗବାନ ବିଷ୍ଣୁଙ୍କ ପୂଜାର ବିଶେଷ ମହତ୍ତ୍ୱ ଅଛି । ଏହି ମାସରେ ଦେବଶୟନ ଏକାଦଶୀ ବ୍ରତ ପାଳନ କରାଯାଏ । ଏହି ଅବସରରେ ମେହେନ୍ଦି ଲଗାଇବା ଭଲ । ଏହି ସମୟରେ ଭଗବାନ ବିଷ୍ଣୁ ଶୟନ ଅବସ୍ଥାରେ ଥାନ୍ତି । ଏହି ସମୟରେ ଭଗବାନ ବିଷ୍ଣୁଙ୍କୁ ମେହେନ୍ଦି ଅର୍ପଣ କରିବା ଶୁଭ । ଜାତକରେ ନକାରାତ୍ମକ ପ୍ରଭାବ ଅନୁଭୂତ ହେଉଥିଲେ ମେହେନ୍ଦି ଲଗାଇବା ଶୁଭ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ମେହେନ୍ଦି ଲଗାଇବାର ଉତ୍ତମ ଦିନ ହେଉଛି ବୁଧବାର ଓ ଶୁକ୍ରବାର ।

## ସ୍ମୃତି

## ଜନ୍ମବାରରୁ ବ୍ୟକ୍ତିତ୍ୱ



**ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଜାତକ, ରାଶି, ଜନ୍ମତିଥିରୁ ଯେଭଳି ଜଣକ ବ୍ୟକ୍ତିତ୍ୱ ଓ ସ୍ୱଭାବ ସମ୍ପର୍କରେ ଜାଣି ହୁଏ । ଠିକ୍ ସେହିପରି ଜନ୍ମବାରରୁ ଜଣଙ୍କ ସ୍ୱଭାବ ଓ ବ୍ୟବହାର ବାବଦରେ ଜାଣିବା ସମ୍ଭବ । ଏହି କ୍ରମରେ କେଉଁ ବାରରେ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିଙ୍କ ସ୍ୱଭାବ କିଭଳି ହୋଇଥାଏ, ସେ ସମ୍ପର୍କରେ ଜାଣିବା ।**

**ରବିବାର:** ରବିବାର ଜନ୍ମଗ୍ରହଣ କରିଥିବା ବ୍ୟକ୍ତି ଭାଗ୍ୟଶାଳୀ ହୋଇଥାନ୍ତି । ସେମାନଙ୍କଠାରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ପ୍ରାଣୀଙ୍କୁ ମଧ୍ୟ ନିଜ ପ୍ରତି ଆକର୍ଷିତ କରିବାର କଳା ଥାଏ । ସେହିପରି ଏଭଳି ଲୋକେ ସହଜରେ ସାଙ୍ଗସାଥୀ ଓ ପରିବାର ସଦସ୍ୟଙ୍କୁ ପ୍ରଭାବିତ କରିପାରନ୍ତି । ମୁକ୍ତ ଚିନ୍ତାଧାରାର ହୋଇଥିବା ବେଳେ ସ୍ୱାଧୀନତାକୁ ଭଲପାଆନ୍ତି । ସେହିପରି ଥରେ ଯାହା ନିର୍ଣ୍ଣୟ ନେଇଥାନ୍ତି, ସେମାନେ ସେହି କାମ କରନ୍ତି ।

**ସୋମବାର:** ଏହି ବାରରେ ଜନ୍ମିତ ବ୍ୟକ୍ତି ସ୍ୱଭାବରେ ଯତ୍ନବାନ ହୋଇଥାନ୍ତି । ଲୋକଙ୍କୁ ସୁରକ୍ଷିତ ଓ ସହଜ ଅନୁଭବ କରାଇବାକୁ ସେମାନେ ଭଲପାଆନ୍ତି । ଲୋକଙ୍କ ସହ ସହଜରେ ମିଶି ଯାଆନ୍ତି । ତେଣୁ ଲୋକଙ୍କଠାରୁ ଦୂରେଇବା କଷ୍ଟକର ହୁଏ । ଘରେ ରହିବାକୁ ଭଲପାଆନ୍ତି ଏବଂ ଘରେ ହିଁ ସେମାନେ ବାସ୍ତବିକ ଶାନ୍ତିକୁ ଅନୁଭବ କରନ୍ତି ।

**ମଙ୍ଗଳବାର:** ଯେଉଁ ବ୍ୟକ୍ତି ମଙ୍ଗଳବାର ଜନ୍ମଗ୍ରହଣ କରିଥାନ୍ତି, ସେମାନେ ଉର୍ଜାବାନ ହୋଇଥାନ୍ତି । ସବୁବେଳେ କିଛି ନୂଆ କରିବାକୁ ପ୍ରସ୍ତୁତ ଥାନ୍ତି । ଏଭଳି ଲୋକଙ୍କ ଗୋଡ଼ ହଲାଇବା ଅଭ୍ୟାସ ଥାଏ । ତେବେ ନୂଆ ଜିନିଷ ସନ୍ଧାନ କରିବାକୁ ପସନ୍ଦ କରନ୍ତି ଏବଂ ବୁଝି ବିଚାରି କଥା କୁହନ୍ତି ।

**ବୁଧବାର:** ଯେଉଁମାନେ ବୁଧବାରରେ ଜନ୍ମ ହୋଇଥାନ୍ତି, ସେମାନେ ଯୋଗାଯୋଗ ମାମଲାରେ କୁଶଳୀ ହୋଇଥାନ୍ତି । ଏଭଳି ବ୍ୟକ୍ତିଙ୍କଠାରେ କଥା ମାଧ୍ୟମରେ ଅନ୍ୟକୁ ସହଜରେ ପ୍ରଭାବିତ କରିବାର କ୍ଷମତା ଥାଏ । ବେବେଳେବେଳେ ବେପରୁଆ ମନୋଭାବ ଦେଖାନ୍ତି । ଭ୍ରମଣ ପ୍ରିୟ ହୋଇଥିବା ବେଳେ ଅନ୍ୟମାନଙ୍କଠାରୁ ବେଶି କିଛି ଆଶା ରଖନ୍ତି ନାହିଁ ।

**ଗୁରୁବାର:** ଗୁରୁବାର ଜନ୍ମିତ ବ୍ୟକ୍ତି ସୌଭାଗ୍ୟଶାଳୀ ଓ ଉତ୍ତମ ପରାମର୍ଶଦାତା ହୋଇଥାନ୍ତି । ଠିକ୍ ସମୟରେ ଉନ୍ନତି କରିବା ସହ ଖୁସି ଅନୁଭବ କରନ୍ତି । ସେମାନଙ୍କର ଅନ୍ୟତମ ବିଶେଷତ୍ୱ ହେଉଛି, ପରିବାର କଥା ବହୁତ ଚିନ୍ତା କରନ୍ତି । ଏଭଳି ଲୋକ ଶୀଘ୍ର ଏବଂ ସହଜରେ ବିରକ୍ତି ହୋଇଥାନ୍ତି । ତେଣୁ ଜୀବନକୁ ରୋମାଞ୍ଚକର କରିବା ପାଇଁ ନୂଆ ଉପାୟର ଖୋଜନ୍ତି ।

**ଶୁକ୍ରବାର:** ଉକ୍ତ ବାରରେ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିବିଶେଷ ଆକର୍ଷଣୀୟ ଓ ସୃଜନାତ୍ମକ ହୋଇଥାନ୍ତି । ଆରାମ ଓ ବିଳାସପୂର୍ଣ୍ଣ ଜୀବନ ଜିଇଁବାକୁ ପସନ୍ଦ କରନ୍ତି । ସବୁ କାମରେ ପୂର୍ଣ୍ଣତା ଚାହିଁଥାନ୍ତି । ବିଶେଷକରି ପ୍ରେମ ବ୍ୟାପାରରେ ।

**ଶନିବାର:** ଶନିବାର ଜନ୍ମିତ ବ୍ୟକ୍ତି ସ୍ୱଭାବରେ କଠିନ ପରିଶ୍ରମୀ, ବିଶ୍ୱାସଯୋଗ୍ୟ ଏବଂ ଦାୟିତ୍ୱବାନ ହୋଇଥାନ୍ତି । ଯେଉଁ କାମ କରନ୍ତି, ସେଥିରେ ବୁଡ଼ି ରହିବାକୁ ପସନ୍ଦ କରନ୍ତି । ସେମାନଙ୍କରଠାରେ ଉତ୍ତମ ବ୍ୟାବସାୟିକ କଳା ଥାଏ । ସେହିପରି ସ୍ୱଭାବରେ ଲାଜକୁଳା ହୋଇଥିବାରୁ ଏକାକୀ ଓ ଅଲଗା ରହିବାକୁ ଭଲପାଆନ୍ତି । ଏପରିକି ବେଳେ ବେଳେ ପ୍ରେମ ମାମଲାରୁ ଦୂରେଇ ରହନ୍ତି ।

## ଉପହାରରେ ଧାର୍ମିକ ଗ୍ରନ୍ଥ

ଜ୍ୟୋତିଷ ଶାସ୍ତ୍ର ତଥା ପୁରାଣରେ ଦାନର ବିଶେଷ ମହତ୍ତ୍ୱ ଥିବା କୁହାଯାଇଛି । ଉପହାରକୁ ବି ଦାନର ସ୍ୱରୂପ ଭାବେ ବିବେଚନା କରାଯାଏ । ଏହି କ୍ରମରେ ଉପହାରରେ ଭଗବଦ ଗୀତା, ରାମଚରିତ ମାନସ, ରାମାୟଣ, ଠାକୁରଙ୍କ ମୂର୍ତ୍ତି ଆଦି ପ୍ରଦାନ କରଯାଏ । ତେବେ ଏସବୁ ଦେବା ଠିକ୍ ନା ଭୁଲ୍, ସେ ସମ୍ପର୍କରେ ଜାଣିବା ।



- ଧାର୍ମିକ ଗ୍ରନ୍ଥ ଉପହାରରେ ପ୍ରଦାନ କରିବା ଅତ୍ୟନ୍ତ ପବିତ୍ର । ଏହାକୁ ସାତ୍ୱିକ ଓ ଧାର୍ମିକ ବ୍ୟକ୍ତିଙ୍କୁ ଦିଅନ୍ତୁ ।
- ସତକର୍ମ କରୁଥିବା ବ୍ୟକ୍ତିଙ୍କୁ ଭଗବାନଙ୍କ ମୂର୍ତ୍ତି ବା ଭଗବଦ ଗୀତା ଦେବା ଶୁଭ ।
- ତେବେ ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ନ ଥିବା ବ୍ୟକ୍ତିବିଶେଷଙ୍କୁ ଏଭଳି ଜିନିଷ ଉପହାରରେ ଦିଅନ୍ତୁ ନାହିଁ ।
- ସ୍କନ୍ଦ ପୁରାଣ ଅନୁସାରେ ଭଗବଦ ଗୀତା, ରାମଚରିତ ମାନସ, ରାମାୟଣ ଭଳି ପବିତ୍ର ଗ୍ରନ୍ଥ ଅପାତ୍ରରେ ଦାନ କରନ୍ତୁ ନାହିଁ ।

## ଅଫିସ୍ ବ୍ୟାଗ୍‌ରେ କେଉଁ ଜିନିଷ ରଖିବେ ନାହିଁ

ସାଧାରଣତଃ ଅଫିସ୍ ବ୍ୟାଗ୍‌ରେ ଅଫିସ୍ ଜିନିଷ ସମେତ କିଛି ନିତ୍ୟବ୍ୟବହାର୍ଯ୍ୟ ଜିନିଷ ରଖାଯାଏ । ଯାହାକି ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଠିକ୍ ନୁହେଁ । ତେବେ କେଉଁ ଜିନିଷ ଅଫିସ୍ ବ୍ୟାଗ୍‌ରେ ରଖିବେ ନାହିଁ, ତାହା ନିମ୍ନରେ ପ୍ରଦତ୍ତ କରାଗଲା ।

- ଅଫିସ୍ ବ୍ୟାଗ୍‌ରେ ପାନିଆ, ଟୁଥ୍‌ବ୍ରଶ ଆଦି ରଖନ୍ତୁ ନାହିଁ । ଏଭଳି ଜିନିଷ ରଖିବା ଦ୍ୱାରା ନକାରାତ୍ମକ ଶକ୍ତ ସଞ୍ଚାର ହୁଏ । କ୍ୟାରିୟର ଉନ୍ନତିରେ ହୁଏ ନାହିଁ ।
- ଅନେକେ ଅଫିସ୍ ବ୍ୟାଗ୍‌ରେ ଛୋଟ ଛୁରୀ ନଚେତ୍ ନେଲ୍ କଟର ରଖନ୍ତି । ବାସ୍ତୁ ନିୟମ ଦୃଷ୍ଟିରୁ ଏଭଳି କରିବା ଅଶୁଭ । ଏସବୁ ଜିନିଷ ରଖିବା ଦ୍ୱାରା ସହକର୍ମୀଙ୍କ ସହ ବିବାଦ ଉପୁଜେ । ବ୍ୟକ୍ତିତ୍ୱ ପ୍ରଭାବିତ ହେବା ସହ କ୍ୟାରିୟର ବାଧାପ୍ରାପ୍ତ ହୁଏ ।
- ସେହିପରି ଅଫିସ୍ ବ୍ୟାଗ୍‌ରେ ଅପରିଷ୍କାର କପଡ଼ା ରଖନ୍ତୁ ନାହିଁ । ଏହା ଦ୍ୱାରା ସ୍ୱଭାବରେ ପରିବର୍ତ୍ତନ ଆସେ । ବିଶେଷକରି ଚିଡଚିଡାପଣ, କ୍ରୋଧ, ଥକ୍କାପଣ ଦେଖା ଦିଏ । ଫଳରେ ଅଫିସ୍ କାର୍ଯ୍ୟରେ ମନ ଲାଗେ ନାହିଁ ।

## ବୁମ୍ରାଙ୍କ ଘାତକ ବୋଲିଂ, ୯ ୯ ରନ୍‌ରେ ଆଉଟ ହେଲେ ବ୍ରୁକ୍

# ଇଂଲଣ୍ଡ ବିପକ୍ଷରେ ଭାରତ ପ୍ରଥମ ଇନିଂସ ଆଗୁଆ

ଲିଡ୍ସ, ୨୨।୬ (ଏଜେନ୍ସି)

ବିଶ୍ୱର ଶ୍ରେଷ୍ଠ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍ରାଙ୍କ ଫ୍ଲାଟ୍ ପିଚ୍‌ରେ ଚମତ୍କାର ବୋଲିଂ ବଳରେ ଏଠାରେ ଇଂଲଣ୍ଡ ସହ ଚାଲିଥିବା ପ୍ରଥମ ଟେଷ୍ଟରେ ଭ୍ରମଣକାରୀ ଭାରତ ପ୍ରଥମ ଇନିଂସ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ପ୍ରଥମ ଇନିଂସରେ ୪୭୧ ରନ୍ କରିଥିଲା। ଜବାବରେ ହ୍ୟାରି ବ୍ରୁକ୍‌ର ୯ ୯ ଓ ଶେଷ ଭାଗ ବ୍ୟାଟରଙ୍କ ଉପଯୋଗୀ ଯୋଗଦାନ ଫଳରେ ତୃତୀୟ ଦିନ ଟି ସୁଦ୍ଧା ଇଂଲଣ୍ଡ ୪୬୫ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ଇଂଲଣ୍ଡର ୫ଜଣ ଖେଳାଳିଙ୍କୁ ଆଉଟ କରି ବୁମ୍ରା ସର୍ବାଧିକ କ୍ଷତି ଘଟାଇଥିଲେ। କିନ୍ତୁ ତାଙ୍କ ବୋଲିଂରେ ଭାରତୀୟ ଫିଲ୍ଡରମାନେ ମଧ୍ୟ ୪ଟି କ୍ୟାଚ୍ ହାତଛଡ଼ା କରିଥିଲେ। ଅନ୍ୟ ଦୁଇ ପେସ ବୋଲର ପ୍ରସିଦ୍ଧ କ୍ରିଷ୍ଣା ୩ଟି ଓ ମହମ୍ମଦ୍ ସିରାଜ ୨ଟି ୱିକେଟ ପାଇଥିଲେ। ଏହା ଫଳରେ ଇଂଲଣ୍ଡ ଇନିଂସରେ ସମସ୍ତ ୧୦ଟି ଯାକ ୱିକେଟ ପେସ୍ ବୋଲରଙ୍କୁ ମିଳିଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଭାରତ ରବିବାର ଷ୍ଟମ୍ପସ୍ ସୁଦ୍ଧା ୨ ୱିକେଟ୍‌ରେ ୯୦ ରନ୍ ସଂଗ୍ରହ କରିଛି। ଏହି ସମୟରେ ଲୋକେଶ ରାହୁଲ ୪୭ ଓ ଶୁବମନ୍ ଗିଲ୍ ୬ ରନ୍‌ରେ ବ୍ୟାଟିଂ କରୁଥିଲେ । ସାଇ ସୁଦର୍ଶନ ୩୦ ଓ ଯଶସ୍ୱୀ ଜୟସ୍ୱାଲ ୪ ରନ୍‌ରେ ଆଉଟ୍ ହୋଇଛନ୍ତି।



### ■ ଇଂଲଣ୍ଡକୁ ସମ୍ଭାଳିଲେ ହ୍ୟାରି ବ୍ରୁକ୍

ଏଠାରେ ଇଂଲଣ୍ଡ ମ୍ୟାଚ୍‌ର ତୃତୀୟ ଦିନ ୩ ୱିକେଟରେ ୨୦୯ ରନ୍‌ରୁ ସତର୍କତାର ସହ ଖେଳିଥିଲା। ପୂର୍ବଦିନ ଶତକ ହାସଲ କରିଥିବା ଓଲି ପୋପ ଆଉ ୬ ରନ୍ କରିବା ପରେ ୧୦୬ ରନ୍ କରି ପ୍ରଥମ ଖେଳାଳି ଭାବେ ଆଉଟ ହୋଇଥିଲେ। କିନ୍ତୁ ଶୂନ୍ ରନ୍‌ରେ ଅପରାଜିତ ଥିବା ଇଂଲଣ୍ଡ ସୀମିତ ଓଭର ଅଧିନାୟକ ହ୍ୟାରୀ ବ୍ରୁକ୍ ଚମତ୍କାର ଭଙ୍ଗୀରେ ଭାରତୀୟ ବୋଲରଙ୍କୁ ଆକ୍ରମଣ କରିବା ସହ ଶେଷ ଭାଗ ଖେଳାଳିଙ୍କ ସହାୟତାରେ ଦ୍ରୁତ ରନ୍ ସଂଗ୍ରହ କରିଥିଲେ। ସେ ଖାତା ଖୋଲିବା ପୂର୍ବରୁ କଟ୍ ହୋଇଥିଲେ। କିନ୍ତୁ ତାହା ନୋ ବଲ ଥିଲା। ସେହିପରି ସେ ୮୩ ରନ୍ କରିଥିଲାବେଳେ ବୁମ୍ରାଙ୍କ ବୋଲିଂରେ ଯଶସ୍ୱୀ ଜୟସ୍ୱାଲ ଗଲି ଅଞ୍ଚଳରେ ତାଙ୍କ କ୍ୟାଚ୍ ହାତଛଡ଼ା କରିଥିଲେ। ବ୍ରୁକ୍ କିନ୍ତୁ ଶତକ ହାସଲ କରି ପାରି ନ ଥିଲେ। ସେ ୯ ୯ ରନ୍ କରିଥିଲାବେଳେ କ୍ରିଷ୍ଣାଙ୍କ ବୋଲିଂରେ ଦେଇଥିବା ସୁଯୋଗକୁ ଶାର୍ଦ୍ଦୁଳ ଠାକୁର କ୍ୟାଚ୍ ନେଇ ଆଉଟ କରିଥିଲେ। ତାଙ୍କୁ ସୁଯୋଗ ଦେବା କେତେ ମହଙ୍ଗା ହେବ ତାହା ପରେ ଜଣାପଡ଼ିବ। ଇଂଲଣ୍ଡର ଅନ୍ୟ ଖେଳାଳିମାନେ ମଧ୍ୟ ଉପଯୋଗୀ ସହାୟତା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୱିକେଟରକ୍ଷକ ଜେମି ସ୍ମିଥ ୫୨ ବଲ୍ ଖେଳି ୪୦, କ୍ରିସ୍ ଓକ୍ସ ୫୫ ବଲ୍ ଖେଳି ୩୮ ଓ ବ୍ରାଇଡନ କାର୍ସ ୨୩ ବଲ୍‌ରୁ ୨୨ ରନ୍ ସଂଗ୍ରହ କରିବା ଫଳରେ ଭାରତଠାରୁ ଇଂଲଣ୍ଡ ମାତ୍ର ୬ ରନ୍ ପଛରେ ରହିଥିଲା।

### ■ ବୁମ୍ରାଙ୍କ ବୋଲିଂରେ ୪ଟି କ୍ୟାଚ୍ ଡ୍ରପ୍

ଏହି ଟେଷ୍ଟରେ ଇଂଲଣ୍ଡ ପ୍ରଥମ ଇନିଂସରେ ଭାରତର ଷ୍ଟ୍ରାଇକ୍ ବୋଲର ଯଶପ୍ରୀତ୍ ବୁମ୍ରାଙ୍କ ବୋଲିଂରେ ଫିଲ୍ଡରମାନେ ୪ଟି କ୍ୟାଚ୍ ଡ୍ରପ୍ କରିଛନ୍ତି। ଏହାର ଫାଇଦା ନିଶ୍ଚିତଭାବେ ଇଂଲଣ୍ଡକୁ ମିଳିଛି। ଏହି ୪ଟି ମଧ୍ୟରୁ ଯୁବ ଖେଳାଳି ଯଶସ୍ୱୀ ଜୟସ୍ୱାଲ ୩ଟି ଓ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଗୋଟିଏ କ୍ୟାଚ୍ ଡ୍ରପ୍ କରିଥିଲେ। ଖେଳର ଦ୍ୱିତୀୟ ଦିନ ୩ଟି ଓ ତୃତୀୟ ଦିନ ଗୋଟିଏ କ୍ୟାଚ୍ ଡ୍ରପ୍ ହୋଇଥିଲା। କ୍ୟାଚ୍ ଡ୍ରପ୍ ଖେଳର ଏକ ଅଂଶବିଶେଷ ହୋଇପାରେ, କିନ୍ତୁ ଘରୋଇ ମାଟିରେ ଖେଳୁଥିବା ଇଂଲଣ୍ଡ ଏଥିରୁ କେତେ ଫାଇଦା ଉଠାଇବ ତାହା ସମୟ କହିବ। କ୍ୟାଚ୍ ଡ୍ରପ୍ ସତ୍ତ୍ୱେ ବୁମ୍ରା ଏହି ସର୍ବାଧିକ ୫ଟି ୱିକେଟ ନେଇଥିଲେ। ଟେଷ୍ଟ କ୍ରିକେଟର ଗୋଟିଏ ଇନିଂସରେ ସେ ଏହାକୁ ମିଶାଇ ୧୪ଥର ସକାଶେ ଏହି ସଫଳତା ପାଇଛନ୍ତି। ତାହା ମଧ୍ୟରୁ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ୩ଟି ଓ ମହମ୍ମଦ୍ ସିରାଜଙ୍କ ଖାତାରେ ୨ଟି ରହିଛି।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ**: ୪୭୧ (ଗିଲ-୧୪୭, ପନ୍ତ-୧୩୪, ଜୟସ୍ୱାଲ-୧୦୧, ଷ୍ଟୋକ୍ସ-୪/୬୬, ଟଙ୍ଗ୍-୪/୮୬)।
**ଇଂଲଣ୍ଡ ପ୍ରଥମ ଇନିଂସ** : ୪୬୫ (ପୋପ୍-୧୦୬, ବ୍ରୁକ୍-୯ ୯, ଡକେଟ-୬୨, ବୁମ୍ରା-୫/୮୩, କ୍ରିଷ୍ଣା-୩/୧୨୮, ସିରାଜ- ୨/୧୨୨)।
**ଭାରତ ଦ୍ୱିତୀୟ ଇନିଂସ**: ୯୦/୨ (ରାହୁଲ-୪୭*, ଗିଲ୍-୬*, ସୁଦର୍ଶନ-୩୦, ଜୟସ୍ୱାଲ-୪ ,କାର୍ସ-୧/୨୭)।

## ଗୋଟିଏ ଟେଷ୍ଟରେ ଦୁଇଥର କଳାପଟି ପିନ୍ଧିଲେ ଖେଳାଳି

ଲିଡ୍ସ, ୨୨।୬ (ଏଜେନ୍ସି): ଭାରତ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟର ତୃତୀୟ ଦିନରେ ଖେଳାଳିମାନେ କଳାପଟି ପିନ୍ଧି ଖେଳିଥିଲେ। ଆଜି ଇଂଲଣ୍ଡର ପୂର୍ବତନ ଫାଷ୍ଟ ବୋଲର ତଥା ବ୍ରିଟେନରେ ଜନ୍ମିତ ପ୍ରଥମ କୃଷ୍ଣକାୟ କ୍ରିକେଟର ଡେଭିଡ ଲରେନ୍ସଙ୍କ ୬୧ ବର୍ଷରେ ବିୟୋଗ ହୋଇଥିଲା। ତାଙ୍କ ଅମର ଆତ୍ମାକୁ ସମ୍ମାନ ଜଣାଇ ଆଜି ଉଭୟ ଦଳର ଖେଳାଳିମାନେ ହାତରେ କଳାପଟି ପିନ୍ଧି ଖେଳିଥିଲେ। ଏହା ପୂର୍ବରୁ ଭାରତର ଅହମ୍ମଦାବାଦ୍‌ରେ ଅନୁଷ୍ଠିତ ବିମାନ ଦୁର୍ଘଟଣାରେ ମୃତାହତଙ୍କୁ ସମ୍ମାନ ଜଣାଇ ଉଭୟ ଦଳର ଖେଳାଳିମାନେ ମଧ୍ୟ କଳାପଟି ପିନ୍ଧି ଖେଳିଥିଲେ।

## କୁଇନ୍ସ କ୍ଲବ୍‌ରେ ଆଲ୍‌କାରାଜ୍ ଚାମ୍ପିଅନ

ଲଣ୍ଡନ,୨୨।୬ (ଏଜେନ୍ସି): ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନ ଜୁନ ୩୦ରୁ ଏଠାରେ ଆରମ୍ଭ ହେବ। ତେବେ ଏହା ପୂର୍ବରୁ ଅନୁଷ୍ଠିତ କୁଇନ୍ସ କ୍ଲବ ଚାମ୍ପିଅନସିପ୍‌ରେ ଚାମ୍ପିଅନ ହୋଇ ଟପ୍ ସିଡ୍ ସ୍ପେନର କାର୍ଲୋସ ଆଲ୍‌କାରାଜ ମନୋବଳ ଦୃଢ଼ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ଆଲ୍‌କାରାଜ ୭-୫, ୬-୭ (୫), ୬-୨ ସେଟ୍‌ରେ ଚେକ୍ ଗଣରାଜ୍ୟର ଜିରି ଲିହେକଙ୍କୁ ପରାସ୍ତ କରି କୁଇନ୍ସ କ୍ଲବରେ ଚାମ୍ପିଅନ ହୋଇଥିଲେ। ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ରହିଥିବା ଆଲ୍‌କାରାଜ ୨୦୨୩ ପରେ ପ୍ରଥମ ଏଟିପି-୫୦୦ ଟାଇଟଲ୍ ଜିତିଛନ୍ତି। ସେହିଭଳି ଆଲ୍‌କାରାଜଙ୍କ ଏହା ଗ୍ରାସକୋର୍ଟରେ ୪ର୍ଥ ଟ୍ରଫି।

### ୭୮ତମ ଜାତୀୟ ସିନିଅର ଜଳକ୍ରୀଡ଼ା ଉଦ୍‌ଘାଟିତ

## ଓଡ଼ିଶା ପାଇଁ ସ୍ୱର୍ଣ୍ଣ ଜିତିଲେ ସ୍ରିଷ୍ଟି

ଭୁବନେଶ୍ୱର,୨୨।୬ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ଇଣ୍ଡୋର ଆକ୍ୱାଟିକ ସେଣ୍ଟରରେ ରବିବାର ଜାତୀୟ ସିନିଅର ଜଳକ୍ରୀଡ଼ା ଚାମ୍ପିଅନସିପ୍‌ର ୭୮ତମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ଏହି ସମ୍ମାନଜନକ ସନ୍ତରଣ



ପ୍ରତିଯୋଗିତାରେ ଆୟୋଜକ ଓଡ଼ିଶା ପ୍ରଥମ ଦିନରେ ସ୍ୱର୍ଣ୍ଣିମ ସଫଳତା ପାଇଛି। ସ୍ରିଷ୍ଟି ଉପାଧ୍ୟାୟ ଘରୋଇ ଦର୍ଶକଙ୍କ ସାମ୍ନାରେ ଏହି ସ୍ୱର୍ଣ୍ଣପଦକ ସଫଳତା ଆଣିଛନ୍ତି। ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ମହିଳା ୧୦୦ ମିଟର ବଟରଫ୍ଲାଏ ଇଭେଣ୍ଟର ଫାଇନାଲରେ ସ୍ରିଷ୍ଟି ୧ ମିନିଟ୍ ୦୩.୫୦ ସେକେଣ୍ଡରେ ଫିନିଶ୍ କରି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ରେଲୱେ ସ୍ପୋର୍ଟ୍ସ ପ୍ରମୋସନ ବୋର୍ଡ (ଆର୍‌ଏସ୍‌ପିବି)ର ଆସ୍ଥା ଚୌଧୁରୀ ମଧ୍ୟ ସମାନ ଟାଇମିଂ ନେଇ ପ୍ରଥମ ସ୍ଥାନରେ ରହିଥିଲେ। ଫଳରେ ସ୍ରିଷ୍ଟିଙ୍କ ସହ ଆସ୍ଥା ଯୁଗ୍ମ ଭାବେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। କର୍ଣ୍ଣାଟକର ଧିନିଧି ଦେଶିଂହୁଙ୍କୁ କାଂସ୍ୟ ପଦକ ମିଳିଥିଲା। ଦୁଇଜଣ ଖେଳାଳି ପ୍ରଥମ ସ୍ଥାନରେ ରହିଥିବାରୁ ଏଥିରେ ରୌପ୍ୟ ପଦକ କାହାରିକୁ ଦିଆଯାଇ ନ ଥିଲା। ସବୁଠୁ ଉଲ୍ଲେଖନୀୟ କଥା ହେଉଛି ଅଲିମ୍ପିଆନ ଧିନିଧିଙ୍କୁ ପଛରେ ପକାଇ ସ୍ରିଷ୍ଟି ଏହି ସଫଳତା ପାଇଛନ୍ତି। ୧୫ ବର୍ଷୀୟା ଧିନିଧି ଗତବର୍ଷ ପ୍ୟାରିସ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ। ସେହିଭଳି ଓଡ଼ିଶାର ଅନ୍ୟତମ ଜଣାଶୁଣା ସନ୍ତରଣକାରୀ ମନ୍ନତା ମିଶ୍ର ଅଳ୍ପକେ ପୋଡିୟମ ଫିନିଶ କରିବାରୁ ବଞ୍ଚିତ ହୋଇଥିଲେ। ସେ ମହିଳା ୨୦୦ ମିଟର ବ୍ରେଷ୍ଟଷ୍ଟୋକ୍ ଫାଇନାଲକୁ ୨ ମିନିଟ୍ ୪୧.୪୩ ସେକେଣ୍ଡରେ ଫିନିଶ କରି ୪ର୍ଥ ସ୍ଥାନରେ ରହିଥିଲେ। ଏହି ଇଭେଣ୍ଟରେ ଅନ୍ୟତମ ଓଡ଼ିଆ ସନ୍ତରଣକାରୀ ଦିବ୍ୟାଙ୍କା ଦିବ୍ୟଜ୍ୟୋତି ପ୍ରଧାନ (୨:୪୨.୯୮) ୬ଷ୍ଠ ସ୍ଥାନରେ ରହିଥିଲେ।

ସେହିଭଳି ପ୍ରଥମ ଦିବସରେ ଗୋଟିଏ ନୂଆ ଜାତୀୟରେକର୍ଡ ପ୍ରତିଷ୍ଠା ହୋଇଛି। ପୁରୁଷ ୧୦୦ ମିଟର ବଟରଫ୍ଲାଏରେ ତାମିଲନାଡୁର ବି. ବେନେଡେକସନ ରୋହିତ୍ ୫୨.୫୭ ସେକେଣ୍ଡ ସମୟ ନେଇ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ରବିବାର ଅପରାହ୍ନରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭାରତୀୟ ସନ୍ତରଣ ମହାସଂଘର ସଭାପତି ଆର୍.ଏନ୍. ଜୟପ୍ରକାଶ, ସମ୍ପାଦକ ମୋନାଲ ଚୋକ୍ସି, ରାଜ୍ୟ ସଂଘର ସମ୍ପାଦକ ଗୋଲାପମଣୀ ମହାନ୍ତ, କ୍ରୀଡ଼ା ବିଭାଗର ଅତିରିକ୍ତ ଶାସନ ସଚିବ ଅଶୋକ ପଣ୍ଡା ପ୍ରମୁଖ ଅତିଥିଭାବେ ଉପସ୍ଥିତ ରହି ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜୁନ ୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ସାରା ଦେଶର ୪୦୦ରୁ ଊର୍ଦ୍ଧ୍ୱ ସନ୍ତରଣକାରୀ ଭାଗନେଇଛନ୍ତି।

## ଟି-୨୦ ବିଶ୍ୱକପ୍‌କୁ କାନାଡାର ଯୋଗ୍ୟତା

ଓଣ୍ଟାରିଓ, ୨୨।୬ (ଏଜେନ୍ସି): ପୁରୁଷ ଟି-୨୦ ବିଶ୍ୱକପ୍‌ର ଆଗାମୀ ସଂସ୍କରଣକୁ ୧୩ତମ ଦଳ ଭାବେ କାନାଡା ଯୋଗ୍ୟତା ଅର୍ଜନ କରିଛି। ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ୨୦୨୬ରେ ଖେଳାଯିବ। କାନାଡା ପୂର୍ବରୁ ଦୁଇ ଆୟୋଜକ ଭାରତ ଓ ଶ୍ରୀଲଙ୍କା ସମେତ ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଆମେରିକା, ୱେଷ୍ଟଇଣ୍ଡିଜ, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ଯୋଗ୍ୟତା ଅର୍ଜନ କରିଥିଲେ। ଏଥିପୂର୍ବରୁ ୨୦୨୪ରେ ଆମେରିକାରେ ଅନୁଷ୍ଠିତ ସଂସ୍କରଣକୁ କାନାଡା ଯୋଗ୍ୟତା ଅର୍ଜନ କରିଥିଲା। ଏଥିରେ ଗ୍ରୁପ୍ ପର୍ଯ୍ୟାୟର ୪ଟି ମ୍ୟାଚରୁ କେବଳ ଆୟର୍ଲାଣ୍ଡ ବିପକ୍ଷରେ କାନାଡା ବିଜୟ ହାସଲ କରିଥିଲା।

### ● ଜାତୀୟ ସିନିଅର ବଧିର କ୍ରୀଡ଼ା

## ଓଡ଼ିଶା ଟାଏକ୍ୱୋଣ୍ଡୋ ଦଳକୁ ୩ ପଦକ



ଭୁବନେଶ୍ୱର, ୨୨।୬ (ସମିସ): ଉତ୍ତର ପ୍ରଦେଶର କାନପୁରଠାରେ ଅନୁଷ୍ଠିତ ୨୭ତମ ଜାତୀୟ ସିନିଅର ବଧିର କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ଟାଏକ୍ୱୋଣ୍ଡୋ ଦଳ ୩ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୨ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ରହିଛି। ଓଡ଼ିଶା ପାଇଁ ମଣ୍ଡଳ ନାୟକ ୮୦ କିଗ୍ରାରୁ କମ୍ ବର୍ଗ ଓ ଶୁଭମ ହେମ୍ବ୍ରମ ୬୯ କିଗ୍ରାରୁ କମ୍ ବର୍ଗରେ ରୌପ୍ୟ ପଦକ ହାସଲ କରିଥିଲେ। ସେହିଭଳି ୫୮ କିଗ୍ରା ବର୍ଗରେ ମନୋଜ ଦାସ କାଂସ୍ୟପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

### ଚତୁଃରାଷ୍ଟ୍ରୀୟ କନିଷ୍ଠ ପୁରୁଷ ହକି

## ଅଷ୍ଟ୍ରେଲିଆକୁ ହରାଇଲା ଭାରତ

ବର୍ଲିନ୍, ୨୨।୬ (ଏଜେନ୍ସି): ଜର୍ମାନୀର ରାଜଧାନୀ ବର୍ଲିନରେ ଚାଲିଥିବା ଚତୁଃରାଷ୍ଟ୍ରୀୟ କନିଷ୍ଠ ପୁରୁଷ ହକିରେ ଭାରତୀୟ ଦଳ ଦ୍ୱିତୀୟ ମୁକାବିଲାରେ ଦମ୍‌ଦାର ବିଜୟ ହାସଲ କରିଛି। ରବିବାର ଖେଳାଯାଇଥିବା ଏକ ମ୍ୟାଚରେ ଭାରତ ୩-୧ ଗୋଲ୍‌ରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ମାତ୍ ଦେଇଛି। ପ୍ରତିଯୋଗିତାରେ ଭାରତର ଏହା ପ୍ରଥମ ବିଜୟ। ପୂର୍ବରୁ ପ୍ରଥମ ମ୍ୟାଚରେ ଘରୋଇ ଜର୍ମାନୀ ନିକଟରୁ ୭-୧ ଗୋଲ୍‌ରେ ଭାରତ ପରାସ୍ତ ହୋଇଥିଲା। ଭାରତ ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ସ୍ପେନକୁ ଭେଟିବ। ରବିବାର ଖେଳାଯାଇଥିବା ଏହି ମ୍ୟାଚର ୧୫ତମ ମିନିଟ୍‌ରେ ଶ୍ରଦ୍ଧାନନ୍ଦ ତିୱାରୀଙ୍କ ଗୋଲ୍ ବଳରେ ଭାରତ ପ୍ରଥମାର୍ଦ୍ଧରେ ୧-୦ରେ ଅଗ୍ରଣୀ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ଭାରତ ଆଉ ଦୁଇଟି ଗୋଲ୍ ଦେଇଥିଲା। ୩୬ତମ ମିନିଟ୍‌ରେ ସୌରଭ ଆନନ୍ଦ ଖୁସୱାହ ଓ ୪୩ତମ ମିନିଟ୍‌ରେ ଅମିର ଅଲି ଏହି ଦୁଇଟି ଗୋଲ୍ ଦେଇଥିଲେ। ଫଳରେ ତୃତୀୟାର୍ଦ୍ଧ ସୁଦ୍ଧା ୩-୦ରେ ଭାରତ ଏକପାଖିଆ ଅଗ୍ରଣୀ ରହି ପ୍ରଭାବ ବିସ୍ତାର କରିଥିଲା। ତେବେ ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ଅଷ୍ଟ୍ରେଲିଆ ପାଇଁ ଓଲିଭର ୱିଲ୍ ଗୋଟିଏ ଗୋଲ୍ ଶୁଝାଇଦେଇଥିଲେ ମଧ୍ୟ ଦଳକୁ ୩-୧ରେ ପରାଜୟରୁ ରକ୍ଷା କରିପାରି ନ ଥିଲେ। ଆୟୋଜକ ଜର୍ମାନୀ ବ୍ୟତୀତ ଭାରତ, ଅଷ୍ଟ୍ରେଲିଆ ଓ ସ୍ପେନ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ରାଉଣ୍ଡ-ରବିନ୍ ଫର୍ମାଟ୍‌ରେ ପ୍ରତି ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ। ଏହାପରେ ସର୍ବାଧିକ ପଏଣ୍ଟ ରଖିଥିବା ଦୁଇ ଦଳ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ।

## କ୍ରମାଗତ ୭ ପରାଜୟ ପରେ ଶେଷରେ ବିଜୟ

### ଏଫ୍‌ଆଇଏଚ୍ ପ୍ରୋ ଲିଗ୍

ଅନ୍ତୱର୍ପ,୨୨।୬ (ଏଜେନ୍ସି): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ପୁରୁଷ ହକି ଦଳ ୟୁରୋପ୍ ଲେଗ୍ (ଚରଣ)ରେ କ୍ରମାଗତ ୭ ମ୍ୟାଚ୍ ହାରିବା ପରେ ଶେଷରେ ବିଜୟ ସ୍ୱାଦ ଚାଖିଛି। ରବିବାର ଏଠାରେ ଭାରତ ୪-୩ ଗୋଲ୍‌ରେ ବିଶ୍ୱ ମାନ୍ୟତାର ୩ୟ ସ୍ଥାନରେ ରହିଥିବା ଘରୋଇ ବେଲ୍‌ଜିୟମକୁ ପରାସ୍ତ କରିଥିଲା। ପୂର୍ବରୁ ଗତକାଲି ବେଲ୍‌ଜିୟମଠାରୁ ୬-୩ ଗୋଲ୍‌ରେ ହାରିଥିବା ଭାରତୀୟ ପୁରୁଷ ଦଳ ଏଥିସହ ମଧୁର ପ୍ରତିଶୋଧ ମଧ୍ୟ ନେଇଛି। ଏଥିସହ ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବିଜୟ ସହ ଚଳିତ ପ୍ରୋ ଲିଗ୍ ଅଭିଯାନ ଶେଷ କରିଛି। ଭାରତ ୧୬ ମ୍ୟାଚ୍ ଖେଳି ୬ ବିଜୟ ଓ ୧୦ ପରାଜୟ ସହ ମୋଟ୍ ୧୮ ପଏଣ୍ଟ ପାଇ ୯ ଦଳୀୟ ଟେବଲ୍ ତାଲିକାର ୭ମ ସ୍ଥାନରେ ରହିଛି। ନେଦରଲାଣ୍ଡସ (୩୭ ପଏଣ୍ଟ), ଅଷ୍ଟ୍ରେଲିଆ (୨୭) ଓ ବେଲ୍‌ଜିୟମ (୨୫) ପଏଣ୍ଟ ସହ ପ୍ରଥମ ୩ଟି ସ୍ଥାନରେ ରହିଛନ୍ତି। ଅପରପକ୍ଷରେ ଭାରତୀୟ ମହିଳା ଦଳ ୟୁରୋପ୍ ଚରଣରେ କ୍ରମାଗତ ୬ଷ୍ଠ ପରାଜୟବରଣ କରିଛି। ରବିବାର ଘରୋଇ ବେଲ୍‌ଜିୟମ ମହିଳା ଦଳ ୨-୦ ଗୋଲ୍‌ରେ ଭାରତକୁ ପରାସ୍ତ କରିଛି। ପୂର୍ବରୁ ଶନିବାର ମଧ୍ୟ ଭାରତୀୟ ମହିଳା ଦଳ ୧-୫ ଗୋଲ୍‌ରେ ବେଲ୍‌ଜିୟମଠାରୁ ହାରିଥିଲା। ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ମହିଳା ଦଳ ୧୪ ମ୍ୟାଚରୁ ୯ ପରାଜୟ ସହ ୧୦ ପଏଣ୍ଟ ପାଇ ୯ ଦଳୀୟ ଟେବଲ୍ ତାଲିକାର ସର୍ବନିମ୍ନ ସ୍ଥାନକୁ ଖସିଯାଇଛି। ଭାରତ ଏହାର ଶେଷ ଦୁଇ ମ୍ୟାଚରେ ଚାଇନା ବିପକ୍ଷରେ ଖେଳିବ। ଯଦି ଉଭୟ ମ୍ୟାଚ୍‌ରେ ଭାରତ ଯଦି ପରାଜୟବରଣ କରି ପଏଣ୍ଟ ଟେବଲ୍‌ର ସର୍ବନିମ୍ନ ସ୍ଥାନରେ ରୁହେ ତେବେ ଏଫ୍‌ଆଇଏଚ୍ ପ୍ରୋ ଲିଗର ୨୦୨୫-୨୬ ସଂସ୍କରଣରୁ ବାଦ୍ ପଡ଼ିବ।

### ରାଜ୍ୟ ଓପନ୍ ଚେସ୍

## ଲବ୍ୟଜ୍ୟୋତିଙ୍କୁ ଟାଇଟଲ୍



ଭୁବନେଶ୍ୱର, ୨୨।୬ (ସମିସ): କେନ୍ଦ୍ରାପଡ଼ାର ଲବ୍ୟଜ୍ୟୋତି ରାଉତରାୟ ଏଠାରେ ରବିବାର ଅନୁଷ୍ଠିତ ଚତୁର୍ଥ ଅଲେଖ ଚନ୍ଦ୍ର ଦେବତା ସ୍ମାରକୀ ଚେସ୍ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଦ୍ୱାରା କେଶୁରା ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ଲବ୍ୟଜ୍ୟୋତି ଓ ବାଲେଶ୍ୱରର ଶୁଭେନ୍ଦୁ କୁମାର ପାତ୍ର ସମାନ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ଲବ୍ୟଜ୍ୟୋତି ପ୍ରଥମ ଓ ଶୁଭେନ୍ଦୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏମାନଙ୍କ ପଛକୁ ୪ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନେ ହେଲେ ଜଟଣୀର ସ୍ଥିତପ୍ରଜ୍ଞ ସାହୁ, କଟକର ପ୍ରତ୍ୟୁଷ ମହାପାତ୍ର, ଭୁବନେଶ୍ୱରର ବିନୀତ ନାୟକ ଓ ଜଟଣୀର ରଶ୍ମିରଞ୍ଜନ ପାତ୍ର ଯଥାକ୍ରମେ ଦ୍ୱିତୀୟରୁ ଷଷ୍ଠ ସ୍ଥାନ ଅଧିକାର କରିଥିଲେ। ଖେଳଶେଷରେ ସିଡ୍ରିମ୍‌ଜର ଏମ୍‌ଡି ଚିତ୍ତରଞ୍ଜନ ଦେବତା ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

### ମାଷ୍ଟର୍ସ କପ୍ ହକି

## ଓଡ଼ିଶା-ଆନ୍ଧ୍ର କ୍ୱାର୍ଟର ଫାଇନାଲ୍ ଆଜି

ଭୁବନେଶ୍ୱର, ୨୨।୬ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ଚେନ୍ନଇରେ ଚାଲିଥିବା ପ୍ରଥମ ମାଷ୍ଟର୍ସ କପ୍‌ର ପୁରୁଷ ବିଭାଗ କ୍ୱାର୍ଟର ଫାଇନାଲ ସୋମବାର ଖେଳାଯିବ। ଓଡ଼ିଶା ହକି ଦଳ ଦ୍ୱିତୀୟ କ୍ୱାର୍ଟରରେ ଆନ୍ଧ୍ର ପ୍ରଦେଶକୁ ଭେଟିବ। ଲାଜରୁସ୍ ବାର୍ଲାଙ୍କ ନେତୃତ୍ୱରେ ଖେଳୁଥିବା ଓଡ଼ିଶା ଭେଟେରାନ ହକି ଦଳ ପୂର୍ବରୁ ପୁଲ୍ ପର୍ଯ୍ୟାୟରେ ପୁଡୁଚେରୀକୁ ୬-୩ ଗୋଲ୍‌ରେ ଓ ପଞ୍ଜାବକୁ ୫-୨ ଗୋଲ୍‌ରେ ହରାଇ କ୍ୱାର୍ଟର ଫାଇନାଲକୁ ଉଠିଛି। ଉଲ୍ଲେଖଯୋଗ୍ୟ, ୪୦ ବର୍ଷରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ଭାରତୀୟ ହକି ଖେଳାଳିଙ୍କୁ ନେଇ ପ୍ରଥମଥର ଲାଗି ମାଷ୍ଟର୍ସ କପ୍ ଖେଳାଯାଉଛି। ଏଥିରେ ପୁରୁଷ ବିଭାଗରେ ୧୧ଟି ଓ ମହିଳାରେ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ମହିଳା ବିଭାଗରେ ଓଡ଼ିଶା ୨ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୩ ପଏଣ୍ଟ ପାଇଛି।

### ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍

## କଟକ-ଏ ଚାମ୍ପିଅନ

କଟକ,୨୨।୬(ସମିସ)




ବାରବାଟୀ ଷ୍ଟାଡିୟମରେ ରବିବାର ଆୟୋଜିତ ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲାରେ କଟକ-ଏ ୬୭ ରନରେ ଭୁବନେଶ୍ୱର-ଏ'କୁ ପରାସ୍ତ କରି ଚାମ୍ପିଅନ ହୋଇଛି। ପୁରସ୍କାର ସ୍ୱରୂପ ବିଜୟୀ କଟକ-ଏ ଦଳକୁ ଟ୍ରଫି ଏବଂ ୧ଲକ୍ଷ ଟଙ୍କା ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ରନର୍ସଅପ ଭୁବନେଶ୍ୱର-ଏ ଦଳକୁ ଟ୍ରଫି ଏବଂ ୫୦ ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା। ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ।

ଫାଇନାଲରେ ଘରୋଇ କଟକ-ଏ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଅନିଲ ସାହୁଙ୍କ ଶତକୀୟ ପାଳି ସହାୟତାରେ ଦଳ ୪୫ ଓଭରରେ ୮ ୱିକେଟ ହରାଇ ୨୩୭ ରନ ସଂଗ୍ରହ କରିଥିଲା। ଅନିଲ ୧୩୨ ବଲରୁ ୧୦୮ ରନର ଅପରାଜିତ ପାଳି ଖେଳିଥିଲେ। ସେହିଭଳି ପିୟୂଷ ମନ୍ତ୍ରୀ ୧୫ ବଲରୁ ଦ୍ରୁତ ୪୦ ରନ ସଂଗ୍ରହ କରିଥିଲେ। ଭୁବନେଶ୍ୱର-ଏ ପକ୍ଷରୁ ଚନ୍ଦ୍ରାଂଶୁ ବାଘେଲ ଏବଂ ପ୍ରଜ୍ଞା କୁମାର ପତ୍ରି ଯଥାକ୍ରମେ ୩ଟି ଓ ୨ଟି ୱିକେଟ ଦଖଲ କରିଥିଲେ। ଜବାବରେ ୨୩୮ ରନର ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଯାଇ ଭୁବନେଶ୍ୱର-ଏ'ର ପାଳି ୧୭୦ ରନରେ ସୀମିତ ରହିଥିଲା। ସ୍ୱାଗତ ମିଶ୍ର ୫୧ ରନର ସଂଘର୍ଷପୂର୍ଣ୍ଣ ପାଳି ଖେଳିଥିଲେ। ବିଜୟୀ ଦଳ ତରଫରୁ ସମ୍ବିତ ବେଜା ଏବଂ ଜନ୍ମେଜୟ ଜେନା ୨ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଅପରାଜିତ ଶତକୀୟ ପାଳି ଖେଳିଥିବା ଅନିଲଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଓସିଏ ସଦସ୍ୟ ଧୀରେନ ପଲାଇ, ସଂଗ୍ରାମ କେଶରୀ ଗୁମାନ ସିଂହ, ନୃସିଂହ ଚରଣ ଚୌଧୁରୀ, ସୁଶାନ୍ତ ମହାନ୍ତି, ନିର୍ବାଣ ରାୟ, ଶିବବ୍ରତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS